MAOD-7
Block-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକୋତ୍ତର କାର୍ଯ୍ୟକ୍ରମ
# ଓଡ଼ିଆ

## ଆଧୁନିକ ଓଡ଼ିଆ କଥା ସାହିତ୍ୟ






### ଓଡ଼ିଆ କଥା ସାହିତ୍ୟ : (କ୍ଷୁଦ୍ରଗଳ୍ପ) ଆଧୁନିକ ପର୍ବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୭
ଆଧୁନିକ ଓଡ଼ିଆ କଥା ସାହିତ୍ୟ

## ବ୍ଲକ୍

## ୧ ଓଡ଼ିଆ କଥାସାହିତ୍ୟ :(କ୍ଷୁଦ୍ରଗଳ୍ପ) ଆଧୁନିକ ପର୍ବ

ପ୍ରଥମ ଏକକ
ଓଡ଼ିଆ ଗଳ୍ପର ବିକାଶକ୍ରମ (୧୮୯୮ ରୁ ୧୯୩୫)

ଦ୍ୱିତୀୟ ଏକକ
ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୩୬ ରୁ ୧୯୫୦)

ତୃତୀୟ ଏକକ
ଓଡ଼ିଆ ଗଳ୍ପର ବିକାଶକ୍ରମ (19୫୧ ରୁ ୧୯୮୦)

ଚତୁର୍ଥ ଏକକ
ଓଡ଼ିଆ ଗଳ୍ପର ବିକାଶକ୍ରମ(୧୯୮୧ ରୁ ସମକାଳ)

## ବିଶେଷଜ୍ଞ ପରିଷଦ

**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଅଧ୍ୟକ୍ଷ
ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର ।

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଡକ୍ଟର ବିଜୟ କୁମାର ମହାନ୍ତି**
ସଦସ୍ୟ
ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ବସନ୍ତ କୁମାର ପଣ୍ଡା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**
ସଦସ୍ୟ
ପରିଦର୍ଶୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ।

**ଡକ୍ଟର ଅନାଦି ଚରଣ ଗାଁଣ**
ସଦସ୍ୟ
ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର ।

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ଦିଲ୍ଲୀପ କୁମାର ନାୟକ**
ଆବାହକ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ।

### ଲେଖକ

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଂଯୋଜକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2020. **Adhunika Odia Katha Sahitya** is made available under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

**ଦ୍ୱିତୀୟ ସଂସ୍କରଣ : ୨୦୨୦**

# ପ୍ରଥମ ଏକକ : ଓଡ଼ିଆ ଗଳ୍ପର ବିକାଶକ୍ରମ (୧୮୯୮ ରୁ ୧୯୩୫)

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ କାହାଣୀ ପରମ୍ପରା

୧.୫ ଲୋକଗଳ୍ପ ଓ ଆଧୁନିକ ଓଡ଼ିଆ ଗଳ୍ପ

୧.୬ ଓଡ଼ିଆ ଗଳ୍ପ ୧୮୯୮ରୁ ୧୯୩୫

୧.୬.୧ ଫକୀରମୋହନଙ୍କ ଗଳ୍ପ ଜଗତ

୧.୬.୨ ଫକୀରମୋହନଙ୍କ ସମସାମୟିକ ଗାଳ୍ପିକଗଣ

୧୬.୩ ଚନ୍ଦ୍ରଶେଖର ନନ୍ଦଙ୍କ ଗଳ୍ପଜଗତ

୧.୬.୪ ଦୟାନିଧି ମିଶ୍ରଙ୍କ ଗଳ୍ପ ଜଗତ

୧.୬.୫ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗଳ୍ପ ଜଗତ

୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୮ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ଗଳ୍ପ କହିବା ମନୁଷ୍ୟର ଆଦିମ ପ୍ରବୃତ୍ତି ଭାବରେ ଗ୍ରହଣ କରାଯାଇଥାଏ । ପ୍ରତ୍ୟେକ ମାନବ ଜାତିର ଲୋକଗଳ୍ପର ପରଂପରା ତାହାର ସମାଜ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇ ରହିଛି । ମାନବ ସମାଜର ବିକାଶ ପରି ଲୋକଗଳ୍ପର ମଧ୍ୟ ବିକାଶ ସମୟକ୍ରମେ ସାଧିତ ହୋଇଥାଏ । କେବଳ ଲୋକଗଳ୍ପ ନୁହେଁ ଲୋକସାହିତ୍ୟର ବିଭିନ୍ନ ବିଭାବ, ଯଥା-ଲୋକଗୀତ, ଢଗ ଢମାଳି ଆଦି ମାନବ ସମାଜର ବିକାଶ ସହ ଘନିଷ୍ଠ ଭାବରେ ଜଡ଼ିତ ହୋଇଥାନ୍ତି । ଆଧୁନିକ ଶିକ୍ଷାର ବିସ୍ତାର ଓ ଛପାଖାନାର ପ୍ରତିଷ୍ଠା ଦ୍ୱାରା ଗଦ୍ୟ ସାହିତ୍ୟର ଅଭୂତପୂର୍ବ ବିକାଶ ସାଧିତ ହୋଇଛି । ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ମୁଖ୍ୟତଃ ପଦ୍ୟମୟ ହୋଇଥିବା ସମୟରେ ଆଧୁନିକ ସାହିତ୍ୟରେ ଗଦ୍ୟ ସାହିତ୍ୟର ବିକାଶ ସାଧିତ ହୋଇଛି । ଗଦ୍ୟ ସାହିତ୍ୟର ଏକ ପ୍ରମୁଖ ବିଭାଗ ଓଡ଼ିଆ ଗଳ୍ପ । ଆଧୁନିକ ଯୁଗରେ ନବଚେତନା ନେଇ ଯେଉଁ ଗଳ୍ପ ଗୁଡ଼ିକ ରଚନା କରାଗଲା, ସେଗୁଡ଼ିକ ଲୋକଗଳ୍ପରୁ ଭିନ୍ନ ହେଲା । ଏହି ପାଠରେ ଏହି ଭିନ୍ନତା ବ୍ୟତୀତ ଓଡ଼ିଆ କ୍ଷୁଦ୍ର ଗଳ୍ପର ଉଦ୍ଭବ ଓ ବିକାଶକ୍ରମ ଆଲୋଚନା କରାଯିବ । ଏହା ବ୍ୟତୀତ ଓଡ଼ିଆ ଗଳ୍ପରେ ରହିଥିବା ବିଭିନ୍ନ ଦିଗ ସଂପର୍କରେ ମଧ୍ୟ ବିଦ୍ୟାର୍ଥୀମାନଙ୍କୁ ସୂଚନା ପ୍ରଦାନ କରାଯିବ ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଶେଷରେ ଆପଣ ଜାଣିବାକୁ ପାଇବେ :

- ଓଡ଼ିଆ ଜନଜୀବନରେ ଲୋକକଥା ବା ଲୋକ ଗଳ୍ପର ପରମ୍ପରା
- ଗଳ୍ପର ସଂଜ୍ଞା ଓ ସ୍ୱରୂପ
- ଓଡ଼ିଆ ଗଳ୍ପର ସୃଷ୍ଟି ଓ ଏହାର ବିକାଶକ୍ରମ
- ଲୋକଗଳ୍ପ ଓ ଗଳ୍ପ ମଧ୍ୟରେ ରହିଥିବା ପାର୍ଥକ୍ୟ
- ଓଡ଼ିଆ ଗଳ୍ପର ଆଦିପର୍ବରେ ରଚିତ ହୋଇଥିବା ଗଳ୍ପର ଭାବାଦର୍ଶ

## ୧.୩ ବିଷୟ ପ୍ରବେଶ

କଥା ସମ୍ରାଟ ଫକୀରମୋହନଙ୍କ ୧୮୯୮ ମସିହାରେ ପ୍ରକାଶିତ "ରେବତୀ" ଗଳ୍ପକୁ ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ ଭାବରେ ସମ୍ମାନ ପ୍ରଦାନ କରାଯାଇଥାଏ। ସେହି ସମୟରେ ଫକୀରମୋହନ ଧୂର୍ଜଟୀ ନାମରେ ଗଳ୍ପ ଓ ଉପନ୍ୟାସ ରଚନା କରିଥିବା କଥା ନିଜ ଆତ୍ମଜୀବନୀରେ ଲେଖିଛନ୍ତି। "କଟକ ବାସ ସମୟରେ ମୋର ଉପନ୍ୟାସ ଲେଖା ଆରମ୍ଭ ହୁଏ। ମୁଁ ପ୍ରଥମେ ରେବତୀ ନାମକ ଗୋଟିଏ ଗଳ୍ପ ଲେଖିଲି। 'ଉତ୍କଳସାହିତ୍ୟ'ରେ ପ୍ରକାଶ କରିବାର ପାଇଁ ତାହା ସମ୍ପାଦକଙ୍କୁ ଦେଲି। ମୁଁ ଏହି ସମୟରେ ଯେଉଁ ଗଳ୍ପ ଓ ଉପନ୍ୟାସମାନ ଲେଖୁଥିଲି, ତାହା ମୋର ନାମରେ ପ୍ରକାଶ ନକରି 'ଧୂର୍ଜଟୀ' ନାମରେ ପ୍ରକାଶ କରୁଥିଲି। ଏ ନାମଟି ବାଛିଥିଲେ ମୋର ପ୍ରିୟ ବନ୍ଧୁ ମଧୁସୂଦନ ରାଓ। ତତ୍ପରେ 'ଛମାଣ ଆଠଗୁଣ୍ଠ' ନାମରେ ଗୋଟିଏ ଗଳ୍ପ ଆରମ୍ଭ କଲି। ତାହା କ୍ରମଶଃ ବଢ଼ି ବଢ଼ି ଗୋଟିଏ ଉପନ୍ୟାସରେ ପରିଣତ ହେଲା। (ଆତ୍ମ ଚରିତ, ସଂପାଦନା-ଦେବେନ୍ଦ୍ର କୁମାର ଦାସ, ପୃ-୨୫୨) ଫକୀରମୋହନଙ୍କ ସହ ଓଡ଼ିଆ ଗଳ୍ପର ଆଦି ପର୍ବକୁ ସମୃଦ୍ଧି କରିଛନ୍ତି ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର ଦିବ୍ୟସିଂହ ପାଣିଗ୍ରାହୀ, ବାଙ୍କନିଧି ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଗୋଦାବରୀଶ ମହାପାତ୍ର ପ୍ରମୁଖ। ଏହି ଗାଳ୍ପିକମାନଙ୍କ ନିରବଚ୍ଛିନ୍ନ ସାଧନା ଓଡ଼ିଆ କ୍ଷୁଦ୍ରଗଳ୍ପର ଆଦିପର୍ବକୁ କେବଳ ସମୃଦ୍ଧ କରିବନାହିଁ,ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭାବଶାଳୀ ଧାରା ରୂପେ ମଧ ପ୍ରତିଷ୍ଠା ପ୍ରଦାନରେ ସହାୟକ ହୋଇଛି।

## ୧.୪ କାହାଣୀ ପରମ୍ପରା

ସାହିତ୍ୟର ପରମ୍ପରାରେ କାହାଣୀ ପରମ୍ପରା ବହୁ ପ୍ରାଚୀନ। ଭାରତୀୟ ସାହିତ୍ୟରେ ଉଭୟ ଲିଖିତ ଓ ମୌଖିକ ସାହିତ୍ୟରେ କାହାଣୀ ପରଂପରାର ଏକ ଅବିଚ୍ଛିନ୍ନ ସ୍ରୋତ ଦେଖିବାକୁ ମିଳିଥାଏ। ବାସ୍ତବରେ ଦେଖିବାକୁ ଗଲେ ପ୍ରାଚୀନ ଭାରତୀୟ ଲିଖିତ ସାହିତ୍ୟ ଥିଲା ପଦ୍ୟମୟ। ଏହି ପଦ୍ୟରେ ଅନେକ କାହାଣୀ ରଚିତ ହୋଇଛି। ଭାରତୀୟ ପରମ୍ପରାରେ ଦୁଇ ମହାକାବ୍ୟ, ମହାଭାରତ ଓ ରାମାୟଣରେ ବହୁ କାହାଣୀ ସଂଯୁକ୍ତ ହୋଇ ମହାକାବ୍ୟର କାହାଣୀକୁ ଉତ୍କଣ୍ଠା ଓ ରସମୟ କରିପାରିଛି। ବିଶେଷତଃ ମହାଭାରତରେ ଅସରନ୍ତି କାହାଣୀ ପରସ୍ପର ଛନ୍ଦି ହୋଇ ପାଠକ ପ୍ରାଣକୁ ଅସରନ୍ତି ଆନନ୍ଦ ପ୍ରଦାନ କରିଥାନ୍ତି। ସେହିପରି ସଂସ୍କୃତ ସାହିତ୍ୟରେ ବିଷ୍ଣୁ ଶର୍ମାଙ୍କ "ପଞ୍ଚତନ୍ତ୍ର"

ଏକ ବହୁ ମୂଲ୍ୟବାନ ଗଳ୍ପ ଗ୍ରନ୍ଥ। ପ୍ରାଚୀନ ସମାଜ ବ୍ୟବସ୍ଥାର ଚିତ୍ର ଏଥିରେ ବର୍ଣ୍ଣିତ ହୋଇଥିଲେହେଁ, ଏଥିରେ ସ୍ଥାନିତ ହୋଇଥିବା ଗଳ୍ପ ଗୁଡିକ ଉପଦେଶମୂଳକ। ସେ ସମୟରେ ଗୁରୁକୁଳ ବା ଗୁରୁ ଆଶ୍ରମରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ନିମିତ୍ତ ଏହି ଗଳ୍ପ ଗୁଡିକ ଏକ ଏକ ମାର୍ଗଦର୍ଶିକା ଥିଲା। ସେହିପରି ଶିବ ଦାସଙ୍କ "ବେତାଳ ପଞ୍ଚବିଂଶତି", ଚିନ୍ତାମଣିଙ୍କ "ଶୁକସପ୍ତତି" ଓ ଦଣ୍ଡୀଙ୍କର "ଦଶକୁମାର ଚରିତ" ଆଦି ଗ୍ରନ୍ଥ ଗୁଡିକ ଭାରତୀୟ କାହାଣୀ ପରମ୍ପରାର ଅମଳିନ ଜ୍ୟୋତି ସଦୃଶ। ଏଥିରେ ଥିବା ଗଳ୍ପ ଗୁଡ଼ିକ ବିଭିନ୍ନ ଭାରତୀୟ ଭାଷାକୁ ଅନୁଦିତ ହୋଇ ପ୍ରଶଂସା ଲାଭ କରିଛି। ଏହି ଗ୍ରନ୍ଥ ଗୁଡିକ ଭାରିତୀୟ କାହାଣୀ ପରଂପରାକୁ ସର୍ବଦା ଅମ୍ଳାନ କରି ରଖିଛନ୍ତି।

ସୋମ ଦେବଙ୍କ "କଥା ସରିତ ସାଗର", ନାରାୟଣଙ୍କ "ହିତୋପଦେଶ" ଓ ବାଣଭଟ୍ଟଙ୍କ "କାଦମ୍ବରୀ" ଆଦି ଗ୍ରନ୍ଥ ମଧ୍ୟ ଭାରତୀୟ କାହାଣୀ ପରଂପରାକୁ ଉଜ୍ଜୀବିତ କରିବାରେ ସମର୍ଥ ହୋଇଛନ୍ତି। ସୋମ ଦେବଙ୍କ "କଥା ସରିତ ସାଗର" ଭାରତୀୟ କଥା ପରମ୍ପରାର ଏକ ବୃହତ୍ ଗ୍ରନ୍ଥ। ଏକାଦଶ ଶତାବ୍ଦୀର ରଚିତ ହୋଇଥିବା ଏହି ସଂସ୍କୃତ ଗ୍ରନ୍ଥଟି ୧୮ ଖଣ୍ଡରେ ବିଭକ୍ତ। ଏହା ସଂସ୍କୃତ ଭାଷାର ଗଦ୍ୟରେ ରଚିତ ଏକ ପୁସ୍ତକ। ରାଜା ଉଦୟନ,ପୁଷ୍ପଦନ୍ତ ଏବଂ ନର୍ବାହଣ ଦନ୍ତଙ୍କ କାହାଣୀକୁ ନେଇ ଏହା ରଚିତ। ଅତିକଳ୍ପନା, ରହସ୍ୟ ଓ ରୋମାଞ୍ଚ ଭରା ଏହି ପୁସ୍ତକ ଅମୂଲ୍ୟ ମଣି ସଦୃଶ୍ୟ। ସେହିପରି ନାରାୟଣଙ୍କ ଦ୍ୱାରା ରଚିତ"ହିତୋପଦେଶ" ପୁସ୍ତକ ଚାରୋଟି ଭାଗରେ ବିଭକ୍ତ। ଯଥା - ମିତ୍ରଲାଭ, ସୁହୃଦ୍‌ଭେଦ,ବିଗ୍ରହ ଏବଂ ସିନ୍ଧି। ମିତ୍ରଲାଭରେ ନଅଟି କାହାଣୀ, ସୁହୃଦଭେଦରେ ଦଶଟି, ବିଗ୍ରହରେ ଦଶଟି ଓ ସନ୍ଧିରେ ତେରଟି କାହାଣୀ ରହିଛି। ଏଗୁଡ଼ିକ ସଂସ୍କୃତ ଭାଷାର ପଦ୍ୟରେ ରଚିତ ହୋଇଛି। ମନୁଷ୍ୟର ବିଭିନ୍ନ ଗୁଣାବଳୀ ସାଙ୍ଗକୁ ପଶୁପକ୍ଷୀ ସମ୍ପର୍କରେ ମଧ୍ୟ ଏଠାରେ ରୋଚକ କାହାଣୀ ରହିଛି। ମଣିଷ ମଣିଷ ମଧ୍ୟରେ ରହିଥିବା ବନ୍ଧୁତା ଓ ଶତ୍ରୁତାକୁ ନେଇ ରଚିତ ହୋଇଥିବା କାହାଣୀ ଗୁଡ଼ିକ ମାନବ ସମାଜ ନିମନ୍ତ ଏକ ଦିଗ୍‌ଦର୍ଶକ ହୋଇ ରହିଥାଏ। ଅଇନା ସଦୃଶ୍ୟ ମାନବର ଅନ୍ତର୍ନିହିତ ଗୁଣାବଳୀକୁ ପ୍ରଦର୍ଶନ କରି ମାନବର ପ୍ରକୃତ ଚରିତ୍ର ପ୍ରକାଶ କରିବାରେ ଏହି ଗଳ୍ପ ଗୁଡ଼ିକର ଅସାଧାରଣ କ୍ଷମତା ରହିଛି। ବହୁ ପ୍ରାଚୀନ କାଳରୁ ଏହି କାହାଣୀ ଗୁଡ଼ିକ ରଚିତ ହୋଇଥିଲେ ହେଁ, ସଂସ୍କୃତ ଅନଭିଜ୍ଞ ସାଧାରଣ ଜନତା ମୁଖରେ ମଧ୍ୟ ଏହି କାହାଣୀ ଗୁଡ଼ିକର ସର୍ବଜନଗ୍ରାହ୍ୟତା ସଂପର୍କରେ ପରିଚୟ ମିଳେ। ଭାରତୀୟ ପରମ୍ପରା ଓ ସଂସ୍କୃତିର ପ୍ରସାରରେ ଏହି କାହାଣୀ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ୧.୫ ଲୋକଗଳ୍ପ ଓ ଆଧୁନିକ ଓଡ଼ିଆ ଗଳ୍ପ

ଓଡ଼ିଶାର ସାମାଜିକ ଜୀବନରେ ଲୋକକଥା ବା ଲୋକଗଳ୍ପର ପରଂପରା ବହୁ ପ୍ରାଚୀନ। ଓଡ଼ିଶାରେ ବାସ କରୁଥିବା ବହୁ ଜାତି, ସମ୍ପ୍ରଦାୟ ଓ ଭାଷା ଭିତ୍ତିରେ ଏହି ଲୋକଗଳ୍ପ ଗୁଡିକ ଭିନ୍ନ ଭିନ୍ନ ହୋଇଥାଏ। ଓଡ଼ିଶାରେ ବାସକରୁଥିବା ବାଷଠି ପ୍ରକାର ଜନଜାତି ଏବଂ ସେମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଭାଷାରେ ବହୁ କାହାଣୀ ମୁଖରୁ ମୁଖକୁ ଡେଇଁ ଆସିଛି। ଏହାକୁ ମୌଖିକ ପରଂପରା କୁହାଯାଏ। ଏହି ଗଳ୍ପ ଗୁଡିକରେ ସେହି ଜାତିର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଭାଷା କେବଳ ରୂପାୟିତ ହୋଇ ନଥାଏ, ସଂରକ୍ଷିତ ହୋଇ ରହିଥାଏ ମଧ୍ୟ। ଗୋଟିଏ ଜାତି ତଥା ତାହାର ସଭ୍ୟତା ଓ ସଂସ୍କୃତି ସଂପର୍କରେ ଜାଣିବାକ ହେଲେ ଏହି ଗଳ୍ପଗୁଡ଼ିକ ତାହାର ମୌଳିକ ଉପାଦାନ ଭାବରେ ଗ୍ରହଣ କରାଯାଏ।

ଓଡ଼ିଶାରେ ବାସ କରୁଥିବା ବାଷଠି ପ୍ରକାର ଜନଜାତି ବହୁ ଐତିହ୍ୟ ସଂପନ୍ନ। ଏମାନଙ୍କ ମଧ୍ୟରୁ ଅନେକ ସଂପ୍ରଦାୟର ନିଜସ୍ୱ ଭାଷା ମଧ୍ୟ ରହିଛି। ସେମାନଙ୍କର ଏକ ସୁଦୃଢ଼ ଓ ସମୃଦ୍ଧ ମୌଖିକ ପରମ୍ପରା ରହିଛି। ଲିଖିତ ସାହିତ୍ୟର ଅଭାବ ତାଙ୍କ ମୌଖିକ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇଛି। ପ୍ରତ୍ୟେକ ଜନଜାତିଙ୍କ ସୃଷ୍ଟି ସଂପର୍କରେ ଏକାଧିକ କାହାଣୀ ଦେଖିବାକୁ ମିଳିଥାଏ। ପ୍ରକୃତି ସହିତ ଜନଜାତିର ଘନିଷ୍ଠ ସମ୍ପର୍କ ଥିବାରୁ ସେମାନଙ୍କ କାହାଣୀରେ ପ୍ରକୃତି, ଦୈବୀକୃପା, ପଶୁ, ପକ୍ଷୀ ଓ ଆତ୍ମାମାନଙ୍କର ଘନିଷ୍ଠ ଯୋଗସୂତ୍ର ଦେଖିବାକୁ ମିଳିଥାଏ। ତାଙ୍କର ଧର୍ମୀୟଭାବନା, ରାଜନୀତି, ସାମାଜିକ ଜୀବନର ଆଚାରବ୍ୟବହାର ଆଦି ତାଙ୍କ କାହାଣୀରେ ଲିପିବଦ୍ଧ ହୋଇ ରହିଛି। ଅନେକ ସମୟରେ ସେମାନେ ପ୍ରତିକୂଳ ପରିବେଶରେ ଜୀବନ ଯାପନ କରୁଥିବାରୁ ତାହାର ଚିତ୍ର ମଧ୍ୟ ତାଙ୍କ କାହାଣୀ ଗୁଡ଼ିକରେ ଉପଲବ୍ଧ ହୋଇଥାଏ। ଚିତ୍ତବିନୋଦନ ସହ, କଥନର କଳ୍ପନା ଓ ବର୍ଣ୍ଣନା ଚାତୁରୀ ଦ୍ୱାର ଏଗୁଡ଼ିକ ଆକର୍ଷଣୀୟ ଓ ଉପଭୋଗ୍ୟ ହୋଇଥାନ୍ତି। ଓଡ଼ିଶାରେ ବାସ କରୁଥିବା ବହୁ ଆଦିମ ଜନଜାତି ସଂପ୍ରଦାୟର ଉଦ୍ଭବ ଓ ବିକାଶର କଥା ମଧ୍ୟ ଏହି ଜନଜାତିର କାହାଣୀ ଗୁଡିକ କହିଥାନ୍ତି। ଶବର, ଭୂୟାଁ, ମୁଣ୍ଡା, ବାଥୁଡି, ସାନ୍ତାଳ, ମୁଣ୍ଡାରୀ, ବଣ୍ଡା ପରଜା, ଜୁଆଙ୍ଗ, କନ୍ଧ, କୋୟା,କୋଟିଆ, ସାଉଁତି, ଓରାଓଁ, ଖଡ଼ିଆ, ଲୋଧା, ତୋଣ୍ଡିଆ, ଦିଦାୟୀ, ଗଣ୍ଡ, କିଶାନ, ଭୁଞ୍ଜିଆ, ବିନ୍‌ଝାଲ ପ୍ରଭୃତି ଜନଜାତି ଓଡ଼ିଆ ସମାଜିକ ଜୀବନ ତଥା ସଂସ୍କୃତିର ବିକାଶରେ ସହାୟକ ହୋଇଛନ୍ତି। ଓଡ଼ିଆ ମୌଖିକ ପରମ୍ପରା ଓ ଲୋକସାହିତ୍ୟକୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଦୃଷ୍ଟିରୁ ଜନଜାତିର ମୌଖିକ ପରମ୍ପରାରେ ପ୍ରଚଳିତ କାହାଣୀ ଗୁଡ଼ିକ ଅମୂଲ୍ୟ ସମ୍ପଦ ତୁଲ୍ୟ। ସଂପ୍ରତି ଓଡ଼ିଶା ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଭୁବନେଶ୍ୱର ଦ୍ୱାରା ଜନଜାତିର ମୌଖିକ ପରମ୍ପରାକୁ ସୁରକ୍ଷିତ କରିବା ନିମିତ୍ତ ପ୍ରତ୍ୟେକ ଜନଜାତିରେ ପ୍ରଚଳିତ କାହାଣୀ, ଗୀତ ଢ଼ଗଢ଼ମାଳୀ ଓ ଅନ୍ୟାନ୍ୟ ସାହିତ୍ୟ ଓ ସଂସ୍କୃତିର ଉପାଦାନ ଗୁଡ଼ିକୁ ସଂଗ୍ରହ କରି ପ୍ରକାଶ କରି ଆସୁଛନ୍ତି। ଏହି ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଜନଜାତି ସମ୍ପର୍କିତ କାହାଣୀ ଗୁଡ଼ିକ ଅଧ୍ୟୟନର ଆବଶ୍ୟକତା ରଖିଛି। ସେହିପରି ବହୁ ଗବେଷକ ମଧ୍ୟ ଏ ସମ୍ପର୍କରେ ଗବେଷଣା କରି ବିଭିନ୍ନ ନିଷ୍କର୍ଷରେ ଉପନୀତ ହୋଇଛନ୍ତି। ଓଡ଼ିଆ ମୌଖିକ ପରଂପରାକୁ ଏହା ବହୁ ପରିମାଣରେ ସମୃଦ୍ଧ କରିପାରିଛି।

ଓଡ଼ିଆ ଲୋକକାହାଣୀର ମଧ୍ୟ ଏକ ସୁଦୃଢ ପରମ୍ପରା ରହିଛି। ଅଞ୍ଚଳଭେଦରେ ଓଡ଼ିଆ ଲୋକକାହାଣୀର ସ୍ୱରୂପ ଓ ଭାଷା ଭିନ୍ନ ଭିନ୍ନ ଓଡ଼ିଶାର ବିସ୍ତୃତ ଉପକୂଳ,ଅରଣ୍ୟ ଓ ପାହାଡ଼ ଲୋକକଥା ଗୁଡିକୁ ଅଧିକ ରୋମାଞ୍ଚକର କରିବାରେ ସହାୟକ ହୋଇଛି। ଓଡ଼ିଶାର ମୌଖିକ ପରଂପରାର ବିଶାଳ ରୂପରେଖ ଦେଖି ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଥମେ ୨୧ଗୋଟି ଲୋକକାହାଣୀ ସଂଗ୍ରହ କରି "ଉତ୍କଳ କାହାଣୀ" ନାମକ ପୁସ୍ତକର ପ୍ରକାଶ କରିଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ରାଧାଚରଣ ମହାପାତ୍ରଙ୍କ ଦ୍ୱାରା ସଂଗୃହୀତ ପଚିଶଗୋଟି କାହାଣୀକୁ ନେଇ "ଉତ୍କଳ କାହାଣୀ ଦର୍ପଣ" ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ଦ୍ୱରା 'ଲୋକଗଳ୍ପ ସଞ୍ଚୟନ' ଆଦି ଗ୍ରନ୍ଥ ଓଡ଼ିଆ ଲୋକକାହାଣୀ ପରଂପରାର ବିସ୍ତୃତିକୁ ସଫଳ ଭାବରେ ଦର୍ଶାଇ ପାରିଛି। ଲୋକରତ୍ନ କୁଞ୍ଜବିହାରୀ ଦାଶ ଲୋକକାହାଣୀ ଗୁଡିକ ସାତ ଭାଗରେ ବିଭକ୍ତ କରିଛନ୍ତି, ଯଥା:୧- ପୌରାଣିକ ଗଳ୍ପ, ୨- ଓଷାବ୍ରତ କଥା,୩- ସନ୍ଥ ଓ ଭକ୍ତ କଥା, ୪- କିମ୍ବଦନ୍ତୀ, ୫ - ସତ୍ୟନାରାୟଣ ପୂଜା କାହାଣୀ, ୬ - ମାହାତ୍ମ୍ୟ କଥା, ୭- ଲୌକିକ କଥା। ଏହି ସମସ୍ତ ପ୍ରକାର ଲୋକକାହାଣୀରେ ପ୍ରଚୁର ମନୋରଞ୍ଜନଧର୍ମୀ ବ୍ୟାଖ୍ୟାନ ଦେଖିବାକୁ ମିଳିଥାଏ।

ଭୂତପ୍ରେତ, ବ୍ରହ୍ମ ରାକ୍ଷସ, ପରୀ, ବୁଢ଼ୀ ଅସୁରୁଣୀ, କିନ୍ନରୀ, ଯକ୍ଷ, ରାଜାପୁଅ, ମନ୍ତ୍ରୀପୁଅ, କଟୁଆଳ ପୁଅ, ସାଧବ ସାଧବାଣୀ, ମାଳୁଣୀ ଆଦି ଚରିତ୍ର ମଧ୍ୟରେ ଏକ ଅତିକଳ୍ପନା ଓ ମହାଜାଗତିକ ରୂପର ଚିତ୍ର ଦେଖିବାକୁ ମିଳିଥାଏ। ଅନେକ ଲୋକକାହାଣୀରେ ଗୀତର ସଂଯୋଜନା ଏହାକୁ ଅଧିକ ମୂର୍ଚ୍ଛନାଧର୍ମୀ କରିଥାଏ। କଥକର କଥା ଚାତୁର୍ଯ୍ୟ ଏହି ଲୋକକାହାଣୀ ଗୁଡ଼ିକୁ ଅମରତ୍ୱ ପ୍ରଦାନ କରିଅଛି। ଏଣୁ ଏହା ଲୋକମୁଖରେ ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀକୁ ପ୍ରସାରିତ ହୋଇ ମୌଖିକ ପରମ୍ପରାକୁ ସମୃଦ୍ଧ କରିପାରିଛି।

ଏହି ବିଶାଳ କଥା-ପରମ୍ପରାର ଭିତ୍ତି ଉପରେ ଓଡ଼ିଆ କ୍ଷୁଦ୍ର ଗଳ୍ପର ସୁଦୃଶ୍ୟ ହର୍ମ୍ୟ ନିର୍ମିତ ହୋଇଛି। ଛାପାଖାନା ପ୍ରତିଷ୍ଠା, ସମ୍ବାଦପତ୍ର ଓ ସାହିତ୍ୟ ପତ୍ରିକା ପ୍ରକାଶନ, ଆଧୁନିକ ଶିକ୍ଷାର ପ୍ରସାର, ପାଠ୍ୟ ପୁସ୍ତକ ପ୍ରଣୟନ, ଶିଳ୍ପ ପ୍ରତିଷ୍ଠାନର ପ୍ରସାରଣ, ଗମନାଗମନର ବିକାଶ ଆଦି ଅନେକ ପ୍ରସଙ୍ଗ ଓଡ଼ିଆ କ୍ଷୁଦ୍ରଗଳ୍ପର ସୃଷ୍ଟି ଏବଂ ବିକାଶର କାରଣ ହୋଇଥିଲା। ଓଡ଼ିଆ ଗଦ୍ୟସାହିତ୍ୟର ବିକାଶ ଦ୍ୱାରା ଆଧୁନିକ ଶିକ୍ଷାପ୍ରସାରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଉପନ୍ୟାସ, ଗଳ୍ପ, ପ୍ରବନ୍ଧ ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ନାଟକ ଓ ଏକାଙ୍କିକା ଆଦି ରଚନା ଓଡ଼ିଆ ଗଦ୍ୟ ସାହିତ୍ୟର ଉନ୍ମେଷ ଓ ବିକାଶର ପଥକୁ ପ୍ରଶସ୍ତ କରିଦେଇଥିଲା। ଏଣୁ ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ ଡକ୍ଟର ନଟବର ସମାନ୍ତରାୟ ତାଙ୍କର "ଓଡ଼ିଆ ସାହିତ୍ୟର ଇତିହାସ" ଗ୍ରନ୍ଥରେ (୨୦୧୭) ଉଲ୍ଲେଖ କରିଛନ୍ତି "ଆଧୁନିକ ଶିକ୍ଷା ପ୍ରସାର ଫଳରେ ଗତ ଶତାବ୍ଦୀରେ ଏ ଦେଶର ଲୋକଙ୍କ ଜୀବନ-ଧାରାରେ ଯେଉଁ ନୂତନ ଆଭିମୁଖ୍ୟ ଓ ପ୍ରାଣ ପ୍ରବାହ ଦେଖା ଦେଇଥିଲା,ଆଧୁନିକ ସାହିତ୍ୟ ହେଉଛି ସେଇ ନୂତନ ପ୍ରାଣ ପ୍ରବାହର ଏକ କଳା ଚାତୁର୍ଯ୍ୟମୟ ସୃଷ୍ଟିଗତ ଅଭିବ୍ୟକ୍ତି ମାତ୍ର। ଆଧୁନିକ ଶିକ୍ଷାୟତନ ସେଇ ସାହିତ୍ୟ ବିକାଶର ଆଦି ପ୍ରସୂତି-କେନ୍ଦ୍ର।" (ପୃଷ୍ଠା-୨୬୧) ଏହିଦୃଷ୍ଟିରୁ ଦେଖିବାକୁ ଗଲେ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଆଧୁନିକ ଓଡ଼ିଆଜୀବନର ଉଦ୍ଭବ ଓ ବିକାଶର ଚିତ୍ର ପ୍ରଦାନ କରିଥାଏ। ଆଧୁନିକ ଜୀବନ ଶୈଳୀର ବ୍ୟାପକ ପ୍ରସାର ଦ୍ୱାରା ଓଡ଼ିଆ ସମାଜରେ ଯେଉଁ ସାମାଜିକ ସଂସ୍କାର ଗୁଡ଼ିକ ଅନୁଷ୍ଠିତ ହୋଇଛି ତାହାର ସାମଗ୍ରିକ ଚିତ୍ର ଓଡ଼ିଆ କ୍ଷୁଦ୍ର ଗଳ୍ପର ପ୍ରଥମ ପର୍ବରେ ପଢ଼ିବାକୁ ମିଳିଥାଏ। ଇଂରାଜୀ ଶିକ୍ଷା ଦ୍ୱାରା ନୂତନ ଶିକ୍ଷିତ ଯୁବଗୋଷ୍ଠିର ଆବିର୍ଭାବ, ସୂର୍ଯ୍ୟାସ୍ତ ଆଇନଦ୍ୱାରା ନୂତନ ଶିକ୍ଷିତ ଜମିଦାରୀ ଗୋଷ୍ଠିର ଉଦ୍ଭବ ଏବଂ ନାରୀଶିକ୍ଷା ପ୍ରଚଳନ ଦ୍ୱାରା ନୂତନ ଶିକ୍ଷିତା ଯୁବତୀଙ୍କ ଆବିର୍ଭାବ ଓଡ଼ିଶାର ସାମାଜିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଏହି ସମସ୍ତ ସାମାଜିକ ପ୍ରସଙ୍ଗ ଓଡ଼ିଆ ଗଳ୍ପକୁ ପ୍ରଭାବିତ କରିଛି। ସେହିପରି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧିବାଦୀ ଆନ୍ଦୋଳନ, ମାର୍କସୀୟ ସମାଜତତ୍ତ୍ୱ, ଫ୍ରୟେଡ଼ୀୟ ମନୋବିଜ୍ଞାନ, ଜାତୀୟତାବାଦୀ ଚିନ୍ତନ, ଉପନିବେଶବାଦି ଚିନ୍ତନ, ଉଦାର ଆର୍ଥନୀତିକ ସମାଜ ବ୍ୟବସ୍ଥା, ଜଗତୀକରଣ ଆଦି ବିଭିନ୍ନ ସାମାଜିକ, ରାଜନୀତିକ, ଆର୍ଥନୀତିକ ଦୃଷ୍ଟିକୋଣ ଓଡ଼ିଆ କ୍ଷୁଦ୍ରଗଳ୍ପର ପରିସରକୁ ପ୍ରବେଶ କରି ଏହାର ଆତ୍ମିକ ଓ ଆଙ୍ଗିକରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି। ଏକଶହ କୋଡିଏ ବର୍ଷର ଏହି କଥାଯାତ୍ରା ଓଡ଼ିଆ ଜନଜୀବନର ବ୍ୟାପକ ଓ ଗଭୀର ଚିତ୍ର ପ୍ରଦାନ କରିବାରେ ସମର୍ଥ। ଏହା ପାଠଦ୍ୱାରା ଓଡ଼ିଆ ସମାଜରେ ବିଭିନ୍ନ ସମୟରେ ଆସିଥିବା ଭାବାଦର୍ଶର ପରିବର୍ତ୍ତନ ସହ ସାମାଜିକ ଆନ୍ଦୋଳନର ସ୍ୱରୂପ ସଂପର୍କରେ ଅବବୋଧ ପ୍ରାଞ୍ଜଳ ହେବ।

# ୧.୬ ଓଡ଼ିଆ ଗଳ୍ପ ୧୮୯୮ ରୁ ୧୯୩୫

## ୧.୬.୧ ଫକୀରମୋହନଙ୍କ ଗଳ୍ପ ଜଗତ

କଥା ସମ୍ରାଟ ଫକୀରମୋହନ ସେନାପତିଙ୍କ ରଚିତ 'ରେବତୀ'କୁ ପ୍ରଥମ ଓଡ଼ିଆ ଗଳ୍ପର ସମ୍ମାନ ପ୍ରଦାନ କରାଯାଇଥାଏ। ଏହା କଟକରୁ ପ୍ରକାଶିତ "ଉତ୍କଳ ସାହିତ୍ୟ" ପତ୍ରିକାର ଦ୍ୱିତୀୟ ଖଣ୍ଡ, ଦଶମ ସଂଖ୍ୟା, ଅକ୍ଟୋବର ମାସ,୧୮୯୮ ମସିହାରେ ପ୍ରକାଶିତ ହୋଇଥିଲା। ତାଙ୍କର କେତୋଟି ଗଳ୍ପକୁ ସେ ୧୮୯୮ ମସିହାରୁ ୧୯୧୬ ମସିହା ମଧ୍ୟରେ ରଚନା କରିଥିଲେ ଓ ସେଗୁଡ଼ିକ ଗଳ୍ପସ୍ୱଳ୍ପର ପ୍ରଥମ ଭାଗ ଓ ଦ୍ୱିତୀୟଭାଗରେ ସଂକଳିତ ହୋଇଥିଲା। ତାଙ୍କର ପ୍ରମୁଖ ଗଳ୍ପ ଗୁଡିକର ନାମ ହେଲା: ରେବତୀ, ପାଠୋଇବୋହୂ, ସୁନାବୋହୂ, ଧୁଳିଆବାବା ପେଟେଣ୍ଟ ମେଡ଼ିସିନ୍, ରାଣ୍ଡିପୁଅ ଅନନ୍ତା, ଅଧର୍ମବିତ୍ତ, ସଭ୍ୟ ଜମିଦାର, ବୀରେଇ ବିଶ୍ୱାଳ, ଗାରୁଡ଼ି ମନ୍ତ୍ର ଇତ୍ୟାଦି। ଓଡ଼ିଶାର ସମାଜିକ ଜୀବନରେ ରହିଥିବା ସମାଜିକ କୁସଂସ୍କାର, ଆଧୁନିକ ଇଂରାଜୀ ଶିକ୍ଷାର ପରିଣାମ, ହିନ୍ଦୁ ସମାଜର ଧର୍ମୀୟ ଭାବନା ଓ ଏହାସହ ଇଂରେଜ ସଂସ୍କୃତିର ସଂପର୍କ ଆଦି ବିଷୟକୁ ନେଇ ତାଙ୍କର କ୍ଷୁଦ୍ରଗଳ୍ପ ଗୁଡ଼କ ରଚିତ ହୋଇଛି। ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ "ରେବତୀ" ରେ ନାରୀଶିକ୍ଷାର ପ୍ରସାର ଜନିତ ସମାଜିକ ପ୍ରତିକ୍ରିୟାକୁ ଫକୀରମୋହନ ଅତି ବାସ୍ତବ ଭାବରେ ବର୍ଣ୍ଣନା କରିଛନ୍ତି। ପାରମ୍ପରିକ ଓଡ଼ିଆ ସାମାଜିକ ଚଳଣିରେ କନ୍ୟାମାନଙ୍କୁ ଘର ମଧ୍ୟରେ ଅକ୍ଷର ଶିକ୍ଷା ପ୍ରଦାନ କରି ଭାଗବତ, ମହାଭାରତ ଆଦି ଗ୍ରନ୍ଥ ପାଠ ନିମିତ୍ତ ଯୋଗ୍ୟ କରାଯିବା ସହ ଗୃହ କର୍ମରେ ନିପୁଣା କରାଯାଉଥିଲା। ବିଦ୍ୟାଳୟକୁ ଯାଇ ପାଠ ପଢ଼ିବା ପ୍ରାୟତଃ ଗ୍ରାମୀଣ ସମାଜରେ ସାମାଜିକ ସ୍ୱୀକୃତି ଲାଭ କରିନଥିଲା। ଇଂରେଜମାନେ ଓଡ଼ିଶା ଶାସନ କରିବା ଦ୍ୱାରା ଇଂରାଜୀ ଶିକ୍ଷାର ପ୍ରସାର ଲାଭ କରିଥିଲା। ଗ୍ରାମାଞ୍ଚଳରେ ବିଦ୍ୟାଳୟ ସ୍ଥାପନ କରାଯାଇ ଉଭୟ ବାଳକ ଓ ବାଳିକମାନଙ୍କୁ ଆଧୁନିକ ଶିକ୍ଷା ପ୍ରଦାନ କାରାଗଲା। ପାରମ୍ପରିକ ଓଡ଼ିଶାର ଗ୍ରାମୀଣ ସମାଜରେ ଏହା ଦ୍ୱାରା ଯେଉଁ ପ୍ରତିକ୍ରିୟା ଦେଖାଯାଇଥିଲା, ତାହାର ଗଳ୍ପରୂପ ପ୍ରଦାନ କରିଛନ୍ତି ଫକୀରମୋହନ। "ରେବତୀ" ଗଳ୍ପର ନାୟିକା "ରେବତୀ" ନିଜ ଘରେ ପାଠ ପଢ଼ିବା ଦ୍ୱାରା ତାଙ୍କ ପରିବାରର ବିପତ୍ତି ହେଲାବୋଲି, ରେବତୀର ଜେଜୀମା'ର ବିଶ୍ୱାସ। "ବୁଢ଼ୀ ଢେର ବେଳଯାଏ ବସି କ'ଣ ପାଞ୍ଚିଲା। କ'ଣ କରିବ, କାହାକୁ ଡାକିବ, ମନ ଭିତରେ ଜଗତ ସଂସାର ଖୋଜିଲା, ପାଖରେ କାହାକୁ ଦେଖିଲା ନାହିଁ। କିଛି ସ୍ଥିର କରିନପାରି ଖପା ହୋଇ କହିଲା,"ଯାହା ଆପଣାକିଆ, ତହିଁକି ଇଲାଜ କିଆଁ? ଅର୍ଥାତ୍ ତୁ ପାଠ ପଢ଼ିବାରୁ ଜର ହେଲା, ମୁଁ କ'ଣ କରିବି?"-ଏହି ବକ୍ତବ୍ୟ ମଧ୍ୟରେ ତତ୍କାଳୀନ ସମାଜିକ ଜୀବନର ଚିନ୍ତନ ଓ ଆଧୁନିକ ନାରୀଶିକ୍ଷାର ପ୍ରସାର ଜନିତ ସାମାଜିକ ପ୍ରତିକ୍ରିୟା ଗୁଡ଼ିକ ଏହି ଗଳ୍ପରେ ସ୍ଥାନିତ ହୋଇଛି। ଆଧୁନିକ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଫକୀରମୋହନଙ୍କ "ଡାକମୁନ୍‌ସୀ" ଆଉ ଏକ ଚର୍ଚ୍ଚିତ ଗଳ୍ପ। ଭାରତୀୟ ତଥା ଓଡ଼ିଶାର ସମାଜ ବ୍ୟବସ୍ଥାରେ ପରିବାର ଏକ ବୃହତ୍ ଅନୁଷ୍ଠାନ। ଇଂରାଜୀ ଶିକ୍ଷା କିପରି ଭାରତୀୟ ପରିବାର ଗୁଡିକ ଭାଙ୍ଗିବାରେ ସକ୍ଷମ ହୋଇଥିଲା ଏବଂ ଏକ ନୂତନ ଇଂରାଜୀ ଶିକ୍ଷିତ ଗୋଷ୍ଠିରେ ସୃଷ୍ଟି ହୋଇଥିଲା ତାହାର ଚିତ୍ର ଏହି ଗଳ୍ପରେ ଦେଖିବାକୁ ମିଳିଥାଏ। ଗଳ୍ପର ନାୟକ ଗୋପାଳର ପିତା ହରିସିଂହ ଇଂରେଜ ଶାସନ ବ୍ୟବସ୍ଥାରେ ଜଣେ ଡାକ ପିଅନ ଭାବରେ କାମ କରୁଥିଲେ। ତାହାର ପ୍ରଚେଷ୍ଟାରେ ଗୋପାଳ ଡାକମୁନସୀ ଭାବେ ଚାକିରିରେ ଯୋଗ ଦେଇଛି। ଏହାପରେ

ଗୋପାଳ ମଧ୍ୟରେ ଏକ ହାକିମ ଭାବ ଦେଖଶଦେଇଛି । ସେ ତା ବାପା ହରି ସିଂହକୁ ଆଉ ସହ୍ୟ କରିପାରିନାହିଁ । ଏଣୁ ତା ମନରେ "ଏଟାକୁ ବାପା ବୋଲି ଡାକିବି", "ଏଟାକୁ ବସାରୁ ନ ତଡ଼ିଲେ ଇଜ୍ଜତ ରହିବ ନାହିଁ", "ଏଟା ମୁର୍ଖ, ଇଂରାଜୀ ଜାଣେ ନାହିଁ -ମୂଲିଆ - ମଳିଆ ଲୁଗା ପିନ୍ଧିଥାଏ" - ଆଦି ଭାବନା ଜାଗ୍ରତ ହୋଇଛି ଓ ସେ ତା' ବାପା ସହ ସମସ୍ତ ସଂପର୍କ ଛିନ୍ନ କରିଛି ଏହି ଗଳ୍ପ ମାଧ୍ୟମରେ ଗାଳ୍ପିକ ଫକୀରମୋହନ,ବ୍ରିଟିଶ ସାମ୍ରାଜ୍ୟବାଦର ଅଂଶ ବିଶେଷ ହୋଇ ଭାରତୀୟ ଶିକ୍ଷିତ ସମାଜ କିପରି ନିଜକୁ ଭାରତୀୟ ସମାଜରୁ ବିଚ୍ଛିନ୍ନ କରି ବ୍ରିଟିଶ୍ ସାମ୍ରାଜ୍ୟବାଦର ପ୍ରସାରରେ ସହାୟକ ହୋଇଛନ୍ତି, ତାହାର ଚିତ୍ର ଉପସ୍ଥାପନ କରିଛନ୍ତି ।

"ସଭ୍ୟ ଜମିଦାର" ଗଳ୍ପଟି ମଧ୍ୟ ଫକୀରମୋହନଙ୍କ ଏକ ଉଲ୍ଲେଖନୀୟ କୃତି । ଏହି ଗଳ୍ପରେ ଓଡ଼ିଆ ମାନେ କଲିକତା ସହରରେ ବ୍ୟବସାୟ କରି କିପରି ଉଲ୍ଲେଖନୀୟ ପ୍ରଗତି କରିପାରିଥିଲେ ତାହାର ଚିତ୍ର ପ୍ରଦାନ କରିଛନ୍ତି । ଊନବିଂଶ ଶତକରେ ଓଡ଼ିଶାର ଆର୍ଥିକ, ବାଣିଜ୍ୟିକ, ଶିକ୍ଷା, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାର ବାସ୍ତବ ଚିତ୍ର ଏହି ଗଳ୍ପଟିରେ ମିଳିଥାଏ । ତେବେ ଗଳ୍ପରେ ଏହାର ଚିତ୍ର ପ୍ରଦାନ କରିବା ସହ ଇଂରାଜୀ ଶିକ୍ଷା ବ୍ୟବସ୍ଥା ଓଡ଼ିଆ ଗ୍ରାମୀଣ ଜୀବନକୁ କିପରି ବିପନ୍ନ କରିପକାଇଛି ତାହାର ଚିତ୍ର ମଧ୍ୟ ଏହି ଗଳ୍ପରେ ଦେଖିବାକୁ ମିଳିଥାଏ । ବାଲେଶ୍ୱର ସହର ସହ କଲିକତାର ବାଣିଜ୍ୟିକ ସଂପର୍କ ଏକାନ୍ତ ଦୃଢ ଥିଲା । ଜଳପଥରେ ବାଣିଜ୍ୟ ସଂପର୍କ ରହିଥିଲା । କଲିକତାର ଧୁଆଁପତ୍ର ଆମଦାନୀ କରି ଓଡ଼ିଶାର ବିକ୍ରୟ କରିବା ଏକ ଲାଭଜନକ ବ୍ୟବସାୟ ଥିଲା । ଏହାରି ପୃଷ୍ଠଭୂମିରେ 'ସଭ୍ୟ ଜମିଦାର' ଗଳ୍ପଟି ରଚିତ ହୋଇଛି । "ବାବୁ ବଳରାମ ବଳ" ଏହି ଗଳ୍ପର ଏକ ପ୍ରଭାବଶାଳୀ ଚରିତ୍ର । ସେ ଜଣେ କଲିକତାର ସଫଳ ଓଡ଼ିଆ ବ୍ୟବସାୟୀ । ବାଣିଜ୍ୟ ମାଧ୍ୟମରେ କିପରି ଇଂରେଜୀ ସଂସ୍କୃତି ବାଲେଶ୍ୱର ପଥ ଦେଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପ୍ରସାରିତ ହେଉଥିଲା ତାହାର ଚିତ୍ର ଏଠାରେ ଦେଖିବାକୁ ମିଳେ । ସେହି ସମୟରେ ଓଡ଼ିଶାର ବାଣିଜ୍ୟ ବ୍ୟବସ୍ଥାରେ ବାଲେଶ୍ୱର ସହର ଓ ତାହାର ଜଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା । ଏହି ପଥରେ ଦେଶୀୟ ସଂସ୍କୃତି ବିଦେଶୀ ସାଂସ୍କୃତିକ ପରିମଣ୍ଡଳରେ ପରିଚିତ ହୋଇ ପୁନର୍ବାର ଦେଶୀୟ ସଂସ୍କୃତିକୁ ଫେରି ଆସୁଥିଲା । ଏଣୁ ମହାଜନ ବଳ କେବଳ ବାଣିଜ୍ୟର ସାମ୍ରାଜ୍ୟ କଲିକତାରେ ବିସ୍ତାର କରିନଥିଲେ ନିଜ ଗ୍ରାମ ଯାଜପୁର ଅଞ୍ଚଳରେ ମଧ୍ୟ ନିଜ ଜମିଦାରୀ ଓ କଲିକତି ସଂସ୍କୃତିର ପ୍ରତିଷ୍ଠା କରିପାରିଥିଲେ । ବଳ ବାବୁଙ୍କ ଏହି ସାମ୍ରାଜ୍ୟ ବିସ୍ତାରରେ ଗୁମାସ୍ତା ଗୋପାଳର ସହାୟତା ଅଧିକ ଥିଲା । ପାଠ ବିବର୍ଜିତ ଗୋପାଳ କିନ୍ତୁ ନିଜ ପୁଅକୁ ଇଂରାଜୀ ପାଠ ପଢାଇବା ନିମିତ୍ତ କଲିକତା ନେଇଯାଇଛି । ଏହି ପ୍ରସଙ୍ଗରେ ଫକୀରମୋହନ ଲେଖିଛନ୍ତି - "କଲିକତା ବଳବାବୁ ମହାଜନ ଗଦି ସାଙ୍ଗରେ ବଡ଼ ବଡ଼ ଇଂରେଜ ସଉଦାଗର ହାଉସମାନଙ୍କର କାରବାର । ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ, ଗୋଟିଏ ଦୋଭାଷୀ ଜରିଆରେ କଥା ଚଳେ । ବାବୁ ଇଂରାଜୀ ଜାଣନ୍ତି ନାହିଁ - ସାହେବବି ଓଡ଼ିଆ ବୁଝେ ନାହିଁ । ବାବୁ ଢେର ଥର ବିଡିଲେଣି ମଝିରେ ଦୋଭାଷୀ ଖାବଳେ ମାରିନିଏ । ରାଜୀବ ଯେବେ ଇଂରାଜୀ ପାଠ ପଢ଼ି କାମରେ ଲାଗିବ କେହି ଠକାଇ ପାରିବେ ନାହିଁ । ଗଦିରେ ସରକାର କୋଲ୍‌କାଟା ଏଣ୍ଡୁ ଏକାଡେମିରେ ରାଜୀବ ବାବୁଙ୍କ ନାମ ଲେଖାଇ ଦେଇ ଆସିଲା" ବାସ୍ତବରେ ଇଂରାଜୀ ବିଦ୍ୟା ଶିକ୍ଷାର ଆଗ୍ରହ ଦ୍ୱାରା ଏକ ଉପନିବେଶବାଦୀ ସାଧାରଣ ଗନତାର ସ୍ୱପ୍ନ ଏବଂ ବାସ୍ତବତା ପ୍ରସଙ୍ଗକୁ ଉପସ୍ଥାପିତ କରାଯାଇଥିବା ସମୟରେ ସେହି ସାଧାରଣ ନିରକ୍ଷର ସଂସ୍କାରବିହିନ ପରିବାରରୁ ଇଂରାଜୀ ଶିକ୍ଷା ଆଡ଼କୁ ପ୍ରଧାବିତ ହୋଇ କିପରି ବ୍ୟକ୍ତି,

ପାରିବାରିକ ଓ ସାମାଜିକ ଜୀବନ ବିପନ୍ନ ହୋଇଛି ତାହା ଉଭୟ ରାଜୀବ ଲୋଚନ ଏବଂ ନୟନତାରା -ଦୁଃଖ ପାସୋରା ଚରିତ୍ର ମଧ୍ୟରେ ପ୍ରକାଶିତ ହୋଇଛି। ଫକୀରମୋହନଙ୍କ ଓ ସମସାମୟିକ ସାହିତ୍ୟରେ ଇଂରାଜୀ ଶିକ୍ଷାର କୁପ୍ରଭାବ ଓଡ଼ିଶା ସାମାଜିକ ଜୀବନକୁ କିପରି ବିପନ୍ନ ଓ ରୁଗ୍ଣ କରିବାରେ ସହାୟକ ହୋଇଛି ଏହାର ଅବାରିତ ବର୍ଣ୍ଣନା ରହିଛି। ଏଠାରେ ଇଂରାଜୀ ଶିକ୍ଷା ମାଧ୍ୟମରେ ଜ୍ଞାନ ଅର୍ଜନ ଅଥବା ଚରିତ୍ର ନିର୍ମାଣ ପ୍ରସଙ୍ଗ ଉତ୍ଥାପିତ ନହୋଇ ଇଂରାଜୀ ଶିକ୍ଷା ଆଳରେ ମଦ୍ୟପାନ, ସଭାସମିତି ଗଠନ, ସମାଜ ସଂସ୍କାର ଆଳରେ ବ୍ୟକ୍ତି ପ୍ରତିଷ୍ଠା ଆଦି ଅପସଂସ୍କୃତିର ପ୍ରସାର ପ୍ରସଙ୍ଗ ଉତ୍ଥାପନ କରାଯାଇଛି ଯାହା ଉପନିବେଶବାଦର ପ୍ରାଥମିକ ପର୍ଯ୍ୟାୟର ଗୁରୁତ୍ୱପୂର୍ଣ୍ଣ ସାମାଜିକ ଲକ୍ଷଣ। ଏହି ପ୍ରସଙ୍ଗ ଉତ୍ଥାପନ କରୁଥିବା ସମୟରେ ଫକୀରମୋହନ ଅତି ସଚେତନ ଭାବରେ ଡାକମୁନସୀ ଗଳ୍ପରେ ଲେଖିଛନ୍ତି। "ଗଳ୍ପ ଲେଖକମାନଙ୍କୁ ସମସ୍ତ ବିଷୟ ସନ୍ଧାନ କରି ନିରୋଳା ସତ୍ୟ କଥା ଗୁଡ଼ିକ ଲେଖିବାକୁ ହୁଏ।" ଏହି ବକ୍ତବ୍ୟ ମଧ୍ୟରେ ଫକୀରମୋହନ ନିଜ ଲେଖକୀୟ ସତ୍ତା ଓ ଗଳ୍ପଭାବରେ ରହିଥିବା ସମ୍ଭାବ୍ୟ ସତ୍ୟ ସମ୍ପର୍କରେ ପାଠକକୁ ସଚେତନ କରାଇବାକୁ କେବଳ ଚାହିଁନାହାନ୍ତି,ଏହି ସ୍ୱୀକାରୋକ୍ତି ମଧ୍ୟରେ ରହିଛି ଉପନିବେଶବାଦ ଦ୍ୱାରା ନୀପିଡ଼ନ ଭୋଗ କରୁଥିବା ଜଣେ ସଚେତନ ସର୍ଜନାତ୍ମକ ଲେଖକର ଅବଶୋଷ।

ଯେତେବେଳେ ଫକୀରମୋହନ ଏହି ସତ୍ୟତାର ଅନୁସନ୍ଧାନରେ ନିଜ ସୃଷ୍ଟିକର୍ମକୁ ବ୍ୟାପ୍ତ କରିଛନ୍ତି ସେହି ସମୟରେ ସେ ମଧ୍ୟ ଲିଙ୍ଗ ଭେଦ ଭାବନା ଠାରୁ ଦୂରରେ ରଖି ଓଡ଼ିଆ ନାରୀ ଜଗତରେ ଯେଉଁ ପରିବର୍ତ୍ତନ ସବୁ ଆସିଛି ତାହାର ମଧ୍ୟ ରୂପାୟନ କରିବାକୁ ଭୁଲି ନାହାନ୍ତି। ଇଂରାଜୀ ସଂସ୍କୃତି ପ୍ରଭାବିତ ପ୍ରଗତିଶୀଳ ଉପନିବେଶବାଦୀ ନାରୀ ଚରିତ୍ରର ବର୍ଣ୍ଣନା କରିବାକୁ ଯାଇ ନୟନତାରା - ଦୁଃଖ ପାସୋରା ସମ୍ପର୍କରେ ଲେଖିଛନ୍ତି "ଜମିଦାରବାବୁ ବିମୋହିତ ହୋଇଗଲେଣି। ମନେକଲେ,ସ୍ୱର୍ଗରୁ ଦେବକନ୍ୟାଟିଏ ଓହ୍ଲାଇ ଆସିଛି। ଦିନରାତି ଗିଲାସ ହାତରୁ ଛାଡ଼ନାହିଁ। ଚାରିଦିନ ହେଲା ବରକନ୍ୟା ମଧ୍ୟରେ ପୂର୍ବାଳାପ ଅର୍ଥାତ୍ courtship ଚାଲିଛି।" ଅଥବା "ମିସେସ୍ ମହାପାତ୍ର ପ୍ରାତଃକାଳରେ ଖାଇଲା ବାଦ ପୋଷାକ ପିନ୍ଧି ଉଆସ ରିମିଠି ବଗିଚା ଆଉ ଆଗ ଦାଣ୍ଡରେ ପ୍ରାତଃଭ୍ରମଣ କରି ଆସନ୍ତି। ଦିନେ ବବୁର୍ଚ୍ଚିଖାନା ତଦାରଖ କରିବାକୁ ଚାଲିଗଲେ। ସେତେବେଳ ପୋଇଲି ପଦୀ ହାଣ୍ଡିଏ ଗୋବର ପାଣି ଧରି କନା ଖଣ୍ଡିକରେ ଚୁଲି ଲିପୁଥିଲା, ଯୋତାର ଠକ ଠକ ଶବ୍ଦ ଶୁଣି ଯେମିତି ମୁହଁ ବଙ୍କାଇ ପଛକୁ ଚାହିଁ ଦେଇଛି, ଭାରୀ ପାଟିଟାଏ କଲା "ଆଲୋ ମୋ ମା ଲୋ! ଆଲୋ ମୋ ବାପା ଲୋ! ଯୋତା ମାଡି ହାଣ୍ଡିଶାଳରେ ପଶିଲା ଲୋ! ହାଣ୍ଡିଶାଳ ମାରୁ ଗଲା ଲୋ!" କନା ଖଣ୍ଡ ଫୋପାଡି ଦେଇ ଏକମୁହାଁ ଧାଇଁଛି। ଆଉ ଉଆସରେ ତାକୁ କେହି କେବେ ଦେଖିନାହିଁ। ଏଣେ ମିସେସ୍ ମହାପାତ୍ର 'ଉଆ, ଉଆ, ଉଆ' କହି ଅନ୍ୟ ଆଡ଼କୁ ଧାଇଁଛନ୍ତି, ମୁହଁରେ ରୁମାଲ ଜାକି ନଥିଲେ, କେଜାଣି ବାନ୍ତି କରି ପକାଇଥାନ୍ତେ। ଏକାବେଳକେ ଶିଶିଏ ଲେଭେଣ୍ଡର ଦେହଯାକ ଢାଳିହେବାରୁ ଟିକଏ ସାଷ୍ଟାମ ହେଲେ। ଗୋରୁଗୁହୁ ବବୁର୍ଚ୍ଚିଖାନାରେ ଢଳା ହୋଇଛି, ଜମିଦାର ଶୁଣି ଭାରି ଖପା। ମୂର୍ଖତା, ଅସଭ୍ୟତା, କୁସଂସ୍କାର! ବାନ୍ତିକରି ପକାଇବେ। ଚାରିବୋତଲ ଫିନାଇଲ ଘରସାରା ଢଳାଗଲା" ଏହି ବର୍ଣ୍ଣନାରେ ଶ୍ଳେଷାତ୍ମକ ଭଙ୍ଗୀରେ ଫକୀରମୋହନ ଅନେକ ମନ୍ତବ୍ୟ ପ୍ରଦାନ କରିଛନ୍ତି। ପ୍ରଥମତଃ ଗୋବରକୁ ଗୋରୁଗୁହ କହିବା, ମୁର୍ଖତା, ଅସଭ୍ୟତା, କୁସଂସ୍କାର ଆଦି ଶବ୍ଦ ମାଧ୍ୟମରେ ଭାରତୀୟ ସଂସ୍କୃତିକୁ ଅଗ୍ରାହ୍ୟ କରିଦେବାର ପରିବେଶ ସେ ନିର୍ମାଣ କରିଛନ୍ତି। ମିସେସ୍ ମହାପାତ୍ରକୁ

ଉପନିବେଶବାଦୀ ମହିଳା ଭାବରେ ପ୍ରତିଭାତ କରାଇ ପୋଇଲି ପଦୀକୁ ଭାରତୀୟ ସଂସ୍କୃତିର ପରିଚାୟକ ଭାବରେ ଉପସ୍ଥାପିତ କରି "ଆଉ ଉଆସରେ ତାଙ୍କୁ କେହି କେବେ ଦେଖିନାହିଁ" ବକ୍ତବ୍ୟ ମଧ୍ୟରେ ଭାରତୀୟ ସଂସ୍କୃତି ଉପରେ ବ୍ରିଟିଶ ସଂସ୍କୃତିର ପ୍ରଭାବ ଓ ପରାକ୍ରମର କଥା ଉଲ୍ଲେଖ କରିଛନ୍ତି ।

ଫକୀରମୋହନ ଏହି ଦୃଶ୍ୟସବୁ ବର୍ଣ୍ଣନା କଲାବେଳେ ଯଥେଷ୍ଟ ଭାବରେ ସାମାଜିକ ବିବର୍ତ୍ତନର ଜଟିଳ ପ୍ରକ୍ରିୟାକୁ ଅନୁଭବ କରିଥିଲେ ଯାହାକୁ ସେ ଏଠାରେ ଉଲ୍ଲେଖ କରିଛନ୍ତି । ଡାକମୁନ୍ସୀ ଗଳ୍ପରେ ଫକୀରମୋହନ ସେ ସମୟରେ ଭାରତୀୟ ସମାଜ ଓ ଆର୍ଥିକ ବ୍ୟବସ୍ଥାର ବିନ୍ୟାସ କ୍ରମକୁ ରୂପାୟନ କରିବା ସହ ବ୍ରିଟିଶ ସାମ୍ରାଜ୍ୟବାଦର ପ୍ରତିକ୍ରିୟାକୁ ପ୍ରତିହତ ହୋଇଥିବାର ଚିତ୍ର କେଉଁଠାରେ ମଧ୍ୟ ପ୍ରଦାନ କରିନାହାନ୍ତି କିମ୍ୱା ଭାରତୀୟ ସମାଜ ବ୍ୟବସ୍ଥାକୁ ଏକ ବୃହତ୍ ଓ ଅବିଚଳିତ ଆର୍ଥିକ ଢାଞ୍ଚା ଭାବରେ ଉପସ୍ଥାପିତ କରିନାହାନ୍ତି । ତେବେ ଡାକମୁନ୍ସୀ ଗଳ୍ପଟି ଉପନିବେଶବାଦ ଏବଂ ଉପନିବେଶବାଦୋତ୍ତର ବିଚାରଧାରାରେ ଏଇଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯେ,ଏହି ଗଳ୍ପର ପରିଣତିରେ ଭାରତୀୟ ସମାଜର ମୌଳିକ ଚରିତ୍ରଟି ମହାଜନ ବଳବାବୁଙ୍କର କୌଣସି କ୍ଷତି ଅଥବା ପରିବର୍ତ୍ତନ ବ୍ରିଟିଶ୍ ସାମ୍ରାଜ୍ୟବାଦ ଦ୍ୱାରା ହୋଇନାହିଁ । ଅର୍ବାଚୀନ ଯୁବକ ଯୁବତୀ ଇଂରାଜୀ ସଂସ୍କୃତିର ଅନୁକରଣ ଦ୍ୱାରା ଭାରତୀୟ ସମାଜ ବ୍ୟବସ୍ଥାର ବାହ୍ୟ ଆବରଣରେ ଯାହା ଆଘାତ ଲାଗିଛି । ମାତ୍ର ଅନ୍ୟ ସାହିତ୍ୟ କୃତି (ଉପନ୍ୟାସ) ମଧ୍ୟରେ ଜଣେ ବୁଦ୍ଧିଜିବୀ ସର୍ଜନଶୀଳ ଲେଖକ ଭାବରେ ବ୍ରିଟିଶ ତଥା ଭାରତୀୟ ସମାଜବ୍ୟବସ୍ଥାକୁ କିପରି ଧ୍ୱଂସ କରିବାକୁ ଯାଉଛି ତାହା ବିଶଦ ଚିତ୍ର ସେ ପ୍ରଦାନ କରିଛନ୍ତି ।

"ପେଟେଣ୍ଟ ମେଡିସିନ୍"ଗଳ୍ପରେ ସାମନ୍ତବାଦୀ ଯୁବକ ମାନଙ୍କ ମଦ୍ୟପାନ ଓ ବେଶ୍ୟା ସଂସର୍ଗ, 'ଗାରୁଡି ମନ୍ତ୍ରରେ' ଓଡ଼ିଶାର ସାମାଜିକ ଜୀବନରେ ପ୍ରଚଳିତ କୁସଂସ୍କାର,'ଅଧର୍ମ ବିତ୍ତ'ଗଳ୍ପରେ ମନୁଷ୍ୟର ଧନ ପ୍ରତିମୋହ,'ବାଲେଶ୍ୱରୀ ରାହାଜାନି', କାଳିକା ପ୍ରସାଦ ଗୋଲାପ' ଓ 'କମଳା ପ୍ରସାଦ ଗୋଲାପ',ଗଳ୍ପ ଗୁଡିକରେ ବାଲେଶ୍ୱରରେ ଜାହାଜ ମାଧ୍ୟମରେ ହେଉଥିବା ବ୍ୟବସାୟ ସଂପର୍କରେ ସେ ବିସ୍ତୃତ ଚିତ୍ର ପ୍ରଦାନ କରିଛନ୍ତି । "ପାଠୋଇ ବୋହୂ"ରେ ମଧ୍ୟ ସାମାଜିକ କୁସଂସ୍କାର ସଂପର୍କରେ ଫକୀରମୋହନ ନିଜର ଦୃଷ୍ଟିକୋଣ ଉପସ୍ଥାପିତ କରିଛନ୍ତି । "ରାଣ୍ଡିପୁଅ ଅନନ୍ତା" ତାଙ୍କର ଅନ୍ୟଏକ ଚର୍ଚ୍ଚିତ ଗଳ୍ପ । ଜଣେ ଅଣନାୟକ ମଧ୍ୟରେ ଲୁଚି ରହିଥିବା ନାୟକତ୍ୱର ସନ୍ଧାନ ସେ ଏହି ଗଳ୍ପରେ ପ୍ରଦାନ କରିଛନ୍ତି । ଗ୍ରାମର ସବୁଠାରୁ ହୃଷ୍ଟ ବାଳକ ଅନନ୍ତା,ଗାଁ ତଥା ଗ୍ରାମବାସୀଙ୍କୁ ବଞ୍ଚାଇବାକୁ ଯାଇ ନିଜକୁ କିପରି ବଳି ପକାଇଛି,ତାହାର ମାର୍ମିକ ବର୍ଣ୍ଣନା ପାଠକ ମନରେ ଗଭୀର ପ୍ରଭାବ ପକାଇଥାଏ । ସମାଜିକ ଜୀବନର ବିଭିନ୍ନ ସ୍ତରରୁ ସଂଗୃହୀତ ଘଟଣା ଓ ଚରିତ୍ରକୁ ନେଇ ଫକୀରମୋହନଙ୍କ ଗଳ୍ପ ସମୃଦ୍ଧ ହୋଇଛି । ଓଡ଼ିଶାର ଜନଜୀବନରେ ଇଂରାଜୀ ଶିକ୍ଷା, ସଂସ୍କୃତିର ପ୍ରସାର ଦ୍ୱାରା ଯେଉଁ ପରିବର୍ତ୍ତନ ଗୁଡିକ ଆସିଛି ତାହାର ପୃଷ୍ଠଭୂମିରେ ଫକୀରମୋହନଙ୍କ ଗଳ୍ପ ସାମ୍ରାଜ୍ୟ ନିର୍ମିତ ହୋଇଛି । ଏକ ଔପନିବେଶିକ ଦେଶ ତଥା ଜାତିର ଆତ୍ମକଥା ହେଉଛି ଫକୀରମୋହନଙ୍କ ଗଳ୍ପ ଜଗତ । ଇଂରେଜ ସଂସ୍କୃତିର ସଂଘର୍ଷ ଓ ସଂଘାତରୁ ସୃଷ୍ଟି ହୋଇଥିବା ଏହି ଗଳ୍ପ ଗୁଡିକ ଓଡ଼ିଆ ଜାତି ନିମିତ୍ତ ଏକ ଐତିହାସିକ ଦଲୀଲ ହୋଇ ରହିଛି ।

ଫକୀରମୋହନଙ୍କ ଗଳ୍ପର ଅନ୍ୟତମ ଉଜ୍ଜଳ ଦିଗ ଏହାର ଭାଷା ପ୍ରକରଣ । ବାଲେଶ୍ୱର ଅଞ୍ଚଳର ଗ୍ରାମୀଣ ଭାଷା ତାଙ୍କ ଗଳ୍ପ ଗୁଡିକ ଅନ୍ତସ୍ତରକୁ ମାର୍ମିକ କରିବାରେ ସହାୟକ ହୋଇଛି । ଗଳ୍ପରେ ଗ୍ରାମୀଣ ଓଡ଼ିଆ,

ଇଂରାଜୀ, ପାର୍ଶି ଶବ୍ଦର ବ୍ୟବହାର କରି ସେ ସମୟର ଭାଷା ସଂପଦର ସଫଳ ଦସ୍ତାବିଜ୍ ଭାବରେ ନିଜ ଗଳ୍ପ ଗୁଡିକୁ ସେ ଉପସ୍ଥାପିତ କରିପାରିଥିଲେ। ଭାଷା ସୁରକ୍ଷା ଆନ୍ଦୋଳନ ପରିପ୍ରେକ୍ଷୀରେ ତାଙ୍କ ଗଳ୍ପର ଭାଷା ମଧ୍ୟ ପ୍ରାସଙ୍ଗିକତା ରକ୍ଷା କରିଥାଏ।

## ୧.୬.୨ ଫକୀରମୋହନଙ୍କ ସମସାମୟିକ ଗାଳ୍ପିକ

ଫକୀରମୋହନଙ୍କ ସହିତ ଓଡ଼ିଆ କ୍ଷୁଦ୍ରଗଳ୍ପର ଆଦିପର୍ବକୁ ଯେଉଁମାନେ ସମୃଦ୍ଧ କରିଛନ୍ତି, ସେମାନେ ହେଲେ ଚନ୍ଦ୍ରଶେଖର ନନ୍ଦ, ଦିବ୍ୟସିଂହ ପାଣିଗ୍ରାହୀ ବାଙ୍କନିଧି ପଟ୍ଟନାୟକ, ଦୟାନିଧି ମିଶ୍ର, କାମପାଳ ମିଶ୍ର, ଜଳନ୍ଧର ଦେବ, ହରିଶ୍ଚନ୍ଦ୍ର ବଡ଼ାଲ ଓ ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ୧୯୦୬ ମସିହାରେ ପ୍ରକାଶିତ ଚନ୍ଦ୍ରଶେଖର ନନ୍ଦଙ୍କ "ଚିତ୍ର" ଗଳ୍ପ ପୁସ୍ତକ ଓଡ଼ିଆ ଗଳ୍ପ ସାହିତ୍ୟର ଅନ୍ୟତମ ଚର୍ଚ୍ଚିତ ଓ ପ୍ରଥମ ଗଳ୍ପ ପୁସ୍ତକ। ସାମାଜିକ ସଂସ୍କାର ଉଦ୍ଦେଶ୍ୟରେ ରଚିତ ଗଳ୍ପ ଗୁଡିକ ଏହି ସଂକଳନରେ ସ୍ଥାନିତ ହୋଇ ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିର ସମାଜ ଚିତ୍ର ପ୍ରଦାନରେ ସମର୍ଥ ହୋଇଥାନ୍ତି। "ଗଦା ଡକାଏତ", "ଜଗୁ ଚୌକିଦାର", "ବାସି ଖିରିପିଠା" ଚନ୍ଦ୍ରଶେଖରଙ୍କ ବହୁ ଆଲୋଚିତ ଗଳ୍ପ। ସେହିପରି ବାଙ୍କନିଧି ପଟ୍ଟନାୟକଙ୍କ "ଧୂପଛାୟା" ଗଳ୍ପ ସଂକଳନ ସେହି ସମୟର ଏକ ଉଲ୍ଲେଖଯୋଗ୍ୟ କୃତି। କାମପାଳ ମିଶ୍ରଙ୍କ 'ଅମ୍ବିକା' ଓ "ପ୍ରଭାମୟୀ" ଗଳ୍ପ ମଧ୍ୟରେ ବାଲ୍ୟବିବାହର ଦୁଃଖଦ ପରିଣତିର ଉପସ୍ଥାପନା ବିଧବା ବିବାହ ସପକ୍ଷରେ ମତ ଉତ୍‌ଥାପନ କରିଥାଏ। ଜଳନ୍ଧର ଦେବଙ୍କ 'ବାୟା'. 'ସାନ୍ଧ୍ୟଗମନ', 'ସନ୍ତାନ ସ୍ନେହ', ଅତିଥି ସତ୍କାର ଆଦି ଗଳ୍ପ ଗୁଡ଼ିକ ମଧ୍ୟ ପାଠକ ପ୍ରାଣକୁ ଗଭୀର ଭାବେର ପ୍ରଭାବିତ କରିଥାଏ। ନନ୍ଦକିଶୋର ବଳଙ୍କ 'ଲକ୍ଷ୍ମୀ' ଗଳ୍ପ ମଧ୍ୟ ଏହି ସମୟର ଏକ ଚର୍ଚ୍ଚିତ ଗଳ୍ପ।

## ୧.୬.୩ ଚନ୍ଦ୍ରଶେଖର ନନ୍ଦଙ୍କ ଗଳ୍ପ ଜଗତ

ଚନ୍ଦ୍ରଶେଖର ନନ୍ଦଙ୍କ ଚିତ୍ର ଗଳ୍ପ ସଙ୍କଳନ ପ୍ରକାଶ ପାଏ ୧୯୦୬ ମସିହାରେ। ଫକୀରମୋହନ ଆଧୁନିକ ଓଡ଼ିଆ ଗଳ୍ପର ଆଦି ସ୍ରଷ୍ଟା ହୋଇଥିଲାବେଳେ ଚନ୍ଦ୍ରଶେଖର ପ୍ରଥମ ଗଳ୍ପ ଗ୍ରନ୍ଥ ପ୍ରଣେତା ଭାବେ ସ୍ୱୀକୃତ। କଥାବସ୍ତୁ ଦିଗରୁ ଚନ୍ଦ୍ରଶେଖରଙ୍କ ଗଳ୍ପକୁ ତିନି ଭାଗରେ ବିଭକ୍ତ କରାଯାଇପାରେ।

କ) ସାମାଜିକ ଘଟଣା ଆଧାରିତ

ଖ) ଇତିହାସ ଓ କିମ୍ବଦନ୍ତୀ ଆଧାରିତ

ଗ) ବୌଦ୍ଧଯୁଗୀୟ ବିଷୟ ଆଧାରିତ

**କ) ସାମାଜିକ ଘଟଣା ଆଧାରିତ :** 'ଚିତ୍ର' ସଂକଳନର ପ୍ରଥମ ଗଳ୍ପ ସୌଦାମିନୀ,ସାମଜିକ କଥାବସ୍ତୁ ଆଧାରିତ। ମଦ୍ୟପାନ ଜନିତ କୁପରିଣତି ପାରିବାରିକ ଜୀବନ ଧାରାକୁ କିପରି ଧ୍ୱଂସ କରିଦିଏ ତା'ର ଜୀବନ୍ତ ଚିତ୍ରକୁ ଆଧାର କରି ଗଳ୍ପଟି ରଚିତ। ଗଳ୍ପରେ ପେଟେଣ୍ଟ ମେଡିସନ୍‌ର ପ୍ରଭାବ କିଛିମାତ୍ରାରେ ଅନୁଭବ କରିହୁଏ। ମଦ୍ୟପ ଜଳଧରର ପତ୍ନୀ ପ୍ରତି ଅତ୍ୟାଚାର, ପୁତ୍ରର ମୃତ୍ୟୁ, ପୁତ୍ର ବିଧୁରା ମା'ର କାରୁଣ୍ୟ ଗଳ୍ପଟିକୁ ଜୀବନ୍ତ କରିଛି। ପାରିବାରିକ ଜୀବନବୋଧ ଉପରେ ତାଙ୍କର ତିନୋଟି ଗଳ୍ପ ଆଧାରିତ। ଗଳ୍ପ ତିନୋଟି ହେଉଛି -'ମା, ମୁଁ ଏଥିରେ ହାତ ଦେଇ ନାହିଁ', 'ରଜ ପୋଡ଼ପିଠା','ବାସିକ୍ଷୀରି ପିଠା' ଗଳ୍ପର କଥାବସ୍ତୁ ପୋଷ୍ୟପୁତ୍ର,ଶିକ୍ଷିତ ପୁତ୍ରର ସମସ୍ୟା,

ସାବତ ପୁତ୍ରର, କାର୍ଯ୍ୟକଳାପ ଉପରେ ଆଧାରିତ । ୧୯୧୪ ମସିହାରେ ରଚିତ 'କଲ୍ୟାଣୀ'ଗଳ୍ପରେ ଦୁର୍ଭିକ୍ଷର କରାଳଚିତ୍ର ପରିବେଷିତ । ଦୁର୍ଭିକ୍ଷ ଉପଲକ୍ଷ୍ୟ ମାଧ୍ୟମରେ ସମାଜ ଜୀବନର ନୈତିକତା, ଆଦର୍ଶବାଦୀ ସାଧୁତା, ବ୍ୟକ୍ତି ଚିତ୍ତରେ ସହୃଦୟତାର ଚିତ୍ର ବର୍ଣ୍ଣିତ । ଚନ୍ଦ୍ରଶେଖର ନନ୍ଦଙ୍କ ଆଉ ଏକ ଉଲ୍ଲେଖନୀୟ ଗଳ୍ପ ହେଉଛି '୧ଜଗୁ ଚୌକିଦାର' ସ୍ୱଳ୍ପ ବେତନରେ ବଞ୍ଚୁଥିବା ଚୌକିଦାରଟି ମଧ୍ୟ ଜମିଦାରଙ୍କ ଅତ୍ୟାଚାର, ପରସ୍ୱ ଅପହରଣର ବିରୋଧାଚରଣ କରିଛି । ଶେଷରେ ନିଜ କର୍ମକୁ ଜଳାଞ୍ଜଳି ଦେଇ ସ୍ୱାଧୀନ ଭାବେ କୃଷି କାର୍ଯ୍ୟକୁ ଆପଣେଇ ନେଇଛି । 'ଦୁଇଭାଇ' ଗଳ୍ପରେ ମନସ୍ତାତ୍ତ୍ୱିକ ଚିତ୍ରର ଚିତ୍ରାୟନର ପ୍ରାଥମିକ ପ୍ରୟାସ ଗଳ୍ପିକ କରିଛନ୍ତି । ଦୁଇ ଭାଇଙ୍କ ମଧ୍ୟରେ ଦେଖା ଦେଇଥିବା ମାନସିକ ସଂଘର୍ଷର କଥା ଗଳ୍ପର ମୁଖ୍ୟ ଆଧାର । ବଡ଼ଭାଇ ବିଭିନ୍ନ କ୍ଷେତ୍ରରେ ସାନଭାଇକୁ ଅତ୍ୟାଚାର କରୁଛି । କେତେବେଳେ ବିଭିନ୍ନ ବସ୍ତୁକୁ ନେଇ ତ', କେତେବେଳେ ଖାଇବା ପିଇବାକୁ ନେଇ ପୁଣି କେତେବେଳେ ଶାରୀରିକ । ମାତ୍ର ଏସବୁକୁ ସମାନ୍ୟ ସାଧାରଣ ମନେ କରୁଥିବା ସାନଭାଇ ଗୋଲାପ ଗଛରୁ ଫୁଲଟି ଛିଡ଼ାଇ ନେବା ସମୟରେ ତା'ର ପ୍ରତିକ୍ରିୟା ତୀବ୍ର ରୂପ ଧାରଣ କରୁଛି । ମନେ ହେଉଛି ସତେ ଯେମିତି ସାନ ଭାଇ ଜୀବନର ସମସ୍ତ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ବଡ଼ଭାଇର ଆଘାତରେ ଭାଙ୍ଗିରୁଜି ଚୁରମାର ହୋଇଯାଉଛି । ଧୈର୍ଯ୍ୟ, ସହିଷ୍ଣୁତାର ଚିତ୍ର ସାଂଗକୁ ତୀବ୍ର ମାନସିକ ଦହନ ଜନିତ ପ୍ରତିକ୍ରିୟା ଗଳ୍ପର ସ୍ୱାତନ୍ତ୍ର୍ୟକୁ ପ୍ରକାଶ କରୁଛି । 'ଗଦା ଡ଼କାୟତ'ମୁଖ୍ୟ ଚରିତ୍ର ଗଦାଧର ନୀତି ଆଦର୍ଶର ଅନୁଗାମୀ । ଆଦର୍ଶର ରକ୍ଷାପାଇଁ ଧନୀକର ଅତ୍ୟାଚାର, ସାମାଜିକ ବୈଷମ୍ୟ ବିରୋଧରେ ସଂଗ୍ରାମ କରିବାକୁ ଆଗେଇ ଆସୁଛି । ଆଦର୍ଶର ବାର୍ତ୍ତା ପ୍ରଚାର କରିବାକୁ ଯାଇ ଯୁବକ ମାନଙ୍କୁ ଜମିଦାରର ଅନ୍ୟାୟ ଅତ୍ୟାଚାର ବିରୋଧରେ ଏକାଠି କରାଇଛି । ଗାଁର ଉନ୍ନତି କଳ୍ପେ ଗାଁ ଗାଁରେ ଭାଗବତ ଗାଦି ପ୍ରତିଷ୍ଠା କରାଇଛି । ଯୁବକମାନଙ୍କୁ ବ୍ୟାୟାମ ଶିକ୍ଷା ଦେବା ସହିତ ସେମାନଙ୍କ ମନୋଭାବରେ ପରିବର୍ତ୍ତନ ନିମିତ୍ତ ଯଥାସାଧ୍ୟ ଉଦ୍ୟମ କରିଛି । ଏହି ଗଳ୍ପରେ ବର୍ଣ୍ଣିତ କଥାବସ୍ତୁରୁ ପ୍ରଗତିବାଦୀ ଚିନ୍ତାଧାରାର ଆଦିରୂପକୁ ଅନ୍ୱେଷଣ କରାଯାଇପାରେ ।

**ଖ) ଇତିହାସ ଓ କିମ୍ବଦନ୍ତୀ ଆଧାରିତ :** ସ୍ଥାନୀୟ କିମ୍ବଦନ୍ତୀକୁ ଆଧାର କରି ତିନୋଟି ଗଳ୍ପ ଚନ୍ଦ୍ରଶେଖର ଲେଖିଛନ୍ତି । ୧୯୧୪ ମସିହାରେ 'ବିଲଲକ୍ଷେଶ୍ୱର' ରାସ୍ତା ପାର୍ଶ୍ୱରେ ଥିବା ପୀରଙ୍କର ଆସ୍ଥାନ, ପୁରୁଣା ବରଗଛ ଓ ଗହୀର ବିଲରେ କେଉଁ ଅନାଦି କାଳରୁ ବିରାଜମାନ କରୁଥିବା ଶିବ ମନ୍ଦିରର ନେପଥ୍ୟରେ ଥିବା କିମ୍ବଦନ୍ତୀକୁ ଆଧାର କରି ଗଳ୍ପ ଲେଖିଛନ୍ତି । ଗପ ତିନୋଟି ଲୋକ ମୁଖରେ ପ୍ରଚଳିତ ଥିବା ସତ୍ୟ ବୋଲି ପ୍ରତୀୟମାନ ହେଉଥିବା ଏକ ସ୍ଥାନର ମହିମା ପ୍ରଖ୍ୟାପନ କରିଥାଏ । ସେହିପରି ଗାଳ୍ପିକ ଚନ୍ଦ୍ରଶେଖର କାଳ୍ପନିକ ଗଳ୍ପରଚନା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । 'ଭୀଲ୍ ବାଳକ','ପ୍ରତିଶୋଧ' ଓ 'ସହମରଣ' ନାମକ ତିନୋଟି କଳ୍ପନା ଆଧାରିତ ଗଳ୍ପ ସେ ଲେଖିଛନ୍ତି କାଳ୍ପନିକ ଚରିତ୍ର ଭାବେ ରାଜା-ରାଣୀ, ରାଜକନ୍ୟାଙ୍କ ବୀରତ୍ୱ, ସାହାସ ସେ ମଧ୍ୟରେ ସଂଗଠିତ ପ୍ରେମ,ବିରହ,ଅନୁତାପର କଥା ବର୍ଣ୍ଣିତ । ଆଦର୍ଶଭିତ୍ତିକ କଥାବସ୍ତୁ, ଆଧାରରେ 'ଭୀଲ୍ ବାଳକ' ଗଳ୍ପ ରଚିତ । ଜଙ୍ଗଲୀ ଭୀଲ୍ ଯୁବକର ପିତୃଭକ୍ତି, ଅପୂର୍ବ ସାହସିକତା ଗଳ୍ପର କଥାବସ୍ତୁକୁ ଜୀବନ୍ତ କରିତୋଳିଛି । ଐତିହାସିକ କଥାବସ୍ତୁ ଆଧାରରେ 'ଶୋଭାସିଂହ ଓ କୃଷ୍ଣାକୁମାରୀ' ନାମକ ଏକ ଗଳ୍ପ ରଚନା କରିଛନ୍ତି । ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇ ନଥିବା ମେଦିନୀପୁର ଓ ବର୍ଦ୍ଧମାନ ରାଜ୍ୟ ମଧ୍ୟରେ ଯୁଦ୍ଧ, ସଂଘର୍ଷ କୃଷ୍ଣକୁମାରୀ ଓ ଶୋଭାସିଂହଙ୍କ ଭଳି ରାଜଜେମା ଚରିତ୍ରକୁ ନେଇ ଉକ୍ତ ଗଳ୍ପଟି ରଚନା କରିଛନ୍ତି ।

**ଗ) ବୌଦ୍ଧ ଯୁଗୀୟ ବିଷୟ ଆଧାରିତ :** ବୈଦିକ ଓ ବୌଦ୍ଧ ଯୁଗୀୟ ଜାତକ କଥା ଆଧାରରେ ୧୯୦୫ ମସିହାରେ ତିନିଗୋଟି ଗଳ୍ପ ରଚନା କରିଛନ୍ତି। ଗଳ୍ପ ତିନୋଟି ହେଉଛି 'ନଚିକେତା', 'ସତ୍ୟକାମ ଜାବାଳ' ଓ 'ଆହତ ପକ୍ଷୀ'। ପ୍ରଥମ ଦୁଇଟି ଗଳ୍ପ ଉପନିଷଦ ଓ ତୃତୀୟ ଗଳ୍ପଟି ଜାତକ କଥା ଆଧାରରେ ପରିକଳ୍ପିତ। କଥାବସ୍ତୁ ମଧ୍ୟରେ ସ୍ଥାନେ ସ୍ଥାନେ ଦାର୍ଶନିକ ତତ୍ତ୍ୱର ବ୍ୟାଖ୍ୟା କରାଯାଇଛି।

## ୧.୬.୪ ଦୟାନିଧି ମିଶ୍ରଙ୍କ ଗଳ୍ପ ଜଗତ

ଦୟାନିଧି ମିଶ୍ର ଏହି ଯୁଗର ଅନ୍ୟତମ ପ୍ରଭାବଶାଳୀ ଗାଳ୍ପିକ। ଦୟାନିଧି ରଚନା କରିଥିବା ନଅଟି ଗଳ୍ପ ମଧ୍ୟରୁ 'ପ୍ରଦୀପ ନିର୍ବାଣ', 'ଶାନ୍ତି', 'ଅରୁଣା', ରୂପର ମୂଲ୍ୟ ଓ 'ମିଳନ' ଗଳ୍ପ ଐତିହାସିକ ଗଳ୍ପ ଭାବରେ ଗ୍ରହଣ କରାଯାଇଥାଏ। ଅନ୍ୟ ଚାରୋଟି ଗଳ୍ପକୁ ସମାଜଧର୍ମୀ ଗଳ୍ପର ନାୟକ ମୁକୁନ୍ଦ ଦେବ। ଏଥିରେ କଳାପାହାଡ଼ରେ ଓଡ଼ିଶା ଆକ୍ରମଣର ଚିତ୍ର ବର୍ଣ୍ଣିତ ହୋଇଛି। 'ଶାନ୍ତି', 'ଅରୁଣା' ଓ 'ରୂପର ମୂଲ୍ୟ', ଗଳ୍ପରେ ଓଡ଼ିଶାରେ ମରହଟ୍ଟାଙ୍କ ଅତ୍ୟାଚାରର ଦୃଶ୍ୟ ବର୍ଣ୍ଣନା କରାଯାଇଛି। ବିଶେଷତଃ ଓଡ଼ିଶାର ପଶ୍ଚିମାଞ୍ଚଳର ସାମାଜିକ ଜୀବନ ମରହଟ୍ଟାଆକ୍ରମଣ ଦ୍ୱାରା କିପରି ବିଧ୍ୱସ୍ତ ଓ ବିପନ୍ନ ହୋଇଯାଇଥିଲା, ସେ ସଂପର୍କରେ ଏହି ଗଳ୍ପ ତିନୋଟି ବହୁ ତଥ୍ୟ ପ୍ରଦାନ କରିଥାନ୍ତି। 'ମିଳନ' ଗଳ୍ପର ନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ। ତାଙ୍କ ଜୀବନୀକୁ ନେଇ ରଚିତ ଏ ଗଳ୍ପଟି ଜାତୀୟତାବାଦର ଆଦର୍ଶ ପ୍ରଖ୍ୟାପନ କରିଥାଏ। ଇଂରେଜ ବିରୋଧୀ ଆନ୍ଦୋଳନକୁ ଏହି ଗଳ୍ପରେ ଗାଳ୍ପିକ ମାର୍ମିକ ଭାବରେ ଉପସ୍ଥାପିତ କରିଛନ୍ତି। ଏହି ଗଳ୍ପର ନାୟିକା ହେଉଚି ସରୋଜିନୀ। ସରୋଜିନୀ ସହିତ ଆଉ ଏକ ନାରୀ ଚରିତ୍ର ରହିଛି ବାସନ୍ତୀ। ଏମାନେ ଉଭୟ ସୁରେନ୍ଦ୍ରଙ୍କ ଇଂରେଜ ବିରୋଧରେ ଆନ୍ଦୋଳନ କରିବାକୁ ସହାୟତା ପ୍ରଦାନ କରିଛନ୍ତି। ଇତିହାସର ପୃଷ୍ଠଭୂମିରେ ଏହି ଗଳ୍ପ ଗୁଡିକ ରଚିତ ହୋଇଥିଲେହେଁ ଏଥିରେ ସାମାଜିକ ଜୀବନର ବାସ୍ତବ ଚିତ୍ର ଦେଖିବାକୁ ମିଳିଥାଏ। 'ଶାନ୍ତି' ଗଳ୍ପରେ ଏକ ବିପନ୍ନ ଗ୍ରାମର ଚିତ୍ର ପ୍ରଦାନ କରିବାକୁ ଯାଇ ଦୟାନିଧି ଲେଖନ୍ତି :

"ଆଜି ଦେଖୁଛୁ ଚାରିଆଡେ ଗୋଳ। ଆଜି କେଉଁ ଗାଁ ପୋଡେଇ ଦେଇଛନ୍ତି ତ କାଲି କାହାଘରେ ଡକାଏତି କରୁଛନ୍ତି। ଏ ଖଣ୍ଡ ଗୁଡ଼ାକର ଦୟାମାୟା କିଛି ନାହିଁ। ମୋ ମୁଣ୍ଡ ଖାଇବୁ; ଆଉ ଅନ୍ଧାରରେ କେବେ ବାହାରେ ରହିବ ନାହିଁ। ମା'ଙ୍କ କଥା ଶୁଣି ଶାନ୍ତି ମନରେ ଭୟ ହେଲା। ସେ ପଚାରିଲା,"ମା, ଏ ଚୋର ଗୁଡ଼ାକ କେଉଁଠୁ ଆସିଛନ୍ତି ?" "ଏମାନଙ୍କର ଘର କାହିଁ ଯାଇ ଲଙ୍କାରେ। ଏମାନଙ୍କୁ ଲୋକେ ମରହଟ୍ଟା ବୋଲି କହନ୍ତି। ଖାଲି ହାଣକାଟ କରି ଏମାନେ ଦୁଃଖୀ ଲୋକଙ୍କ ସର୍ବନାଶ କରୁଛନ୍ତି।" "ମା' ଏମାନେ ପରା ହିନ୍ଦୁ ? ଆମ ଜଗନ୍ନାଥ ମହାପ୍ରଭୁଙ୍କୁ, ସମଲାଇଙ୍କୁ ପୂଜା କରନ୍ତି। ଏମାନେ ହିନ୍ଦୁ ହୋଇ କାହିଁକି ଆମ୍ଭମାନଙ୍କୁ ଏପରି ଦୁଃଖ ଦେଉଛନ୍ତି ?

କ'ଣ କହିବି ଲୋ ଝିଅ, ଏମାନେ କଣ ମଣିଷ ? ପଶୁଠାରୁ ବି ହୀନ ; ଖାଲି ମାରପିଟି ଟଙ୍କା ପଇସା ନେଉଛନ୍ତି।"

ଫକୀରମୋହନଙ୍କ ପରେ ଓଡ଼ିଆ ଗଳ୍ପକୁ ସମୃଦ୍ଧ କରିଥିବା ଦୟାନିଧି ମିଶ୍ରଙ୍କ ଗଳ୍ପଗୁଡିକ ଉପନିବେଶବାଦ ବିଚାରଧାରା ଦୃଷ୍ଟିକୋଣରୁ ଏବେ ଜଟିଳ ବିଶ୍ଳେଷଣର ଅପେକ୍ଷା ରଖେ। ଦୟାନିଧି ମିଶ୍ରଙ୍କ ଗଳ୍ପଗୁଡିକ ମୁଖ୍ୟତଃ

ଇତିହାସର ପୃଷ୍ଠଭୂମିରେ ରଚିତ ହୋଇଥିବା ସମୟରେ ତାହା ମଧ୍ୟରେ ଛପି ରହିଥିବା ଉପନିବେଶବାଦୀ ପ୍ରଚାର ଦୁଃଖ ଅନାବରଣ କରାଯିବା ଉଚିତ। ଦୟାନିଧି ମିଶ୍ର ବ୍ୟକ୍ତି ଜୀବନରେ ଥିଲେ ଇଂରେଜ ଶିକ୍ଷା ବ୍ୟବସ୍ଥାର ସଫଳ ପ୍ରଶାସକ ଓ ପରବର୍ତ୍ତୀ ପର୍ଯ୍ୟାୟରେ ବୃତ୍ତିକୁ ପ୍ରତ୍ୟାଖ୍ୟାନ କରି ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣକାରୀ ଜାତୀୟତାବାଦର ପ୍ରଚାରକ। ଉପନିବେଶବାଦ ଏବଂ ଉପନିବେଶ ବ୍ୟବସ୍ଥାର ଉଚ୍ଛେଦ ପ୍ରକ୍ରିୟାର ଆନ୍ଦୋଳନ - ଏହି ଦୁଇଟି ସ୍ରୋତ ଦୟାନିଧି ମିଶ୍ରଙ୍କ ସାହିତ୍ୟ ପାଠରେ ସମାହିତ ହୋଇ ଏକ ନୂତନ ଭାବ ବଳୟ ସୃଷ୍ଟି କରିଛି। ଏହି ଭାବବଳୟ ସୃଷ୍ଟି କରିବାରେ ସେ ଇତିହାସର ଆଶ୍ରୟ ନେଇଛନ୍ତି। ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ସେ ଫକୀରମୋହନଙ୍କ ପରି ଅବାରିତ ନୁହନ୍ତି। ଜଣେ ସର୍ଜନାଶୀଳ ଲେଖକ ଭାବରେ ଓଡ଼ିଆ ଜାତି ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି ତାହାକୁ ଇତିହାସ ଓ ଜନଶ୍ରୁତିରୁ ସଂଗ୍ରହ କରି ତାହାର ଗଳ୍ପାୟନ କରିଛନ୍ତି। ତେବେ ଏହି ଇତିହାସର ପଞ୍ଜରା ତଳେ ଗୋଟିଏ ଜାତିର ବେଦନା, ସଂଗ୍ରାମ ଓ ପରିଚିତିକୁ ସେ ସ୍ୱଷ୍ଟ ରୂପେ ପ୍ରତିଭାତ କରିବାରେ ସମର୍ଥ ହୋଇପାରିଛନ୍ତି। ଦେଶୀୟ ରାଜାମାନେ ଇଂରାଜୀ ସାମ୍ରାଜ୍ୟ ତଳେ କିପରି ନିଜକୁ ସମର୍ପଣ କରିଛନ୍ତି ଏବଂ ଦେଶପ୍ରାଣ ଯୁବକମାନେ କିପରି ଦେଶଦ୍ରୋହୀ ଆଖ୍ୟା ଅର୍ଜନ କରିଛନ୍ତି ତାହା ତାଙ୍କର ମିଳନ ଗଳ୍ପରେ ସ୍ୱଷ୍ଟ ଭାବରେ ଦୟାନିଧି ବର୍ଣ୍ଣନା କରି ଲେଖିଛନ୍ତି "କାହିଁ ଆମ ଦେଶରେ ତ ଆଉ ଯୁଦ୍ଧ ହେଉନାହିଁ। ଇଂରେଜମାନେ ଆମ୍ଭର ରାଜା ହୋଇଛନ୍ତି। ରାଣୀମା ମଧ୍ୟ ସେମାନଙ୍କ ହସ୍ତରେ ଆମ୍ଭ ରାଜ୍ୟକୁ ଦେଇ ନିଶ୍ଚିନ୍ତରେ ଅଛନ୍ତି। ମରହଟ୍ଟା ମାନେ ଆସୁନାହାନ୍ତି ?" ଏହି ବର୍ଣ୍ଣନା ମଧ୍ୟରେ ଗଡ଼ଜାତ ଅଞ୍ଚଳରେ ବ୍ରିଟିଶ୍ ସାମ୍ରାଜ୍ୟବାଦର ସ୍ୱରୂପ ଉଦ୍‌ଘାଟିତ ହୋଇଛି। ଦେଶୀୟ ସମାନ୍ତବାଦ ଉପନିବେଶବାଦ ପ୍ରସାରରେ ଯେଉଁ ସହାୟତା ପ୍ରଦାନ କରିଛି ତାହାର ପୃଷ୍ଠଭୂମିରେ ରଚିତ ହୋଇ ଦୟାନିଧି ମିଶ୍ରଙ୍କ ଗଳ୍ପ। 'ଭୁଲ ଓ 'କଳିକାଳ ଟୋକାଙ୍କୁ ବଳ ନାହିଁ' ପରି ଗଳ୍ପ ଗୁଡ଼ିକରେ ବ୍ରିଟିଶ୍ ସଂସ୍କୃତିର ସଂକ୍ରମଣର ଚିତ୍ର ପ୍ରଦର୍ଶିତ ହୋଇଥିବା ସମୟରେ ତାଙ୍କର ଜାତୀୟତାବୋଧ ଇତିହାସ ବୋଧ ମଧ୍ୟରେ ତଲ୍ଲୀନ ହୋଇଥିବା ଉପଲବ୍ଧ କରିହୁଏ। ଏଣୁ ଦୟାନିଧିଙ୍କ ଇତିହାସବୋଧ ଜାତିର ଇତିହାସ ନିମିତ୍ତ ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ବୃହତ୍ତର କ୍ରମବିବର୍ତ୍ତନର ଅଂଶବିଶେଷ ହୋଇ ରହିଛି।

## ୧.୬.୫ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗଳ୍ପ ଜଗତ

ଓଡ଼ିଆ ଗଳ୍ପର ଆଦିପର୍ବର ଅନ୍ୟତମ ପ୍ରମୁଖ ଗାଳ୍ପିକ ହେଉଛନ୍ତି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ଫକୀରମୋହନଙ୍କ ପରେ ସେ ଓଡ଼ିଆ ଗଳ୍ପରେ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ। ଫକୀରମୋହନଙ୍କ ଆର୍ଶୀବାଦ ଲାଭ କରିଥିବା ଓ ସାନିଧ୍ୟ ପାଇଥିବା ଲକ୍ଷ୍ମୀକାନ୍ତ ମୋଟ ଏକାଅଶୀଟି ଗଳ୍ପ ରଚନା କରିଛନ୍ତି। ତାଙ୍କର ଭଦ୍ରକାଳୀ,ଦପ୍‌ପାଗଣ୍ଡ ଓ କ୍ଷୀରଚୋରା ଗୋପୀନାଥ ଗଳ୍ପ ତିନୋଟି କିମ୍ବଦନ୍ତୀ ଆଧାରିତ। 'ନାରୀର ବୁଦ୍ଧି' ଗଳ୍ପଟି ଐତିହାସିକ ପଟ୍ଟଭୂମିରେ ରଚିତ ହୋଇଥିବା ସମୟରେ ଅନ୍ୟ ଗଳ୍ପ ଗୁଡ଼ିକ ସାମାଜିକ ସମସ୍ୟାଧର୍ମୀ। ସେ ରଚନା କରିଥିବା ଗଳ୍ପ ଗୁଡ଼ିକର ନାମ - ପ୍ରତିଶୋଧ, ଅଧିକାର, ବୁଢ଼ାଶଙ୍ଖାରୀ, ପ୍ରତିଦାନ, ଭଲଲୋକ, ଶେଷରକ୍ଷା, ବାହାଦୁର, ଚିତ୍ରକର, ପ୍ରେମର ମୁକୁଟ, ଶୁଚିବାଇ, ଓଲଡ଼୍‌ଫୁଲ, କିସ୍ତିମାତ୍, ପ୍ଲଟ୍, ଉକ୍ଟ ପ୍ରେମ, ଶିକ୍ଷାନବିସ୍, ପ୍ରେମିକ, ଚେନାବୁର୍ ପ୍ରେମ ବୁଢ଼ାବର,ପ୍ରଜାପତିଙ୍କ ପରିହାସ, ପ୍ରାୟଶ୍ଚିତ, ଦୂତ, ପାର୍ଶଲ, ବାଜି, ହାଇରେ କପାଳ, ମଡର୍ଣ୍ଣ ତାଳ ବେତାଳ ଇତ୍ୟାଦି।

ଲକ୍ଷ୍ମୀକାନ୍ତଙ୍କ ଛାତ୍ର ଜୀବନ କଟକରେ ଅତିବାହିତ ହୋଇଥିଲା । ସେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଏଣୁ ତାଙ୍କର ଅଧିକାଂଶ ଗଳ୍ପର ପୃଷ୍ଠଭୂମି ହେଉଛି କଟକ ସହର ଓ ତାଙ୍କର ଅଧିକାଂଶ ଗଳ୍ପର ନାୟକ ଓ ନାୟିକା ହେଉଛନ୍ତି ଇଂରାଜୀ ଶିକ୍ଷିତ ଯୁବକ ଯୁବତୀ । ଫକୀରମୋହନ ଓ ତାଙ୍କ ପରବର୍ତ୍ତୀ ଓଡ଼ିଆ ଗାଳ୍ପିକମାନେ ମୁଖ୍ୟତଃ ଗ୍ରାମୀଣ ପୃଷ୍ଠଭୂମିରେ ଓଡ଼ିଆ ଗଳ୍ପର କାହାଣୀକୁ ସୀମାବଦ୍ଧ କରି ରଖିଥିବା ସମୟରେ, ଲକ୍ଷ୍ମୀକାନ୍ତ ପ୍ରଥମେ ସଫଳ ଭାବରେ ଓଡ଼ିଆ ଗଳ୍ପରେ ସହରର ଚିତ୍ର ପ୍ରଦାନ କରିବାକୁ ସମର୍ଥ ହୋଇଛନ୍ତି । ଏହି ଚିତ୍ର ପ୍ରଦାନ କରିବା ସମୟରେ ସେ ଆଧୁନିକ ସମାଜକୁ ପୃଷ୍ଠଭୂମି ଭାବରେ ଗ୍ରହଣ କରିଛନ୍ତି । ଲକ୍ଷ୍ମୀକାନ୍ତଙ୍କ ଗଳ୍ପରେ ଓଡ଼ିଆ ଜାତିର କୁସଂସ୍କାର,ପରମ୍ପରା ଓ ସାମାଜିକ ବ୍ୟବସ୍ଥାର ଚିତ୍ର ପରିବର୍ତ୍ତେ ଏକ ଆଧୁନିକ ପ୍ରଗତିଶୀଳ, କୁସଂସ୍କାରମୁକ୍ତ ଶିକ୍ଷିତ ସମାଜର ଚିତ୍ର ଦେଖିବାକୁ ମିଳିଲା । ତାଙ୍କର ଅଧିକାଂଶ ଗଳ୍ପରେ ନାୟକ ଓ ନାୟିକା ହେଉଛନ୍ତି ଇଂରାଜୀ ଶିକ୍ଷିତ । ଲକ୍ଷ୍ମୀକାନ୍ତ ତାଙ୍କ ଗଳ୍ପରେ ପ୍ରଗତିଶୀଳ ସଂସ୍କୃତି ସଂପନ୍ନ ଜ୍ଞାନୀ ଯୁବକ ଯୁବତୀଙ୍କ ଚିତ୍ର ପ୍ରଦାନ କରିଛନ୍ତି । ଅନେକ ସମୟରେ ସେ ତାଙ୍କ ଗଳ୍ପରେ ନାରୀମାନଙ୍କୁ ଅଧିକ ପ୍ରଗତିଶୀଳ ଭାବରେ ଚିତ୍ରିତ କରିଛନ୍ତି । ହାଇରେ କପାଳ, ପାର୍ସଲ, ଚେନାଚୁର ପ୍ରେମ, ଆଦର୍ଶ ପତ୍ନୀ ଆଦି ଗଳ୍ପକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । 'ପାର୍ସଲ' ଗଳ୍ପର ନାୟିକାର ବର୍ଣ୍ଣନାରୁ ଜଣାଯାଏ, ଲକ୍ଷ୍ମୀକାନ୍ତ ସଂପୂର୍ଣ୍ଣ ଆଧୁନିକ ନାରୀ ଚରିତ୍ରଙ୍କୁ ନେଇ ତାଙ୍କର ଗଳ୍ପ ସାମ୍ରାଜ୍ୟ ନିର୍ମାଣ କରିଛନ୍ତି, ଯାହା ତାଙ୍କର ସମସାମୟିକ ଗାଳ୍ପିକ ମାନଙ୍କ ଗଳ୍ପରେ ପ୍ରାୟତଃ ଦେଖାଯାଏ ନାହିଁ । ପାର୍ସଲ ଗଳ୍ପର ନାୟିକା ସଂପର୍କରେ ବର୍ଣ୍ଣନା କରି ଲେଖିଛନ୍ତି "ଦେଖିଲି ଚଞ୍ଚଳା ଦେବୀ ବେଶ୍ ଫରଓ୍ୱାର୍ଡ । ତାଙ୍କ ହାବଭାବ ଚାଲିଚଳଣରୁ ବେଶ୍ ବୁଝାଯାଉଥିଲା, ଚଞ୍ଚଳା ନାଁଟାର ଅମର୍ଯ୍ୟଦା ହୋଇନାହିଁ । ବୟସ ଅନୁମାନ ହେଉଥିଲା କୋଡିଏ କିମ୍ବା ଏକୋଇଶ-ତେବେ ଅନିନ୍ଦ୍ୟ ସୁନ୍ଦରୀ କୁହାଯିବ ନାହିଁ କିମ୍ବା ସୌନ୍ଦର୍ଯ୍ୟହୀନ କୁହାଯିବ ନାହିଁ ।" ଏ ବର୍ଣ୍ଣନାଶୈଳୀ ଓ ବର୍ଣ୍ଣନା ମଧ୍ୟରେ ପ୍ରକାଶିତ ସୌନ୍ଦର୍ଯ୍ୟବୋଧ ସଂପୂର୍ଣ୍ଣ ନୂତନ ଏବଂ ଓଡ଼ିଆ ଗଳ୍ପର ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନର ସୂଚନା ପ୍ରଦାନ କରିଥାଏ ।

ଲକ୍ଷ୍ମୀକାନ୍ତଙ୍କ ଗଳ୍ପର ପରିସର ଗ୍ରାମରୁ ସହର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏଣୁ ସେହିପରି ଏକ ବ୍ୟାପକ ପରିସରକୁ ନେଇ ଚରିତ୍ର ମଧ୍ୟ ସେ ଚୟନ କରିଥାନ୍ତି । ମୁଖ୍ୟତଃ ଗ୍ରାମୀଣ ପୃଷ୍ଠଭୂମି ଓ ସହର ପୃଷ୍ଠଭୂମିରୁ ସେ ଚରିତ୍ର ଚୟନ କରିଛନ୍ତି । ଏହି ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି କଲେଜ ପଢୁଆ ଯୁବକ, ଯୁବତୀ, ଜମିଦାର, ପଧାନ, ଦାରୋଗା, ସି.ଆଇ.ଡି, ଶିଳ୍ପପତି, ଓକିଲ, ଡାକ୍ତର, ଇଂଜିନିୟର, ବ୍ୟବସାୟୀ, ଶଠ, ଭଦ୍ରମହିଳା, ନିର୍ବୋଧ ବାଳକ,ଆଦର୍ଶପତ୍ନୀ,ସ୍ୱାଭିମାନୀ ଯୁବତୀ, ଚୋର, ଡକାଏତ ଓ ଲୁଣ୍ଠନକାରୀ । ନିଜର ଅଭିଜ୍ଞତାରୁ ଏହି ଚରିତ୍ରମାନଙ୍କ ବାସ୍ତବ ଚିତ୍ରଣ ଗଳ୍ପକୁ କେବଳ ଆକର୍ଷଣୀୟ କରିନାହିଁ, ପାଠକମାନଙ୍କୁ ମଧ୍ୟ ଗଳ୍ପରସ ଉପଭୋଗ କରିବାକୁ ସୁଯୋଗ ପ୍ରଦାନ କରିଛି ।

ଅଧିକାର ଓ ବୁଢ଼ାଶଙ୍ଖାରୀ ଲକ୍ଷ୍ମୀକାନ୍ତଙ୍କ ଦୁଇ କାଳଜୟୀ ସୃଷ୍ଟି ଯାହା ସବୁଦିନେ ଓଡ଼ିଆ ପାଠକଙ୍କ ପ୍ରିୟ ହୋଇ ରହିଛି । 'ଅଧିକାର' ଗଳ୍ପକୁ ଅନେକ ସାହିତ୍ୟ ଆଲୋଚକ ପ୍ରଥମ ଓଡ଼ିଆ ସାମ୍ୟବାଦୀ ଗଳ୍ପ ଭାବରେ ସମ୍ମାନ ପ୍ରଦାନ କରିଥାନ୍ତି । (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'ଅଧିକାର' (୧୯୨୬) ପ୍ରଗତିବାଦର ଆଦ୍ୟ

ସୂଚନା ପ୍ରଦନା କରିଥାଏ।- ଡକ୍ଟର ବୈଷ୍ଣବ ଚରଣ ସାମଲ, ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ, ୧୯୯୮, ପୃଷ୍ଠା-୬୩)। ଏହି ଗଳ୍ପର ନାୟକ ହରିଆ ଜଣେ ଦୀନ ମଜୁରିଆ। ବିଚ୍ଛନ୍ଦବାବୁ ହରିଆକୁ ନିଜ ଖେତକୁ କାମ କରିବାକୁ ପଠାଇ ଦେଇ ତାହାର ସ୍ତ୍ରୀ ଗୌରୀ ସହିତ ଅପକର୍ମ କରିବାକୁ ଚେଷ୍ଟା କରିଛନ୍ତି। ଏହାର ପ୍ରତିବାଦରେ ହରିଆ ନିଜ କଟୁରୀରେ ଦୁଇଜଣଙ୍କ ବେକ କାଟିଦେଇଛି। ସାମନ୍ତବାଦ ବିରୋଧରେ ଜଣେ ଦୀନ ମଜୁରିଆର ଏ ବିଦ୍ରୋହ ପରିପ୍ରକାଶ ଓ ରୂପାୟନ ଓଡ଼ିଆ ଗଳ୍ପରେ ଏକ ନବଚେତନାର ଉଦ୍ରେକ କରିଥିଲା। ସେହିପରି 'ବୁଢ଼ାଶଙ୍ଖାରୀ' ଗଳ୍ପଟି ରବୀନ୍ଦ୍ରନାଥ ଟାଗୋରଙ୍କ 'କାବୁଲିୱାଲା'ଗଳ୍ପ ଅବଲମ୍ବନରେ ରଚିତ ହୋଇଥିଲେହେଁ, ଲକ୍ଷ୍ମୀକାନ୍ତଙ୍କ ଗଳ୍ପକାରିତା ଏହାକୁ ଏକ ସ୍ମରଣୀୟ ଓଡ଼ିଆ ଗଳ୍ପ ଭାବରେ କେବଳ ପ୍ରତିଷ୍ଠା ପ୍ରଦାନ କରିନାହିଁ, ଏହାର କଥା-ଆବେଦନ ଯେ କୌଣସି ପାଠକର ହୃଦୟକୁ ସ୍ପର୍ଶ କରି ଆଲୋକିତ କରିବାର ସାମର୍ଥ୍ୟ ବହନ କରିଥାଏ। ଜଣେ ବୁଢ଼ା ଶଙ୍ଖାରୀ ଓ ଜମିଦାର ଘରର ବୋହୂ ମଧ୍ୟରେ ରହିଥିବା ଅମଳିନ ଅପତ୍ୟ ସ୍ନେହ ଏହି ଗଳ୍ପକୁ ଏକ ସଫଳ ଗଳ୍ପ ଭାବରେ ପ୍ରତିଷ୍ଠା ପ୍ରଦାନ କରିଛି। ଶଙ୍ଖାରୀ ବୁଢ଼ାର ଜମିଦାର ବୋହୂ ପ୍ରତି ସ୍ନେହ, ଜମିଦାର ବୋହୂଙ୍କ ବୁଢ଼ାଶଙ୍ଖାରୀ ପ୍ରତି ସମ୍ମାନ, ଜମିଦାର ବୋହୂର ସୌନ୍ଦର୍ଯ୍ୟ ବର୍ଣ୍ଣନା, ବୁଢ଼ାଶଙ୍ଖାରୀର ଦାରିଦ୍ର୍ୟ ଆଦି ପ୍ରସଙ୍ଗ ଗଳ୍ପଟିକୁ ଆକର୍ଷଣୀୟ କରିଛି। ଲକ୍ଷ୍ମୀକାନ୍ତ ଶ୍ରେଣୀ ବୈଷମ୍ୟକୁ ଅତିକ୍ରମ କରି ମାନବୀୟ ସଂପର୍କର ଗଭୀରତା ଓ ମହନୀୟତା ଏହି ଗଳ୍ପରେ ସଫଳ ଭାବରେ ପ୍ରକାଶ କରିପାରିଛନ୍ତି।

ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଗଳ୍ପର ଦିଗ ପରିବର୍ତ୍ତନକାରୀ ଗାଳ୍ପିକ। ଶିକ୍ଷିତ ସମାଜ, ସହରୀ ସଭ୍ୟତା, ଆଧୁନିକ ଜୀବନ ଦର୍ଶନକୁ ଭିତ୍ତିକରି ସେ ନିଜ ଗଳ୍ପ ଜଗତ ନିର୍ମାଣ କରିଥିଲେ। ଗ୍ରାମୀଣ ଯୁବକ ଯୁବତୀ ଶିକ୍ଷିତ ହେବାପରେ ସେମାନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନର ଚିତ୍ର ମଧ ସେ ଆଙ୍କିଛନ୍ତି। ଆଦର୍ଶବାଦ ଅପେକ୍ଷା ବାସ୍ତବବାଦକୁ ନିଜ ଗଳ୍ପ ରଚନାର ଆଦର୍ଶ ଭାବରେ ଗ୍ରହଣ କରିଛନ୍ତି। ହାସ୍ୟ, ବ୍ୟଙ୍ଗ, ଶ୍ଳେଷ ତାଙ୍କ ଗଳ୍ପର ପରିପାଟିକୁ ଅଧିକ ଆକର୍ଷଣୀୟ କରିଥାଏ। ବାକ୍‌ରୀତି ଓ କବିତାର ପ୍ରୟୋଗ ତାଙ୍କ ଗଳ୍ପକୁ ଅଧିକ ଉପଭୋଗ୍ୟ କରିଥାଏ। ବାସ୍ତବରେ ଓଡ଼ିଆ ଗଳ୍ପର ବିକାଶକ୍ରମରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଅନୁଭବ କରାଯାଏ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

କ) ଓଡ଼ିଆ କ୍ଷୁଦ୍ରଗଳ୍ପର ଆଦିପର୍ବର ସ୍ୱରୂପ ଓ ବୈଶିଷ୍ଟ୍ୟ ନିରୁପଣ କର।

ଖ) କଥା ସମ୍ରାଟ ଫକୀରମୋହନଙ୍କ ଗଳ୍ପଗୁଡ଼ିକର ବୈଶିଷ୍ଟ୍ୟ ଆଲୋଚନା କର।

ଗ) ଓଡ଼ିଆ ଗଳ୍ପ ସାହିତ୍ୟକୁ ଦୟାନିଧି ମିଶ୍ରଙ୍କ ଅବଦାନ ସଂପର୍କରେ ଆଲୋଚନା କର।

ଘ) ଓଡ଼ିଆ ଗଳ୍ପ ସାହିତ୍ୟରେ ଦିଗ ପରିବର୍ତ୍ତନରେ କାନ୍ତକବି ଲକ୍ଷ୍ମୀକାନ୍ତ କେତେଦୂର ସଫଳ ଆଲୋଚନା କର।

### ୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

କ) ପ୍ରଥମ ଓଡ଼ିଆ ଗଳ୍ପର ନାମ ଓ ଏହା କେବେ କେଉଁଠାରେ ପ୍ରକାଶିତ ହୋଇଥିଲା ?

ଖ) ଦୟାନିଧି ମିଶ୍ର କେଉଁ ଭାବଧାରାର ଗଳ୍ପ ରଚନା କରିଛନ୍ତି ?

ଗ) ପ୍ରଥମ ସାମ୍ୟବାଦୀ ଓଡ଼ିଆ ଗଳ୍ପ କାହାକୁ ଓ କାହିଁକି କୁହାଯାଇଥାଏ ?

ଘ) ବୁଢାଶଙ୍ଖାରୀ ଗଳ୍ପଟି କିଏ ଓ କେଉଁ ଗଳ୍ପର ଛାୟାରେ ରଚନା କରିଛନ୍ତି ?

## ୧.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ସାହିତ୍ୟର ଇତିହାସ, ଡକ୍ଟର ନଟବର ସାମନ୍ତରାୟ, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର, ୨୦୧୭
- ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ, ଡକ୍ଟର ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ -୨, ୧୯୯୮
- ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ : ଓଡ଼ିଆ କ୍ଷୁଦ୍ରଗଳ୍ପ, ଡକ୍ଟର କପିଳେଶ୍ୱର ଗାହାଣ, ଅଗ୍ରଦୂତ, କଟକ-୨, ୧୯୯୪
- ଶହେବର୍ଷର ଓଡ଼ିଆ କ୍ଷୁଦ୍ରଗଳ୍ପ, ଡକ୍ଟର କବିତା ବାରିକ, ବିଦ୍ୟାପୁରୀ, କଟକ-୨,୧୯୯୯
- ଉପନିବେଶବାଦ ଓ ଓଡ଼ିଆ ଗଳ୍ପ, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଏଥେନା ବୁକ୍ସ, ଭୁବନେଶ୍ୱର-୨୦୧୫

# ଦ୍ୱିତୀୟ ଏକକ : ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୩୬ ରୁ ୧୯୫୦)

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୩୬ ରୁ ୧୯୫୦)
୨.୪.୧ ଜାତୀୟତାବାଦୀ ଓଡ଼ିଆ ଗଳ୍ପ
୨.୪.୨ ପ୍ରଗତିବାଦୀ ଓଡ଼ିଆ ଗଳ୍ପ
୨.୪.୩ ଯୁଦ୍ଧ ସଂପର୍କିତ ଓଡ଼ିଆ ଗଳ୍ପ
୨.୪.୪ ବାସ୍ତବବାଦୀ ଓଡ଼ିଆ ଗଳ୍ପ
୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୬ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ସାହିତ୍ୟ ସମାଜର ପ୍ରତିବିମ୍ବ । ଲେଖକ ସର୍ବଦା ଜଣେ ସଚେତନ ବ୍ୟକ୍ତି । ସାମାଜିକ ଜୀବନରେ ଘଟୁଥିବା ଘଟଣାକୁ ଲେଖକ ଗଭୀର ଭାବରେ ଅନୁଶୀଳନ କରିଥାଏ । ଘଟଣା ପଶ୍ଚାଦରେ ରହିଥିବା କାରଣ, ତାହାର ପ୍ରଭାବ, ପ୍ରତିକ୍ରିୟା ଓ ପରିଣତି ସଂପର୍କରେ ସେ ଅନୁସନ୍ଧାନ କରିଥାଏ । ସେହି ଦୃଷ୍ଟିରୁ ସମକାଳୀନ ସମାଜର ଚିତ୍ର ପ୍ରଦାନରେ ୧୯୩୬ ରୁ ୧୯୫୦ ମଧ୍ୟରେ ରଚିତ ହୋଇଥିବା ଗଳ୍ପ ଗୁଡିକ ଏକାନ୍ତ ସମର୍ଥ । ଏହି ସମୟରେ ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଦ୍ୱିତିୟ ବିଶ୍ୱଯୁଦ୍ଧ ଓ ୟୁରୋପର ଶିଳ୍ପ ବିପ୍ଳବ ସମଗ୍ର ବିଶ୍ୱକୁ ଗଭୀର ଭାବରେ ପ୍ରଭାବିତ କରିଛି । ଏହି ସମୟରେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା ଏବଂ ଭାରତ ସ୍ୱାଧୀନତା ହାସଲ କରିଥିଲା । ଏ ସମସ୍ତ ପ୍ରସଙ୍ଗ ଓଡ଼ିଆ ଗଳ୍ପରେ ପ୍ରକାଶିତ ହୋଇଛି । ବିଦ୍ୟାର୍ଥୀ ଏହା ପଠନ ଦ୍ୱାରା ବିଶ୍ୱରେ ଘଟିଥିବା ଯୁଗାନ୍ତକାରୀ ଆନ୍ଦୋଳନ, ଭାରତର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାରେ ଆସିଥିବା ସାମାଜିକ ସଂସ୍କାର, ସ୍ୱାଧୀନତା ଆନ୍ଦୋଳନର ସ୍ୱରୂପ ଏବଂ ସ୍ୱାଧୀନତା ପରବର୍ତ୍ତି ଓଡ଼ିଶାର ସାମାଜିକ ଜୀବନରେ ଆସିଥିବା ବ୍ୟାପକ ପରିବର୍ତ୍ତନ ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିପାରିବେ ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଶେଷରେ ଜାଣିବାକୁ ପାଇବେ:

- ୧୯୩୬ ରୁ ୧୯୫୦ ମଧ୍ୟରେ ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ଅବସ୍ଥା ଓ ଓଡ଼ିଆ କ୍ଷୁଦ୍ରଗଳ୍ପରେ ତାହାର ପ୍ରତିଫଳନ

- ବିଶ୍ୱରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ସାମାଜିକ ଆନ୍ଦୋଳନ ଓ ତାହାର ଓଡ଼ିଆ ଗଳ୍ପସାହିତ୍ୟରେ ପ୍ରଭାବ
- ଗାନ୍ଧିବାଦ, ମାର୍କସବାଦ ଓ ସାମାଜିକ ବାସ୍ତବବାଦକୁ ନେଇ ନୂତନ ଧାରାର କ୍ଷୁଦ୍ରଗଳ୍ପ ସୃଷ୍ଟି
- ଓଡ଼ିଶାରେ ନୂତନ ଶିକ୍ଷିତ ଲେଖକ ଗୋଷ୍ଠିର ଆବିର୍ଭାବ ଓ ବିଶ୍ୱ ସାହିତ୍ୟ ସହ ଓଡ଼ିଆ ଗଳ୍ପର ସଂପର୍କ ସ୍ଥାପନ

## ୨.୩ ବିଷୟ ପ୍ରବେଶ

୧୯୩୬ ରୁ ୧୯୫୦ ମଧ୍ୟବର୍ତ୍ତୀ ସମୟ ଓଡ଼ିଶା, ଭାରତ ତଥା ବିଶ୍ୱ ନିମିତ୍ତ ଥିଲା ସନ୍ଧିକ୍ଷଣ। ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ଅନୁଷ୍ଠିତ ହେବାପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫) ଏହି ସମୟରେ ଅନୁଷ୍ଠିତ ହୋଇଥିଲା, ଯାହା ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ଏକ ନୂତନ ସମୀକରଣ ସୃଷ୍ଟି କରିଥିଲା। ଭାରତବର୍ଷରେ ଏହି ସମୟରେ ସ୍ୱାଧୀନତା ସଂଗ୍ରାମ ତୀବ୍ର ରୂପ ଧାରଣ କରି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତବର୍ଷ ଔପନିବେଶିକ ଶାସନରୁ ମୁକ୍ତ ହୋଇଥିଲା। ୧୯୩୬ ମସିହା ଅପ୍ରେଲ ମାସ ୧ ତାରିଖ ଦିନ "ଓଡ଼ିଶା" ଏକ ପ୍ରଦେଶ ଭାବରେ ଘୋଷିତ ହେଲା। ମାଡ୍ରାସ, କେନ୍ଦ୍ର ଓ ବଙ୍ଗ ପ୍ରୋଭିନ୍ସରେ ଖଣ୍ଡିତ ହୋଇ ରହିଥିବା ଓଡ଼ିଶା, ଏକ ପ୍ରଦେଶ ଭାବରେ ତତ୍‌କାଳୀନ ଇଂରେଜ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ଏଥିନିମିତ୍ତ ରାଜନୀତିକ ଆନ୍ଦୋଳନ, ସାମଜିକ ଅଭ୍ୟୁଦୟ ଏବଂ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀଙ୍କ ସଂଘବଦ୍ଧ ଆନ୍ଦୋଳନ ଦ୍ୱାରା ସମ୍ଭବ ହୋଇଥିଲା। ଭାରତବର୍ଷରେ ମହାତ୍ମାଗାନ୍ଧୀ, ବିଶ୍ୱରେ କାର୍ଲମାକ୍ସ, ସିଗମଣ୍ଡ ଫ୍ରୟେଡଙ୍କ ଚିନ୍ତନ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା। ଏ ସମସ୍ତ ପ୍ରସଙ୍ଗ ଓଡ଼ିଆ କ୍ଷୁଦ୍ରଗଳ୍ପକୁ ଗଭୀର ଭାବେର ପ୍ରଭାବିତ କରିଛି। ଓଡ଼ିଆ ଗାଳ୍ପିକମାନେ ନିଜ ନିଜ ରଚନାରେ ଏହାର ସଫଳ ପରିପ୍ରକାଶ କରି ବହୁ ସ୍ମରଣୀୟ ଓ ଉପାଦେୟ ଗଳ୍ପ ରଚନା କରିଛନ୍ତି। ଓଡ଼ିଶା, ଭାରତ ଓ ବିଶ୍ୱ ଏହି ତ୍ରିବିଧ ପଟ୍ଟଭୂମିରେ ରଚିତ ହୋଇଥିବା ଏହି ସମୟର ଗଳ୍ପ ଗୁଡ଼ିକୁ ଅଧ୍ୟୟନ କରିବା ନିମିତ୍ତ ଗଭୀର ଅନୁଶୀଳନର ଆବଶ୍ୟକତା ରହିଛି।

## ୨.୪ ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୩୬ରୁ ୧୯୫୦)

ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସରେ ୧୯୩୬ ରୁ ୧୯୫୦ ଏକ ବହୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅନୁଷ୍ଠିତ ହେବା ସହିତ, ଭାରତ ସ୍ୱାଧୀନତା ଲାଭ କରିଛି ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ୧୯୩୬ ମସିହା, ଅପ୍ରେଲ ମାସ ୧ ତାରିଖ ଦିନ ଇଂରେଜ ସରକାରଙ୍କ ନିକଟରୁ ସ୍ୱୀକୃତି ଲାଭ କରିଛି। ଏହି ତିନୋଟି ପ୍ରମୁଖ ଐତିହାସିକ ଘଟଣା ଓଡ଼ିଆ ଗଳ୍ପର ଆଙ୍ଗିକ ଓ ଆତ୍ମିକ ଦିଗକୁ ଗଭୀର ଭାବରେ ପ୍ରଭାବିତ କରିଛି। ଏହାବ୍ୟତୀତ ଏହି ସମୟରେ ଦୁଇଟି ଚିଂତନ ବିଦ୍ୟାଳୟ (School of thought), ଜାତୀୟତାବାଦୀ ବିଦ୍ୟାଳୟ ଓ ପ୍ରଗତିବାଦୀ ବିଦ୍ୟାଳୟ ସକ୍ରିୟ ଭାବରେ ନିଜସ୍ୱ ଭାବାଦର୍ଶ ଆଧାରରେ ଗଳ୍ପ ରଚନା କରିଛନ୍ତି। ଆଉଗୋଟିଏ ଗୋଷ୍ଠି, ସବୁଜ ଯୁଗର ଲେଖକଗଣ, ପକ୍ଷଭୁକ୍ତ ନହୋଇ ମାନବୀୟ ଦୃଷ୍ଟିକୋଣ ନେଇ ଗଳ୍ପ ରଚନା କରିଛନ୍ତି। ଏମାନଙ୍କ ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଗାଳ୍ପିକ ସ୍ୱାଧୀନଚେତା ଭାବରେ ଗଳ୍ପ ରଚନା କରିଛନ୍ତି। ପ୍ରାୟ ଅର୍ଦ୍ଧଶତାଧିକ ଗାଳ୍ପିକ ବିଭିନ୍ନ ପରୀକ୍ଷା ନୀରିକ୍ଷା ପୂର୍ବକ ଏହି ସମୟରେ ବହୁ ସଫଳ ଗଳ୍ପ ରଚନା କରିଛନ୍ତି। ଏପରିକି ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ନେଇ ବହୁ ସଫଳ ଗଳ୍ପ ରଚନା କରାଯାଇଛି। ଏହି ସମୟରେ ରଚିତ ହୋଇଥିବା ଗଳ୍ପଗୁଡିକୁ ମୁଖ୍ୟତଃ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ:

କ) ଜାତୀୟତାବାଦୀ ଗଳ୍ପ

ଖ) ପ୍ରଗତିବାଦୀ ଗଳ୍ପ

ଗ) ଯୁଦ୍ଧ ସଂପର୍କିତ ଗଳ୍ପ

ଘ) ବାସ୍ତବବାଦୀ ଗଳ୍ପ

## ୨.୪.୧ ଜାତୀୟବାଦୀ ଓଡ଼ିଆ ଗଳ୍ପ

ସତ୍ୟବାଦୀ ଯୁଗର ବହୁ ଲେଖକ ଏହି ଯୁଗରେ କ୍ଷୁଦ୍ରଗଳ୍ପ ରଚନା କରି ଓଡ଼ିଆ ଗଳ୍ପ ରାଜ୍ୟକୁ ସମୃଦ୍ଧ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଲେଖକ ସମସ୍ତେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆନ୍ଦୋଳନ ତଥା ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ଥିଲେ। ଏମାନଙ୍କ ସଂପର୍କରେ କୁହାଯାଏ, ଏମାନେ ପ୍ରଥମେ କର୍ମୀ ଓ ପରେ ସାହିତ୍ୟିକ। ରାଜନୀତିକ ବିଚାରଧାରା ନେଇ ଏମାନେ ଗଳ୍ପ ରଚନା କରିଛନ୍ତି, ତେବେ ଏଗୁଡ଼ିକ ଶସ୍ତା ପ୍ରଚାରଧର୍ମୀ ଗଳ୍ପ ନୁହେଁ। ମାନବୀୟ ସମ୍ବେଦନଶୀଳତାର ଗଭୀର ସ୍ପର୍ଶ ଏହି ଗଳ୍ପ ଗୁଡ଼ିକୁ ରାଜନୀତିକ ଆଦର୍ଶରୁ ଉର୍ଦ୍ଧ୍ୱକୁ ନେଇ ସଫଳ ସାହିତ୍ୟ କୃତିର ସମ୍ମାନ ପ୍ରଦର୍ଶନ କରିଥାଏ। ଗୋଦାବରୀଶ ମହାପାତ୍ର ଏହି ସମୟର ଏପରି ଜଣେ କଥାଶିଳ୍ପୀ ଯିଏ ଉଭୟ ଜାତୀୟତାବାଦୀ ଗଳ୍ପ ରଚନା ସହ ବାସ୍ତବବାଦୀ ଗଳ୍ପ ରଚନା କରିଛନ୍ତି। ତାଙ୍କର ଜାତୀୟତାବାଦୀ ଗଳ୍ପ ଭାବରେ "ଏବେ ମଧ୍ୟ ବଞ୍ଚିଛି" ଏକ ବହୁ ଚର୍ଚ୍ଚିତ ଓ ସଫଳ ଗଳ୍ପ। ଓଡ଼ିଶାର ଐତିହ୍ୟ, ପରଂପରା, ସଂସ୍କୃତି ଓ ସ୍ୱାଭିମାନର ପୃଷ୍ଠଭୂମିରେ ଗଳ୍ପଟି ରଚିତ ହୋଇଛି।" "ଏବେ ମଧ୍ୟ ବଞ୍ଚିଛି" ଗଳ୍ପଟିର ପୃଷ୍ଠଭୂମି ଓଡ଼ିଶାର ମରୁଡ଼ି। ୧୮୬୬ ମସିହାର କରାଳ ମରୁଡ଼ି ସହ ବହୁ ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମଧ୍ୟ ମରୁଡ଼ିର ପ୍ରଭାବ ଦେଖିବାକୁ ମିଳିଥାଏ। ଓଡ଼ିଶା ଏକ କୃଷିଭିତ୍ତିକ ପ୍ରଦେଶ ଓ ଏହାହିଁ ଅଧିକାଂଶ ଅଧିବାସୀଙ୍କ ମୁଖ୍ୟ ଜିବୀକା। ମରୁଡ଼ି ପ୍ରବଣ ଓଡ଼ିଶା ଆର୍ଥିକ ଅନଗ୍ରସରତା ଯୋଗୁଁ ବହୁବିଧ ସାମଜିକ ସମସ୍ୟାର ସମ୍ମୁଖୀନ ହୋଇଥାଏ, ଯାହାକୁ ଭିତ୍ତିକରି ଗଳ୍ପଟିର ବିଷୟ ନିର୍ମାଣ କରାଯାଇଛି। ଗଳ୍ପ ନାୟକ ବେଣୁଧର ଜଣେ ଶିକ୍ଷିତ ଓଡ଼ିଆ ଯୁବକ। ତାହାର କୌଣସି କର୍ମ ସଂସ୍ଥାନ ନାହିଁ। ମରୁଡ଼ି ପ୍ରଭାବିତ ଅଞ୍ଚଳରେ ବାସ କରୁଥିବାରୁ, ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ସାହାଯ୍ୟକେନ୍ଦ୍ରକୁ ଯାଇ କିଛି ଖାଦ୍ୟ ସଂଗ୍ରହ କରିବାର ପ୍ରୟାସ କରିଛି। ମାତ୍ର ଭିକ୍ଷାମାଗିବାକୁ ତା ବିବେକ ବାଧା ଦେଇଛି। "ମୁହଁ ବୁଲେଇ ଦେଖେ, ଦୂରରେ ଗଛ ଗହଳରେ ସିରେଇ ଗାଁ। ସେହିଠାରେ ଗୋଟାଏ ଚାଳ ଉପରେ ଗୋଟାଏ ଜାତୀୟ ପତାକା। ତାହାରି ତଳେ ସ୍ୱେଚ୍ଛାସେବକ, ଦେଶସେବକ, ମାତୃପୂଜକ, ଜନନାୟକ, ଦରିଦ୍ର-ସାଥୀ-ଯେ କେହି ଚାଉଳ ଧରି ବାଣ୍ଟିବାକୁ ବସିଥିବେ ବୋଲି ମନେକରେ। ଅନ୍ୟ ଆଡେ ମୁହଁ ବୁଲାଇ ଦେଖେ, ସେହିପରି ଗୁଡାଏ ଗଛ ଗହଳରେ ବାଗଲପଡ଼ା ତାହାରି ଭିତରେ ଗୋଟିଏ ଛୋଟ ଚାଳଘର, ସେହି ଚାଳଘର ଭିତରେ କେତୋଟି ପ୍ରାଣୀ, କାହା ପେଟରେ ଅନ୍ନ କି କାହା ମୁହଁରେ ହସ ନାହିଁ। ଦିନେ ନୁହେଁ, ଦୁଇଦିନ ନୁହେଁ, ପାଞ୍ଚଦିନ ହେଲା ସେହି କୁଡିଆ ତଳେ ଚୁଲି ଜଳିନାହିଁ, ସେ ଭିତରେ ଅଇଁଠା ପଡିନାହିଁ। ଏକଥା ଭାବିଲାବେଳକୁ ସେ ପୁଣି ଆଖି ବୁଜିଦିଏ।" ଏଠାରେ ଗୋଟିଏ ପାର୍ଶ୍ୱରେ ଜାତୀୟତାବାଦ ଏବଂ ଅନ୍ୟ-ପାର୍ଶ୍ୱରେ ଦାରିଦ୍ର୍ୟର ଭୟଙ୍କର ରୂପର ବର୍ଣ୍ଣନା କରାଯାଇଛି। ବିଡ଼ମ୍ବିତ ଭାଗ୍ୟନେଇ ଓଡ଼ିଶାର ସ୍ୱାଭୀମାନୀ ଜାତୀୟତାବାଦୀ ଯୁବକମାନେ କିପରି ଜୀବନସଂଗ୍ରାମରେ ଝାସ

ଦେଉଥିଲେ, ତାହାର ପ୍ରତୀକ ହେଉଛି ବେଣୁଧର। ଗୋପବନ୍ଧୁ ଚରିତ୍ରକୁ ଆଦର୍ଶ ଚରିତ୍ର ଭାବରେ ସମ୍ମୁଖରେ ରଖି ଗାଳ୍ପିକ ଏହି ଗଳ୍ପର କାହାଣୀକୁ ନିର୍ମାଣ କରିଛନ୍ତି। ଠିକ୍ ଏହି ଭାବଚେତନା ନେଇ ଗୋଦାବରୀଶ ମହାପାତ୍ର ରଚନା କରିଛନ୍ତି "ମୁଁ ଦିନେ ମନ୍ତ୍ରୀ ଥିଲି" ଗଳ୍ପ। ସେଥିରେ ମଧ ସେହି ଦାରିଦ୍ର୍ୟ କିପରି ଜାତୀୟତାଭାବନାର ପରିପନ୍ଥୀ ହୋଇଛି ତାହାର ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି "ମୁଁ ଆବାକ୍ ଭାବରେ ଉପରକୁ ଚାହିଁଲି ! ଚାହିଁଲି କେବଳ ଏହି ବିକଟ ବିକଳାଙ୍ଗ ଦୁର୍ଦ୍ଦଶାକୁ ଏଡିବା ପାଇଁ। ଦେଖିଲି, ଉପରେ, ସେହ ଭଙ୍ଗା ଛାତ ଦେହରେ ଦୂର ନକ୍ଷତ୍ରଲୋକକୁ ଭେଦକରି ସେହି ଛବି ! ଓଃ ଶୀର୍ଣ୍ଣବସନା ନାରୀ କିଏ କାନ୍ଦି କାନ୍ଦି ଲୁହ ଢାଳିଲ ! ! ସେହି ଟୋପା ଟୋପା ଲୁହରେ ଲେଖି ହୋଇଗଲା ବିଚ୍ଛନ୍ନା ଉତ୍କଳ,ବିଚ୍ଛିନ୍ନା ଉତ୍କଳ,ବିଚ୍ଛିନ୍ନ ଉତ୍କଳ ! ! ଗୋଦାବରୀଶଙ୍କ ପ୍ରତ୍ୟେକ ଗଳ୍ପରେ ଏହିପରି ଏକ ବେଦନାଭରା କାରୁଣ୍ୟ ପାଠକକୁ ଭାରାକ୍ରାନ୍ତ କରିପକାଇଥାଏ। 'ହରି ସୁଆରର ଗାନ୍ଧିଟୋପି','ଖଦଡ଼ ହଙ୍କି', 'ଦେଶର ଗତି କେଉଁ ଆଡ଼କୁ','ଦଳବେହେରାଙ୍କ ଗ୍ରାମ-ସଂଗଠନ' ଆଦି ଅନେକ ଗଳ୍ପ ତାଙ୍କର ଜାତୀୟତାବାଦୀ ଚେତନାର ସଫଳ ପରିପ୍ରକାଶ।

ଜାତୀୟତାବାଦୀ ଗଳ୍ପ ରଚନାରେ ଗୋଦାବରୀଶ ମିଶ୍ରଙ୍କ ମଧ ରହିଛି ପ୍ରମୁଖ ଭୂମିକା। ତାଙ୍କ ଜାତୀୟତାବାଦୀ ଚେତନା ସହ ସମାଜ - ସଂସ୍କାର ଆଦର୍ଶ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ବିଶେଷତଃ ନାରୀ ଶିକ୍ଷାର ପ୍ରସାର,ବିଧବା ବିବାହ ପ୍ରଚଳନ ଦ୍ଵାରା ସାମାଜିକ ସଂହତି ଓ ପ୍ରଗତି ସମ୍ଭବ ବୋଲି ମନେକରୁଥିଲେ। ନାରୀ ମାନେଙ୍କ ମାଧ୍ୟମରେ ସାମାଜିକ ପ୍ରଗତି ଦ୍ଵାରା ଜାତୀୟତାର ପରିପ୍ରକାଶ ତାଙ୍କ ଗଳ୍ପରେ ପ୍ରମୁଖ ଲକ୍ଷଣ। ପରଦାସୀନ,ବିଧବା କନ୍ୟା, ନାରୀର ଗତି ଆଦି ଏହି ଶ୍ରେଣୀୟ ଗଳ୍ପ। ଗୋଦାବରୀଶଙ୍କ ଜାତୀୟତାବାଦର ସର୍ବଶ୍ରେଷ୍ଠ ପରିପ୍ରକାଶ ହେଉଛି ପାଷାଣର ଭାଷା"ଗଳ୍ପ। ଇତିହାସର ପୃଷ୍ଠଭୂମିରେ ରଚିତ ହୋଇଥିବା ଏହି ଗଳ୍ପର କାଳ୍ପନିକ ଚରିତ୍ର ମଦନ ମଧରେ ଉଗ୍ର ଜାତୀୟତାବାଦ ପରିଲକ୍ଷିତ ହୋଇଥାଏ। ସେହିପରି ପୋଲ ଉନ୍ମୋଚନ ଓ ବନ୍ଦୀ ଆଦି ଗଳ୍ପରେ ଦେଶପ୍ରେମ ଓ ଜାତୀୟତାବୋଧର ପରିପ୍ରକାଶ ଅତି ପ୍ରଭାବଶାଳୀ ହେଇ ପାରିଛି। ବ୍ୟଂଗାତ୍ମକ ଦୃଷ୍ଟିକୋଣ ନେଇ ଏହି ଗଳ୍ପ ଗୁଡ଼ିକ ତତ୍କାଳୀନ ରାଜନୀତିକ ବ୍ୟବସ୍ଥାକୁ ସମାଲୋଚନା କରିଛି।

କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ବନ୍ଦୀ, ବିଜୟ ଉତ୍ସବ, ଜୟହିନ୍ଦ, ପୁନଶ୍ଚ ଓ ଓଡ଼ିଶାରେ ମହାଯୁଦ୍ଧ ଆଦି ଗଳ୍ପରେ ଜାତୀୟତାବାଦୀ ଚେତନା ଝଙ୍କୃତ ହୋଇଛି । ସେ ଶ୍ଳେଷାତ୍ମକ ଦୃଷ୍ଟିକୋଣ ନେଇ ଏ ଗଳ୍ପ ଗୁଡିକ ରଚନା କରିଛନ୍ତି। ଜୟହିନ୍ଦ୍ ଗଳ୍ପଟି ନେତାଜୀ ସୁଭାଷ ବୋଷଙ୍କ ଜାତୀୟତାବାହିନୀ ସଂପର୍କରେ ରଚିତ ହୋଇଛି। ପୁନଶ୍ଚ ଗଳ୍ପଟିର ହିନ୍ଦୁ ଓ ମୁସଲମାନଙ୍କ ମଧରେ ଥିବା ଧାର୍ମିକ ବୈଷମ୍ୟର ଚିତ୍ର ପ୍ରଦାନ କରାଯାଇଛି। ବିଜୟ ଉତ୍ସବ ଓ ଓଡ଼ିଶାର ମହାଯୁଦ୍ଧ ଗଳ୍ପରେ ଓଡ଼ିଶାର ଦାରିଦ୍ର୍ୟ ତଥା ଦ୍ଵିତୀୟ ବିଶ୍ଵଯୁଦ୍ଧ ସମୟରେ ଓଡ଼ିଶାର ଆର୍ଥନୀତିକ ସ୍ଥିତି ସମ୍ପର୍କରେ ଧାରଣା ପ୍ରଦାନ କରିଥାଏ। ତେବେ 'ଓଡ଼ିଶାରେ ମହାଯୁଦ୍ଧ' ତଥା ଆଉ କିଛି ଗଳ୍ପରେ ସେ ଓଡ଼ିଆ ଗଳ୍ପକୁ ଆନ୍ତର୍ଜାତୀୟ ଚେତନା ସହିତ ସମ୍ମିଳିତ କରିଛନ୍ତି। 'ଓଡ଼ିଶାର ମହାଯୁଦ୍ଧ' ଗଳ୍ପରେ ସେ ଲେଖିଛନ୍ତି "ଏହି ତାରିଖରେ ଠିକ୍ ନଅଟି ମାସ ବିତିଯିବା ପରେ ପୋଲାଣ୍ଡ ବିରୋଧରେ ଜର୍ମାନୀର ରଣ ଅଭିଯାନ, ବ୍ରିଟିଶ ସରକାରଙ୍କର ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା, ଓଡ଼ିଶା କଂଗ୍ରେସ ମନ୍ତ୍ରିମଣ୍ଡଳର ଇସ୍ତଫା ଏବଂ ପୋଲାଣ୍ଡର ପରାଜୟ ପରେ ତୋପର ଗୁଡୁମ୍ ଗୁଡୁମ୍ ଶବ୍ଦ ଦ୍ଵାରା ଗୋଟା ୟୁରୋପ୍ ମହାଦେଶ ଯେତେବେଳେ କୃତ୍ରିମ ଭୂମିକମ୍ପରେ ଥରହର,ପୁଣି ଓଡ଼ିଶାର ସବୁ କାରଖାନା,ଛାପାଖାନା,ଡାକ୍ତରଖାନା, ଓକିଲଖାନା, ଗାଡ଼ିଖାନା,

ବିଡିଖାନା ବା ପାଇଖାନାରେ ବୋମା ଫୁଟିବାର ରହସ୍ୟ ବୁଝିବାକୁ ଲୋକଙ୍କର ଆଗ୍ରହ ବଢ଼ିଛି, ଠିକ୍ ସେତିକିବେଳେ ହାଡ଼ିବନ୍ଧୁଙ୍କ ଘରେ ଏକ କଅଁଳ କୁଆଁ କୁଆଁ ରବ ଶୁଣାଗଲା ଏବଂ ତାଙ୍କ ହାଣ୍ଡିଶାଳକୁ ଲାଗି ଏନ୍ତୁଡ଼ିଶାଳ ଭିତରେ ବିମଳା ଦେବୀଙ୍କ ଅଷ୍ଟମ ଗର୍ଭରୁ ନିର୍ବିଘ୍ନରେ ଗୋଟିଏ କନ୍ୟାରତ୍ନ ଜାତ ହେଲା।"ଓଡ଼ିଆ ଗଳ୍ପ ସାହିତ୍ୟରେ ଜାତୀୟତାବାଦୀ ଚେତନାର ଗଳ୍ପ ପ୍ରାକ୍ ସ୍ୱାଧୀନତା କାଳରୁ ସ୍ୱାଧୀନତା ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ରଚିତ ହୋଇ ଏହାକୁ ଏକ ବଳିଷ୍ଠ ଧାରା ଭାବରେ ପ୍ରତିଷ୍ଠା ପ୍ରଦାନ କରିଛି। ସତ୍ୟବାଦୀ ଯୁଗର ଜାତୀୟବାଦୀ ଚେତନାର ଉନ୍ମେଷ ଘଟିଥିଲେ ହେଁ ପ୍ରଗତି ଯୁଗ ତଥା ସ୍ୱାଧୀନତା ପରବର୍ତ୍ତୀ ଯୁଗର ଏହାର ସମୁଜ୍ଜ୍ୱଳ ପରିପ୍ରକାଶ ଘଟିଛି। ଅନନ୍ତ ପ୍ରସାଦ ପଣ୍ଡାଙ୍କ ଶପତ,ଗୋପୀସାହୁର ଦୋକାନ, ଅତୃପ୍ତ ବାସନାରେ ଏହି ଜାତୀୟତାବାଦୀ ଚେତନା ପକ୍ରାଶିତ ହୋଇଛି। ଭଗବତୀ ଚରଣ ପାଣୀଗ୍ରାହୀ ପ୍ରଗତିବାଦୀ ଚେତନାର ବାର୍ତ୍ତାବହ ଥିଲେ ମଧ୍ୟ ତାଙ୍କର 'ସମୟାତୀତ'ଗଳ୍ପରେ ସେ ସ୍ୱାଧୀନତା ସଂଗ୍ରାମ ଓ ଲବଣ ସତ୍ୟାଗ୍ରହର ଚିତ୍ର ପ୍ରଦାନ କରିଛନ୍ତି। ନିତ୍ୟାନନ୍ଦ ମହାପାତ୍ରଙ୍କ "ଏ ଗାରଟା" ମଧ୍ୟ ଏକ ସଫଳ ଜାତୀୟତାବାଦୀ ଗଳ୍ପ ଯେଉଁଥିରେ ଲବଣ ସତ୍ୟାଗ୍ରହ ସ୍ଥାନ ପାଇଛି। ଗୋପୀନାଥ ମହାନ୍ତିଙ୍କ ମାଟିଆ ବୁରୁଜ, ମଣିଷ, ତୋପ, ଗୁଳି ଆଦି ଗଳ୍ପ ଗୁଡିକ ମଧ୍ୟ ଜାତୀୟତାବାଦୀ ଚେତନା ପାଠକ ପ୍ରାଣରେ ଉଦ୍ରେକ କରିଥାଏ। କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଜଗତରେ ଜାତୀୟଚେତନାର ସର୍ବଶ୍ରେଷ୍ଠ ପରିପ୍ରକାଶ ଦେଖିବାକୁ ମିଳିଥାଏ। ସଂପାଦକ, ସତର ନମ୍ବର ୱାର୍ଡ, ବଳିଦାନ ଓ ପତାକା ଉତ୍ତୋଳନ ଆଦି ଗଳ୍ପ ଗୁଡ଼ିକ ଏହି ଦୃଷ୍ଟିରୁ ସର୍ବଶ୍ରେଷ୍ଠ ସୃଷ୍ଟି। ତାଙ୍କର ଅନ୍ୟତମ ଗଳ୍ପ"ନୟନପୁର ଏକସପ୍ରେସ"ରେ ତାଙ୍କର ନକ୍ସଲବାଦୀ ଚିନ୍ତନ ପରିପ୍ରକାଶ ଘଟିଛି। ସେହିପରି ମନୋଜ ଦାସଙ୍କ ସମୁଦ୍ରର କ୍ଷୁଧା, ଦେଶସେବକ, ନୂଆଦିନ ଆଦି ଅନେକ ଗଳ୍ପରେ ଜାତୀୟତାବାଦୀ ଚିନ୍ତନ ପରିପ୍ରକାଶ ଘଟିଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମ, ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନ ଓଡ଼ିଆ ସାହିତ୍ୟ ବିଶେଷତଃ ଓଡ଼ିଆ ଗଳ୍ପ ସାହିତ୍ୟକୁ ଅନେକ ପରିମାଣରେ ପ୍ରଭାବିତ କରିଛି। ସ୍ୱାଭିମାନୀ ଜାତୀୟତାବାଦୀ ଲେଖକ ଗଣ ଏହି ଚେତନାରେ ଉଦ୍‌ବୁଦ୍ଧ ହୋଇ ଅନେକ କାଳଜୟୀ ଗଳ୍ପ ରଚନା କରି ଓଡିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।

## ୨.୪.୨ ପ୍ରଗତିବାଦୀ ଓଡ଼ିଆ ଗଳ୍ପ

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ୧୯୩୫ ମସିହାରେ "ନବଯୁଗ ସାହିତ୍ୟ ସଂସଦ" ଗଠନ କରାଯାଇ ପ୍ରଗତିବାଦୀ ସାହିତ୍ୟ ସର୍ଜନାର ମଞ୍ଚ ନିର୍ମାଣ କରାଯାଇଥିଲା। ୧୯୩୬ ମସିହାରେ ଏହି ସଂସଦର ମୁଖପତ୍ର 'ଆଧୁନିକ' ମାଧ୍ୟମରେ ଏହି ପ୍ରଗତିବାଦୀ ଚେତନାକୁ ପ୍ରସାର କରାଯାଇଥିଲା। ମାର୍କସଙ୍କ ସାମ୍ୟବାଦୀ ଦର୍ଶନରେ ବିଶ୍ୱାସ ରଖୁଥିବା ଲେଖକମାନେ ଏହି ସଂସଦର ସଭ୍ୟ ହୋଇ ଏହାକୁ ଏକ ଆନ୍ଦୋଳନର ରୂପ ଦେବା ନିମିତ୍ତ ଅଙ୍ଗୀକାରବଦ୍ଧ ହୋଇ ସାହିତ୍ୟ ସର୍ଜନା କରୁଥିଲେ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ରଚିତ 'ଶିକାର' ଗଳ୍ପକୁ ସାମ୍ୟବାଦୀ ଦର୍ଶନର ସଫଳ ପରିପ୍ରକାଶ ଭାବରେ ଗ୍ରହଣ କରାଯାଇଥାଏ। ତେବେ ଅନେକ ସାହିତ୍ୟ ଆଲୋଚକ ଏହି ଗଳ୍ପର ସଫଳତା ନେଇ ପ୍ରଶ୍ନ ଉଠାଇବା ସମୟରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଏ ସଂପର୍କରେ ମତ ଦେଇ ଲେଖନ୍ତି "ଆଦିବାସୀ ଘେନୁଆର ସମାଜ ସାଧାରଣ ଗ୍ରାମ୍ୟ ସମାଜଠାରୁ ଭିନ୍ନ। ସେ ଥାନା ପୋଲିସ ଆଇନ କାନୁନ ବୁଝେନାହିଁ। ତାର ସ୍ତ୍ରୀ ଓ ଅନେକ ପରସ୍ତ୍ରୀଙ୍କ ଉପରେ ଆଖି ପକେଇଥିବା ଶୋଷକ ଧନୀ ସାହୁକାର ଗୋବିନ୍ଦ ସରଦାରର ମୁଣ୍ଡଟାକୁ ସେ ଟାଙ୍ଗିଆ ଚୋଟରେ

ଗଣ୍ଡିରୁ ଅଲଗା କରିଦେଇ ବକ୍‌ସିସ୍ ପାଇଁ ଥାନାକୁ ଧାଏଁ। କାରଣ ଅତୀତରେ ବାଘମାରି ସେ ଥାନାରୁ ପୁରସ୍କାର ପାଇଥିଲା। ତା' ବିଚାରରେ ଗୋବିନ୍ଦ ସରଦାର ତାହାଠାରୁ ଆହୁରି ହିଂସ୍ର, ଆହୁରି ରକ୍ତମୁଖା। ତେଣୁ ଏଥର ତାକୁ ଅଧିକ ପୁରସ୍କାର ମିଳିବ। କିନ୍ତୁ ପରିଣତିରେ ସଭ୍ୟ ଶିକ୍ଷିତ ମଣିଷର ତଥା କଥିତ ଆଇନ-ପ୍ରତୀକ ଫାଶୀ କାଠଟି ତା ଅଜ୍ଞାତରେ ତା ବେକରେ ଚୋଟ ଦିଏ। ଭଗବତୀ ଏଠାରେ ଆଭିମୁଖ୍ୟକୁ ଉତାରିଦେଇ ଗଳ୍ପଟିକୁ ଏକ ସ୍ୱାଭାବିକ ବାସ୍ତବବାଦୀ ପରିଣତି ଆଡକୁ ଟାଣି ନେଇଛନ୍ତି। କାରଣ ଆଉ ଯାହା କିଛି ପରିଣତି ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁସାରେ କୃତ୍ରିମ ଓ କାଳ୍ପନିକ ହୋଇଥାନ୍ତି। ସମାଲୋଚକ କହିବେ ଶ୍ରେଣୀ ଚୈତନ୍ୟର ଏଇ ନବୀନ କରୋକଟୁକ ମୁକୁଳିତ ହେବାକୁ ନଦେଇ ଭଗବତୀ ଏକ ବୈଷମ୍ୟ ପ୍ରପୀଡିତ ସମାଜ ପାଖରେ କେଉଁ ଆଦର୍ଶ ବା ଆଭିମୁଖ୍ୟ ରଖିଲେ ? ଏକ ଅଗ୍ରଗାମୀ ବୈପ୍ଲବିକ ସାମ୍ୟବାଦୀ ଚେତନା ପୁନଶ୍ଚ ବୃକ୍ଷିତ ସ୍ୱାର୍ଥର ଅନ୍ଧକୂପରେ ତା ସମସ୍ତ ସାର୍ଥକତାକୁ ହରେଇ ବସିଲା। କିନ୍ତୁ ଭଗବତୀଙ୍କ ଶିଳ୍ପୀମାନସ ଏପରି ଏକ ଯୁକ୍ତିକୁ ମାନିନେଇ ପାରିଥାନ୍ତା କି ? ଗାଳ୍ପିକ କେବଳ ସାମାଜିକ ଆଦର୍ଶର ପ୍ରଚାରକ ନୁହେଁ, ସାମାଜିକ ବାସ୍ତବତାର ପ୍ରବକ୍ତା ମଧ୍ୟ। ଆଦର୍ଶ ଓ ବାସ୍ତବତା ମଧ୍ୟରେ ଭାରସାମ୍ୟ ପ୍ରତିଷ୍ଠା ନହେଲେ ଯେକୌଣସି ଗଳ୍ପ ସୃଷ୍ଟି ବ୍ୟର୍ଥ ହୋଇଯିବ। ତେଣୁ ଏକ ଶୋଷଣ ପରିପୁଷ୍ଟ ସମାଜର ଭବିଷ୍ୟତକୁ ଇଙ୍ଗିତରେ ସୂଚାଇ ଦେଇ ଗଳ୍ପରେ ଏହି ମୌଳିକ ଶିଳ୍ପଦୃଷ୍ଟି ପ୍ରତି ଗଭୀର ଆସ୍ଥା ପୁନଃ ପ୍ରତିଷ୍ଠିତ ହୋଇଅଛି।" (ପୃଷ୍ଠା-୩୨, ଗଳ୍ପ ଓ ଗାଳ୍ପିକ)

ମାର୍କସବାଦର ପ୍ରେକ୍ଷାପଟ୍ଟ ଶିଳ୍ପାନୁଷ୍ଠାନରେ ଶ୍ରେଣୀବୈଷମ୍ୟ ହୋଇଥିବା ସମୟରେ ଓଡ଼ିଆ ସାହିତ୍ୟରେ ଶିଳ୍ପାନୁଷ୍ଠାନର ଅଭାବ ଯେଗୁଁ ଏହା ସମାନ୍ତବାଦ ବିରୋଧରେ ଅଧିକାଂଶ ଗଳ୍ପରେ ଉପସ୍ଥାପିତ ହୋଇଛି। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଅଧିକାର' ଏବଂ ଭଗବତୀ ଚରଣଙ୍କ 'ଶିକାର'ଗଳ୍ପ ଏହି ପର୍ଯ୍ୟାୟବାଚୀ। ଅଧିକାର ଗଳ୍ପରେ ଜଣେ କୃଷି ଶ୍ରମିକକୁ ନାୟକ କାରାଯାଇଥିବା ସମୟରେ ଶିକାର ଗଳ୍ପରେ ଜଣେ ଆଦିବାସୀ ଶିକାରୀକୁ ଗଳ୍ପ ନାୟକ କରାଯାଇଛି। ଉଭୟ ସାମନ୍ତଙ୍କୁ ହତ୍ୟା କରିଛନ୍ତି ଏବଂ ଉଭୟଙ୍କ ହତ୍ୟାର କାରଣ ମଧ୍ୟ ଗୋଟିଏ - ଯୌନ ନିର୍ଯ୍ୟାତନା। ତେବେ ସେମାନେ ଗରିବ ଓ ଅସଙ୍ଗଠିତ ସମାଜରେ ବାସ କରୁଥିବାରୁ ତାଙ୍କ ସ୍ତ୍ରୀ ମାନଙ୍କୁ ଯୌନ ଶୋଷଣ କରାଯାଇଛି। ଏଣୁ ଏହି ଯୌନ ଶେଷଣର ପ୍ରତିବାଦରେ ସେମାନେ ନରହତ୍ୟା କରିଛନ୍ତି। ଏହି ଦୃଷ୍ଟିରୁ ଗଳ୍ପ ଦୁଇଟିରେ ପ୍ରଗତିଶାଳୀ ଚେତନା ନିହିତ ହୋଇଛି 'ହାତୁଡ଼ି ଓ ଦା'ର। ଗଳ୍ପନାୟକ ସୁଦାମ ଜମିଦାରକୁ ଖଜଣା ଦେଇ ନପାରିବାରୁ, ଜମିଦାର ତା ସ୍ତ୍ରୀକୁ ମାଗିଛି। ଏହି ଗଳ୍ପରେ ମଧ୍ୟ ଯୌନ ଶୋଷଣରୁ ଗଳ୍ପର କାହାଣୀ ଆରମ୍ଭ ହୋଇଥିଲେହେଁ, ମଦନ ତାହାକୁ ଭ୍ରୁକ୍ଷେପ ନକରି କଲିକତା ଯାଇଛି। କଲିକତାରେ ଶ୍ରମିକ ହୋଇ ଅର୍ଥ ଉପାର୍ଜନ ଦ୍ୱାରା ନିଜ ଜମି ଫେରାଇବାକୁ ଚେଷ୍ଟା କରିଛି। ମାତ୍ର ତାହା ସମ୍ଭବ ହୋଇନାହିଁ। ତାର ସମସ୍ତ ପାରିବାରିକ ଜୀବନ ନଷ୍ଟ ହୋଇଯାଇଛି। ତା'ର ସମସ୍ତ ଆନ୍ତରିକତା ନିଜର ପୂର୍ବ ସାମାଜିକ ଜୀବନ ଫେରିପାଇବା ମାତ୍ର ତାହା ଏକ ବ୍ୟର୍ଥତାରେ ପରିଣତ ହୋଇଛି। ତାରି ଅନୁପସ୍ଥିତିରେ ସ୍ତ୍ରୀ ମଧ୍ୟ କର୍ମ ସଂସ୍ଥାନ ନିମିତ୍ତ ଅନ୍ୟତ୍ର ଚାଲିଯାଇଛି। ଚାଷିସମାଜର ଅଶ୍ଳୀଳ ଓ କରୁଣ ପରିଣତି ଏ ଗଳ୍ପଟିକୁ ମାର୍ମିକ କରିଛି।

ଓଡ଼ିଆ ପ୍ରଗତିବାଦୀ ଗଳ୍ପକୁ ସମୃଦ୍ଧ କରିଛନ୍ତି ବିଶିଷ୍ଟ କବି ଓ କଥାକାର ସଚ୍ଚିଦାନନ୍ଦ ରାଉତରାୟ। ରାଉତରାୟ କଲିକତାରେ ଶ୍ରମିକ ସଂଗଠନ ସହ ଜଡ଼ିତ ଥିବା ସମୟରେ ଓଡ଼ିଶାରେ ୧୯୩୭ ରୁ ୧୯୪୨ମସିହା

ମଧ୍ୟରେ ଢେଙ୍କାନାଳରେ ଯେଉଁ କୃଷକ ଆନ୍ଦୋଳନ ହୋଇଥିଲା ସେଥିରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ମାର୍କସବାଦୀ ଦର୍ଶନରେ ବିଶ୍ୱାସ ରଖିଥିବାରୁ ଅନେକ ପ୍ରଭାବଶାଳୀ ପ୍ରଗତିବାଦୀ ଗଳ୍ପ ରଚନାରେ ସେ ସମର୍ଥ ହୋଇଛନ୍ତି। ତାଙ୍କର ରଜାପୁଅ, ରିକ୍ସାବାଲା, ରାଜା-ରାଣୀ ଓ କୁକୁର ଏବଂ ଆଙ୍ଗୁଠି ଗଳ୍ପରେ ଏହି ପ୍ରଗତୀବାଦୀ ଚେତନାର ସଫଳ ପରିପ୍ରକାଶ ଦେଖିବାକୁ ମିଳେ। ସାମନ୍ତବାଦୀ ସମାଜରେ କୃଷକମାନଙ୍କ ନିର୍ଯ୍ୟାତନା ଓ ଶ୍ରେଣୀ ସଂଘର୍ଷରେ ଚିତ୍ର ତାଙ୍କ ଗଳ୍ପ ଗୁଡିକ ବ୍ୟାଖ୍ୟାନ କରିଥାଏ। ଆଙ୍ଗୁଠି ଗଳ୍ପରେ ଲେଖକ ସ୍ପଷ୍ଟ ଭାବରେ ଶ୍ରମିକ ନେତାଙ୍କ ଅଭିଭାଷଣରେ ଏହି ଶ୍ରେଣୀ ବୈଷମ୍ୟ ପ୍ରସଙ୍ଗ ଉତ୍ଥାପନ କରି ଲେଖିଛନ୍ତି" ଶୁଣ ଭାଇମାନେ, ଶୁଣ ନିରନ୍ନ ନିଃଶେଷିତ କୃଷକବୃନ୍ଦ ଆଜି ଆମର ସର୍ବସ୍ୱ ଲେହନ କରି ପୁଞ୍ଜିବାଦର ନିଷ୍ଠୁର ଜିହ୍ୱା ଅଗ୍ରସର ହେଉଛି। ନିଜ ଦେହର ହାଡ଼ ଓ ମାଂସ ଛଡ଼ା ଆଜି ନିଜର ବୋଲି ଦାବି କରିବାର ଜିନିଷ ସାରା ପୃଥିବୀରେ ଆମର କିଛି ନାହିଁ ଆମର ସବୁ ଯାଇଛି ଅଛି କେବଳ ଭଙ୍ଗା ଦଦରା ଜୀବନ। ଆହୁରି ଅଛି ଗୋଟାଏ ରୁଗ୍‌ଣ, ମୁମୁର୍ଷୁ ଜୀର୍ଣ୍ଣ ଦଳିତ ଅସ୍ତିତ୍ୱ। ଭାଇ ସର୍ବହରା ଏକଜୁଟ ହୁଅ। ଏହି ଅମାନୁଷିକ ଶୋଷଣର ପ୍ରତିଶୋଧ ନିଅ।" ମାତ୍ର ପ୍ରତିଶୋଧ ନେବା ସମ୍ଭବ ହେଇନାହିଁ। ଚତୁର ଜମିଦାର ସାଧାରଣ ଜନତାର ଧର୍ମଭୀରୁତାକୁ ଅସ୍ତକରି ଜଣେ ସାଧାରଣ ଶ୍ରମିକକୁ ପ୍ରଲୋଭନ ଦେଖାଇ ତାର ଆଙ୍ଗୁଠି କାଟି ସେ ଏହି ଆନ୍ଦୋଳନକୁ ଭଣ୍ଡୁର କରିବାରେ ସଫଳ ହୋଇଛି। ପୁଞ୍ଜିପତି ଓ ସର୍ବହରା ମଧ୍ୟରେ ଥିବା ପ୍ରାଚୀରକୁ ଭାଙ୍ଗିବାର ପ୍ରୟାସ ସଫଳ ହୋଇପାରିନାହିଁ। ଓଡ଼ିଶାର ଆର୍ଥନୀତିକ, ସାମାଜିକ ଓ ରାଜନୀତିକ ପରିବେଶରେ ଯଥାର୍ଥ ଆକଳନ ପୂର୍ବକ ଏ ଗଳ୍ପ ଗୁଡ଼ିକ ରଚିତ ହୋଇଛି। ମାର୍କସବାଦର ଶ୍ରେଣୀ ସଂଘର୍ଷର ଆଦର୍ଶକୁ ନେଇ ଗଳ୍ପ ଗୁଡିକ ସଂଗଠିତ ହୋଇଥିଲେହେଁ ଏହା ଫମ୍ପା ଆଦର୍ଶର ପ୍ରଖ୍ୟାପନ ନକରି ମାନବୀୟ ସଂବେଦନାରେ ପରିପୂର୍ଣ୍ଣ ହୋଇ ରହିଛି। ଏଣୁ ଗଳ୍ପ ଗୁଡିକ ଏକ ବୃହତ୍ତର ପାଠକ ସମାଜ ଦ୍ୱାରା ଆଦୃତ ହୋଇଛି।

ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମାନନ୍ଦ ପଣ୍ଡା ଓ ସୁରେନ୍ଦ୍ର ମହାନ୍ତି ଓଡ଼ିଶା ମାର୍କସବାଦୀ ଗଳ୍ପ ରଚନାରେ ଅତ୍ୟନ୍ତ ସଫଳ ହୋଇଛନ୍ତି। ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ଜ୍ୱାଳା' ଗଳ୍ପରେ ଶ୍ରେଣୀବୈଷମ୍ୟର ପ୍ରାଞ୍ଜଳ ଚିତ୍ର ଦେଖିବାକୁ ମିଳିଥାଏ। ଶ୍ରମିକମାନଙ୍କ ରକ୍ତ ଶୋଷି କିପରି ପୁଞ୍ଜିର ଅଭିବୃଦ୍ଧି ଘଟିଥାଏ, ତାହାର ଚିତ୍ର ଦେବାକୁ ଯାଇ ସେ ଲେଖିଛନ୍ତି "ଏମାନେ ପୁଞ୍ଜିନେଇ ମତ୍ତ। କେରାଣ୍ଡି ଫିଙ୍ଗି ଶେଉଳ ଟାଣିବା ନ୍ୟାୟରେ ଏମାନେ ନିଜର ପୁଞ୍ଜିକୁ ଚୁମ୍ବକ କରି ଅନ୍ୟର ପୁଞ୍ଜିକୁ ଟାଣିବା ମତଲବ୍‌ରେ ରହନ୍ତି। ସବୁବେଳେ ଏମାନଙ୍କ ସ୍ନେହ, ପ୍ରେମ, ଦୟା, ମୈତ୍ରୀ ସବୁ "ଧନ ଅନୁପାତରେ ବିନିମୟ ହୁଏ। ସୁନାଗଦା ଭିତରେ ଯା'ର ହୃଦୟ ବଢୁଛି, ସେଇ ହୃଦୟ ନିର୍ଜୀବ ଧାତୁ ଛଡା ରକ୍ତମାଂସ ଆସିବ କେଉଁଠୁ?" ବାସ୍ତବରେ ବ୍ରହ୍ମାନନ୍ଦ ଜ୍ୱାଳା ଗଳ୍ପରେ ଅତି ସ୍ପଷ୍ଟ ଭାବରେ ଶ୍ରେଣୀ ସଂଘର୍ଷ ଓ ଶ୍ରମିକ ଶୋଷଣର ଚିତ୍ର ଉପସ୍ଥାପିତ କରିପାରିଛନ୍ତି। ସୁରେନ୍ଦ୍ର ମହାନ୍ତିଙ୍କ ନୟନମପୁର ଏକ୍ସପ୍ରେସ୍, ଅଷ୍ଟ୍ରେଲିଆ, ରୁଟି ଓ ଚନ୍ଦ୍ର,ମହାନଗରୀର ରାତ୍ରୀ, ଅନ୍ଧଗଳି, ମାଂସପେଶୀର ହୃଦୟ ଆଦି ଗଳ୍ପରେ ପ୍ରଗତିବାଦୀ ଚେତନା ପ୍ରତିଫଳିତ ହୋଇଛି। ସୁରେନ୍ଦ୍ର ମହାନ୍ତି ତାଙ୍କ ଗଳ୍ପରେ ପ୍ରଗତିବାଦୀ ଚେତନା ସହ ମାନବବାଦୀ ଚେତନାକୁ ଯୋଡି ଦେଇଥିବା ସମୟରେ ଅଖିଳମୋହନ ତାଙ୍କ ଗଳ୍ପରେ ଭାବପ୍ରବଣତାକୁ ପ୍ରାଧାନ୍ୟ ଦେଇନାହାନ୍ତି। "ରୁଟି ଓ ଚନ୍ଦ୍ର" ଗଳ୍ପରେ ଏଣୁ ସୁରେନ୍ଦ୍ର ମହାନ୍ତି କହିଛନ୍ତି : "ଜୀବନ କେବଳ ଉତ୍ପାଦନ ଓ ବଣ୍ଟନ ନୁହେଁ। ପୁରା ମଜୁରୀ ଓ ପୁରା ପେଟ ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ ନୁହେଁ। ତାହେଲେ

ଜ୍ୟୋସ୍ନାର ଏ ବିଳାସ,ପ୍ରକୃତିର ଏ ପୂର୍ଣ୍ଣତା କାହାପାଇଁ? ବଞ୍ଚିବାଠାରୁ ଜୀବନ ଆହୁରି ସୁନ୍ଦର। ବଞ୍ଚିବାର କୋଳାହଳ ଓ ସଂଗ୍ରାମଭିତରେ ମାର୍କସବାଦ ଭୁଲିଯାଇଛି ଜୀବନର ସୌନ୍ଦର୍ଯ୍ୟ।" ମାର୍କସବାଦୀ ଚେତନାର ଓଡ଼ିଆ ଗଳ୍ପରୁ ଆଗକୁ ନେଇଯିବାରେ ସୁରେନ୍ଦ୍ର ମହାନ୍ତିଙ୍କ କୃତିତ୍ୱ ଅଗ୍ରଗଣ୍ୟ।

## ୨.୪.୩ ଯୁଦ୍ଧ ସଂପର୍କିତ ଓଡ଼ିଆ ଗଳ୍ପ

ପୃଥିବୀ ବକ୍ଷରେ ସଂଘଟିତ ହୋଇଥିବା ଦୁଇଟି ବିଶ୍ୱଯୁଦ୍ଧ, ପ୍ରଥମ ବିଶ୍ୱଯୁଦ୍ଧ -୧୯୧୪-୧୯୧୮ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ-୧୯୩୯-୧୯୪୫, ସମଗ୍ର ମାନବ ସଭ୍ୟତାକୁ ଗଭୀର ଭାବେର ପ୍ରଭାବିତ କରିଥିଲା। ଏହି ଦୁଇ ବିଶ୍ୱଯୁଦ୍ଧ ଦେଶ ଦେଶ ମଧ୍ୟରେ ଥିବା ସଂପର୍କ, ଧର୍ମ ଧର୍ମ ମଧ୍ୟରେ ରହିଥିବା ସଂପର୍କ, ଜାତି ଜାତି ମଧ୍ୟରେ ରହିଥିବା ସଂପର୍କରେ କେବଳ ନୂତନ ସମୀକରଣ ସୃଷ୍ଟି କଲାନାହିଁ ସାହିତ୍ୟ, ସଂସ୍କୃତି, ଚିତ୍ରକଳା, ସଂଗୀତ, ଭାସ୍କର୍ଯ୍ୟ, ଦର୍ଶନ, ଅର୍ଥନୀତି, ମନସ୍ତତ୍ତ୍ୱ, ବିଜ୍ଞାନ, କାରିଗରୀ କୌଶଳ, ପ୍ରାୟୋଗିକ ବିଦ୍ୟା, ସମାଜବିଜ୍ଞାନ ଏବଂ ରାଜନୀତି ଆଦି ସମାଜର ଅବିଚ୍ଛେଦ୍ୟ ଅଙ୍ଗଗୁଡ଼ିକରେ ଆଣିଲା ବ୍ୟାପକ ପରିବର୍ତ୍ତନ। ପ୍ରଥମ ବିଶ୍ୱଯୁଦ୍ଧ ପୃଥିବୀ ବକ୍ଷରେ ଯେଉଁ ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ଏହାକୁ ବହୁଗୁଣରେ ବ୍ୟାପକ କରିଥିଲା। ଏହି ଯୁଦ୍ଧରେ ଆଣବିକ ଅସ୍ତ୍ରର ପ୍ରୟୋଗ କେବଳ ମାନବ ସଭ୍ୟତାର ଧ୍ୱଂସଲୀଳା ସୃଷ୍ଟି କରିନଥିଲା, ବିଜ୍ଞାନ ଓ କାରିଗରୀ କୌଶଳରେ ଧ୍ୱଂସକାରୀ ଗୁଣ ସଂପର୍କରେ ସମଗ୍ର ମାନବ ଜାତିକୁ ଏକ ଜରୁରୀ ସୂଚନା ପ୍ରଦାନ କଲା। ୧୯୪୫ ମସିହାରେ ଜାପନର ହିରୋସିମା ଓ ନାଗାସାକୀରେ ଆଣବିକ ବୋମା ମାଧ୍ୟମରେ ଯେଉଁ ଧ୍ୱଂସଲୀଳା ସମାହିତ ହେଲା, ତାହା ମାନବଜାତି ପ୍ରତି କେତେ ଶଙ୍କାପୂର୍ଣ୍ଣ ଏବଂ କ୍ଷତିକାରକ, ଏହା ପ୍ରତ୍ୟକ୍ଷ କରି ବିଶ୍ୱବାସୀ ଆତଙ୍କିତ ହୋଇଥିଲେ। ଗଣହତ୍ୟା, ମହାମାରୀ, ନିର୍ଯ୍ୟାତନା, ଧ୍ୱଂସଲୀଳା ଆଦି ଚରମ ସ୍ତରରେ ଉପନୀତ ହୋଇଥିଲା। ସମଗ୍ର ବିଶ୍ୱ ଏଥିରେ ଆତଙ୍କିତ ହୋଇଥିଲା। ଅର୍ଥନୀତି, ଶିଳ୍ପ, ବିଜ୍ଞାନ ଓ କାରିଗରୀ କୌଶଳର ଶ୍ରେଷ୍ଠତା ପରିଚୟ ପ୍ରଦାନର ଭୂମି ଥିଲା ଏହି ଯୁଦ୍ଧକ୍ଷେତ୍ର। ଦେଶମାନେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ନିମିତ୍ତ ବର୍ବରତାର ଶେଷସୀମାକୁ ପହଞ୍ଚିଥଲେ। ଏହା ଭୌତିକ ଜଗତକୁ ଯେତେ ପରିମାଣରେ ପ୍ରଭାବିତ କରିଥିଲା, ତାହାଠୁ ବହୁପରିମାଣରେ ଚେତନ ଜଗତକୁ ପ୍ରଭାବିତ କରିଥିଲା। ଏହି ଯୁଦ୍ଧ ଦୁଇଟିରେ ବହୁ ବୈଜ୍ଞାନିକ, ଦାର୍ଶନିକ, ଲେଖକ ଓ କଳାକାରଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା, ଯାହା ବିଶ୍ୱବାସୀଙ୍କୁ ଗଭୀର ଭାବରେ ଆଲୋଡ଼ିତ କରିଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମାଜରେ ଆସିଥିଲା ବ୍ୟାପକ ପରିବର୍ତ୍ତନ। ସାମ୍ରାଜ୍ୟବାଦ ବିରୋଧରେ ସ୍ୱର ଉତ୍ତୋଳନ କରାଯାଇ ଗଣତନ୍ତ୍ର ଓ ସାମ୍ୟବାଦର ଉତ୍‌ଥାନ ନିମନ୍ତ ଜନମତ ପ୍ରକାଶ ପାଇଲା। ବିଶେଷତଃ ଋଷୀୟ ଲେଖକଗଣ ଏହି ଚେତନାର ପ୍ରସାର ନିମିତ୍ତ ଅଗ୍ରଣୀ ଭୂମିକା ଗ୍ରହଣ କଲେ। ମାନବୀୟ ସମ୍ବେଦନଶୀଳତା ସାହିତ୍ୟର ପ୍ରମୁଖ ସ୍ୱର ହୋଇ ବାସ୍ତବତାର ଉଦ୍‌ଘାଟନ କରାଗଲା। ଯୁଦ୍ଧର ଭୟାବହତା,ଧ୍ୱଂସକାରୀ ଚିତ୍ର, ସାହିତ୍ୟ, ଚିତ୍ରକଳା ଓ ସିନେମା ଜଗତକୁ ଗଭୀର ଭାବରେ ପ୍ରଭାବିତ କଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମାଜିକ ଜୀବନରେ ସ୍ଥିତାବସ୍ଥା ଆସିଯାଇଥିଲା। ବ୍ୟକ୍ତି ଜୀବନ ସଂକଟଗ୍ରସ୍ତ ହୋଇପଡ଼ିଲା। ଧ୍ୱଂସଲୀଳା ମଧ୍ୟରୁ ଜୀବନର ପ୍ରତ୍ୟୟ ଖୋଜିପାଇବା ଏହି ସମୟର ସାହିତ୍ୟର ପ୍ରମୁଖ ଲକ୍ଷଣ ଥିଲା। ଯୁଦ୍ଧ ପରବର୍ତ୍ତି ସମାଜର ନବନିର୍ମାଣ

ମାଧ୍ୟମରେ ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ନବୀକରଣ କଲା । ମନୁଷ୍ୟ ସମାଜ ଆଶାବାଦୀ ହୋଇ ଏହି ସଂକଟରୁ ମୁକ୍ତି ପାଇବା ନିମିତ୍ତ ସକରାତ୍ମକ ଦୃଷ୍ଟିଭଙ୍ଗୀରେ ସାମାଜିକ ସଂପର୍କ ଗୁଡିକୁ ଯୋଡିବାକୁ ଚେଷ୍ଟା କଲା । ଯୁଦ୍ଧ ପରବର୍ତ୍ତି ସାହିତ୍ୟ ରେ ଏହାର ପ୍ରଭାବ ଗଭୀର ଭାବରେ ଅନୁଭବ ହେଲା ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତ ତଥା ଓ ଓଡ଼ିଶାର ରାଜନୀତିକ ଅବସ୍ଥା ସମଗ୍ର ବିଶ୍ୱ ଠାରୁ ଭିନ୍ନ ଥିଲା । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତରେ ସ୍ୱାଧୀନତା ସଂଗ୍ରାମ ତୀବ୍ର ରୂପ ଧାରଣ କରିଥିଲା । ଅହିଂସା ମାଧ୍ୟମରେ ଏହି ସ୍ୱାଧୀନତା ସଂଗ୍ରାମ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ସମଗ୍ର ବିଶ୍ୱ ହିଂସାର ଯଜ୍ଞ କୁଣ୍ଡରେ ମାନବତାକୁ ଆହୁତି ପ୍ରଦାନ କରିଥିବା ସମୟରେ ସ୍ୱାଧୀନତା ନିମିତ୍ତ ଭାରତୀୟମାନେ ଅହିଂସା ଓ ସତ୍ୟାଗ୍ରହକୁ ଅସ୍ତ୍ରଭାବରେ ବ୍ୟବହାର କରିଥିଲେ । ସମଗ୍ର ଭାରତବର୍ଷରେ ସ୍ୱାଧୀନତା ସଂଗ୍ରାମ ୧୯୨୦ ବେଳକୁ ତୀବ୍ର ରୂପ ଧାରଣ କରିଥିବା ସମୟରେ, ଓଡ଼ିଶାରେ ଦୁଇ ଦୁଇଟି ଆନ୍ଦୋଳନ ସମାନ୍ତରାଳ ଭାବରେ ଚାଲିଥିଲା । ପ୍ରଥମଟି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଅନ୍ୟଟି ଭାରତୀୟ ସ୍ୱାଧୀନତା ସଂଗ୍ରାମ । ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ସନ୍ଧିକ୍ଷଣରେ ବହୁ ଚେଷ୍ଟା ଦ୍ୱାରା ଭାଷାଭିତ୍ତିରେ 'ଓଡ଼ିଶାକୁ' ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ମିଳିଥିଲା । ଓଡ଼ିଆ ଜାତୀୟତାବାଦର ଏହା ସର୍ବୋତ୍କୃଷ୍ଟ ପରିପ୍ରକାଶ ଥିଲା । ଏହାସହ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ଏ ସମସ୍ତ ଘଟଣା ଓ ସାକଜିକ-ରାଜୀନୀତିକ ପରିବେଶ ଓଡ଼ିଆ ଗଳ୍ପ ସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଅଧିକାଂଶ ଲେଖକ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ କର୍ମୀ । ଏଣୁ ଓଡ଼ିଆ ଗଳ୍ପରେ ଏହି ମିଶ୍ର ଭାବନା ପରିଲକ୍ଷିତ ହୋଇଥାଏ । ଗୋଟିଏ ପାର୍ଶ୍ୱରେ ଜାତୀୟତାବାଦୀ ଚେତନା ଏବଂ ଅନ୍ୟ ପାର୍ଶ୍ୱରେ ଦୁଇଟି ବିଶ୍ୱଯୁଦ୍ଧର ବିଭିଷୀକା - ଏହି ସମୟର ଓଡ଼ିଆ ଗଳ୍ପରେ ଏହି ଉଭୟ ଚେତନାର ପ୍ରତିଫଳନ ଘଟିଛି । ପୂର୍ବରୁ ଜାତୀୟତାବାଦୀ ଗଳ୍ପ ସଂପର୍କରେ ଆଲୋଚନା କରାଯାଇଥିବା ବେଳେ ଏଠାରେ ଯୁଦ୍ଧ ସଂପର୍କିତ ଗଳ୍ପର ଆଲୋଚନା କରାଯାଉଛି ।

କାଳିନ୍ଦୀ ଚରଣ ପାଣିଗ୍ରାହୀ ବିଶ୍ୱଯୁଦ୍ଧ ଓଡ଼ିଶାର ଜନଜୀବନକୁ କିପରି ପ୍ରଭାବିତ କରିଥିଲା ତାହାର ଚିତ୍ର ଅଙ୍କିତ କରିବାରେ ସମର୍ଥ ହୋଇଛି । ବିଶେଷତଃ ତାଙ୍କ ରଚିତ ବିଜୟ ଉତ୍ସବ, ଜୟହିନ୍ଦ୍ ଓ ଓଡ଼ିଶାରେ ମହାଯୁଦ୍ଧ ଆଦି ଗଳ୍ପ ଗୁଡିକରେ ବିଶ୍ୱଯୁଦ୍ଧ ଜନିତ ସାମାଜିକ ଅବ୍ୟବସ୍ଥାର ଚିତ୍ର ଦେଖିବାକୁ ମିଳିଥାଏ । ଗ୍ରାମୀଣ ସମାଜରେ ବିଶ୍ୱଯୁଦ୍ଧ କିପରି ଖାଦ୍ୟାଭାବ ସୃଷ୍ଟି କରିଥିଲା ତାହାର ଚିତ୍ର ପ୍ରାୟତଃ ଉପସ୍ଥାପିତ ହୋଇଛି । ଦୁର୍ଭିକ୍ଷ ପ୍ରପିଡିତ ଓଡ଼ିଶାରେ ସାମାଜିକ ଜୀବନ ଦ୍ୱିତିୟ ବିଶ୍ୱଯୁଦ୍ଧର ପ୍ରଭାବରେ ଖାଦ୍ୟାଭାବ ସୃଷ୍ଟି ହେବାଦ୍ୱାରା, ଯୁଦ୍ଧରେ ନୁହେଁ ଭୋକରେ ମୃତ୍ୟୁବରଣ କରିଛନ୍ତି, ତାହାର ଚିତ୍ର ବିଜୟ ଉତ୍ସବ ଗଳ୍ପରେ ବର୍ଣ୍ଣିତ ହୋଇଛି । ଲେଖକଙ୍କ ଭାଷାରେ - "ସେହି ଦିନ ଥାନା ଚଉକିଆ ଆସି ଗାଁ ଭିତରେ ଖବର କଲା, ଜାପାନ ଏଥର ହାରିଛି, ସମସ୍ତେ ଦୁଆରେ ଆମ୍ବଡାଳ ବାନ୍ଧି ବିଜୟ ଉତ୍ସବ ପାଳିବେ । ଥାନାରେ କାଲି ଇସ୍କୁଲ ପିଲାଙ୍କୁ ମିଠେଇ ବଣ୍ଟାହେବ ।

ତେବେ ସବୁରିଠାରୁ ବେଶି ବିଜୟ ଉତ୍ସବ ପାଳିଲା ମୁକୁନ୍ଦ । ମଣିଷ କାନ୍ଧରେ ବୁହାହୋଇ ଯିବାର ଭାଗ୍ୟ ଏଇ ତାହାର ପ୍ରଥମ, ଏଇ ତାହାର ଶେଷ ।" କହିବା ବାହୁଲ୍ୟ ଖାଦ୍ୟାଭାବରୁ ମୁକୁନ୍ଦର ମୃତ୍ୟୁ ହୋଇଥିଲା । ଜୟହିନ୍ଦ୍ ଗଳ୍ପରେ ଯୁଦ୍ଧରେ ଯୋଗଦେବାକୁ ଯାଇଥିବା ସତ୍ୟାନନ୍ଦର ସ୍ତ୍ରୀ ନୂପୁର ଯୌନଶୋଷଣର ଶିକାର

ହୋଇଛି । ସ୍ୱାମୀର ଅନୁପସ୍ଥିତିରେ ଗ୍ରାମର କାନଗୋଇ ବାବୁ ନୂପୁରକୁ ଯୌନ ଅତ୍ୟାଚାର କରିବାକୁ ଚେଷ୍ଟା କରିଥିବା ସମୟରେ ନୂପୁର ଏହାର ପ୍ରତିବାଦ କରିଛି । ସେହିପରି ଏକ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ନେଇ କାଳିନ୍ଦୀଚରଣ 'ଓଡ଼ିଶାରେ ମାହାଯୁଦ୍ଧ' ଗଳ୍ପଟି ରଚନା କରିଛନ୍ତି । ଯୁଦ୍ଧର ବାହାନା ନେଇ କିଛି ଲୋକ କିପରି ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିଛନ୍ତି, ତାହାର ଶ୍ଳେଷାତ୍ମକ ଉପସ୍ଥାପନ ଏହି ଗଳ୍ପରେ ଦେଖିବାକୁ ମିଳିଥାଏ ।

ଓଡ଼ିଶାର ଗ୍ରାମୀଣ ସମାଜରେ ଯୁଦ୍ଧର ପ୍ରଭାବକୁ ନେଇ କାଳିନ୍ଦୀଚରଣ ଗଳ୍ପ ରଚନା କରିଥିବା ସମୟରେ, ଗୋପୀନାଥ ମହାନ୍ତି ଜନଜାତି ସମାଜରେ ଏହାର ପ୍ରଭାବ କିପରି ପଡିଥିଲା ତାହାର ଚିତ୍ର ପ୍ରଦାନ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧର ସର୍ବାଧିକ ପ୍ରଭାବ ଥିଲା ଖାଦ୍ୟ ଉପରେ । ଖାଦ୍ୟାଭାବ, ବିଶେଷତଃ ଚାଉଳର ଅଭାବ ସାଧାରଣ ଲୋକଙ୍କ ଜୀବନକୁ ବିପନ୍ନ କରିଦେଇଥିଲା । ଚାଉଳ ଚୋରା ଚାଲାଣ ହୋଇ ବ୍ୟବସାୟୀମାନଙ୍କ ନିକଟକୁ ଚାଲିଯାଉଥିଲା ଓ ସେମାନେ ଅତ୍ୟଧିକ ଦରରେ ତାହାକୁ ବିକ୍ରୟ କରୁଥିଲେ । ସାଧାରଣ ଜନତା ତାହା କ୍ରୟ କରିବାରୁ ବଞ୍ଚିତ ହେଉଥିଲେ । ଏହାର ପୃଷ୍ଠଭୂମିରେ ଗୋପୀନାଥ ମହାନ୍ତି ତାଙ୍କର ବହୁ ଚର୍ଚ୍ଚିତ ଗଳ୍ପ "ପିମ୍ପୁଡ଼ି" ରଚନା କରିଛନ୍ତି । ଚାଉଳ କଳାବଜାରୀ ରୋକିବାକୁ ସରକାରୀ ଅଧିକାରୀ ରମେଶକୁ କୋରାପୁଟର ଘନ ଜଙ୍ଗଲକୁ ଯିବାକୁ ପଡ଼ିଛି । ଏହି ଘଟଣାର ବର୍ଣ୍ଣନା କରି ଗୋପୀନାଥ ସମସାମୟିକ ଜନଜାତି ଜୀବନର ବିସ୍ତୃତ ଚିତ୍ର ଏହି ଗଳ୍ପଟିରେ ରୂପାୟିତ କରିଛନ୍ତି । ଚାଉଳ ଚୋରା କାରାବାର ଚିତ୍ର ଦେବାକୁ ଯାଇ ଗୋପୀନାଥ ଲେଖିଛନ୍ତି "ହାଟକୁ ଗଲେ ଆପଣ ଦେଖିବେ କିଏ ପାଞ୍ଚସେର, କିଏ ଦଶସେର କରି ବିରି ଚାଉଳ କିଣି ନେଇ ଯାଇଛନ୍ତି ଏମିତି ଶହ ଶହ ତଳ ଦେଶର ଲୋକ । ଦି'କୋଶ ଛାଡ଼ି ମାନ୍ଦ୍ରାଜର ସୀମା, ସେଠି ସାହୁକାର ବସିଥିବେ, ଶଗଡ଼ ଥିବ, ପାଖେ ଚାଉଳ ପୁରାଇବାକୁ ବସ୍ତା,ପାଖେ ଟଙ୍କାମୁଣି । ନହେଲେ ତାଙ୍କରି ଟଙ୍କାରେ ମୁଣ୍ଡ ବୋଝିଆ ଚାଉଳ କିଣି ଆଣିଥିବେ । ସେ ଚାଉଳ ଜମା ହେବ । ବସ୍ତାରେ ପଶିବ । ଚାଲିବ ଶଗଡ଼ ବିଶାଖା ପାଟଣା, ପାର୍ବତୀପୁର, ବୋବିଲି, ମକୁଆ ।" ଯୁଦ୍ଧ ସମୟରେ ଓଡ଼ିଶାର ଚାଉଳ ଆନ୍ଧ୍ରକୁ ଚାଲାଣ ହୋଇ ଓଡ଼ିଶାର ଅର୍ଥନୀତିକୁ କିପରି ଅଧିକ ବିପନ୍ନ କରିଥିଲା, ତାହାର ଚିତ୍ର ଏହି ଗଳ୍ପରେ ଦେଖିବାକୁ ମିଳିଥାଏ । ସେହିପରି "ଶିକାର" ଗଳ୍ପରେ ସାମ୍ରାଜ୍ୟବାଦର ବିସ୍ତାର ସମଗ୍ର ପୃଥିବୀକୁ କିପରି କବଳିତ କରିଛି ଓ ଏହାଦ୍ୱାରା ସମାଜିକ ଜୀବନ କିପରି ବିପନ୍ନ ହୋଇ ଉଠିଛି ତାହାର ବ୍ୟାଖ୍ୟାନ କରାଯାଇଛି । ଏକ ଯୁଦ୍ଧୋତ୍ତର ପରିବର୍ତ୍ତିତ ପୃଥିବୀର ଚିତ୍ର ବର୍ଣ୍ଣନା କରିବାକୁ ଯାଇ ଗୋପୀନାଥ 'ଶିକାର' ଗଳ୍ପରେ ଲେଖନ୍ତି "ପଛେ ପଛେ ଆସିଛି ସେହି ବର୍ବର ଅଭିଯାନର ଫଳଭୋଗୀ ଔପନିବେଶିକ ନୀତି, ବିଜେତା ହେବ ଭୂମିର ମାଲିକ, ବିନିତ ସେ ଜମିରେ ମଜୁରିଆ । ବିନିତ ଶସ୍ୟ ଉପୁଜେଇବ,ବିଜେତା ତାକୁ ବୋହିନେବ । ଶସ୍ତାରେ ନହେଲେ,ସୁଧ ମଜୁରାରେ, ଭାଗ ମଜୁରାରେ । ବିଜିତର ଶ୍ରମକୁ ଏକାଠି କରି ବିଜେତା ଗଢ଼ିବ ଫ୍ୟାକ୍‌ଟେରୀ, ଇଣ୍ଡଷ୍ଟ୍ରୀ, ପ୍ରକାଣ୍ଡ ପ୍ରକାଣ୍ଡ କଳକାରଖାନା, କ୍ରମେ ବଜିତ ଭୁଲିଯିବ । ସେ ବିଜିତ ଭାବିବ, ଏ ଭଗବାନଙ୍କ ନିୟମ, ଏ ପରିସ୍ଥିତିରେ ଇଶ୍ୱରସୃଷ୍ଟ ପରିବେଷ୍ଟନୀ ଭିତରେ ସେ ଜଣେ ଖଟିଖିଆ କାରିଗର, ତା'ର ଭାଗ ଏତିକି, ଆଉ ଅଧିକ ନୁହେଁ ।" ଯୁଦ୍ଧ ଓ ଔପନିବେଶିକ ଶାସନ କିପରି ନୂତନ ଆର୍ଥନୀତିକ ଢାଞ୍ଚା ନିର୍ମାଣ କରି ଦେଶୀୟ ଲୋକଙ୍କ ସାମାଜିକ ନିରାପତ୍ତାକୁ ବିପନ୍ନ କରିଥିଲା, ତାହାର ମୌଳ ଦିଗକୁ ଗୋପୀନାଥ ଶିକାର ଗଳ୍ପରେ ଉପସ୍ଥାପନ କରିଛନ୍ତି । ଏଣୁ ପିମ୍ପୁଡି ଓ ଶିକାର ଗଳ୍ପ ଯୁଦ୍ଧ ସମୟର ଓଡ଼ିଶାର ବାସ୍ତବ ଚିତ୍ର ପ୍ରଦାନ କରି ସର୍ବକାଳୀନ ଚର୍ଚ୍ଚିତ ଗଳ୍ପ ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଏହାବ୍ୟତୀତ ଗୋପୀନାଥଙ୍କ ମଣିଷ, ତୋପ ଓ ଗୁଳି ନାମକ ଗଳ୍ପ ତିନୋଟିରେ ମଧ୍ୟ ଯୁଦ୍ଧର ଆତଙ୍କ ଉପସ୍ଥାପିତ ହୋଇଛି ।

ପ୍ରାଣବନ୍ଧୁ କରଙ୍କ "ସୁଅ ମୁହଁରେ ପତର" ଗଳ୍ପଟି ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ସ୍ଥିତିକୁ ବ୍ୟାଖ୍ୟାନ କରିବାରେ ସମର୍ଥ ହୋଇପାରିଛି। ଗ୍ରାମୀଣ ଚାଷୀକୁଳ ଦ୍ୱିତୀୟ ବିଶ୍ୱଯୁଦ୍ଧ ଦ୍ୱାରା କିପରି ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ତାହାର ବିଶଦ ଚିତ୍ର ଏହି ଗଳ୍ପରେ ଉପସ୍ଥାପିତ ହୋଇଛି। "ଲଢେଇ ଯୋଉଠି ଲାଗୁ – ଅପତ୍ତି ମନରେ ଆସିଚି ବିଷାଦ – ସବୁ ଜିନିଷର ଦାମ୍ ବଢିଗଲା – କିରାସିନି, ଚାଉଳ, ଲୁଗାତ ଆଉ ମିଳୁନାହିଁ – ଚାଉଳ ଟଙ୍କାକୁ ଦି'ସେରେ- ସେ ବି ଯୋଡା ଦାନା ସେଥିରେ ବି କିଳାପୋତେଇ। ଡିବିରି ଖଣ୍ଡକରେ ଧୂଳି ଆଙ୍ଗୁଠି ବହଳରେ ଜମିଗଲାଣି – ଟୋପେ କିରାସିନୀ ବି ତାକୁ ମିଳୁନାହିଁ।" ଏହି ଆର୍ଥିକ ଅବ୍ୟବସ୍ଥା ସାମାଜିକ ଶ୍ରେଣୀ ବୈଷମ୍ୟକୁ ଅଧିକ ବ୍ୟାପକ କରିଛି। ଧନୀ ବ୍ୟବସାୟୀମାନେ କଣ୍ଟ୍ରୋଲ ସାମଗ୍ରୀକୁ ଚୋରାରେ ବିକ୍ରିକରି ପ୍ରଚୁର ଲାଭ ପାଉଥିବା ସମୟରେ ଗଳ୍ପ ନାୟକ ଅପର୍ତ୍ତି ପରି ଶ୍ରମଜୀବୀ ଚାଷୀମାନେ ପରିବାର ଚଳାଇବାକୁ ଅସମର୍ଥ ହୋଇଛନ୍ତି। ଅଧାଲଙ୍ଗଳା ଓ ଅଧାପେଟରେ ସେମାନେ ଦୟନୀୟ ଜୀବନ ଯାପନ କରିଛନ୍ତି। ଅପର୍ତ୍ତି ତା ସ୍ତ୍ରୀ ଗୁରେଇକୁ ଖଣ୍ଡିଏ ଶସ୍ତା ଶାଢ଼ୀ ମଧ୍ୟ କିଣି ଦେଇ ପାରିନାହିଁ। ଯୁଦ୍ଧ ଶେଷ ହେବାପରେ ମଧ୍ୟ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇନାହିଁ। "ହଳ ଛାଡ଼ିଦେଇ ଅପର୍ତ୍ତି ଆଣ୍ଠୁ ଉପରେ କହୁଣୀ ରଖି ହିଡ଼ ଉପରେ ବସି ଭାବେ – କିନ୍ତୁ ନାଇଁ? ପରିବର୍ତ୍ତନ କେଉଁଠି ଦେଖେନି? ଧନୀସାହୁର କଳାବଜାର ତ ଠିକ୍ ସେମିତି ଚାଲିଛି। – ତାଙ୍କ ଗାଁ ପୋଖରୀ ଗୁଡ଼ିକରେ ତ ଦଳ ସେମିତି ହୋଇଛି – ମେଲେରିଆ ହଇଜାରେ ସେମିତି ତ ଲୋକ ମରୁଛନ୍ତି –ଗୁରେଇର ଛିଣ୍ଡା ଖଦୀଟା ତ ସେମିତି ଦେଖାଯାଉଛି।" ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ସ୍ୱାଧୀନତା ପାଇଛି, ତଥାପି ଅପତ୍ତିର ଆର୍ଥିକ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅବସ୍ଥା ଅସମ୍ଭାଳ ହେବାରୁ ସେ ତା' ସ୍ତ୍ରୀ ଗୁରେଇ ନିମିତ୍ତ ଶାଢ଼ୀ ଚୋରୀ କରିଛି। ପୋଲିସ ତା' ପାଖକୁ ଆସିଥିଲେ ହେଁ, ଅପର୍ତ୍ତିକୁ ଚୋର ଭାବରେ ଧରି ପାରିନାହିଁ। ଗାଳ୍ପିକ ପ୍ରାଣବନ୍ଧୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଷୀକୂଳକୁ କିପରି ଚୋର କରିଦେଇଛି ଏବଂ ଏହା ଭାରତୀୟ ମୂଲ୍ୟବୋଧକୁ ଗଭୀର ଭାବରେ କେବଳ ପ୍ରଭାବିତ କରିନାହିଁ, ସାମାଜିକ ଶ୍ରେଣୀ ବୈଷମ୍ୟକୁ ଅଧିକ ବ୍ୟାପକ କରିଛି, ତାହାର ଚିତ୍ର ଏହି ଗଳ୍ପଟିରେ ଉପସ୍ଥାପିତ କରିଛନ୍ତି। ତାଙ୍କର ଅନ୍ୟ ଦୁଇଟି ଗଳ୍ପ, ଦୁଇ ସଖୀ ଓ ହିରୋରେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ କିପରି ଜନଜାତିର ସମାଜ ଓ ଚରିତ୍ରମାନଙ୍କୁ ପ୍ରଭାବିତ କରିଛି, ତାହାର ଚିତ୍ର ପ୍ରଦାନ କରିଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଓଡ଼ିଆ ଗଳ୍ପକୁ ବିଶ୍ୱ ଚିନ୍ତନ ସହ ଯୋଡିବାରେ ସକ୍ଷମ ହୋଇଛି। ଯୁଦ୍ଧ ଭାରତୀୟ ସମାଜ ବ୍ୟବସ୍ଥା ଓ ଆର୍ଥନୀତିକ ବ୍ୟବସ୍ଥାକୁ କିପରି ପ୍ରଭାବିତ କରିଛି। ସେ ସଂପର୍କରେ ଗାଳ୍ପିକମାନେ ଅତି ସଚେତନ ଭାବରେ ନିଜ ନିଜ ଦୃଷ୍ଟିକୋଣ ଗଳ୍ପ ମାଧ୍ୟମରେ ଉପସ୍ଥାପିତ କରିଛନ୍ତି। ଯୁଦ୍ଧ ଦ୍ୱାରା ଭାରତୀୟ ମୂଲ୍ୟବୋଧରେ ଯେଉଁ ବ୍ୟାପକ ପରିବର୍ତ୍ତନ ଆସିଛି, ଓଡ଼ିଆ ଗାଳ୍ପିକମାନେ ତାହାର ଅନ୍ତରଙ୍ଗ ଚିତ୍ର ନିଜ ନିଜ ଗଳ୍ପ ମଧ୍ୟରେ ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ଓଡ଼ିଆ ଗଳ୍ପ ଅଧିକ ଚଳଚଞ୍ଚଳ ଓ ସମୃଦ୍ଧ ହୋଇପାରିଛି।

## ୨.୪.୪ ବାସ୍ତବବାଦୀ ଓଡ଼ିଆ ଗଳ୍ପ

"ବାସ୍ତବବାଦ" ସାହିତ୍ୟର ଏକ ପ୍ରମୁଖ ଆନ୍ଦୋଳନ। ସମାଜର ବାସ୍ତବ ଚିତ୍ରକୁ ସାହିତ୍ୟରେ ରୂପାୟନ କରିବାକୁ ଏହା ପ୍ରାଧାନ୍ୟ ଦେଇଥାଏ। କଳ୍ପନା, ରୋମାଞ୍ଚ, ଅତିବର୍ଣ୍ଣନାକୁ ପରିହାର କରି ଯଥାର୍ଥ ଚିତ୍ର ଦେବାକୁ ବାସ୍ତବବାଦୀ ଲେଖକମାନେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ଏମାନଙ୍କ ମତରେ ବାସ୍ତବତାହିଁ ସତ୍ୟ। ତାହାରି ମଧ୍ୟରେ

ଲୁଚି ରହିଥାଏ ମାନବ ସମାଜ ଓ ଜୀବନର ସତ୍ୟ । ତାହାକୁ ଉନ୍ମୋଚିତ କରିବାହିଁ ବାସ୍ତବବାଦୀ ସାହିତ୍ୟିକର ଧ୍ୟେୟ ଓ ଆଦର୍ଶ । **ବାଲ୍‌ଜାକ୍, ଟଲଷ୍ଟୟ, ଡିକେନସ୍, ଗର୍କି, ମୋପାସାଁ, ଚେକଭ୍** ଆଦି ଲେଖକମାନେ ଏହି ଆଦର୍ଶର ପ୍ରବର୍ତ୍ତକ ଥିଲେ । ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ଫକୀରମୋହନ ସେନାପତି ମଧ୍ୟ ଥିଲେ ଜଣେ ବାସ୍ତବବାଦୀ ଲେଖକ । ଫକୀରମୋହନଙ୍କ ପରବର୍ତ୍ତି ସମୟରେ ବହୁ ଗାଳ୍ପିକ ଓଡ଼ିଶାର ସାମାଜିକ ସମସ୍ୟାଗୁଡିକୁ ନେଇ ବହୁ ସ୍ମରଣୀୟ ଗଳ୍ପ ରଚନା କରିଛନ୍ତି । ଏହି ଗଳ୍ପ ଗୁଡିକ ସମାଜ ବ୍ୟବସ୍ଥାର ଚିତ୍ର ପ୍ରଦାନ କରିବା ସହ ମାନବ ଜୀବନର ଚିରନ୍ତନ ସତ୍ୟ ଓ ବାସ୍ତବତାର ଉଦ୍‌ଘାଟନ କରିଛନ୍ତି ।

ଫକୀରମୋହନଙ୍କ ପରବର୍ତ୍ତୀ ସମୟରେ ବାସ୍ତବବାଦୀ ଗଳ୍ପ ରଚନାରେ ଗୋଦାବରୀଶ ମହାପାତ୍ର ଅନନ୍ୟ ସଫଳତା ପାଇପାରିଛନ୍ତି । ତାଙ୍କର ବହୁ ବାସ୍ତବବାଦୀ ଗଳ୍ପ ଥିଲେହେଁ, ମାଗୁଣିର ଶଗଡ଼, ନୀଳ ମାଷ୍ଟରାଣୀ ଏବଂ ମୁଁ ଜଣେ କିରାଣି ଏହି ଗଳ୍ପ ମାନଙ୍କ ମଧ୍ୟରୁ ସର୍ବାଧିକ ଚର୍ଚ୍ଚିତ ଓ ଆଲୋଚିତ ଗଳ୍ପ । ମାଗୁଣିର ଶଗଡ ଗଳ୍ପଟି ସାମାଜିକ ପରିବର୍ତ୍ତନର ଚିତ୍ର ପ୍ରଦାନ କରିଥାଏ । ଭାରତୀୟ ପାରମ୍ପାରିକ ସମାଜ ବ୍ୟବସ୍ଥାରେ ଯନ୍ତ୍ର ଯୁଗ ଓ ଶିଳ୍ପ ଯୁଗର ଅଭ୍ୟୁଦୟ ଦ୍ୱାରା ଯେଉଁ ନୂତନ ସାମାଜିକ ସମୀକରଣ ସୃଷ୍ଟି ହୋଇଥିଲା ତାହାର ପଟ୍ଟଭୂମିରେ 'ମାଗୁଣିର ଶଗଡ଼' ଗଳ୍ପଟି ରଚିତ । ଶଗଡ଼ରେ ଷ୍ଟେସନକୁ ଯାତ୍ରୀ ବୋହୁଥିବା ମାଗୁଣି ସିଂହଘର ବାସ ଆଣିବାଦ୍ୱାରା ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି, ସେଥିରେ ଭାରତୀୟ ସମାଜ ବ୍ୟବସ୍ଥାରେ ଆସିଥିବା ବ୍ୟାପକ ପରିବର୍ତ୍ତନର ଗାଥା ଚିତ୍ରିତ ହୋଇଛି । ଯନ୍ତ୍ର, କୁଟୀର ଶିଳ୍ପର ବିକଳ୍ପ ହୋଇ ନୂତନ ଅର୍ଥ ବ୍ୟବସ୍ଥା ସୃଷ୍ଟି କରିବା ଦ୍ୱାରା ଗରିବ ଚାଷୀ ଓ ମୂଲିଆମାନେ କିପରି ଅଧିକ ଗରିବ ଓ ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟକୁ ଚାଲିଯାଇଛନ୍ତି, ତାହାର ବାସ୍ତବ ଚିତ୍ର ପ୍ରଦାନ କରିଥାଏ ମାଗୁଣିର ଶଗଡ ଗଳ୍ପ । ଗଳ୍ପର କାହାଣୀ ମଧ୍ୟରେ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ଓ ସେହି ପରିବର୍ତ୍ତନ ଦ୍ୱାରା ଆର୍ଥିକ ଅନଗ୍ରସର ବ୍ୟକ୍ତିମାନଙ୍କ ଅସହାୟତାର ଚିତ୍ର ଏହି ଗଳ୍ପଟିକୁ ଏକ ସର୍ବକାଳୀନି ଦସ୍ତାବିଜ କରିଦେଇଛି । ସେହିପରି "ନୀଳ ମାଷ୍ଟରାଣୀ' ଗଳ୍ପଟିରେ ମଧ୍ୟ ଏକ ସାମାଜିକ ପରିବର୍ତ୍ତନର ଚିତ୍ର ପ୍ରଦାନ କରିଛନ୍ତି ଗୋଦାବରୀଶ । ନାରୀଶିକ୍ଷା ଓ ପ୍ରେମବିବାହର ପୃଷ୍ଠଭୂମିରେ ଗଳ୍ପଟିର କାହାଣୀକୁ ସଂଗଠିତ କରାଯାଇ ଏକ ରକ୍ଷଣଶୀଳ ହିନ୍ଦୁ ସମାଜରେ ଆସୁଥିବା ପରିବର୍ତ୍ତନର ଚିତ୍ର ପ୍ରଦାନ କରାଯାଇଛି । ଏହି ନାୟିକା କୈନ୍ଦ୍ରୀକ ଗଳ୍ପଟିରେ ଜଣେ ଶିକ୍ଷିତା ବ୍ରାହ୍ମଣ ଯୁବତୀ ଜଣେ ଅଚ୍ଛବ ଯୁବକକୁ ବିବାହ କରିବା ଦ୍ୱାରା ଯେଉଁ ସାମାଜିକ ସମସ୍ୟା ସୃଷ୍ଟି ହୋଇଛି, ତାହାର ବ୍ୟାଖ୍ୟାନ କରାଯାଇଛି । "ଦେଖିଲା-ମଦନ ସେଠିର ଶର ନୀଳମାଷ୍ଟ୍ରାଣୀଙ୍କୁ ଅନ୍ଧ କରିଦେଲା । ନୀଳମାଷ୍ଟରାଣୀ ଆଖି ଥାଇ ଅନ୍ଧ ହୋଇ ଦ୍ରୌପଦୀ ବେଶରେ ତା' ସଙ୍ଗେ ସଙ୍ଗେ ଚାଲିଗଲା । ତା'ର ଶିକ୍ଷକତା ଗଲା, ତା'ର ଭ୍ରାତୃସ୍ନେହ ଗଲା, ତାର ସମାଜ ବନ୍ଧନ ଗଲା ।" ପରବର୍ତ୍ତୀ ପର୍ଯ୍ୟାୟରେ ନୀଳମାଷ୍ଟରାଣୀର ଆର୍ଥିକ ସ୍ଥିତି ଏକାନ୍ତ ଦୁର୍ବଳ ହୋଇଯାଇଛି । ଜାତିଭେଦ, ନାରୀ ଶିକ୍ଷାର ପ୍ରସାର ଓ ସାମାଜିକ ଅସଂଗତି ଗୁଡିକର କଳାତ୍ମକ ଉପସ୍ଥାପନା ଏ ଗଳ୍ପଟିକୁ ସବୁଦିନେ ଚର୍ଚ୍ଚିତ କରି ରଖିଛି ।

"ମୁଁ ଜଣେ କିରାଣି" ତାଙ୍କର ଅନ୍ୟତମ ସାର୍ଥକ ସୃଷ୍ଟି । ସାମାଜିକ ବିକାଶର ଚିତ୍ର ଏହି ଗଳ୍ପଟିରେ ଅତି ସଫଳତାର ସହ ରୂପାୟିତ ହୋଇଛି । ଭୁବନେଶ୍ୱରରେ ଓଡ଼ିଶାର ନୂତନ ରାଜଧାନୀ ପ୍ରତିଷ୍ଠା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସୃଷ୍ଟି ହେବା ଦ୍ୱାରା ଏକ ମଧ୍ୟବିତ୍ତ ଗୋଷ୍ଠି, କିରାଣୀ ସଂପ୍ରଦାୟର ଆବିର୍ଭାବ ଘଟିଛି । ଓଡ଼ିଶାର ଗ୍ରାମୀଣ ସଭ୍ୟତାରେ ସହରୀ ସଭ୍ୟତା ପ୍ରବେଶ ହେବାଦ୍ୱାରା ସାମାଜିକ ସମୀକରଣରେ ଯେଉଁ ପରିବର୍ତ୍ତନ ଆସିଛି, ତାହାର

ବାସ୍ତବ ଚିତ୍ର ଏହି ଗଳ୍ପଟିରେ ଦେଖିବାକୁ ମିଳିଥାଏ। ଅନନ୍ତ ପ୍ରସାଦ ପଣ୍ଡାଙ୍କ 'ଟାଇପ୍ ଫୋର୍' ଗଳ୍ପଟି ମଧ୍ୟ ଏହି ଦୃଷ୍ଟିରୁ ପ୍ରଣିଧାନ ଯୋଗ୍ୟ। ଓଡ଼ିଶାର ରାଜଧାନୀ କଟକ ସହରରୁ ଭୁବନେଶ୍ୱରକୁ ଚାଲି ଆସିବା ଦ୍ୱାରା ଯେଉଁ ନୂତନ ଶ୍ରେଣୀ ବୈଷମ୍ୟ ସୃଷ୍ଟି ହୋଇଛି,ତାହାରି ପୃଷ୍ଠଭୂମି ଉପରେ ରଚିତ ହୋଇଛି 'ଟାଇପ୍ ଫୋର' ଗଳ୍ପ।

ଏହି ସମୟର ଆଉ ଦୁଇଜଣ ପ୍ରତିଭାଦୀପ୍ତ ଗାଳ୍ପିକ ହେଉଛନ୍ତି କାଳିନ୍ଦୀ ଚରଣ ପାଣୀଗ୍ରାହୀ ଓ ସଚ୍ଚିଦାନନ୍ଦ ରାଉତରାୟ। କାଳିନ୍ଦୀଚରଣଙ୍କ ମାଂସର ବିଳାପ, ବିଟ୍‌ଘର ଓ ରେଳଗାଡି ଆଦି ଗଳ୍ପଗୁଡିକ ସାମାଜିକ ବ୍ୟବସ୍ଥାର ବାସ୍ତବ ଚିତ୍ର ଉପସ୍ଥାପନ କରିଥାନ୍ତି। ମାଂସର ବିଳାପ ଗଳ୍ପରେ ସାମନ୍ତବାଦର ଅସହାୟତା ଓ ଉପନୈବେଶିକ ଶାସନ ବ୍ୟବସ୍ଥାର ପାର୍ଦୁର୍ଭାବକୁ ଉପସ୍ଥାପନ କରାଯାଇଛି। ଜମିଦାରଙ୍କ ସ୍ନେହ ପାଳିତ ଜଲି ନାମକ ଏକ କୃଷ୍ଣସାରକୁ ପୋଲିସ ଡିଜି ସାହେବ ନୈଶ ଭୋଜନ ନିମିତ୍ତ ହତ୍ୟାକରି ତାହାର ମାଂସକୁ ଭୋଜିକରି ଖାଇଥିଲେ। ଜମିଦାରଙ୍କୁ ଏହା ବ୍ୟଥିତ କରିଥିଲେହେଁ ସେ ଏହାର ପ୍ରତିବାଦ କରିପାରିନଥିଲେ। ତତ୍‌କାଳୀନ ଔପନିବେଶିକ ସମାଜ ବ୍ୟବସ୍ଥାର ପୃଷ୍ଠଭୂମିରେ ଗଳ୍ପଟି ରଚିତ ହୋଇଛି। ସେହିପରି ବିଟ୍‌ଘର ଓ ରେଳଗାଡି ଗଳ୍ପରେ ଓଡ଼ିଶାର ଦାରିଦ୍ର୍ୟ ଓ କଳିକତା ସହ ଓଡ଼ିଶାର ବାଣିଜ୍ୟିକ ସଂପର୍କରେ ଚିତ୍ର ପ୍ରଦାନ କରାଯାଇଛି। ସମାଜର ବାସ୍ତବ ଚିତ୍ର ଗଳ୍ପ ଗୁଡ଼ିକରେ ଅତି ସାନ୍ଦ୍ର ଭାବରେ ଉପସ୍ଥାପିତ ହୋଇଥିବାରୁ,ଏହି ଗଳ୍ପଗୁଡିକୁ ତାତ୍‌କାଳୀନ ସମାଜର ସମାନ୍ତରାଳ ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ।

ସଚ୍ଚିଦାନନ୍ଦ ରାଉତରାୟଙ୍କ ମଶାଣିର ଫୁଲ, ଅନ୍ଧାରୁଆ, ମାଟିର ତାଜ, ହାତ ଆଦି ଗଳ୍ପ ଗୁଡ଼ିକ ବାସ୍ତବବାଦୀ ଚେତନାର ସର୍ବଶ୍ରେଷ୍ଠ ପରିପ୍ରକାଶ। ସମାଜର ତୃଣମୂଳ ସ୍ତରରେ ବାସ କରୁଥିବା ଚରିତ୍ରମାନଙ୍କ ପ୍ରତି ସର୍ବଦା ସେ ସମ୍ବେଦନଶୀଳ। ସମାଜର ଅବହେଳିତ ତଥା ଦୀନ ଦୁଃଖି ଚରିତ୍ରମାନେ ଗାଳ୍ପିକଙ୍କ ଯାଦୁକରୀ ସ୍ପର୍ଶରେ ଉଦ୍‌ଭାସିତ ହୋଇ ମାନବବାଦର ବାର୍ତ୍ତା ପ୍ରଚାର କରିଥାନ୍ତି। ମଶାଣିର ଫୁଲ ଗଳ୍ପର ଜଗୁ ଡିଆଡ଼ି ଅଥବା ଅନ୍ଧାରୁଆ ଗଳ୍ପର ପହିଲି ପଧାନ ସେହିପରି ଲେଖକ ସୃଷ୍ଟ ମହନୀୟ ଚରିତ୍ର ମଧ୍ୟରୁ ଅନ୍ୟତମ। ମଶାଣିର ଫୁଲ ଗଳ୍ପର ନାୟକ ମଡାପୋଡା ଜଗୁ ଡିଆଡି ମଧ୍ୟରେ ଜାଗ୍ରତ ହୋଇଥିବା ମାନବୀୟ ସମ୍ବଦନଶୀଳତା ପାଠକକୁ ବିଭୋର କରିଥିବା ସମୟରେ ଅନ୍ଧାରୁଆ ଗଳ୍ପର ନାୟକ ପହଲି ପଧାନ ଅଜାଣତରେ ଗୋରୁମରା ପାପ ନିମିତ୍ତ ଯେପରି ତଳି ତଳାନ୍ତ ହୋଇ ପଥର କନ୍ଦିରେ ମୃତ୍ୟୁ ବରଣ କରିଛି, ତାହା ପଠନ କରି ପାଠକର ହୃଦୟ ଆଲୋଡିତ ହୋଇଉଠେ। ହିନ୍ଦୁ ସମାଜବ୍ୟବସ୍ଥାରେ ବ୍ୟକ୍ତି ଜୀବନର ଅସହାୟତା ସହ ସାମାଜିକ ନ୍ୟାୟ କିପରି ସୁଦୂର ପରାହତ,ତାହାର ବାସ୍ତବ ଚିତ୍ର ଏହି ଗଳ୍ପଟିରେ ଉପସ୍ଥାପିତ ହୋଇଛି।

ଓଡ଼ିଶାର ସମାଜ ବ୍ୟବସ୍ଥାରେ ହିନ୍ଦୁମାନଙ୍କ ସହ ମୁସଲମାନଙ୍କ ସହାବସ୍ଥାନ ଐତିହାସିକ କାଳରୁ ଦେଖିବାକୁ ମିଳିଥାଏ। ପ୍ରାୟତଃ ଦୁଇ ଧର୍ମ ମଧ୍ୟରେ ସମନ୍ୱୟ ଏବଂ ଅଧିବାସୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଦେଖିବାକୁ ମିଳିଥାଏ। ଏହି ଚେତନା ମଧ୍ୟ ଓଡ଼ିଆ ଗଳ୍ପ ସାହିତ୍ୟରେ ସକାରାତ୍ମକ ଭାବରେ ରୂପାୟିତ ହୋଇଛି। ସଚ୍ଚିଦାନନ୍ଦ ରାଉତରାୟଙ୍କ "ମାଟିର ତାଜ" ସେହିପରି ଏକ ଧର୍ମ ସମନ୍ୱୟବାଦୀ ଗଳ୍ପ। ଅମିନା ବାଲ୍ୟକାଳରୁ ମଦନକୁ ଭଲ ପାଉଥିଲେହେଁ ତାଙ୍କ ମଧ୍ୟରେ ବିବାହ ସମ୍ଭବ ହୋଇପାରିନି। ଦୁହେଁ ଅନ୍ୟତ୍ର ବିବାହ କରିଥିବା ସମୟରେ, ଅମିନାର ଆକସ୍ମିକ ମୃତ୍ୟୁ ଘଟିଛି। ମଦନ ଅମିନାର ପ୍ରେମକୁ ସମ୍ମାନ ଦେବା ନିମିତ୍ତ ଅତି ସ୍ନେହରେ ତା'ର କବର

ନିଜ ହାତରେ ତିଆରି କରିଛି । ମଦନ ଜଣେ ଦିନ ମଜୁରିଆ ପଥର ଶିଳ୍ପୀ । ଗାଳ୍ପିକ ଅତି ସମ୍ବେଦନଶୀଳ ହୋଇ ମଦନ ଓ ଅମିନାର ଚରିତ୍ର ଚିତ୍ରଣ କରିଛନ୍ତି । ବାମାଚରଣ ମିତ୍ରଙ୍କ ହୋଲି ଓ ଧର୍ମକ୍ଷେତ୍ରେ ଦୁଇଟି ଗଳ୍ପ ଯେଉଁ ଗଳ୍ପ ଦୁଇଟିରେ ହିନ୍ଦୁ ଓ ମୁସଲମାନଙ୍କ ସୌହାର୍ଦ୍ଦ୍ୟ ଓ ବିଭେଦର କଥା ରହିଛି । ହୋଲି ଗଳ୍ପରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ରହିଥିବା ଧର୍ମମତବାଦଗତ ବିଭେଦର ବର୍ଣ୍ଣନା ରହିଥିବା ସମୟରେ ଧର୍ମକ୍ଷେତ୍ର ଗଳ୍ପରେ ଧର୍ମ ସମନ୍ୱୟର କଥା କୁହାଯାଇଛି ।

ସ୍ୱାଧୀନତା ପୂର୍ବ ଓଡ଼ିଆ ଗଳ୍ପରେ ବାସ୍ତବବାଦୀ ଚିତ୍ର ଉପସ୍ଥାପନ କରିବାରେ ଗୋପୀନାଥ ମହାନ୍ତିଙ୍କର ମଧ୍ୟ ଅଗ୍ରଣୀ ଭୂମିକା ରହିଛି । ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ସେ ଋଦ୍ଧିମନ୍ତ କରିଥିଲେହେଁ, ତାଙ୍କ ରଚନା ଦ୍ୱାରା ଓଡ଼ିଆ ଗଳ୍ପ ସାହିତ୍ୟ ମଧ୍ୟ ସମୃଦ୍ଧ ହୋଇଛି । ତାଙ୍କ ଗଳ୍ପରେ ଅବହେଳିତ ଜନ ସଂପ୍ରଦାୟ ସହ ଜନଜାତିର ଚିତ୍ର ଓଡ଼ିଆ ଗଳ୍ପ ଭଣ୍ଡାରକୁ ସମୃଦ୍ଧ କରିଛି । ସୋଫାଗାଡା, ଟଡ଼୍‌ପା, ପିମ୍ପୁଡି ଆଦି ଗଳ୍ପରେ ଗୋପୀନାଥ ଓଡ଼ିଶାର ଜନଜାତି, ବିଶେଷତଃ କନ୍ଧ ଜନଜାତିର ଚିତ୍ର ପ୍ରଦାନ କରିବାରେ ସଚେଷ୍ଟ ହୋଇଛନ୍ତି । ଏହି ଗଳ୍ପ ଗୁଡିକରେ ସେ ଗଳ୍ପର କାହାଣୀ ଉପରେ ପ୍ରାଧାନ୍ୟ ନଦେଇ ଜନଜାତିର ଜୀବନଶୈଳୀକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସଭ୍ୟ ସମାଜର ବାହାରେ ବଣପାହାଡ଼ରେ ବାସ କରୁଥିବା ଚରିତ୍ରମାନଙ୍କୁ ସେ ତାଙ୍କ ସାହିତ୍ୟରେ ପ୍ରମୁଖତା ପ୍ରଦାନ କରିଅଛନ୍ତି । ସେମାନଙ୍କର ଜୀବନ ଜିଜ୍ଞାସା ଓ ଜୀବନ ଯାପନ ଗୋପୀନାଥଙ୍କ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ବଣ ପାହାଡରେ ବାସ କରୁଥିବା ଆଦିମ ମାନବ ଜାତିର ସଂସ୍କୃତି ଓ ଜୀବନଶୈଳୀକୁ ଓଡ଼ିଆ ଗଳ୍ପରେ ଅନ୍ତରଙ୍ଗ ଉପସ୍ଥାପନା କରି ସେ ଓଡ଼ିଆ ଗଳ୍ପର ନବଦିଗନ୍ତ ସୃଷ୍ଟି କରିଯାଇଛନ୍ତି । ସେହିପରି ତାଙ୍କର ଘର, ମାଟିଆ ବୁରୁଜ, ଅସରନ୍ତି,କାଉକୋଇଲି ଆଦି ଗଳ୍ପରେ ସାମାଜିକ ବାସ୍ତବତାର ଚିତ୍ର ଅତି ମାର୍ମିକ ଭାବରେ ଉପସ୍ଥାପିତ ହୋଇଛି । ବିଶେଷତଃ ଘର ଗଳ୍ପଟି ତାଙ୍କର ଏକ ଅନନ୍ୟ ଗଳ୍ପ ଯେଉଁଥିରେ କଟକ ସହରରେ ଓଡ଼ିଶାର ରାଜଧାନୀ ଥିବା ସମୟର ଘଟଣା ବର୍ଣିତ ହୋଇଛି । ଜଣେ କର୍ମଚାରୀ ନିମିତ୍ତ ଘରଟିଏ ନମିଳିବାରୁ ସେ କିପରି ରାସ୍ତାକଡରେ ଗାଈ, ଗୋରୁ, କୁକୁର ମେଳରେ ନିଜର ଆସନ୍ନ ପ୍ରସବା ସ୍ତ୍ରୀ ସହିତ ନିଜର ଅନ୍ୟ ଛୋଟପିଲାମାନଙ୍କୁ ନେଇ ଜୀବନ ଅତିବାହିତ କରିଛି, ତାହାର କରୁଣ ବର୍ଣନା ପାଠକ ହୃଦୟକୁ ଆଲୋଡିତ କରିଥାଏ । ତାଙ୍କର ଅନ୍ୟ ଗଳ୍ପ ଗୁଡିକରେ ଦାରିଦ୍ର୍ୟର କଷାଘାତରେ ମାନବୀୟ ଜୀବନ କିପରି ମ୍ଳାନ ହୋଇଯାଏ, ତାହାର ବାସ୍ତବ ଚିତ୍ର ଦେଖିବାକୁ ମିଳିଥାଏ ।

ରାଜକିଶୋର ପଟ୍ଟନାୟକ ଓ ରାଜକିଶୋର ରାୟ ଏହି ସମୟର ଅନ୍ୟ ଦୁଇଜଣ ପ୍ରତିଭାବାନ କଥାଶିଳ୍ପୀ । ରାଜକିଶୋର ପଟ୍ଟନାୟକ ନୀଡ, ପଶୁ, ମୂକ, ଧୂଳି, ଘାସ ଆଦି ଗଳ୍ପରେ ସେ ସମାଜର ବିଭିନ୍ନ ସ୍ତରର ଚରିତ୍ରମାନଙ୍କୁ ଚିତ୍ରିତ କରି ତାଙ୍କର ଜୀବନ ପ୍ରତି ଥିବା ଦୃଷ୍ଟିକୋଣର ପରିପ୍ରକାଶ କରିଛନ୍ତି । କିରାଣୀ, ଶିକ୍ଷକ, ଅଧ୍ୟାପକ, ଡାକ୍ତର ଆଦି ବୃତ୍ତିଗତ ଚରିତ୍ରମାନଙ୍କୁ ସେ ନାୟକ କରି ସାମାଜିକ ବ୍ୟବସ୍ଥାରେ ରହିଥିବା ଅସଙ୍ଗତିକୁ ଉଦ୍‌ଘାଟନ କରିଛନ୍ତି । ରାଜକିଶୋରଙ୍କ ଗଳ୍ପ ଜଗତ ପ୍ରାୟତଃ ସହର । ସହରର ଚାକଚକ୍ୟ ଭରା ଜୀବନ ମଧ୍ୟରେ ରହିଥିବା ବିଷାଦକୁ ସେ ଗଭୀର ଦୃଷ୍ଟିକୋଣ ନେଇ ବିଶ୍ଳେଷଣ କରିଛନ୍ତି । ସହରୀକରଣ ଦ୍ୱାରା ଘଟୁଥିବା ସାମାଜିକ ପରିବର୍ତ୍ତନର ଚିତ୍ର ପ୍ରଦାନ କରିବାରେ ତାଙ୍କ ଗଳ୍ପ ଗୁଡିକ ବିଶ୍ୱସ୍ତ ଦଲୀଲ । ରାଜକିଶୋର ରାୟ ତାଙ୍କର

ଆଚାର୍ଯ୍ୟ ଥିଲେ ବୋଲି, ଦଶହରା ଭେଟି, ବଉଳୀ ଆଦି ଗଳ୍ପରେ ସମାଜର ବାସ୍ତବ ଚିତ୍ର ପ୍ରଦାନ କରିବାରେ ସମର୍ଥ ହୋଇଛନ୍ତି । ଗ୍ରାମୀଣ ସମାଜ ସହ ସହର ଜୀବନର ଆଶା ଆକାଂକ୍ଷା ତାଙ୍କ ଗଳ୍ପରେ ଜୀବନ୍ତ ଭାବରେ ଉପସ୍ଥାପିତ ହୋଇଛି ।

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

କ) ୧୯୩୬ ରୁ ୧୯୫୦ ମଧ୍ୟରେ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ବୈଶିଷ୍ଟ୍ୟ ଆଲୋଚନା କର ।

ଖ) ମାର୍କସବାଦ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କିପରି ପ୍ରଭାବିତ କରିଛି ଆଲୋଚନା କର ।

ଗ) ବିଶ୍ୱ ଯୁଦ୍ଧ ସଂପର୍କରେ ଓଡ଼ିଆ କ୍ଷୁଦ୍ର ଗଳ୍ପରେ କିପରି ଚିତ୍ର ପ୍ରଦାନ କରାଯାଇଛି ଦର୍ଶାଅ ।

ଘ) ୧୯୩୬ ରୁ ୧୯୫୦ ମଧ୍ୟରେ ବାସ୍ତବବାଦୀ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ୱରୂପ ଉଦ୍‌ଘାଟନ କର ।

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

କ) କେଉଁ କେଉଁ କାରଣ ଗୁଡ଼ିକ ଜାତୀୟତାବାଦୀ ଗଳ୍ପ ଲେଖିବାକୁ ଓଡ଼ିଆ ଗାଳ୍ପିକମାନଙ୍କୁ ପ୍ରେରଣା ଯୋଗାଇଥିଲା ?

ଖ) କ୍ଷୁଦ୍ରଗଳ୍ପରେ ଯୁଦ୍ଧର ଚିତ୍ର ଉପସ୍ଥାପନରେ କାଳୀଚରଣ ପାଣିଗ୍ରାହୀ କେତେ ସଫଳ ?

ଗ) 'ହାତୁଡ଼ି ଓ ଦା' କ୍ଷୁଦ୍ରଗଳ୍ପର ଲେଖକ କିଏ ଓ ସେ କେଉଁ ଆଦର୍ଶରେ ବିଶ୍ୱାସ ରଖନ୍ତି ?

ଘ) ଜନଜାତିର ଜୀବନକୁ ନେଇ କିଏ ଏକାଧିକ ଗଳ୍ପ ରଚନା କରିଛନ୍ତି ଓ ସେହି ଗଳ୍ପ ଗୁଡ଼ିକରେ କେଉଁ ଚିନ୍ତାଧାରାର ପରିପ୍ରକାଶ ଘଟିଛି ?

ଙ) ରାଜଧାନୀ ଭୁବନେଶ୍ୱରକୁ ନେଇ କେଉଁ କେଉଁ ଗଳ୍ପ ଗୁଡ଼ିକ ରଚିତ ହୋଇଛି ଓ ସେଥିରେ କେଉଁ କେଉଁ ଚିତ୍ର ଉପସ୍ଥାପିତ ହୋଇଛି ।

## ୨.୬ ସହାୟକ ଗ୍ରନ୍ଥସୂଚୀ


- **ଓଡ଼ିଆ ଗଳ୍ପ :** ଉନ୍ମେଷ ଓ ଉତ୍ତରଣ, ଡକ୍ଟର ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ ପବ୍ଲିର୍ଶସ, ବିନୋଦ ବିହାରୀ, କଟକ-୨, ୧୯୯୮
- **ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ :** ଓଡ଼ିଆ କ୍ଷୁଦ୍ରଗଳ୍ପ, ଡକ୍ଟର କପିଳେଶ୍ୱର ଗାହାଣ, ଅଗ୍ରଦୂତ, କଟକ - ୨, ୧୯୯୪
- **ଏକବିଂଶ ଶତାବ୍ଦୀରେ ଓଡ଼ିଆ ଗଳ୍ପ :** ପ୍ରତିଶ୍ରୁତି ଓ ସମ୍ଭାବନା, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ବି.ଡି. ଗ୍ରାଫିକ୍ସ, ରାଉରକେଲା, ୨୦୦୩

# ତୃତୀୟ ଏକକ : ଓଡ଼ିଆ ଗଳ୍ପର ବିକାଶକ୍ରମ (19୫୧ ରୁ ୧୯୮୦)

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୫୦-୧୯୮୦)

 ୩.୪.୧ ମନସ୍ତାତ୍ତ୍ୱିକ ଓଡ଼ିଆ ଗଳ୍ପ

 ୩.୪.୨ ସ୍ଥିତିବାଦୀ ଓଡ଼ିଆ ଗଳ୍ପ

 ୩.୪.୩ ପୁରାଣ, କିମ୍ବଦନ୍ତୀ, ଆଧାତ୍ମିକ ଅନ୍ୱେଷା ସମ୍ବଳିତ ଓଡ଼ିଆ ଗଳ୍ପ

 ୩.୪.୪ ସହରକୈନ୍ଦ୍ରୀକ ଓଡ଼ିଆ ଗଳ୍ପ

୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୬ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଭାରତର ସ୍ୱାଧୀନତା ପରେ ସାମାଜିକ ଜୀବନରେ ଆସିଛି ବ୍ୟାପକ ପରିବର୍ତ୍ତନ। ପଞ୍ଚଶୀଳ ନୀତି ଓ ପଞ୍ଚବାର୍ଷିକ ଯୋଜନା ଭାରତୀୟ ଜନଜୀବନରେ ଗଭୀର ଆଶା ସୃଷ୍ଟି କରିଛି। ବୃହତ୍ ଶିଳ୍ପାନୁଷ୍ଠାନ, ନଦୀବନ୍ଧ ଯୋଜନା, ପ୍ରାକୃତିକ ସମ୍ପଦର ଉପଯୋଗ, ଗମନାଗମନ ବ୍ୟବସ୍ଥାର ଉନ୍ନତି ସାମାଜିକ ଜୀବନର ଭୂୟୋବିକାଶ ଆଣିଛି। ଏ ସମସ୍ତ ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି। ଏହି ସମୟର ଗଳ୍ପ ପଠନ ଦ୍ୱାରା ଓଡ଼ିଶାର ସାମାଜିକ ଜୀବନରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ବିଦ୍ୟାର୍ଥୀ ଜାଣିପାରିବେ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକ ପାଠକଲେ ବିଦ୍ୟାର୍ଥୀମାନେ ଜାଣିବାକୁ ପାଇବେ:

- ସ୍ୱାଧୀନତା ପ୍ରାପ୍ତି ପରେ ଭାରତବର୍ଷ ତଥା ଓଡ଼ିଶାର ସାମାଜିକ ଜୀବନରେ ଆସିଛି ବ୍ୟାପକ ପରିବର୍ତ୍ତନ
- ଗ୍ରମୀଣ ସମାଜ କିପରି ପରିବର୍ତ୍ତିତ ହୋଇଛି ନଗର ଓ ଶିଳ୍ପଭିତ୍ତିକ ସମାଜରେ
- ଆଧୁନିକ ଶିକ୍ଷିତବର୍ଗର ଅଭ୍ୟୁଦୟ ଓ ବୃତ୍ତିଗତ ଚଳଣି ସାମାଜିକ ତଥା ପାରିବାରିକ ଜୀବନରେ ଆଣିଛି ବ୍ୟାପକ ପରିବର୍ତ୍ତନ
- ଭାରତୀୟ ସଂସ୍କୃତି, ପରମ୍ପରା,ଐତିହ୍ୟ ଓ ଆଧାତ୍ମିକ ଅନୁଭୂତିର ପୁର୍ନବ୍ୟାଖ୍ୟାନ ଓ ପୁର୍ନବିନ୍ୟାସ।

## ୩.୩ ବିଷୟ ପ୍ରବେଶ

ମାନବ ସମାଜ ଓ ସଭ୍ୟତା ପରି ସାହିତ୍ୟ ଏକ ଅଖଣ୍ଡ ପ୍ରବାହମାନ ସ୍ରୋତ। ଗୋଟିଏ ଦେଶର ସଂସ୍କୃତି, ଇତିହାସ ଓ ଜୀବନଦର୍ଶନର ଐତିହାସିକ ଭିତ୍ତି ଓ କ୍ରମବିବର୍ତ୍ତନକୁ ପ୍ରତ୍ୟାଖ୍ୟାନ କରି ଏକ ସମୟସୀମା ମଧ୍ୟରେ ସାହିତ୍ୟକୁ ପରୀକ୍ଷା ନିରୀକ୍ଷା କରିବାକୁ ଚେଷ୍ଟାକଲେ ତାହା ଭ୍ରାନ୍ତିମୟ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ। ସମାଜର ଏହି ସମସ୍ତ ସାମାଜିକ ଅନୁଷ୍ଠାନ ଗୁଡିକ ମଧ୍ୟରେ ଏକ ନିରବଚ୍ଛିନ୍ନ ଅନ୍ତରୀଣ ସ୍ରୋତ ସର୍ବଦା ପ୍ରବାହମାନ ଅବସ୍ଥାରେ ରହିଥାଏ। ଏହା ଅତୀତ ଓ ବର୍ତ୍ତମାନର ମଧ୍ୟଦେଇ ଭବିଷ୍ୟତକୁ ନିର୍ମାଣ କରେ, ରାସ୍ତା ଦେଖାଏ। ୧୯୫୦ ପରବର୍ତ୍ତୀ ଓଡ଼ିଆ ଗଳ୍ପର ସ୍ୱରୂପ ନିର୍ଣ୍ଣୟ ସମୟରେ ଏ ପ୍ରସଙ୍ଗ ପ୍ରତି ସଚେତନ ରହିବାକୁ ହେବ। କାରଣ ୧୯୫୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ମଧ୍ୟ ସର୍ବଦା ସକ୍ରିୟ ହୋଇ ରହିଛି ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ଚାଲିଆସିଥିବା ଗଳ୍ପ ଲିଖନର ସମୃଦ୍ଧ ପରଂପରାର ପ୍ରବହମାନତା। ଫକୀରମୋହନ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କାଳିନ୍ଦୀ ଚରଣ ପାଣୀଗ୍ରାହୀ ଅଥବା ଅନନ୍ତ ପ୍ରସାଦ ପଣ୍ଡାଙ୍କ ଗଳ୍ପର ଆବର୍ତ୍ତନରୁ ମୁକ୍ତ ନୁହନ୍ତି ତରୁଣକାନ୍ତି ମିଶ୍ର, ରାମଚନ୍ଦ୍ର ବେହେରା, ପଦ୍ମଜ ପାଳ, ଯଶୋଧାରା ମିଶ୍ର।

୧୯୫୦ ପୂର୍ବ ଓ ପର ଓଡ଼ିଆ ଗଳ୍ପର ଭାବଜଗତରେ ଯେଉଁ ବ୍ୟବଧାନର ଅଙ୍କୁରୋଦ୍‌ଗମ ହେଲା ତାହାର ଐତିହାସିକ ଓ ସାମାଜିକ ଭିତ୍ତି ହେଉଛି ଭାରତବର୍ଷର ସ୍ୱାଧୀନତା। ଗୋଟିଏ ବିରାଟ ଐତିହାସିକ ଓ ସଂସ୍କୃତି ସଂପନ୍ନ ଜାତି ଶୃଙ୍ଖଳମୁକ୍ତ ହେବାପରେ ମାନସିକ ସ୍ୱାଧୀନତାର ଯେଉଁ ଅଖଣ୍ଡ ଭୂମି ପାଇଲା, ତାହାହିଁ ଓଡ଼ିଆ ଗଳ୍ପର ଭାବଜଗତକୁ ପ୍ରସାରିତ କରିବାରେ ସହାୟକ ହୋଇଥିଲା। ଏହା ସହ ଦୁଇଟି ବିଶ୍ୱଯୁଦ୍ଧର ପୃଷ୍ଠଭୂମି ଏହି ଭାବଜଗତକୁ ଉଦ୍ଦୀପ୍ତ ଓ ସଂପ୍ରସାରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା। ଦେଖିବାକୁ ଗଲେ ସମଗ୍ର ବିଶ୍ୱରେ ଥିଲା ଏହି ସମୟ ସ୍ୱପ୍ନ ପ୍ରବଣତା ଓ ନବସୃଜନର ସମୟ। ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହ ଆତଙ୍କରୁ ମୁକ୍ତ ହୋଇ ବିଶ୍ୱମଣିଷ ଏହି ସମୟରୁ ସକ୍ରିୟ ଭାବରେ ମାନବୀୟ ସଂପର୍କରେ ନବସୃଜନ ଓ ସାମାଜିକ ଅନୁଷ୍ଠାନ ଗୁଡିକର ନବନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଥିଲା। ମାନବୀୟ ସଂପର୍କର ନବସୃଜନ ହିଁ ଭୌଗଳିକ ଭୂଖଣ୍ଡ ମଧ୍ୟରେ ରହିଥିବା ସ୍ଥୁଳ ଦୂରତ୍ୱକୁ ଭାଙ୍ଗିଦେଇ ଏକ ପଡ଼ୋଶୀ ଭାବନା ସୃଷ୍ଟି କରିପାରିବାରେ ସମର୍ଥ ହୋଇ ପାରିଥିଲା। ଏଣୁ ଭାବଜଗତରେ ବାସ କରୁଥିବା ଶିଳ୍ପୀମାନେ ଓଡ଼ିଶାର ଏକ ଅଖ୍ୟାତ ସହରରେ ଥାଇମଧ୍ୟ ୟୁରୋପୀୟ ସହରରେ ବଞ୍ଚୁଥିବାର ଅଭିଜ୍ଞତାକୁ ଆପଣାର କରିପାରିଥିଲେ।

ଜୀବନ ଓ ସମାଜ ତଲ୍ଲୀନ ହୋଇ ଚରିତ୍ରମାନେ ସମୀପ ସାଂସାରିକ ବଂଧନରେ ଆବଦ୍ଧ ହୋଇଯାଉଥିବା ସମୟରେ ଏହି ବନ୍ଧନରୁ ମୁକ୍ତ କରି ବୃହତ୍ତର ସତ୍ୟର ସଂଧାନ ଦେଇ ଜୀବନକୁ ଜୀବନ୍ମୁକ୍ତ କରିବା ନିମିତ୍ତ ନିଜ ଗଳ୍ପରେ ସନ୍ଧାନ ଦେଇଥିଲେ ସେମାନେ ହେଲେ ମନୋଜ ଦାସ, ଚନ୍ଦ୍ରଶେଖର ରଥ ଓ ଶାନ୍ତନୁ କୁମାର ଆଚାର୍ଯ୍ୟ। ଜୀବନର ବାହ୍ୟ ବାସ୍ତବତା ଅପେକ୍ଷା ଅନ୍ତଃଶ୍ଚେତନରେ ଲୁଚି ରହିଥିବା ରହସ୍ୟମୟ ଆଧ୍ୟାତ୍ମିକ ଜିଜ୍ଞାସାର କୁଣ୍ଡଳିନୀ ଶକ୍ତିର ବାସ୍ତବତା ପ୍ରତି ଏମାନଙ୍କ ଗଳ୍ପ ଧ୍ୟାନ ଆକର୍ଷଣ କରିଥିଲା। ଦୃଶ୍ୟମୟ ପୃଥିବୀ ମଧ୍ୟରେ ରହିଥିବା ଅଦୃଶ୍ୟ ପୃଥିବୀର ସଂଧାନ ଦେଇ ଏମାନେ ଗଳ୍ପର ଆୟତନ ଓ ସମ୍ଭାବନାକୁ ବହୁ ଅଧିକ ଭାବରେ ପ୍ରସାରିତ କରିଥିଲେ। ଜୀବନର ହସକାନ୍ଦ ମଧ୍ୟରୁ ପାଠକକୁ ମୁକ୍ତି ଦେଇ ନିଜ ସତ୍ତା ମଧ୍ୟରେ ରହିଥିବା

ଅସୁମାରୀ ରହସ୍ୟର ସଂଧାନ ଦେବାଦ୍ୱାରା ପାଠକମାନେ ଏହି ଗଳ୍ପ ଦ୍ୱାରା ଆକ୍ରାନ୍ତ ଓ ସଂପୂର୍ଣ୍ଣରୂପେ ପ୍ରଭାବିତ ହୋଇ ପଡ଼ିଥିଲେ। ହିଂସା, ଦ୍ୱେଷ, ସୁଖ, ହସ, କାନ୍ଦର ଇନ୍ଦ୍ରିୟ ଉପଲବ୍ଧି ମଧ୍ୟରୁ ଚରିତ୍ରମାନଙ୍କୁ ମୁକୁଳେଇ ଆଣି ଶାଶ୍ୱତ ସତ୍ୟର ସଂଧାନ ଦେଇ ଜୀବନ ନିଷ୍ପ କରିବା ଥିଲା ଏମାନଙ୍କ ଗଳ୍ପ ଲିଖନ ପ୍ରକ୍ରିୟାର ଉଦ୍ଦେଶ୍ୟ। ଏଣୁ ଶାନ୍ତନୁ ଆଚାର୍ଯ୍ୟଙ୍କ ଗଳ୍ପ ସଂପର୍କରେ ଡକ୍ଟର ଇନ୍ଦୁ ମିଶ୍ର ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି ତାହା ଏହି ତିନିଜଣ ଗାଳ୍ପିକଙ୍କ ଗଳ୍ପର ପୃଷ୍ଠଭୂମି ଭାବରେ ଗ୍ରହଣ କରିନେଲେ କୌଣସି କ୍ଷତି ନାହିଁ। ସେ କହିଛନ୍ତି "ତାଙ୍କର ଜଟିଳ ଭାବ ଜଗତରେ ଗୁମ୍ଫିତ ହୋଇଛି ବହୁ ରହସ୍ୟବାଦୀ ଆଧିଭୌତିକ ଜୀବନ-ଜିଜ୍ଞାସା,ସମାଜର ପତନ-ଅଭ୍ୟୁଦୟର ବନ୍ଧୁର ଗତିବେଗ ପୁଣି ରାଜନୀତିର ବିଶ୍ୱବ୍ୟାପୀ ପରିବର୍ତ୍ତନ। ସଂସ୍କୃତିର କ୍ରମ ବିଲୟନ ମଧରେ ପ୍ରାୟ କ୍ରିୟାଶୀଳ ରହିଛି ତାଙ୍କର ଭାରତୀୟ ମାନସିକତା। ରାଜନୀତିର ନୂଆ ନୂଆ ହଟଚମଟ ଭିତରେ, ସମାଜର ପାଶ୍ଚାତ୍ୟ ଢ଼ାଞ୍ଚା ଭିତରେ ସେ ସନ୍ଧାନ କରିଛନ୍ତି ଭାରତର ସାଂସ୍କୃତିକ ଆତ୍ମା। ଯୁଗଚେତନାର ଅଧୋପତନ ଭିତରେ ସମ୍ଭାବନାର ପଦଯାତ୍ରା ଅବ୍ୟାହତ ରହିଛି ତାଙ୍କ ସୃଷ୍ଟିରେ। ଜୀବନର ପ୍ରାତ୍ୟହିକ ଓ ଆଧ୍ୟାତ୍ମିକ ସମସ୍ୟାବଳୀକୁ ଉତ୍ଥାପିତ କରିବା ସଂଗେ ସଂଗେ ବ୍ୟାପକ ଜୀବନ- ପରିଧି ସହ କଳାତ୍ମକ ରୀତିରେ ଏହାକୁ ସଂଯୁକ୍ତ କରିଥାନ୍ତି କଥାକାର। (କୋଣାର୍କ, ଓଡ଼ିଆ ଗଳ୍ପ ଆଲୋଚନା ବିଶେଷାଙ୍କ - ୧୯୯୪, ପୃଷ୍ଠା-୧୬୪) ସତୁରୀ ଦଶକର ପରିବର୍ତ୍ତିତ ଭାରତୀୟ ସାମାଜିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଏ ଗଳ୍ପ ଗୁଡ଼ିକ ନୂତନ ପ୍ରତ୍ୟୟ ସୃଷ୍ଟି କରିଥାନ୍ତି। ଏକ ସମୃଦ୍ଧ ସଂସ୍କୃତି ଦ୍ୱାରା ଆକ୍ରାନ୍ତ ହେବାଦ୍ୱାରା ଯେଉଁ ମାନସିକ ଓ ସାମାଜିକ ସମସ୍ୟା ସୃଷ୍ଟି ହୋଇଛି ତାହାକୁ ପୁଞ୍ଜିକରି ଏ ଗଳ୍ପଗୁଡ଼ିକ ରଚିତ ହୋଇଥିଲେହେଁ ସେଥିରୁ ମୁକୁଳିବାର ଆଲୋକିତ ସୁଡଙ୍ଗର ପ୍ରଶସ୍ତ ପଥ ମଧ୍ୟ ଦେଖାଇବାରେ ଗଳ୍ପ ଗୁଡ଼ିକ ସମର୍ଥ ହୋଇଥିଲେ।

ଏହି ସମୟରେ ରଚିତ ହୋଇଥିବା ଗଳ୍ପ ଗୁଡ଼ିକୁ ମୁଖ୍ୟତଃ ନିମ୍ନୋକ୍ତ ଭାବରେ ବିଭକ୍ତ କରାଯାଇପାରେ :

କ) ମନସ୍ତାତ୍ତ୍ୱିକ ଗଳ୍ପ

ଖ) ସ୍ଥିତିବାଦୀ ଗଳ୍ପ

ଗ) ପୁରାଣ, କିମ୍ବଦନ୍ତୀ ଆଧାତ୍ମିକ ଅନ୍ୱେଷା ସମ୍ବଳିତ ଗଳ୍ପ

ଘ) ସହରକୈନ୍ଦ୍ରୀକ ଓଡ଼ିଆ ଗଳ୍ପ

## ୩.୪ ଓଡ଼ିଆ ଗଳ୍ପର ବିକାଶକ୍ରମ - 19୫୧ ଠାରୁ ୧୯୮୦

### ୩.୪.୧ ମନସ୍ତାତ୍ତ୍ୱିକ ଓଡ଼ିଆ ଗଳ୍ପ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପର ପ୍ରମୁଖ ଦିଗଟି ହେଉଛି ବ୍ୟକ୍ତି ସତ୍ତାକୁ ଉଦ୍‌ଘାଟନ କରିବା। ସ୍ୱାଧୀନତା ପୂର୍ବ ଓଡ଼ିଆ ଗଳ୍ପରେ ସମାଜିକ ସମସ୍ୟା ଗୁଡ଼ିକୁ ପ୍ରାଧାନ୍ୟ ଦେଇ ଗାଳ୍ପିକମାନେ ଗଳ୍ପର କଥାବସ୍ତୁ ନିର୍ମାଣ କରିଥିବା ସମୟରେ, ସ୍ୱାଧୀନତା ପରବର୍ତ୍ତୀ ସମୟର କଥାକାରମାନେ ବ୍ୟକ୍ତି ଜୀବନର ମନର ରହସ୍ୟ ଓ ବ୍ୟକ୍ତିର ବ୍ୟବହାରରେ ରହିଥିବା ରହସ୍ୟକୁ ଉଦ୍‌ଘାଟନ କରିବା ପାଇଁ ଚେଷ୍ଟା କରିଛନ୍ତି। ସିଗ୍‌ମଣ୍ଡ ଫ୍ରଏଡ୍ (୧୮୫୬-୧୯୩୯) ନାମକ ଜଣେ ଅଷ୍ଟ୍ରିଆ ଜନ୍ମିତ ସ୍ନାୟୁରୋଗ ଚିକିତ୍ସକଙ୍କ ବିଭିନ୍ନ ଚିନ୍ତନ ମନସ୍ତତ୍ତ୍ୱ

ଅଧ୍ୟୟନକୁ ଅଧିକ ତ୍ୱରାନ୍ୱିତ କରିଛି । ଫ୍ରୟେଡ୍‌ଙ୍କ ଆଗମନ ପୂର୍ବରୁ ବ୍ୟକ୍ତିର ବ୍ୟବହାର ସଂପର୍କରେ ବିଭିନ୍ନ ଦାର୍ଶନିକ ଭିନ୍ନ ଭିନ୍ନ ମତ ପୋଷଣ କରି ଆସୁଥିଲେ । ଦେକାର୍ତ, ମୁଲର, ଓ୍ୱଣ୍ଟ ଆଦି ବିଭିନ୍ନ ଦାର୍ଶନିକଗଣ ବ୍ୟକ୍ତିର ବ୍ୟବହାର ଓ ଚିନ୍ତନ ସମ୍ପର୍କରେ ଗବେଷଣା କରିଥିଲେ । ମାତ୍ର ଫ୍ରୟେଡ୍ ତାଙ୍କର ଗବେଷଣାଗାରରେ ମଣିଷର ମନ, ସ୍ୱପ୍ନ ଓ ବ୍ୟବହାର ସଂପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ୧୮୯୯ ମସିହାରେ ପ୍ରକାଶିତ ତାଙ୍କ ପୁସ୍ତକ "ଦି ଇଣ୍ଟରପ୍ରିଟେସନ୍ ଅଫ୍ ଡ୍ରିମ୍ସ" ମଣିଷର ବ୍ୟକ୍ତି ସତ୍ତାର ଅଧ୍ୟୟନ ନିମିତ୍ତ ଏକ ଯୁଗାନ୍ତକାରୀ ପୁସ୍ତକ ଭାବରେ ସମସ୍ତ ବିଶ୍ୱବାସୀଙ୍କୁ ଚମତ୍କୃତ କରିଥିଲା । ଫ୍ରୟେଡ୍ ମଣିଷ ମନ ମଧ୍ୟରେ ରହିଥିବା ତିନୋଟି ଚେତନା କେନ୍ଦ୍ର, ଇଦ୍, ଇଗୋ, ସୁପର ଇଗୋ ସମ୍ପର୍କରେ ତଥ୍ୟ ପ୍ରକାଶ କଲେ । ଏହା ସହିତ ବ୍ୟକ୍ତିର ଆତ୍ମ ପରିଚୟ ଏବଂ ଯୌନବ୍ୟବହାର ସଂପର୍କରେ ଉଲ୍ଲେଖ କରିବା ସହ ଓଡ଼ିପକ୍ସ କମ୍ପ୍ଲେକ୍ସ ସମ୍ପର୍କରେ ମଧ୍ୟ ଧାରଣା ପ୍ରଦାନ କଲେ । ଫ୍ରୟେଡ୍ ତାଙ୍କ ଅଧ୍ୟୟନରେ ବ୍ୟକ୍ତିଚେତନାକୁ ଓ ବ୍ୟକ୍ତିର ମନ ଜଗତକୁ ଗଭୀର ଭାବରେ ବିଶ୍ଲେଷଣ କରିବା ସହ ଏହା ସହିତ ଯୌନ ବ୍ୟବହାରକୁ ସଂପୃକ୍ତ କରିଥିଲେ । ବ୍ୟକ୍ତିର ଅବଚେତନ ସ୍ତରରେ ରହିଥିବା ଚିନ୍ତନକୁ ସେ ବଳିଷ୍ଠ ତଥା ବ୍ୟକ୍ତିତ୍ୱ ନିର୍ମାଣକାରୀ ଶକ୍ତି ଭାବରେ ବର୍ଣ୍ଣନା କରିଥିଲେ ।

ଫ୍ରୟେଡ୍‌ଙ୍କ ପରେ ଜେକ୍‌ସ ଲାଁକ୍ (୧୯୦୧-୧୯୮୧) ବ୍ୟକ୍ତି ମନର ଅଧ୍ୟୟନ କରି ଅନେକ ନୂତନ ତଥ୍ୟ ପ୍ରକାଶ କରିଥିଲେ । ଲାଁକ୍ ମନସ୍ତତ୍ତ୍ୱକୁ ଭାଷା ସହ ଯୋଡ଼ି ତାହାର ନୂତନ ବ୍ୟାଖାନ ଆରମ୍ଭ କରିଥିଲେ । ଫ୍ରୟେଡ୍‌ଙ୍କ ମନୋବିଜ୍ଞାନକୁ ସେ ଅଧିକ ବିସ୍ତୃତ କରିଥିଲେ । ଲାଁକ୍ ମଣିଷର ଭାବନାକୁ ତାଙ୍କ ଗବେଷଣାରେ ପ୍ରାଧାନ୍ୟ ପ୍ରଦାନ କରିଥିଲେ । ଭାବନା ସହ ଅଭାବବୋଧକୁ ସଂଯୁକ୍ତ କରି ମଣିଷର ଅନ୍ତରୀଣ ବ୍ୟକ୍ତିସତ୍ତାକୁ ଉଦ୍‌ଘାଟନ କରିବା ନିମିତ୍ତ ସେ ସଚେଷ୍ଟ ଥିଲେ । ତାଙ୍କର ଚିନ୍ତନ ସ୍ୱିଜରଲାଣ୍ଡର ବିଶିଷ୍ଟ ଭାଷାବିଦ୍ ସସୁରେଙ୍କ ଭାଷାଦର୍ଶନ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛି । ଫ୍ରୟେଡ୍‌ଙ୍କ ପରି ସେ ମଧ ବ୍ୟକ୍ତି ମନର ତିନୋଟି ସ୍ତରର ଉଦ୍‌ଘାଟନ କରିଛନ୍ତି । ପ୍ରଥମ ସ୍ତରଟି କାଳ୍ପନିକ (the imaginary), ଦ୍ୱିତୀୟଟି ପ୍ରତୀକାତ୍ମକ ସ୍ତର (the symbolic order), ଏବଂ ତୃତୀୟ ସ୍ତରଟି ହେଉଛି ବାସ୍ତବ ଚେତନା (the real) । ଏହି ତିନୋଟି ସ୍ତରରେ ସର୍ଜନ ପୁରୁଷ ବିଚରଣ କରି ତା' କୃତିକୁ ସର୍ଜନ କରିଥାଏ । କଳ୍ପନାରୁ ଜାତହୋଇ ପ୍ରତୀକାତ୍ମକ ସ୍ତରରେ ଚେତନା ଉପନୀତ ହୁଏ । ଏହାର ସଂପର୍କ ହୁଏତ ବାସ୍ତବତା ସହ ମଧ୍ୟ ନଥାଇପାରେ । ଏହି ଚେତନା ଅତିବାସ୍ତବବାଦୀ ଚେତନା ଦ୍ୱାରା ଅନେକ ପରିମାଣରେ ମଧ୍ୟ ପ୍ରଭାବିତ । ଏହି ବିଚାରଧାରା ସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଥିଲା ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପକୁ ସୁରେନ୍ଦ୍ର ମହାନ୍ତି ବହୁ ପରିମାଣରେ ସମୃଦ୍ଧ କରିଛନ୍ତି । ନୂତନ କାହାଣୀ ସହିତ କାହାଣୀ ଉପସ୍ଥାପନର ପ୍ରଭାବଶାଳୀ ଶୈଳୀ, ଭାଷା, ଚିତ୍ରକଳ୍ପର ବ୍ୟବହାର ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଏକ ନୂତନ ଯୁଗ ସୃଷ୍ଟି କରିଥିଲା । ନୂତନ ରାଜନୀତିକ ଓ ସାମାଜିକ ପ୍ରେକ୍ଷାପଟ୍ଟରେ ଆଧୁନିକ ବ୍ୟକ୍ତି ଜୀବନର ସଂଘର୍ଷ, ଶଂକା, ଆଶଂକା ଓ ସଂଗ୍ରାମକୁ ସେ ଘନିଷ୍ଠ ଭାବରେ ଚିତ୍ରିତ କରିଛନ୍ତି । ତାଙ୍କର ପ୍ରତ୍ୟେକଟି ଗଳ୍ପରେ ବ୍ୟକ୍ତି ମନର ଦ୍ୱନ୍ଦ ଓ ସଂଘାତ ବିଶଦ ଭାବରେ ଚିତ୍ରିତ ହୋଇଛି । ତାଙ୍କର ବହୁ ଚର୍ଚ୍ଚିତ ଗଳ୍ପ ରାଜଧାନୀ, କୃଷ୍ଣଚୁଡା,ପାଗଳଗାରଦର କାହାଣୀ, ସବୁଜ ପତ୍ର ଓ ଧୂସର ଗୋଲାପ, ସାପ, ଓଃ କାଲକାଟା, ମହାନଗରୀର ରାତ୍ରୀ, ରୁଟି ଓ ଚନ୍ଦ୍ର, ବନ୍ଦୀ, ତୃଷ୍ଣା ଓ ବିତୃଷ୍ଣା, ନୀଳଜ୍ୟୋତ୍ସ୍ନା ପ୍ରଭୃତି ଅନେକ ଗଳ୍ପରେ ଚରିତ୍ରମାନଙ୍କ ମନସ୍ତାତ୍ତ୍ୱିକ

ବିଶ୍ଳେଷଣ କରାଯାଇଛି । ତାଙ୍କ ଗଳ୍ପ ଗୁଡ଼ିକର ପୃଷ୍ଠଭୂମି ସାଧାରଣତଃ ନଗର ଓ ସହର । କଲିକତା,ଦିଲ୍ଲୀ ଆଦି ସହରର ଜଟିଳ ଜୀବନକୁ ସେ ବ୍ୟାଖ୍ୟାନ କରିଥାନ୍ତି । ବିଶେଷତଃ ଆଦର୍ଶଗତ ଓ ମୂଲ୍ୟବୋଧଗତ ବିରୋଧାଭାଷ ତାଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣର ପ୍ରମୁଖ କାରଣ ହୋଇଥାଏ । କୃଷ୍ଣଚୂଡ଼ା ଗଳ୍ପର ନାୟକ ମଧ୍ୟରେ ମାର୍କସବାଦ ଓ ରୋମାଣ୍ଟିକ୍ ଚେତନାର ସଂଘାତ ଦେଖିବାକୁ ମିଳେ । ଗୋଟିଏ ପଟେ ଜୀବନର ଆକର୍ଷଣ ଅନ୍ୟପଟେ ବିଦ୍ରୋହ ସଂଗ୍ରାମ ଚରିତ୍ରକୁ ମୁହ୍ୟମାନ କରିଦେଇଥାଏ । ବିପ୍ଳବର ପ୍ରେମ ବା ଜୀବନର ମୂଲ୍ୟ ଏହାହିଁ ଗଳ୍ପଟିରେ ବିରୋଧାଭାସ ତିଆରି କରେ । ମନସ୍ତାତ୍ତ୍ୱିକ ବିଶ୍ଳେଷଣର ଅନ୍ୟତମ ସଫଳ ରୂପାୟନ "ସବୁଜ ପତ୍ର ଓ ଧୂସର ଗୋଲାପ" ଗଳ୍ପରେ ଦେଖିବାକୁ ମିଳିଥାଏ । ଜୀବନର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହେବାପରେ ଜୀବନ ପ୍ରତି ଆସକ୍ତି କିପରି ଗଭୀର ହୋଇଉଠେ, ତାହା ଏହି ଗଳ୍ପରେ ବର୍ଣ୍ଣିତ ହୋଇଅଛି । ବୟସର ଅପରାହ୍ନରେ ଜୀବନକୁ, ବିଶେଷତଃ ପ୍ରେମକୁ ପ୍ରାଧାନ୍ୟ ଦେବା ଏକ ବିକୃତ ମାନସିକତା ବୋଲି କୁହାଯାଇପାରେ, ମାତ୍ର ପ୍ରୌଢ଼ ଜୀବନରେ ଏହି ଭଲପାଇବାହିଁ ସଫଳତା ପ୍ରଦାନ କରିଥାଏ ଓ ଜୀବନକୁ ଜୀବନ୍ତ କରିଥାଏ । ଏହାର ବ୍ୟାଖ୍ୟାନ ଏହି ଗଳ୍ପରେ ଦେଖିବାକୁ ମିଳେ । ଟିପି ଯୋସେଫ, ମିସ୍ ଲରା, ମିସ୍ ଡ୍ରାଇଭର୍ ଆଦି ଚରିତ୍ର ନିଜର ଶରୀରକୁ ଭୁଲି ଯାଇ ଜୀବନକୁ ଉପଭୋଗ କରିବା ନିମନ୍ତେ ପ୍ରିନିସେସ୍ କାବ୍ୟରେ ସ୍ତିମିତ ଆଲୋକରେ ନିଜ ଅସ୍ତିତ୍ୱକୁ ବିସର୍ଜନ କରିଛନ୍ତି । ଜୀବନକୁ ଉପଭୋଗ କରିବା ନିମିତ୍ତ ବୟସକୁ ଆଡେଇ ଯାଇଛନ୍ତି । ଗାଳ୍ପିକ ଶରୀର ଓ ମନ ମଧ୍ୟରେ ଥିବା ବ୍ୟବଧାନକୁ ଏଠାରେ ସ୍ପଷ୍ଟ ଭାବରେ ପରିପ୍ରକାଶ କରିଛନ୍ତି । ଲେଖକ'ନୀଳଜ୍ୟୋସ୍ନା' ଗଳ୍ପରେ ଏହିପରି ଏକ ରୋମାଣ୍ଟିକ୍ ପରିବଶେ ସୃଷ୍ଟି କରି ଲେଖିଛନ୍ତି; 'ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୂଣ୍ୟମୟ ଉପଲବ୍ଧି ଅଛି । ଦେହକୁ ଘୃଣା କରନାହିଁ କଲ୍ୟାଣୀ, ଦେହକୁ ବାଦ୍‌ଦେଇ ପ୍ରେମର କଳ୍ପନା ଅସମ୍ଭବ ।" 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ' ଆଦି ଗଳ୍ପରେ ଲେଖକ ଶିଶୁ ମନସ୍ତତ୍ତ୍ୱର ଚିତ୍ର ପ୍ରଦାନ କରିବାରେ ସମର୍ଥ ହୋଇଛନ୍ତି ।

ନାରୀ ମନସ୍ତତ୍ତ୍ୱର ଚିତ୍ରଣ କରିବାରେ କିଶୋରୀ ଚରଣ ଦାସ ଓଡ଼ିଆ ଗଳ୍ପରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ତାଙ୍କର ଭଙ୍ଗା ଖେଳନା, ଲକ୍ଷ ବିହଙ୍ଗ, ମଣିହରା, ଭିନ୍ନ ପାଉଁଶ, ଠାକୁର ଘର, ଶୀତ ଲହରୀ ଆଦି ଗଳ୍ପ ସଂକଳନରେ ସ୍ଥାନିତ ଅଧିକାଂଶ ଗଳ୍ପରେ ନାରୀ ମନସ୍ତତ୍ତ୍ୱର ଚିତ୍ର ଦେଖିବାକୁ ମିଳିଥାଏ । ସେ ତାଙ୍କ ଗଳ୍ପରେ ଉଭୟ ଗୃହିଣୀ ଓ କର୍ମଜୀବୀ ମହିଳାମାନଂକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି । ଚରିତ୍ରମାନଙ୍କ ମନଭିତରେ ରହିଥିବା ବଡ଼ଲୋକି, ନିଃସଙ୍ଗତା, ଯୌନାବେଗ ଓ ଆଧ୍ୟାତ୍ମିକ ଆକର୍ଷଣ କିପରି ବ୍ୟକ୍ତି ସତ୍ତାକୁ ବହୁ ବିଭାଜିତ କରେ ତାହାକୁ କିଶୋରୀ ଚରଣ ଦର୍ଶାଇଛନ୍ତି । କେବଳ ନାରୀ ନୁହେଁ, ପୁରୁଷମାନଙ୍କ ମନସ୍ତାତ୍ତ୍ୱିକ ଚିତ୍ର ମଧ୍ୟ ସେ ପ୍ରଦାନ କରିଛନ୍ତି । ସମାଜର ଉଚ୍ଚବର୍ଗ ଓ ମଧ୍ୟବିତ୍ତ ବର୍ଗର ଚରିତ୍ରମାନଙ୍କ ଚିତ୍ରଶାଳା ହେଉଛି କିଶୋରୀ ଚରଣଙ୍କ ଗଳ୍ପ ଜଗତ । ପଦସ୍ଥ ଅଫିସର, ବ୍ୟବସାୟୀ, ରାଜନେତା ଆଦି ଚରିତ୍ରମାନଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତାଙ୍କ ଗଳ୍ପର ଉଲ୍ଲେଖନୀୟ ଦିଗ । ଦାମ୍ପତ୍ୟ ଜୀବନର ବିଫଳତା, ଚାକିରି ଜୀବନର ବ୍ୟସ୍ତତା ଓ ନାରୀ ମନରେ ଅନ୍ୟ ପୁରୁଷ ପ୍ରତି ଦୁର୍ବଳତା ମନସ୍ତାତ୍ତ୍ୱିକ ଗଳ୍ପ ରଚନାର ପ୍ରମୁଖ କାହାଣୀ ହୋଇଛି । କିଶୋରୀ ଚରଣ ଏହି ଚେତନାକୁ ନେଇ ଭଙ୍ଗା ଖେଳନା, ଗୋଟିଏ ଲାଲ୍ ସନ୍ଧ୍ୟା, କୁଆ ପଥର, ଲକ୍ଷ ବିହଙ୍ଗ, ବଡ଼ ଅପା, ଜାଳେଣୀ, ବନ ମୟୁର, ଲେଉଟାଣୀ, କୁମାରୀ ଆଦି ଗଳ୍ପ ରଚନା କରିଛନ୍ତି । ଭଙ୍ଗା ଖେଳନା ଓ ଲକ୍ଷ ବିହଙ୍ଗରେ ଗୃହିଣୀ, ବନ ମୟୁରରେ ଡାକ୍ତରାଣୀ ଓ ଶାଶ୍ୱତୀ ଗଳ୍ପରେ ଇଂଲଣ୍ଡରୁ ଅର୍ଥନୀତିରେ ସ୍ନାତକୋତ୍ତର କରି ଜବାହାରଲାଲ

ନେହେରୁ ବିଶ୍ୱବିଦ୍ୟାଳୟର ଅଧ୍ୟାପିକାଙ୍କୁ ସେ ନାୟିକା ଭାବରେ ଚିତ୍ରିତ କରି ତାଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି। ପୁରୁଷ ଚରିତ୍ର ଚୟନରେ ମଧ୍ୟ କିଶୋରୀ ଚରଣ ସର୍ବଦା ସମାଜର ପ୍ରତିଷ୍ଠିତ ଚରିତ୍ରମାନଙ୍କୁ ପ୍ରାଧାନ୍ୟ ପ୍ରଦାନ କରିଛନ୍ତି। ଘର ବାହୁଡ଼ା ଗଳ୍ପ ସଂକଳନରେ ସ୍ଥାନିତ 'ଆମରି ଭିତରୁ ଜଣେ' ଗଳ୍ପରେ ଜଣେ ପ୍ରବାସୀ ଭାରତୀୟ,'ଗୋଟିଏ ବାହାଘରର କଥା' ଗଳ୍ପରେ ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର ବୀରେଶ୍ୱର ମହାପାତ୍ର ଏବଂ ତାଙ୍କ ବିଦେଶୀ ଶିକ୍ଷା ପ୍ରାପ୍ତ ପୁତ୍ର ଶଶାଙ୍କ ମହାପାତ୍ର, 'ଦୁଃଖର ସାଥୀ' ଗଳ୍ପରେ ଆଡ୍‌ଭୋକେଟ ମିଷ୍ଟର ରାଓ, 'ଗୋଟ, ଲାଲ୍ ସଂନ୍ଧ୍ୟା' ଗଳ୍ପର ନାୟକ ମିଷ୍ଟରକ ଦତ୍ତ ଜଣେ ଶିଳ୍ପପତିଙ୍କ ମନସ୍ତତ୍ତ୍ୱକୁ ନେଇ ଗଳ୍ପର କାନ୍‌ଭାସ ନିର୍ମାଣ କରିଛନ୍ତି। ଏ ସମସ୍ତ ଚରିତ୍ର ପ୍ରଚଳିତ ସମାଜ ବ୍ୟବସ୍ଥା ମଧ୍ୟରେ ଅଣନିଶ୍ୱାସୀ ହୋଇଯାଇଛନ୍ତି। ବ୍ୟକ୍ତି ସ୍ୱାଧୀନତା ସାମାଜିକ ଶୃଙ୍ଖଳା ଓ ଭାରତୀୟ ମୂଲ୍ୟବୋଧ ମଧ୍ୟରେ କିପରି ବିଡମ୍ବିତ ତାହାରି  ଚିତ୍ର ଏ ଗଳ୍ପ ଗୁଡିକ ପ୍ରଖ୍ୟାପନ କରିଥାନ୍ତି। ବ୍ୟକ୍ତି ଜୀବନର ସ୍ୱପ୍ନ କିପରି ସାମାଜିକ ଶୃଙ୍ଖଳା ମଧ୍ୟରେ ବନ୍ଧା ପଡ଼େ, ଆଧୁନିକ ମଣିଷଟିଏ କିପରି ଇଚ୍ଛା ମୁତାବକ ଜୀବନ ଜୀଇଁ ପାରେ ନାହିଁ, ତାହାର ବ୍ୟାଖ୍ୟାନ କିଶୋରୀ ଚରଣଙ୍କ ଗଳ୍ପ ଜଗତ।

ଅଖିଳ ମୋହନ ପଟ୍ଟନାୟକ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ପଣ୍ଡା, ରାଜକିଶୋର ପଟ୍ଟନାୟକ, ବାମାଚରଣ ମିତ୍ର, ରାଜକିଶୋର ରାୟ, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, ରବି ପଟ୍ଟନାୟକ, ବସନ୍ତ କୁମାରୀ ପଟ୍ଟନାୟକ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ, ଚନ୍ଦ୍ରଶେଖର ରଥ, ଭୁବନେଶ୍ୱର ବେହେରା ଓ ବସନ୍ତ କୁମାର ଶତପଥୀ ଆଦି ବହୁ ଗାଳ୍ପିକ ମନସ୍ତାତ୍ତ୍ୱିକ ଗଳ୍ପ ରଚନା କରି ଏହି ଧାରାକୁ ସମୃଦ୍ଧ କରିଛନ୍ତି। ଅଖିଳ ମୋହନଙ୍କ ସିଦ୍ଧାର୍ଥର ଉପକଥା, ଡିମିରି ଫୁଲ, ଚନ୍ଦ୍ରର ଅଭିଶାପ ଆଦି ଗଳ୍ପ ଗୁଡିକରେ ଚରିତ୍ରମାନଙ୍କ ମନସ୍ତତ୍ତ୍ୱ ଓ ଅସହାୟତା ମାର୍ମିକ ଭାବରେ ଉପସ୍ଥାପିତ ହୋଇଛି। ରାଜକିଶୋର ପଟ୍ଟନାୟକ ଘାସ ଗଳ୍ପରେ ଶିଶୁ ମନସ୍ତତ୍ତ୍ୱର ଚିତ୍ର ଅତି ସଫଳ ଭାବରେ ଉପସ୍ଥାପିତ ହୋଇଛି। ମହାପାତ୍ର ନୀଳମଣି ସାହୁଙ୍କ 'ସୁମିତ୍ରାର ହସ' ଗଳ୍ପଟି ବୁଦ୍ଧିଜୀବୀ ଯୁବତୀର ମାନସିକ ଯନ୍ତ୍ରଣାର ଚିତ୍ର ଅତି ମାର୍ମିକ ଭାବରେ ଉପସ୍ଥାପିତ ହୋଇଛି। ସୁନନ୍ଦାର ଲୁହ ସେହିପରି ତାଙ୍କର ଅନ୍ୟଏକ ସଫଳ ମନସ୍ତାତ୍ତ୍ୱିକ ଗଳ୍ପ। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପରିବାର ବୃକ୍ଷ, ଅଂଶୁଘାତ ଓ ବୟଫ୍ରେଣ୍ଡ ଆଦି ଗଳ୍ପ ଭାରତୀୟ ପରମ୍ପରା ଓ ଧର୍ମୀୟ ପୃଷ୍ଠଭୂମିରେ ରଚିତ ହୋଇଥିବା ପ୍ରଭାବଶାଳୀ ମନସ୍ତାତ୍ତ୍ୱିକ ଗଳ୍ପ। ପରିବର୍ତ୍ତିତ ପୃଥିବୀରେ ମପୁଷ୍ୟର ମାନସିକ ସ୍ଥିତି ସଂପର୍କରେ ଗଳ୍ପ ଗୁଡ଼ିକ ଆଲୋକପାତ କରିଥାନ୍ତି। ସେହିପରି ବୀଣାପାଣି ମହାନ୍ତି ଓ ପ୍ରତିଭା ରାୟ ନିଜ ନିଜ ଗଳ୍ପ ଗୁଡ଼ିକରେ ଉଭୟ ନାରୀ ଓ ପୁରୁଷର ମନସ୍ତତ୍ତ୍ୱର ବିଶ୍ଳେଷଣ କରିଛନ୍ତି। ଗ୍ରାମୀଣ ଓ ସହର ପୃଷ୍ଠଭୂମିରେ ପରିବେଶ ଏବଂ ଘଟଣା ଅନୁଯାଇ କିପରି ବ୍ୟକ୍ତିତ୍ୱର ପରିବର୍ତ୍ତନ ଘଟେ ତାହାର ଚିତ୍ର ଏହି ଲେଖିକା ଦ୍ୱୟଙ୍କ ଗଳ୍ପରେ ଦେଖିବାକୁ ମିଳେ। ବୀଣାପାଣି ମହାନ୍ତିଙ୍କ ତଟିନୀର ତୃଷା, ଅନ୍ଧକାରର ଛାଇ, ମଧ୍ୟାନ୍ତର, ଅଭିନେତ୍ରୀ, ପାଚେରୀ ସେପଟେ ନଈ ଆଦି ଗଳ୍ପରେ ନାରୀ ଜୀବନର ମନସ୍ତତ୍ତ୍ୱ ଉପସ୍ଥାପନ କରିଛନ୍ତି। ମନୋଜ ଦାସ ବ୍ୟକ୍ତିମନର ଚିତ୍ର ପ୍ରଦାନ କରିଛନ୍ତି। ତାଙ୍କର ଅଧିକାଂଶ ଗଳ୍ପ ମନସ୍ତତ୍ତ୍ୱ ଆଧାରିତ। ବିଭିନ୍ନ ବୟସ ଓ ସାମଜିକ ସ୍ତରରୁ ଚରିତ୍ର ସଂଗ୍ରହ କରି ତାହାର ମାନସିକ ଚିତ୍ର ପ୍ରଦାନ କରିବାରେ ସେ ଅତ୍ୟନ୍ତ ସଫଳ। ଆରଣୀକ, ଚତୁର୍ଥ ବନ୍ଧୁ, ମେସିନ୍ ଗନ୍, ଶୃଗାଳ, ଶେଷ ବସନ୍ତର ଚିଠି, କିମ୍ବଦନ୍ତୀର ଉପସଂହାର ଆଦି ଗଳ୍ପ ଗୁଡ଼ିକରେ ମନୋଜଙ୍କ ମନୋବିଶ୍ଳେଷଣ କଳା ଶୀର୍ଷ ସ୍ଥାନରେ ଉପନୀତ ହୋଇଛି। ଏହି ଯଶସ୍ୱୀ କଳାକାର ମନଃଚିତ୍ର ପ୍ରଦାନ କରିବାରେ ଅତ୍ୟନ୍ତ ସଫଳ ହୋଇ ପାଠକମାନଙ୍କ ପ୍ରଶଂସା ଭାଜନ ହୋଇଛନ୍ତି।

## ୩.୪.୨ ସ୍ଥିତିବାଦୀ ଓଡ଼ିଆ ଗଳ୍ପ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ସାହିତ୍ୟର ସ୍ଥିତିବାଦୀ ବା ଅସ୍ତିତ୍ୱବାଦୀ ଦର୍ଶନ ଏକ ପ୍ରମୁଖ ଧାରା ସୃଷ୍ଟି କରିଥିଲା । ଫ୍ରାନ୍ସରେ ନାଜିବାଦ ଯେଉଁ ଦମନଲୀଳା ସୃଷ୍ଟି କରିଥିଲା ତାହାର ବିରୋଧରେ ଏହି ଚିନ୍ତନ ବା ବିଚାରଧାରା ପ୍ରକାଶ ପାଇଥିଲା । ରାଷ୍ଟ ଓ ଧର୍ମକୁ ପ୍ରାଧାନ୍ୟ ଦେଇ ବ୍ୟକ୍ତି ସତ୍ତାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରୁଥିବା ବ୍ୟକ୍ତି ବିରୋଧରେ ଏହାଥିଲା ବୁଦ୍ଧିଜୀବି ମାନଙ୍କ ସର୍ଜନାତ୍ମକ ବିଦ୍ରୋହ । ସମାଜ, ରାଷ୍ଟ୍ର, ଧର୍ମ, ପରମ୍ପରା, ଈଶ୍ୱର ଓ ଚର୍ଚ୍ଚ ବ୍ୟକ୍ତି ସ୍ୱାଧୀନତାକୁ ସର୍ବଦା ପରାହତ କରିବା ନିମିତ୍ତ ଚେଷ୍ଟା କରିଛନ୍ତି । ସେହି ଅର୍ଗଳୀରୁ ମୁକ୍ତ ହୋଇ ସ୍ୱାଧୀନଚେତା ଭାବରେ ବ୍ୟକ୍ତି ତାର ଅର୍ନ୍ତଭାବକୁ ପ୍ରକାଶ କରିବା ହେଉଛି ସ୍ଥିତିବାଦୀ ଚେତନାରେ ମୌଳ ବିଚାର । ଏଥିନିମନ୍ତ ବେଳେବେଳେ ସେ ଧର୍ମ, ପରଂପରା ବା ଈଶ୍ୱରଙ୍କୁ ମଧ୍ୟ ଅସ୍ୱୀକାର କରି, ବ୍ୟକ୍ତି ଚେତନାର ପରିପ୍ରକାଶକୁ ଗୁରୁତ୍ୱ ପ୍ରଦାନ କରିଥାଏ । ଧାର୍ମିକ ଓ ପାରଂପରିକ ଜୀବନ ଜିଜ୍ଞାସାରୁ ବ୍ୟକ୍ତି ସତ୍ତାକୁ ମୁକୁଳିତ କରି ବୈଜ୍ଞାନିକ, ହେତୁବାଦୀ ଓ ସ୍ୱାଧୀନଚେତା କରିବାରେ ସ୍ଥିତିବାଦ ବିଶ୍ୱାସ କରେ । କିଅରକେଗାଡ୍, ଫେଡ୍ରିକ୍ ନିତ୍ସେ, ଫ୍ରାନଜ କାଫକା, ଆଲ୍‌ବେୟାର କାମ୍ୟୁ, ଦସ୍ତୋଭୟସ୍କି ଆଦି ଦାର୍ଶନିକ ଲେଖକମାନେ ଏହି ମତବାଦକୁ ପ୍ରତିଷ୍ଠିତ ଓ ପ୍ରସାରିତ କରିବାରେ ସଫଳ ହୋଇଥିଲେ । ଏମାନେ ପରମ୍ପରା ଗୃହୀତ ସାରତତ୍ତ୍ୱ (Essence) ଅପେକ୍ଷା ବ୍ୟକ୍ତିର ଅସ୍ତିତ୍ୱ (Existence) କୁ ଗୁରୁତ୍ୱ ପ୍ରଦାନ କରି ଚିନ୍ତା ଜଗତରେ ଏକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ । ଚର୍ଚ୍ଚରୁ ସମାଜକୁ ଓ ବ୍ୟକ୍ତିତ୍ୱକୁ ରକ୍ଷା କରିବା ଥିଲା ଏମାନଙ୍କ ପ୍ରମୁଖ ଆଦର୍ଶ । ଧର୍ମ, ରାଜନୀତି, ସମାଜ ଶାସ୍ତ୍ରର ଶୃଙ୍ଖଳା ମଧ୍ୟରେ ବ୍ୟକ୍ତି ଚେତନା ସଂକୁଚିତ ହୋଇ ରହିଥାଏ । ଏକ ଢାଞ୍ଚା ବା ଗଠନ ମଧରେ ବ୍ୟକ୍ତିର ଜୀବନ ଜୀଇଁବାକୁ ସ୍ଥିତିବାଦୀ ମାନେ ଅନୁମୋଦନ କରନ୍ତି ନାହିଁ । ବ୍ୟକ୍ତିର ଅନ୍ତଃଚେତନାର ପରପୂର୍ତ୍ତୀରେ ହିତ ବ୍ୟକ୍ତିତ୍ୱର ସଫଳ ପରିପ୍ରକାଶ ହୋଇଥାଏ ବୋଲି ସ୍ଥିତିବାଦୀମାନଙ୍କ ବିଶ୍ୱାସ । ଏହି ଚେତନା ସମସ୍ତ ବିଶ୍ୱ ସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଓଡ଼ିଆ ଗଳ୍ପ ସାହିତ୍ୟର ସଚେତନ ଶିଳ୍ପୀମାନେ ଏହି ଚେତନାକୁ ନେଇ ଅନେକ ସଫଳ ଗଳ୍ପ ରଚନା କରିଛନ୍ତି ।

ସ୍ଥିତିବାଦୀ ଚେତନା ଓଡ଼ିଆ ଗଳ୍ପ ରାଜ୍ୟରେ ମଧ୍ୟ ଅନେକ ପରିବର୍ତ୍ତନ ଆଣିଥିଲା । ଗଳ୍ପର କାହାଣୀ, ପରିଣତି, ଅଙ୍ଗସଜ୍ଜା, ବାକ୍‌ବିନ୍ୟାସ, ଭାଷା ଓ ଚରିତ୍ର ଚିତ୍ରଣରେ ସ୍ଥିତିବାଦୀ ଗାଳ୍ପିକମାନେ ପରିବର୍ତ୍ତନ ଆଣିବାରେ ସଚେଷ୍ଟ ହୋଇଥିଲେ । ଏପରିକି ହରପ୍ରସାଦ ଦାସ ତାଙ୍କର ଲୁଚ୍ଛକର ତିନି ପ୍ରହର ଗଳ୍ପ ପୁସ୍ତକରେ (୧୯୭୭) ନୂତନ ଗଳ୍ପର ଇସ୍ତାହାର ନାମକ ପ୍ରବନ୍ଧ ମାଧ୍ୟମରେ ଏହି ସ୍ଥିତିବାଦୀ ଗଳ୍ପ ସଂପର୍କରେ ଆହ୍ୱାନ ଦେଇଥିଲେ । ସେ ଏଥିରେ ଲେଖିଛନ୍ତି 'ମୋର ବକ୍ତବ୍ୟ ଏହି କି ଯେ,ଚରିତ୍ର ସୃଷ୍ଟି କରିବାର ସାର୍ବଭୌମ କ୍ଷମତା ଆଉ ଗାଳ୍ପିକର ନାହିଁ । ନିଜେ ଚରିତ୍ରମାନେ ଦିନେ ଏକ ପ୍ରକାଣ୍ଡ ଶୋଭାଯାତ୍ରାରେ ଆସି ଗାଳ୍ପିକ ଠାରୁ ସେ କ୍ଷମତା ନିଜ ହାତକୁ ନେଇଯାଇଛନ୍ତି, ନେଲେଣି ବା ନେବେ । ଗାଳ୍ପିକ ଯେତେ ଶୀଘ୍ର ଶବ୍ଦ ଓ ଶୂନ୍ୟରେ ମିଶିଯିବ ସେତେ ମଙ୍ଗଳ । ଶାରୀରିକ ସୌନ୍ଦର୍ଯ୍ୟ, ଉତ୍ତରାଧିକାର, ବିଡ଼ମ୍ବିତ ଭାଗ୍ୟକୁ ନେଇ ଗଳ୍ପ ଲେଖାଯାଏ ନାହିଁ; ଏହା ଏକ ସାହିତ୍ୟିକ ପାପ । ଏଗୁଡିକ ପ୍ରକୃତିର ନିର୍ଦ୍ଧାରିତ କ୍ୟାଟେଗୋରୀ ଯାହାକୁ ପୁଞ୍ଜିକରି ସତ୍ୟର ରହସ୍ୟ ଉଦ୍‌ଘାଟିତ କରିହେବ ନାହିଁ । କାଫକାଙ୍କ ନାୟକ kକୁ କେତେଜଣ ମନେରଖିଛନ୍ତି ? k କେବଳ k ଅକ୍ଷର ; ଏହାର ଉର୍ଦ୍ଧ୍ୱରେ ଆଉ

କିଛି ନୁହେଁ। ବେକେଟ୍ ଗୋଟିଏ ଗଳ୍ପର ମଝିରେ ଚରିତ୍ରର ନାମ ବାରମ୍ବାର ପରିବର୍ତ୍ତିତ କରିଛନ୍ତି, କାହିଁକି ? ଏପରିକି ନବାକୋଭ୍ ଗୋଟିଏ ଚିରିତ୍ରକୁ ଭାଙ୍ଗି ପାଞ୍ଚଟି ଚରିତ୍ର ସୃଷ୍ଟି କରି ତାଙ୍କ ଭିତରେ ଯୁଦ୍ଧ ମଧ୍ୟ ଭିଆଇଛନ୍ତି। କାହିଁକି ? ମୁଁ କହୁନାହିଁ ଯେ ଏମାନେ ଗଳ୍ପରେ ଆମର ଆଦର୍ଶ। ମୋର କହିବାର କଥା ଏତିକିଯେ ଚରିତ୍ର ସ୍ଥୁଳ ଚରିତ୍ର ହୋଇ ଗଳ୍ପ ଭିତରକୁ ନ ଆସୁ। ଚରିତ୍ର ଆସୁରକ୍ତରେ ମିଶି, ନିଶ୍ୱାସରେ ମିଶି ଏକ ପ୍ରକାଣ୍ଡ ଅଭ୍ୟନ୍ତର ହୋଇ, ନାମ ଠିକଣା, ପରିଚୟର ସଙ୍କେତ ରେଖା ସେଇ ଧକ୍କାରେ ଖସିପଡ଼ି ମିଳାଇ ଯାଉ। ଗଳ୍ପ ସତ୍ୟର ନିକଟବର୍ତ୍ତୀ ହେଉ, ଗଳ୍ପ ରକ୍ତର ନିକଟବର୍ତ୍ତୀ ହେଉ।” ୧୯୭୭ ମସିହାରେ ରଚିତ ଏହି ପ୍ରବନ୍ଧଟି ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ଥିତିବାଦୀ ଚେତନା ପ୍ରତି ଗାଳ୍ପିକମାନେ କେତେ ସଚେତନ ଥିଲେ, ତାହାର ସ୍ଥିତି ବ୍ୟାଖ୍ୟାନ କରିଥାଏ।

ସ୍ୱାଧୀନତା ପରବର୍ତ୍ତୀ ଅଧିକାଂଶ ଗାଳ୍ପିକଙ୍କ ଗଳ୍ପରେ ସ୍ଥିତିବାଦୀ ଚେତନା ଦେଖିବାକୁ ମିଳିଥାଏ। ସୁରେନ୍ଦ୍ର ମହାନ୍ତି, ଅଖିଳମୋହନ ପଟ୍ଟନାୟକ, ଶାନ୍ତନୁକୁମାର ଆଚାର୍ଯ୍ୟ, କିଶୋରୀ ଚରଣ ଦାସ, ରବି ପଟ୍ଟନାୟକ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, କୃଷ୍ଣପ୍ରସାଦ ମିଶ୍ର, ନାରୁ ମହାନ୍ତି, ରାଧାବିନୋଦ ନାୟକ, ପ୍ରଫୁଲ୍ଲ ତ୍ରିପାଠୀ, ଜଗଦୀଶ୍ ମହାନ୍ତି, କହ୍ନେଇଲାଲ ଦାସ, ସତ୍ୟ ମିଶ୍ର, ଯଶୋଧାରା ମିଶ୍ର, ଜ୍ୟୋସ୍ନା ରାଉତରାୟ,ଗିରି ଦଣ୍ଡସେନା, ସରୋଜିନୀ ସାହୁ, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର ପ୍ରମୁଖ ଗାଳ୍ପିକଙ୍କ ଗଳ୍ପରେ ଓଡ଼ିଆ ସ୍ଥିତିବାଦୀ ଚେତନା ନୂତନ ଶିଖରକୁ ସ୍ପର୍ଶ କରିଛି।

ସୁରେନ୍ଦ୍ର ମହାନ୍ତିଙ୍କ ମହାନଗରୀର ରାତ୍ରୀ, ଭାଗାବଣ୍ଡ,ସବୁଜ ପତ୍ର ଓ ଧୂସର ଗୋଲାପ,ନୀଳ ଜ୍ୟୋସ୍ନା, କାଠଘୋଡ଼ା, ଓଃ କାଲକାଟା ପ୍ରଭୃତି ଗଳ୍ପ ଗୁଡ଼ିକ ସ୍ଥିତିବାଦୀ ଚେତନାର ଅନ୍ୟତମ ସଫଳ ପରିପ୍ରକାଶ। ଏହି ଗଳ୍ପର ଚରିତ୍ର ଗୁଡିକ ସମାଜ ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରି ସ୍ୱାଧୀନଚେତା ଜୀବନ ଯାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜର ଶୃଙ୍ଖଳ ମଧ୍ୟରେ ବ୍ୟକ୍ତି ସ୍ୱାଧୀନତା କିପରି ଅଣନିଶ୍ୱାସୀ ହୋଇଛି ତାହା ଗଳ୍ପର ମୁଖ୍ୟ ପ୍ରସଙ୍ଗ ଭାବରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି। ସମଗ୍ର ସମାଜ ବ୍ୟବସ୍ଥା ଓ ଆଦର୍ଶ ଜୀବନବାଦୀ ଦୃଷ୍ଟିଭଂଗୀକୁ ସୁରେନ୍ଦ୍ର ମହାନ୍ତି ସର୍ବଦା ବ୍ୟଙ୍ଗ କରିଛନ୍ତି। ଏଣୁ 'ଗୋଟିଏ ଘୋଡାର ମୃତ୍ୟୁ' ଗଳ୍ପରେ ସେ କହିଛନ୍ତି : “ଆଃ.. ଇତିହାସରେ ସତେ କେତେ ବ୍ୟର୍ଥ ବିଡମ୍ବିତ ସେମାନେ। ସେଇ ବୁଦ୍ଧ, ଯିଶୁଖ୍ରୀଷ୍ଟ, ଚୈତନ୍ୟ ଓ ଗାନ୍ଧୀ ପ୍ରଭୃତି ଅବତାର ଦଳ। .......... ମନୁଷ୍ୟ ପ୍ରାଣରେ କାହିଁକି ସେମାନଙ୍କ ଉତ୍ତରଣର ପାଦଚିହ୍ନର ମଧ୍ୟଯୁଗୀୟ ଧର୍ମ ବର୍ବରତା ଆଡ଼େ ଆଜି ଇତିହାସର ଲେଉଟାଣି ବାଟରେ ସେମାନେ ସତେ ଯେପରି ଗୋଟିଏ ଗୋଟିଏ ଅନାବଶ୍ୟକ ବିସ୍ମୃତ ମାଇଲ ସ୍ତମ୍ଭ।” ପରମ୍ପରା, ଐତିହ୍ୟ ଧର୍ମବିଶ୍ୱାସ ଏପରିକି ଇଶ୍ୱର ବିଶ୍ୱାସ ମଧ୍ୟ ସମସାମୟିକ ଜୀବନରେ କିପରି ପ୍ରସଙ୍ଗହୀନ, ତାହା ବ୍ୟାଖ୍ୟାନ କରିଥାଏ ସୁରେନ୍ଦ୍ର ମହାନ୍ତିଙ୍କ ସ୍ଥିତିବାଦୀ ଗଳ୍ପ।

ଅଖିଳମୋହନ ପଟ୍ଟନାୟକ, ସୁକାନ୍ତ ମହାନ୍ତି, କେତୋଟି ମୁହୂର୍ତ୍ତ, ଅନ୍ଧଗଳି, ଅକାଳବୋଧନ ଆଦି ଗଳ୍ପରେ ସ୍ଥିତିବାଦୀ ଚେତନା ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥାଏ। ସୁକାନ୍ତ ମହାନ୍ତ ଗଳ୍ପର ସୁକାନ୍ତ ଏବଂ କେତୋଟି ମୁହୂର୍ତ୍ତ ଗଳ୍ପର ଶ୍ରୀକାନ୍ତ ପାରଂପରିକ ମୂଲ୍ୟବୋଧ ଭିତ୍ତିକ ଜୀବନଯାପନରେ ଆଗ୍ରହ ଦେଖାନ୍ତି ନାହିଁ। ମନର ଇଚ୍ଛା ଅନୁସାରେ ସେମାନେ ଜୀବନ ଜୀଇଁବାକୁ ପସନ୍ଦ କରନ୍ତି। ଜନଗହଳି ରାସ୍ତାରେ ମଧ

ଏମାନେ ନିଃସଂଗ ଜୀବନ ଯାପନ କରନ୍ତି। ସମାଜଚ୍ୟୁତ ବ୍ୟକ୍ତି ଭାବରେ ବ୍ୟକ୍ତି ସତ୍ତାରେ ତଲ୍ଲୀନ ହୋଇ ଏମାନେ ଜୀବନ ଜୀଇଁବାକୁ ପସନ୍ଦ କରନ୍ତି। ଅକାଳବୋଧନ ଗଳ୍ପରେ ଅଖିଳମୋହନ ପାରଂପରିକ ଜୀବନଯାପନ ଶୈଳୀକୁ ତୀର୍ଯ୍ୟକ ବ୍ୟଙ୍ଗ କରିଛନ୍ତି। ଦୁଇଟି ତରୁଣୀଙ୍କ ଜୀବନରେ ଆସିଥିବା କରୁଣ ପରିସ୍ଥିତି ନାୟକ ବିଜୟ ଦାଶଙ୍କୁ ଭାବାନ୍ତର କରିପକାଏ। ଗୋଟିଏ ପରିଚୟ ହୀନ ଜୀବନ ଜୀଇଁବାରେ ବିଶ୍ୱାସ ରଖେ ଗଳ୍ପ ନାୟକ। ତାଙ୍କ ଗଳ୍ପରେ ଉଭୟ ନାରୀ ଓ ପୁରୁଷ ଚରିତ୍ର ସାମାଜିକ ବନ୍ଧନ ମୁକ୍ତ ଜୀବନ ଜୀଇଁବାରେ ବିଶ୍ୱାସ ରଖନ୍ତି।

କିଶୋରୀ ଚରଣ ଦାସଙ୍କ ଗଳ୍ପ ଗୁଡିକରେ ମଧ୍ୟ ସ୍ଥିତିବାଦୀ ଦର୍ଶନ ପ୍ରତିଫଳିତ ହୋଇଥିବା ଦେଖିବାକୁ ମିଳେ। ଗମନ, କେବଳ କୁକୁର, ବିଧର୍ମୀ, ଗୋଟିଏ ଲାଲ ସନ୍ଧ୍ୟା, ତ୍ରୟୋବିଂଶ ମୃତ୍ୟୁ ଆଦି ଗଳ୍ପରେ ଈଶ୍ୱର ଅବିଶ୍ୱାସ ଏବଂ କାମନାର ବିକାଶ ଦେଖିବାକୁ ମିଳିଥାଏ। ଗୋଟିଏ ଲାଲ୍ ସନ୍ଧ୍ୟା ଗଳ୍ପରେ ଗାଳ୍ପିକ ଲେଖିଛନ୍ତି - "ଭଗବାନଙ୍କୁ ନୁହେଁ, ମୁଁ ତାଙ୍କୁ ବିଶ୍ୱାସ କରେ ନାହିଁ।" ତ୍ରୟୋବିଂଶ ମୃତ୍ୟୁ ଗଳ୍ପରେ ଲେଖିଛନ୍ତି - "ଜୀବନ ଯେତିକି ଆବସର୍ଡ଼, ମୃତ୍ୟୁବି ସେତିକି ଆବସର୍ଡ଼। ତାକୁ ଛିଗୁଲେଇଲେ ମଜା।" ଆଧୁନିକ ମଣିଷର ଜୀବନଚର୍ଯ୍ୟାର ରୂପାୟନ କରିବାକୁ ଯାଇ ତାହାର ହତାଶା, ସଙ୍କଟ, ନୈରାଶ୍ୟ ଓ ଅସହାୟତାର ଚିତ୍ର ପ୍ରଦାନ କରିବା ସମୟରେ ଚରିତ୍ରର ଅନ୍ତଃଚେତନା ଉଦ୍‌ଭାସିତ ହୋଇଉଠେ। ଜୀବନ ସଂଗ୍ରାମର ଚିତ୍ର ପ୍ରଦାନ କଲାବେଳେ ଚରିତ୍ର ଗୁଡ଼ିକ ହୋଇଉଠନ୍ତି ସ୍ଥିତିବାଦୀ। କିଶୋରୀ ଚରଣ ଦାସଙ୍କ ପରି ରବି ପଟ୍ଟନାୟକଙ୍କ ଅନ୍ଧ ଗଳିର ଅନ୍ଧକାର, ଅସାମାଜିକର ଡାଏରୀ ଓ ବହୁରୂପି ଗଳ୍ପ ସଂକଳନର ଗଳ୍ପ ଗୁଡ଼ିକରେ ସ୍ଥିତିବାଦୀ ଚେତନା ଅତି ସଫଳ ଭାବରେ ରୂପାୟିତ ହୋଇଛି। ଅନ୍ଧଗଳିର ଅନ୍ଧକାର ଗଳ୍ପରେ ସେ ପରମ୍ପରା ଓ ଐତିହ୍ୟକୁ ଅଗ୍ରାହ୍ୟ କରିଦେଇ ବ୍ୟକ୍ତି ଚେତନାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। 'ବଣା ବାଟୋଇର ଚମ୍ପୁ' ଗଳ୍ପର ନାୟକ ତୁଷାର ଚରିତ୍ର ମଧ୍ୟରେ ଏହା ଅଧିକ ସ୍ପଷ୍ଟ ହୋଇଛି ସାମାଜିକ ଶୃଙ୍ଖଳାକୁ ଭ୍ରୂକ୍ଷେପ ନକରି ସେ ନିଜ ପ୍ରବୃତ୍ତିର ଆଦେଶ ଅନୁଯାଇ ଜୀବନ ଜୀଇଁଛି। ଏହି ଜୀବନ ତାକୁ ବେପରୁଆ ମଣିଷଟିଏ ତିଆରି କରିଛି। ରବି ପଟ୍ଟନାୟକଙ୍କ ପ୍ରାୟ ସବୁ ଗଳ୍ପରେ "ମୁଁ" ନାମକ ବ୍ୟକ୍ତି ସତ୍ତାଟି ଗୁରୁତ୍ୱପୂର୍ଣ୍ଣ। ଏଣୁ 'ବିଶର ମହାନ୍ତି' ଗଳ୍ପରେ ସେ ଲେଖନ୍ତି "ହଁ ସତ୍ୟ ଅଛି। ଚିରନ୍ତନ ସତ୍ୟ। ସେ ଜଗନ୍ନାଥ କାଠଗଣ୍ଡି ଭିତରେ ନାହିଁ, ମନ୍ଦିରରେ ନାହିଁ, ମସ୍‌ଜିଦ୍‌ରେ ନାହିଁ, ଗୀର୍ଜାରେ ନାହିଁ, ବୌଦ୍ଧ ବିହାରରେ ନାହିଁ। ସେ ରହିଛି ପ୍ରତ୍ୟେକ ମଣିଷର ଅନ୍ତଃସ୍ଥଳରେ। ସେଇ ଅଗଣିତ ବିଶ୍ୱାସର ଅଦ୍ଭୁତ ପ୍ରାଣ ସଞ୍ଜିବନୀ ମନ୍ତ୍ରରେ ଜୀବନ୍ୟାସ ପାଇ ଜନ୍ମ ଦେଇଛି ମହାନ ଦେବତାଙ୍କୁ। ଧର୍ମ, ପରମ୍ପରା, ଈଶ୍ୱର ବିଶ୍ୱାସକୁ ଅସ୍ୱୀକାର କରି ମଣିଷର ଅନ୍ତଃଚେତନର ବିକାଶହିଁ ସ୍ଥିତିବାଦର ମୌଳ ପ୍ରସଙ୍ଗ, ଯାହା ରବି ପଟ୍ଟନାୟକଙ୍କ ଗଳ୍ପରେ ବିସ୍ତୃତ ଭାବରେ ପ୍ରକାଶିତ।

ପରବର୍ତ୍ତୀ ପର୍ଯ୍ୟାୟରେ ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ଯଶୋଧାରା ମିଶ୍ର,ସତ୍ୟ ମିଶ୍ର, ଜଗଦୀଶ ମହାନ୍ତି, ଗିରି ଦଣ୍ଡସେନା, ସରୋଜିନୀ ସାହୁ ଓ କହ୍ନେଇଲାଲ ଦାସଙ୍କ ଗଳ୍ପରେ ଏହି ସ୍ଥିତିବାଦୀ ଚେତନା ଅଧିକ ବିସ୍ତୃତି ଲାଭ କରିଛି। ରାମଚନ୍ଦ୍ର ବେହେରାଙ୍କ ବଞ୍ଚି ରହିବା, ଅବଶିଷ୍ଟ ଆୟୁଷ, ତରୁଣକାନ୍ତି ମିଶ୍ରଙ୍କ ଅବରୋହ, ବୀତଂସ, ଯଶୋଧାରା ମିଶ୍ରଙ୍କ ଜହ୍ନରାତି, ରେଖାଚିତ୍ର, ସତ୍ୟ ମିଶ୍ରଙ୍କ ଯୀଶୁ ଖ୍ରୀଷ୍ଟ, ଜଗଦୀଶ ମହାନ୍ତିଙ୍କ ଏକାକୀ ଅଶ୍ୱାରୋହୀ, ଦକ୍ଷିଣ ଦୁଆରୀ ଘର,ଦିପହର ଦେଖିନଥିବା ଲୋକଟିଏ, ମେଫିଷ୍ଟୋଫେଲିସର ପୃଥିବୀ, ଗିରି ଦଣ୍ଡସେନାଙ୍କ କାଳସୂତ୍ର, ସରୋଜିନୀ ସାହୁଙ୍କ ନିଜ ଗହୀରରେ ନିଜେ, 'ତରଳି ଯାଉଥିବା ଦୁର୍ଗ ଓ ଚୌକାଠ'

ଆଦି ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପ ତଥା କହ୍ନେଇ ଲାଲ ଦାସଙ୍କ ପ୍ରାୟ ସମସ୍ତ ଗଳ୍ପରେ ସ୍ଥିତିବାଦୀ ଚେତନା ସ୍ଫୁରିତ ହୋଇଛି । ଭାରତୀୟ ଓ ଓଡ଼ିଶୀୟ ପରିବେଶର ବ୍ୟକ୍ତିର ବ୍ୟକ୍ତିଚେତନା ସମାଜ ଜୀବନର କିପରି ପରିପନ୍ଥୀ ହୋଇଥାଏ, ତାହାକୁ ଗାଳ୍ପିକମାନେ ମାର୍ମିକ ଭାବରେ ଉପସ୍ଥାପନ କରିବାରେ ନିମିତ୍ତ ସଫଳ ହୋଇଛନ୍ତି ।

## ୩.୪.୩ ପୁରାଣ, କିମ୍ବଦନ୍ତୀ ଓ ଆଧ୍ୟାତ୍ମିକ ଅନ୍ୱେଷା ସମ୍ବଳିତ ଓଡ଼ିଆ ଗଳ୍ପ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଭାରତୀୟ ପରମ୍ପରା, ଐତିହ୍ୟ, କିମ୍ବଦନ୍ତୀ, ଲୋକକଥା, ଇତିହାସ ଏବଂ ଆଧ୍ୟାତ୍ମିକ ଜିଜ୍ଞାସାକୁ ନେଇ ବହୁ ଗାଳ୍ପିକ ଅନେକ ବୈଚିତ୍ର୍ୟ ପୂର୍ଣ୍ଣ ଗଳ୍ପ ରଚନା କରିଛନ୍ତି । ଭାରତର ପ୍ରାଚୀନ ପରଂପରା ଓ ଐତିହ୍ୟକୁ ଏହି ଗଳ୍ପ ଗୁଡ଼ିକରେ କେବଳ ପୁର୍ନଜୀବିତ କରାଯାଇନାହିଁ, ଏହା ସମକାଳର ସାମାଜିକ ପରିବେଶକୁ ନେଇ ପୁର୍ନବ୍ୟାଖ୍ୟାନ ମଧ୍ୟ କରାଯାଇଛି । ରହସ୍ୟ, ରୋମାଞ୍ଚ, ଅତିକଳ୍ପନା ଓ ଯାଦୁକରୀ ବାସ୍ତବତାର ପ୍ରୟୋଗ ଦ୍ୱାରା ପାଠକର ହୃଦୟରେ ଏହି ଗଳ୍ପ ଗୁଡ଼ିକ ଗଭୀର ରେଖାପାତ କରିବାରେ ସମର୍ଥ ହୋଇଛନ୍ତି । ଭାରତୀୟ ସ୍ୱାଧୀନତା ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଶିଳ୍ପ କୈନ୍ଦ୍ରୀକ ସହର ସୃଷ୍ଟି ହେବା ଦ୍ୱାରା ପ୍ରାଚୀନ ପରଂପରା ଓ ଆଧ୍ୟାତ୍ମିକ ଜିଜ୍ଞାସାରେ ସଙ୍କଟ ଦେଖାଯାଇଥିଲା । ଏହାର ପ୍ରତିକ୍ରିୟା ସଦୃଶ୍ୟ ବହୁ ଗାଳ୍ପିକ ଏହି ଚେତନାର ଗଳ୍ପ ରଚନା କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଶାନ୍ତନୁ କୁମାର ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ବାମା ଚରଣ ମିତ୍ର, କୃଷ୍ଣ ପ୍ରସାଦ ମିଶ୍ର, ଚୌଧୁରୀ ହେମକାନ୍ତ, ଅଚ୍ୟୁତାନନ୍ଦ ପତି, ମନୋଜ ଦାସ ଏବଂ ଚନ୍ଦ୍ର ଶେଖର ରଥ ଏହି ଧାରାର ଅଗ୍ରଣୀ ଗାଳ୍ପିକ । ଏମାନଙ୍କ ଗଳ୍ପରେ ଭାରତୀୟ ପରଂପରା, ଜୀବନ ଦର୍ଶନ, କାହାଣୀ, କିମ୍ବଦନ୍ତୀ, ରୂପକଥା ଆଦି ପୁର୍ନଜୀବନ ଲାଭ କରିଛି ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଦୁର୍ବାର, ଅରଣ୍ୟର ଚୂଳ, ଅଦିନ ବଉଳ, ସର୍ପଯାନ, ଚଳନ୍ତି ଠାକୁର ଆଦି ଗଳ୍ପ ସଙ୍କଳନରେ ସ୍ଥାନିତ ଗଳ୍ପ ଗୁଡ଼ିକରେ ଆଧ୍ୟାତ୍ମିକ ଜିଜ୍ଞାସା ଓ ଭାରତୀୟ ପରଂପରାର ଚିତ୍ର ଦେଖିବାକୁ ମିଳିଥାଏ । ପରିବର୍ତ୍ତିତ ସାମାଜିକ ଓ ଧାର୍ମିକ ପ୍ରେକ୍ଷାପଟରେ ଗାଳ୍ପିକ ଭାରତୀୟ ଦର୍ଶନ ଓ ଆଧ୍ୟାତ୍ମିକ ଅନ୍ୱେଷାକୁ ଯୁକ୍ତିବାଦୀ ଚିନ୍ତନ ମାଧ୍ୟମରେ ପ୍ରକାଶ କରିଛନ୍ତି । ତାଙ୍କର 'ହୃଦ କୋଲପ' ଗଳ୍ପରେ ଗଳ୍ପ ନାୟକଙ୍କର ସାକ୍ଷାତ ହୋଇଛି ଜଣେ ଆଦି ଶଙ୍କରାଚାର୍ଯ୍ୟ ଦର୍ଶନ ବିଶ୍ୱାସୀ ସନ୍ୟାସୀଙ୍କ ସହ । ଗଳ୍ପ ନାୟକ ଜଣେ ହେତୁବାଦୀ ବ୍ୟକ୍ତି ଭାବରେ ଭାରତୀୟ ଧର୍ମ ଓ ଦର୍ଶନ ପ୍ରତି ଅବିଶ୍ୱାସ ଭାବ ପ୍ରକାଶ କରିଛନ୍ତି । ମାତ୍ର ସନ୍ୟାସୀ ଜଣକ ତାଙ୍କ ପ୍ରାଜ୍ଞ ଚିନ୍ତନ ଓ ବ୍ୟାଖ୍ୟାନ ଦ୍ୱାରା ଭାରତୀୟ ସଂସ୍କୃତିର ମହିମା ପ୍ରଖ୍ୟାପନ କରି ଗଳ୍ପ ନାୟକଙ୍କ ସଂଶୟକୁ ଦୂର କରିବାରେ ସମର୍ଥ ହୋଇଛନ୍ତି । ସେହିପରି "ଅରଣ୍ୟର ଚୂଳ" ତାଙ୍କର ଅତି ସଫଳ ଗଳ୍ପ । ଭାରତୀୟ ଜୀବନ ଦର୍ଶନ ମଧ୍ୟରେ ରହିଥିବା ରହସ୍ୟକୁ ଏହି ଗଳ୍ପରେ ଅତିକଳ୍ପନା ବା ଫାଣ୍ଟାସିର ପ୍ରୟୋଗ କରି ଉପସ୍ଥାପନ କରିଛନ୍ତି, ଯାହା ତାଙ୍କର ହୃଦୟକୁ ରୋମାଞ୍ଚରେ ଭରି ଦେଇଥାଏ । ସହରରୁ ଦୂରରେ ଥିବା ପଲ୍ଲୀରେ କିପରି ଭାରତୀୟ ସଂସ୍କୃତି ଜୀବନ୍ତ ହୋଇ ରହିଛି ତାହାର ଭାଷ୍ୟ ଏହି ଗଳ୍ପରେ ଉପସ୍ଥାପିତ ହୋଇଛି । ସେହିପରି 'ସର୍ପଯାନ' ଗଳ୍ପଟିରେ ଯାଦୁକରୀ ବାସ୍ତବତା ଶୈଳୀର ପ୍ରୟୋଗ କରି ଭାରତୀୟ ଆଦିବାସୀ ସମାଜରେ ରହିଥିବା ଆଧ୍ୟାତ୍ମିକ ଅବବୋଧର ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟା କରିଛନ୍ତି । ଲୌକିକି ପରମ୍ପରା ଓ ସଂସ୍କୃତିକୁ ପୁର୍ନବ୍ୟାଖ୍ୟାନ କରି ନବଜୀବନ ପ୍ରଦାନ କରିବା ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପଦୃଷ୍ଟି । ପରମ୍ପରାରେ ରହିଥିବା

ଅସଂଗତିକୁ ସେ ଚିହ୍ନଟ କରି ତାହାର ପ୍ରାସଙ୍ଗିକତାକୁ ଉପେକ୍ଷା କରିବାକୁ ଯାଇ ସର୍ପଯାନ ଗଳ୍ପରେ ସେ ଲେଖନ୍ତି: "ସାପ ପିଠିରେ ଗଲି ସେଇଠିକି ଯେଉଁଠିକି ତୁ ଯାଇଥିଲୁ। ସେ ଜାଗାରେ ଡରଭୟ କିଛି ଅଛି ଦେଖିଲୁ? ଭଗବାନଙ୍କ ରାଇଜରେ ଏମିତି ଜାଗା ଖଣ୍ଡେ ଅଛି ଏକଥା କେମିତି ଜଣା ନଥିଲାରେ ଭାଇ ଆମକୁ।" ଶାନ୍ତନୁ କୁମାର ଅତିକଳ୍ପନା ଓ ରହସ୍ୟ ମଧ୍ୟରେ ଭାରତୀୟ ସଂସ୍କୃତି ଓ ଜୀବନ ଦର୍ଶନକୁ ଅତି ପ୍ରଭାବଶାଳୀ ଶୈଳୀରେ ଉପସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି।

ମହାପାତ୍ର ନୀଳମଣି ସାହୁ ତାଙ୍କର ମନମତ୍ତାଳ ଦୁହାଁଳ ଗାଈ, କପୋତ ପକ୍ଷୀ ଗୁରୁ ମୋର, ଗଣାଧିପତୟେ ନମଃ ଓ ଅଭିଶପ୍ତ ଗନ୍ଧର୍ବ ଗଳ୍ପ ପୁସ୍ତକର ଅନେକ ଗଳ୍ପ ଆଧ୍ୟାତ୍ମିକ ଚେତନାର ଉନ୍ମେଷ ଉପରେ ଆଧାରିତ। ପରିବର୍ତ୍ତିତ ସାମାଜିକ ପ୍ରେକ୍ଷାପଟ୍ଟରେ ସ୍ଥିତିବାଦୀ ଚେତନା ମାଧ୍ୟମରେ ଈଶ୍ୱର ଅବିଶ୍ୱାସ ଏବଂ ଆଧ୍ୟାତ୍ମିକ ଚିନ୍ତନରେ ସଂକଟ ଆସିଥିବା ସମୟରେ ଏହି ବ୍ୟକ୍ତିମାନେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଅନ୍ୱେଷା ଉପରେ ଗଭୀର ଆସ୍ଥା ପ୍ରକଟ କରିଛନ୍ତି। ଭୌତିକ ପ୍ରଗତି ଆଧ୍ୟାତ୍ମିକ ଚେତନାର ବିକାଶ ସାଧନାରେ ପ୍ରତିବନ୍ଧକ ହୋଇଥାଏ। ଏଣୁ ମହାପାତ୍ର ନୀଳମଣୀ ସାହୁ ସମେତ ଅନ୍ୟ ଗାଳ୍ପିକମାନେ ଓଡ଼ିଆ ଗଳ୍ପ ମାଧ୍ୟମରେ ଆଧ୍ୟାତ୍ମିକ ଜିଜ୍ଞାସାର ପୁର୍ନବିନ୍ୟାସ କରିବାରେ ସଫଳ ହୋଇଥିଲେ। ଗାଳ୍ପିକ ମନମତ୍ତ ଦୁହାଁଳ ଗାଈ ଗଳ୍ପରେ ଜୀବନର ଅଳୀକତା ସଂପର୍କରେ ସୂଚନା ପ୍ରଦାନ କରିଥିବା ସମୟରେ କପୋତପକ୍ଷୀ ଗୁରୁ ମୋର ଗଳ୍ପଟି ଜଗନ୍ନାଥ ଦାସଙ୍କ ଭାଗବତରେ ଥିବା କପୋତ ପକ୍ଷୀ କାହାଣୀ ଉପରେ ପର୍ଯ୍ୟବେସିତ। ପୁରୁଷ ଓ ସ୍ତ୍ରୀର ମିଳନ ମଧ୍ୟରେ ସେ ଅତିମାନସିକ ଜଗତର ସୂକ୍ଷ୍ମ ରହସ୍ୟକୁ ବ୍ୟକ୍ତ କରିବାପାଇଁ ଚେଷ୍ଟା କରିଛନ୍ତି। ତାଙ୍କ ଗଳ୍ପ ଗୁଡ଼ିକ ଭାରତୀୟ ଦର୍ଶନର ଗଭୀର ରହସ୍ୟକୁ ଉନ୍ମୋଚନ କରିବାରେ ସହାୟକ ହୋଇଥାଏ। ଗଳ୍ପର କାହାଣୀ ଭାଗରେ ସେ ଏହି ଦର୍ଶନଗୁଡ଼ିକୁ ପ୍ରାଞ୍ଜଳ ଭାବରେ ପାଠକ ନିକଟରେ ଅର୍ପଣ କରିବାକୁ ସମର୍ଥ ହୋଇଥାନ୍ତି।

ଭାରତୀୟ ଐତିହ୍ୟ, ପରଂପରା, କିମ୍ବଦନ୍ତୀ, ଲୋକକଥା ଓ ପୁରାତତ୍ତ୍ୱକୁ ନେଇ ମନୋଜ ଦାସ ବହୁ ସଫଳ ଗଳ୍ପ ରଚନା କରିଛନ୍ତି। ଏହି ଗଳ୍ପ ଗୁଡ଼ିକରେ ରହିଥିବା ଆଧ୍ୟାତ୍ମିକ ଆବେଦନ ତାଙ୍କୁ ସମଗ୍ର ବିଶ୍ୱରେ ଅନେକ ଯଶ ଓ ଖ୍ୟାତି ଆଣିଦେଇଛି। ଭାରତୀୟ ଜୀବନ ଦର୍ଶନ ଓ ଆଧ୍ୟାତ୍ମିକ ଜିଜ୍ଞାସାର ସଫଳ ପରିପ୍ରକାଶ ତାଙ୍କ ଗଳ୍ପ ଗୁଡ଼ିକୁ ଅନେକ ପରିମାଣରେ କ୍ଲାସିକଧର୍ମୀ କରିପାରିଛି। ଲକ୍ଷ୍ମୀର ଅଭିସାର,କିମ୍ବଦନ୍ତୀର ଉପସଂହାର, ଆବୁ ପୁରୁଷ,ବିବସ୍ତ୍ର,ବିହଙ୍ଗ,ଅବୋଲକରାର ଗଳ୍ପ ଆଦି ଗଳ୍ପରେ ଶ୍ରୀ ଦାସ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଜିଜ୍ଞାସାର ଚିତ୍ର ପ୍ରଦାନ କରିଛନ୍ତି। ଲକ୍ଷ୍ମୀର ଅଭିସାର ଗଳ୍ପରେ ଜଣେ ଗ୍ରାମୀଣ ଦରିଦ୍ର ଯୁବତୀ ପ୍ରାଣରେ ଥିବା ଆଧ୍ୟାତ୍ମିକ ବିଶ୍ୱାସର ଚିତ୍ର ସେ ପ୍ରଦାନ କରିଛନ୍ତି। ଲକ୍ଷ୍ମୀ ମଧ୍ୟରେ ରହିଥିବା ଆଧ୍ୟାତ୍ମିକ ଉତ୍ତରଣକୁ ମନ୍ଦିର ପୂଜକ ବୁଝିପାରିବାରେ ଅକ୍ଷମ ହୋଇଛି ଏବଂ ତାକୁ ନିଜ ସ୍ୱାର୍ଥ ସାଧନ ନିମିତ୍ତ ଚୋରଣୀ ଆଖ୍ୟା ଦେଇ ତାକୁ ଅପମାନିତ କରିଛି। ମାତ୍ର ପୂଜକର ଏହି ଅପଚେଷ୍ଟା ବିଫଳ ହୋଇଛି। ପାଠକ ପ୍ରାଣରେ ଏହି ଗଳ୍ପର ଆବେଦନ ଚିରନ୍ତନ ପ୍ରଭାବ ପକାଇବାରେ ସମର୍ଥ ହୋଇଛି। ଲକ୍ଷ୍ମୀର ଅଭିସାର ଗଳ୍ପରେ ସାନ୍ଦ୍ର ଆଧ୍ୟାତ୍ମିକ ଉତ୍ତରଣର ଚିତ୍ର ଦେଖିବାକୁ ମିଳିଥିବା ବେଳେ ଆବୁ ପୁରୁଷ ଗଳ୍ପରେ ଭାରତୀୟ ଆଧ୍ୟାତ୍ମିକ ଶକ୍ତି ସହ ଆମେରିକୀୟ ପୁଞ୍ଜିବାଦୀ ସଭ୍ୟତାର ତୁଳନା କରାଯାଇଛି। ଗଳ୍ପ ନାୟକ ମି.ଶର୍ମା ନିଜ ପିଠିରେ ବାହାରିଥିବା ଆବୁକୁ ଅସ୍ତ୍ରୋପଚାର କରିବା ନିମିତ୍ତ ଆମେରିକା ଯାଇ ସେଠାରେ ବିଭିନ୍ନ କମ୍ପାନୀ ଦ୍ୱାରା ନିଜ ଆବୁକୁ ବିଜ୍ଞାପନ କରାଇ ଅଜସ୍ର ଅର୍ଥ

ଉପାର୍ଜନ କରିଛନ୍ତି। ବହୁ ଅର୍ଥ ଉପାର୍ଜନ ପରେ ସେ ଚାହିଁଛନ୍ତି ନିର୍ବାଚନ ଲଢ଼ି କ୍ଷମତା କେନ୍ଦ୍ର ହେବା ନିମନ୍ତେ। ମାତ୍ର ଶର୍ମାଙ୍କ ବୋଉ ତାଙ୍କୁ ତାଙ୍କ ଗୁରୁଙ୍କ ନିକଟକୁ ନେଇଯାଇଛନ୍ତି ଏବଂ ଗୁରୁଙ୍କ ଆଶୀର୍ବାଦରୁ ମି.ଶର୍ମା ବିନା ଅସ୍ତ୍ରୋପଚାରରେ ଆବୁ ମୁକ୍ତ ହୋଇଛନ୍ତି। ମି. ଶର୍ମା ଆବୁ ଚାଲିଯାଇଥିବାରୁ ଦୁଃଖିତ ହୋଇଛନ୍ତି, କାରଣ ଆବୁ ଥିଲା ତାଙ୍କ ପରିଚୟ। ମାତ୍ର ବୋଉ ସେହି ମିଛ ପରିଚୟ ଅର୍ଥ ଏବଂ କ୍ଷମତା ଲୋଭରୁ ତାଙ୍କୁ ବଞ୍ଚାଇବାକୁ ଯାଇ କହିଛନ୍ତି: "ବାପା ! ପୁଣି ସେ ଭୁଲ କରନା। ଗୁରୁଙ୍କ ଆଶିର୍ବାଦ ତୋତେ ଆବୁମୁକ୍ତ କରିବାପାଇଁ। ସେ ଆବୁମୁକ୍ତି ବ୍ୟାପାରକୁ ଜାହିରକରି, ବିକ୍ରି କରି ସେଥିରୁ ଲାଭ ଉଠାଇବା ପାଇଁ ତାହା ଉଦ୍ଦିଷ୍ଟ ନୁହେଁ। ତୋର ଏଇ ଆବୁ ମୁକ୍ତି ଭିତରେ ମୁଁ ସ୍ୱପ୍ନ ଦେଖୁଛି ସାରା ଜଗତ ହୁଏତ ଦିନେ ଆବୁ ତାନ୍ତ୍ରିକ ରାଜନୀତି ତଥା ଆବୁତାନ୍ତ୍ରିକ ବ୍ୟବସାୟ କବଳରୁ ମୁକ୍ତ ହେବ। ମୋତେ ଏଇ ସ୍ୱପ୍ନ ଦେଖିବାକୁ ଦେ ବାପା-।"

ମନୋଜ ଦାସ ଭାରତୀୟ ସଂସ୍କୃତିର ଅଭ୍ୟନ୍ତରକୁ ପ୍ରବେଶ କରି ଏହାର ରହସ୍ୟ ଉନ୍ମୋଚନ କରିବାକୁ ଯାଇ ପଞ୍ଚତନ୍ତ୍ର ତଥା ଲେକକଥାକୁ ଆଶ୍ରୟ କରି ଅନେକ ଗଳ୍ପ ରଚନା କରିଛନ୍ତି। ପ୍ରାପ୍ତବୟସ୍କର ପଞ୍ଚତନ୍ତ୍ର: ବ୍ୟାଘ୍ର ଓ କଙ୍କଣଲୋଭୀ ପଥଚାରୀ, ମୁର୍ଖ ଭୃତ୍ୟ ଉପାଖ୍ୟାନ, ଆକାଶ କଇଁଚ ଆଦି ଗଳ୍ପରେ ପଞ୍ଚତନ୍ତ୍ର କାହାଣୀକୁ ସେ ପୁର୍ନବିନ୍ୟାସ ପ୍ରଦାନ କରିଛନ୍ତି। ସମକାଳର ସାମାଜିକ ପ୍ରେକ୍ଷାପଟରେ ଏ ଗଳ୍ପ କାହାଣୀ ଗୁଡିକୁ ନୂତନ ଭାବରେ ବ୍ୟାଖ୍ୟାନ କରି ଭାରତୀୟ ପରଂପରା ଓ ସଂସ୍କୃତିକୁ ଉଜ୍ଜୀବିତ କରିବାରେ ସଫଳ ହୋଇଛନ୍ତି। ରୂପକ ଓ ଶ୍ଳେଷର ସଫଳ ପ୍ରୟୋଗ ଦ୍ୱାରା ଗଳ୍ପ ଗୁଡ଼ିକ ଅତି ମାର୍ମିକ ଓ ଭାବୋଦ୍ଦୀପକ ହୋଇପାରିଛି। ବ୍ୟାଘ୍ର ଓ କଙ୍କଣଲୋଭୀ ପଥଚାରୀ ଗଳ୍ପକୁ ସମକାଳ ସହ ଯୋଡି ମନୋଜ ଦାସ ଲେଖିଛନ୍ତି "ସେତେବେଳକୁ ସନ୍ଧ୍ୟା ହୋଇ ଆସିଲାଣି। କଙ୍କଣ ସ୍ୱର୍ଣ୍ଣିମ-ନୀଳାଭ ଦ୍ୟୁତି ବିକିରଣ କରିବାକୁ ଆରମ୍ଭ କରୁଥାଏ। ତାକୁ ଅନାଇଁବାମାତ୍ରେ ମୋ ମନରେ ଆଶା ଓ ଆହ୍ଲାଦ ଭରିଯାଇଥାଏ। ବ୍ୟାଘ୍ରର ମଗଜ ମଣିଷ ଭଳି ତତ୍ପର ନୁହେଁ। ଯେଉଁ କଙ୍କଣ ମାୟାରେ ମୁଁ ଆତ୍ମହତ୍ୟାରୁ ନିବୃତ୍ତ ହେଲି, ମୋର ଏ ପରିବର୍ତ୍ତିତ ଅବସ୍ଥାରେ ସେ କଙ୍କଣର କୌଣସି ଉପଯୋଗ ଯେ କରିପାରିବି ନାହିଁ, ସେତକ ଜ୍ଞାନୋଦୟ ହଠାତ୍ ନହୋଇ ହେଲା ଧିରେ ଧିରେ। ଯେତିକି ଯେତିକି ସେ ଜ୍ଞାନ ବଳବତ୍ତର ହେବାକୁ ଲାଗିଲା, ମୋ ବ୍ୟାଘ୍ରହୃଦୟ ସେତିକି ମାତ୍ରାରେ ବିଦୀର୍ଣ୍ଣ ହେବାକୁ ଲାଗିଲା। ମୁଁ ଅନୁଭବ କରୁଥିଲି ହୃଦୟ ଭିତରର ରକ୍ତସ୍ରାବ।"

ଚନ୍ଦ୍ରଶେଖର ରଥ ମଧ ଅନ୍ୟଜଣେ ସଫଳ ଗାଳ୍ପିକ ଯିଏ ଭାରତୀୟ ଆଧାତ୍ମିକ ବିଶ୍ୱାସ ଓ ଭାରତୀୟ ପରମ୍ପରାକୁ ନେଇ ଅନେକ ଗଳ୍ପ ରଚନା କରିଛନ୍ତି। ଅଶ୍ୱାରୋହୀର ଗଳ୍ପ,ସମ୍ରାଟ ଓ ଅନ୍ୟମାନେ,ଅନ୍ୟ ଏକ ସକାଳ,ଶିଖର ଉଲ୍ଲଙ୍ଘନ ଆଦି ଗଳ୍ପ ସଂକଳନରେ ସ୍ଥାନିତ ଅନେକ ଗଳ୍ପରେ ଗାଳ୍ପିକ ଅତିମାନସ ସ୍ତରର ଚିନ୍ତାକୁ ଉପସ୍ଥାପନ କରିଛନ୍ତି। ବିଶେଷତଃ ସେ ଚରିତ୍ରମାନଙ୍କ ଅନ୍ତଃଶ୍ଚେତନ ଓ ଗଭୀର ଆଧାତ୍ମିକ ବିଶ୍ୱାସ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଏହାର ଉଦାହରଣ ଭାବରେ ତାଙ୍କର 'ବନ୍ୟାପରେ' ଗଳ୍ପଟିକୁ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ। ପ୍ରାକୃତିକ ବିପର୍ଯୟର କରାଳ ରୂପରେ ଗଳ୍ପ ନାୟକ ସାଖୀ ସାସମଲର ସବୁକିଛି ନଷ୍ଟ ହୋଇଯାଇଥିଲେ ହେଁ ହୃଦୟ ମଧ୍ୟରେ ରହିଥିବା ଅଫୁରନ୍ତ ବିଶ୍ୱାସ ତାକୁ ସବୁ ସଂଗ୍ରାମରେ ସଫଳତା ଆଣିଦେଇଛି। ପ୍ରକୃତି ଓ ମନୁଷ୍ୟ ମଧରେ ସମଗ୍ର ବିଶ୍ୱରେ ଆବାହମାନକାଳରୁ ଚାଲିଆସିଥିବା ସଂଗ୍ରାମର ପୃଷ୍ଠଭୂମିରେ ଗଳ୍ପଟି ରଚିତ ହୋଇ ମାନବବାଦର ଜୟଗାନ କରାଯାଇଛି।

ଏତେପାଖରେ ସମୁଦ୍ର ଗଳ୍ପଟି ଏହି ଦୃଷ୍ଟିକୋଣରୁ ଅନ୍ୟ ଏକ ପ୍ରଭାବଶାଳୀ ଗଳ୍ପ। ନାୟକ ଅବିନାଶ ସମୁଦ୍ରକୁ ଦେଖି ଜୀବନର ବିସ୍ତୃତିକୁ ଉପଲବ୍ଧ କରିଛନ୍ତି। ସମୁଦ୍ରର ଢ଼େଉ, ଗର୍ଜନ, ପବନୀଳଜଳରାଶି ମଧ୍ୟରେ ଅବିନାଶଙ୍କ ବ୍ୟକ୍ତି ଚେତନା ଉର୍ଦ୍ଧ୍ୱମୁଖୀ ହୋଇଛି। ଚନ୍ଦ୍ରଶେଖର ଅତି ସଚେତନ ଭାବରେ ବ୍ୟକ୍ତି ଚେତନାରେ ରହିଥିବା ଆଧ୍ୟାତ୍ମିକ ଜିଜ୍ଞାସାକୁ ତାଙ୍କ ଗଳ୍ପରେ ଚିତ୍ରିତ କରିଥାନ୍ତି। ଏ ସଂପର୍କରେ ସେ ଅନେକ ବନ୍ୟା ପରେ ଗଳ୍ପ ସଂକଳନର ମୁଖବନ୍ଧରେ ଉଲ୍ଲେଖ କରି କହିଛନ୍ତି: ଅତୀନ୍ଦ୍ରିୟ ଶୂନ୍ୟଭୂମିରେ ପହଁରୁଥିଲାବେଳେ ସମୟ ସମୟରେ ଗୁଡ଼ିଏ ସଚେତନ ଆତ୍ମା ଶରୀର ଧାରଣ କରିବାକୁ କାମନା କରନ୍ତି। ରୁଚିବନ୍ତ ଗ୍ରାହକ ପୋଷାକ ବାଛିଲାପରି ନିର୍ଦ୍ଦିଷ୍ଟ ପରିବାର, ପରିବେଶ, ରୂପ ଓ ଗୁଣର ଅନୁକୂଳ ଆଧାର ଭିତରେ ସେମାନେ ପ୍ରବେଶ କରନ୍ତି ବୋଲି ଯେଗୀଜନମାନେ କହିଥାନ୍ତି। ସେମାନେ ସ୍ୱୟଂ ଏହି ଲକ୍ଷ କୋଟି ନରନାରୀଙ୍କ ଭିତରେ ବିଚରଣ କରି ଆଧାର ଖୋଜନ୍ତି ନାହିଁ। ବରଂ ଅନେକ ତପସ୍ୟାରେ ଶୁଦ୍ଧସ୍ନାତ ହୋଇ ଦେବକୀ ବସୁଦେବମାନେ ତାଙ୍କୁ ଆବାହନ କରୁଥାନ୍ତି।"ମାନବୀୟ ସତ୍ତା ମଧ୍ୟରେ ରହିଥିବା ଭୂମାର ସଂପର୍କକୁ ସର୍ବଦା ପ୍ରତିଷ୍ଠିତ କରିବାକୁ ଚେଷ୍ଟିତ ଥାନ୍ତି ଚନ୍ଦ୍ରଶେଖର ରଥ। ଭାରତୀୟ ଧର୍ମ, ଦର୍ଶନ, ସଂସ୍କୃତି ଓ ଆଧାତ୍ମିକ ବିଶ୍ୱାସ ତାଙ୍କ ଗଳ୍ପରେ ଏକ ନୂତନ ଶିଖରକୁ ଉପନୀତ ହୋଇଛି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପର ଏହା ଏକ ପ୍ରଭାବଶାଳୀ ଧାରା। ବହୁ ଲେଖକଙ୍କ ଗଭୀର ଅନୁଭବରେ ପରିପ୍ରକାଶ ଏହି ଧାରାକୁ ଓଡ଼ିଆ ଗଳ୍ପ ସାହିତ୍ୟରେ କେବଳ ସମୃଦ୍ଧ କରିନାହିଁ, ପାଠକୀୟ ସ୍ୱୀକୃତି ମଧ୍ୟ ପାଇପାରିଛି।

## ୩.୪.୪ ସହରକୈନ୍ଦ୍ରୀକ ଓଡ଼ିଆ ଗଳ୍ପ

ସହରୀକରଣ ସାମାଜିକ ଅଭିବୃଦ୍ଧିର ଲକ୍ଷଣ ଭାବରେ ଚିହ୍ନିତ ହୋଇଥାଏ। ସାମାଜିକ ବିକାଶ, ଆର୍ଥନୀତିକ ପ୍ରଗତି, ଗମନାଗମନ ଓ ଯୋଗାଯୋଗର ବିକାଶ ଦ୍ୱାରା ଏହା ଚିହ୍ନିତ ହୋଇଥାଏ। ବସ୍ତୁତଃ ଅଣକୃଷି ଜୀବିକା ନିର୍ଭରଶୀଳ ଜନସଂପ୍ରଦାୟର ଏକତ୍ର ସହାବସ୍ଥାନକୁ ସହରୀକରଣର ପ୍ରଥମ ଗୁଣ ଭାବରେ ଗ୍ରହଣ କରାଯାଇଥାଏ। ତେବେ ବହୁ ବିଶିଷ୍ଟ ସମାଜ ବିଜ୍ଞାନୀ ସହରୀକରଣ ସଂପର୍କରେ ମତ ପ୍ରଦାନ କରିବାକୁ ଯାଇ କହିଥାନ୍ତି: ଗ୍ରାମାଞ୍ଚଳର ଉଦ୍‌ବୃତ୍ତ ଉତ୍ପାଦନକୁ ସହରବାସୀ ଉପଯୋଗ କରନ୍ତି ଏବଂ ଗ୍ରାମଞ୍ଚଳର ଅଧିବାସୀମାନେ ସହରରେ ପ୍ରସ୍ତୁତ ଉତ୍ପାଦନ ଓ ସେବାକୁ ଉପଯୋଗ କରିଥାନ୍ତି। ଏଣୁ ସହର ଏକ ପ୍ରଭାବଶାଳୀ କେନ୍ଦ୍ରଭାବରେ ତାହାର ପାଶ୍ୱାଞ୍ଚଳକୁ ପ୍ରଭାବିତ କରିଥାଏ। ତେବେ ଏହି ସହରୀକରଣ ପ୍ରକ୍ରିୟାର ଦୁଇଟି ଦିଗ ରହିଛି; ସକାରାତ୍ମକ ଓ ନକରାତ୍ମକ। ସକରାତ୍ମକ ଦିଗ ଭାବରେ; ସହରୀକରଣ ଏକ ଜୀବନ୍ତ, ଅନ୍ତରୀଣ ସୁସଂଗଠିତ ସାମାଜିକ ବିକାଶ ପ୍ରକ୍ରିୟା। (growth leads to an organically integrated from of development) ଏହାର ନକରାତ୍ମକ ଦିଗଟି ହେଲା; ଏହା ହୁଏତ ସାମାଜିକ ବିଭଙ୍ଗତା ସୃଷ୍ଟିକାରୀ କର୍କଟରୋଗ ହୋଇପାରେ। (it may degenarate into a cancerously alienated form of Mal-development)

ଓଡ଼ିଆ ଗଳ୍ପ ସାହିତ୍ୟରେ ଏହି ଦୁଇଟି ଦିଗକୁ କଥାକାର ମାନେ କିପରି ଗ୍ରହଣ କରିଛନ୍ତି; ତାହା ଆଲୋଚ୍ୟ ପ୍ରସଙ୍ଗ। ସମୟର ଅବଲୀଳାକ୍ରମେ ସହରୀକରଣ ପ୍ରକ୍ରିୟା ସମାଜିକ ଜୀବନକୁ ସଂକଟଗ୍ରସ୍ତ ଅଥବା ସଂକଟମୁକ୍ତ କରିଛି,ତାହା ନିମ୍ନରେ ଆଲୋଚିତ ହୋଇଛି।

ସମାଜବିଜ୍ଞାନୀମାନେ ବିଶ୍ୱ ପ୍ରେକ୍ଷାପଟରେ ଭାରତୀୟ ସହରୀକରଣକୁ ବହୁଧୀର ଭାବରେ ଗ୍ରହଣ କରିଛନ୍ତି; ଯଦିଓ ଭାରତୀୟ ସହରୀକରଣ ପ୍ରକ୍ରିୟା ବହୁ ପ୍ରାଚୀନ ସମୟରୁ ଆରଂଭ ହୋଇ ଆସିଛି । ଭାରତୀୟ ସହରୀକରଣ ଏହି ଐତିହାସିକ ବିବର୍ତ୍ତନକ୍ରମକୁ ନିମ୍ନ ଭାବରେ ପର୍ଯ୍ୟାୟଭୁକ୍ତ କରାଯାଇଥାଏ ।

କ) ପ୍ରାକ୍ ଐତିହାସିକ ସମୟ -୨୩୫୦ ଠାରୁ ୧୮୦୦ବି.ସି.

ଖ) ପ୍ରାଥମିକ ଐତିହାସିକ ଯୁଗ - ୬୦୦ ବି.ସି ଠାରୁ ୫୦୦ଏ.ସି.

ଗ) ମଧ୍ୟଯୁଗ - ୬୦୦ ଶତାବ୍ଦୀ ଠାରୁ ୧୮୦୦ ଶତାବ୍ଦୀ

ଘ) ବ୍ରିଟିଶ ଶାସନାଧୀନ ଯୁଗ - ୧୮୦୦ ଶତାବ୍ଦୀ ଠାରୁ ୧୯୪୭

ଙ) ସ୍ୱାଧୀନତା ପରବର୍ତ୍ତୀ ଯୁଗ - ୧୯୪୭ ପରବର୍ତ୍ତୀ ସମୟ

ତେବେ ବହୁ ଆଲୋଚକ ସହରୀକରଣର ଆଲୋଚନା ସମୟରେ ଏହାକୁ ମୁଖ୍ୟତଃ ତିନୋଟି ଦୃଷ୍ଟିକୋଣରୁ ଆଲୋଚନା କରିଥାନ୍ତି । ସେଗୁଡିକ ହେଲା ଉପନିବେଶ - ପୂର୍ବ (pre colonial), ଉପନିବେଶ (colonial) ଏବଂ ଉପନିବେଶପର (post colonial) ସମୟ । ଓଡ଼ିଆ ଗଳ୍ପ ପ୍ରସଙ୍ଗରେ ଉପନିବେଶ ଓ ଉପନିବେଶବାଦତ୍ତୋର ସମୟକୁ ନେଇ ଆଲୋଚନା କରାଯାଇଛି ।

ଭାରତୀୟ ସ୍ୱାଧୀନତା ଭାରତୀୟ ସମାଜବ୍ୟବସ୍ଥାକୁ ପୁର୍ନଗଠନ କରିବାରେ ଅଗ୍ରାଧିକାର ପ୍ରଦାନ କରି ବୃହତ୍‌ଶିଳ୍ପ, ନଦୀବନ୍ଧ ଯୋଜନା ଓ ଗମନାଗମନର ବିକାଶକୁ ପ୍ରାଧାନ୍ୟ ପ୍ରଦାନ କଲା । ସମାଜବାଦୀ ଚିନ୍ତନ ଭାରତୀୟ ଜନଜୀବନର ସାମଜିକ ପ୍ରାଧାନ୍ୟ ପ୍ରଦାନ କଲା । ସମାଜବାଦୀ ଚିନ୍ତନ ଭାରତୀୟ ଜନଜୀବନର ସାମଜିକ ପୁର୍ନଗଠନର ମଙ୍ଗ ହେଲା । ଏଇଠି ପ୍ରଥମେ ଧନ, କ୍ଷମତା ଓ ସୁଯୋଗର ବିକେନ୍ଦ୍ରୀକରଣ ହେଲା । ଓଡ଼ିଶାରେ ମଧ୍ୟ ଏହି ପଞ୍ଚବାର୍ଷିକୀ ଯୋଜନା ମାଧ୍ୟମରେ ନୂତନ ସହର ସୃଷ୍ଟି ହେବାରେ ଲାଗିଲା । ଓଡ଼ିଶାର ରାଜଧାନୀ କଟକରୁ ସ୍ୱାଧୀନତା ପରେ ପରେହିଁ ଭୁବନେଶ୍ୱର ସହରକୁ ଚାଲିଆସିଲା । ଏକ ପ୍ରାଚୀନ ଐତିହାସିକ ଓ ଧର୍ମୀୟ ପର୍ଯ୍ୟଟନ ସହର ଭୁବନେଶ୍ୱରର ପ୍ରଭାବ ଓଡ଼ିଆ ଗଳ୍ପ ସାହିତ୍ୟରେ ବିଶେଷ ଉପଲବ୍ଧ ହୋଇନଥବା ସମୟରେ ରାଜଧାନୀ ହେବା ପରେ ପରେ ହିଁ ଦୁଇଟି କାଳଜୟୀ ଗଳ୍ପ ଟାଇପ୍ ଫୋର ଏବଂ ମୁଁ ଜଣେ କିରାଣୀ ରଚିତ ହୋଇ ସହରୀକରଣ ମାଧ୍ୟମରେ ଓଡ଼ିଶା ସମାଜର ପୁର୍ନବିନ୍ୟାସର ଚିତ୍ର ପ୍ରଦାନ କରିବା ସହ ଏକ ନୂତନ ସାମାଜିକ ଶ୍ରେଣୀ, ହାକିମ-କିରାଣୀ-ପିଅନ; ଚେତନାର ଗାଥା ଉପସ୍ଥାପନ କରାଗଲା । "ମୁଁ କୁଆଡେ କିରାଣୀ ଚାକିରି କରି ବିଡ଼ି ଧୂଆଁ ପରି ପୂର୍ବ ଜୀବନର ଆଦର୍ଶକୁ ଉଡ଼େଇଦେଲି । ମୋ ବିଷୟରେ ଏପରି ମତି ଶୁଣି ବେଳେବେଳେ ପ୍ରତିବାଦ କରି କହେ-ଭୁଲ ବୁଝୁଛ ବାବୁ ମାନେ, ଭୁଲ ବୁଝୁଚ । ଆଜିକାଲି ପ୍ରଗତି ଓ ପ୍ରତିକ୍ରିୟା ଶାନ୍ତିପୂର୍ଣ୍ଣ ଭାବରେ ସହବସ୍ଥାନ କଲେଣି । ଗୋଦାବରୀଶ ଗଳ୍ପ ନାୟକର କୌଣସି ନାମ ଦେଇନାହାନ୍ତି । ତାକୁ କେଳବ କିରାଣୀ ଭାବରେ ଚିତ୍ରିତ କରିଛନ୍ତି ଯେ ଏକଦା ସ୍ୱାଧୀନତା ସଂଗ୍ରାମୀଥିଲା । ସ୍ୱଧୀନତା ସଂଗ୍ରାମଟିଏ କିରାଣୀ ହେବାପରେ ଯେଉଁ ନୈତିକ ଅଧଃପତନ ଘଟିଛି; ତାହାକୁ ପ୍ରଗତି ଓ ପ୍ରତିକ୍ରିୟାର ସହାବସ୍ଥାନ ଭାବରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ସେହିପରି "ଟାଇପ୍‌ଫୋର" ଗଳ୍ପରେ ଅନନ୍ତ ପ୍ରସାଦ ସହରୀକାଣ ମୂଲ୍ୟ ବୋଧର ଅବକ୍ଷୟର ଚିତ୍ର ଦେଇଛନ୍ତି । ସହରୀକରଣ ଦ୍ୱାରା ଚାକିରି ଜୀବନର ବୃତ୍ତିଗତ ଶ୍ରେଣୀ ପରିଚୟହିଁ ଏହାର ଶେଷ

ପରିଚୟ ହୋଇ ରହିଛି । ମାନବୀୟ ମୂଲ୍ୟବୋଧର ମୂଲ୍ୟ ସହରରେ ଆଉ ନାହିଁ । ସହରର ସ୍ୱାଚ୍ଛନ୍ଦ୍ୟ ମନୁଷ୍ୟର ଗୁଣାତ୍ମକ ଜୀବନଯାପନର ସହାୟକ ନହୋଇ; ଶ୍ରେଣୀ ବୈଷମ୍ୟ ମଧ୍ୟରେ ହୀନମନ୍ୟତା ସୃଷ୍ଟିର କାରଣ ହୋଇଛି । ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ଦଶନ୍ଧିରେ ସହୀକରଣର ପ୍ରଭାବ ଜନିତ ପ୍ରତିକ୍ରିୟାର ଏତେ ସଫଳ ରୂପାୟନ ଅନ୍ୟ କୌଣସି ଗଳ୍ପରେ ହୋଇନାହିଁ । ଅନନ୍ତ ପ୍ରସାଦ ଲେଖିଛନ୍ତି "ଏତକ କଥା କହୁ କହୁ ରମେଶବାବୁଙ୍କ ଆଖି ଛଳ ଛଳ ହୋଇ ଉଠିଲା । ସ୍ୱର ରୁଦ୍ଧ ହୋଇ ଆସିଲା ଦୀର୍ଘ ଦଶବର୍ଷ ସେ ସରକାରୀ ଚାକିରି କଥା ଭାବି ନାହାନ୍ତି କି କେହି ତାଙ୍କୁ ସେ କଥା ମନେ ପକାଇ ଦେଇ ନାହାନ୍ତି । ଅଫିସରୁ ଫେରିଲା ପରେ ସେ ପୂରାପୁରି ପାଲଟି ଯାଉଥିଲେ ତାଙ୍କ ପଡ଼ାର ବଡ଼ବାବୁ । ସାହି ପଡ଼ୋଶୀଙ୍କ ସାଥିରେ ସେ ମଣିଷ ଭାବରେ ଚଳି ଆସୁଥିଲେ । ତାଙ୍କ ସୁଖ ଦୁଃଖରେ ଆପଣାକୁ ଭାଗୀଦାର କରି କିନ୍ତୁ ଆଜି ଏଇ ନୂଆ ରାଜଧାନୀରେ ଟାଇପ୍-ଫୋର ଘରେ ରହିଲାବେଳକୁ କିଏ ଯେପରି ପ୍ରତି ମୁହୂର୍ତ୍ତରେ ତାଙ୍କ ମସ୍ତିଷ୍କରେ ଗୋଟାଏ ଲୁହା ଗୋଜ ଫୋଡ଼ି ଫୋଡ଼ି ତାଙ୍କୁ ଚେତାଇ ଦେଉଛି ଯେ, ସେ ଚାକର - ନୌକର - ସେ ମଣିଷ ନୁହଁନ୍ତି, ସେ ଗୋଟିଏ ଶ୍ରେଣୀର ଜୀବ ଟାଇପ୍-ଫୋର୍-ଟାଇପ୍-ଫୋର । ଜେଲ୍ ଭିତରେ କଇଦୀମାନଙ୍କ ପିଠିରେ ନମ୍ବର ଛାପ ବସିଥାଏ, ହାସ୍ପାତାଲ ଭିତରେ ରୋଗୀଙ୍କ ମୁଣ୍ଡ ଉପରେ ଯେପରି ନମ୍ବର ପ୍ଲେଟ ଝୁଲୁଥାଏ । ସେଇମିତି ତାଙ୍କ ପିଠିରେ ଆଜି ଗୋଟାଏ ଛାପ ବସିଛି 'ଟାଇପ୍ ଫୋର୍ ।'

ସହରୀକରଣ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଶ୍ରେଣୀ ବୈଷମ୍ୟ ଓ ଶ୍ରେଣୀ ଚେତନା ଭୁବନେଶ୍ୱର ରାଜଧାନୀ ସହର କୈନ୍ଦ୍ରୀକ ହୋଇଥିବା ସମୟରେ ଅନ୍ୟ ପ୍ରାନ୍ତୀୟ ସହର ସଂପର୍କରେ ଏ ଅବଧାରଣା ଦୃଷ୍ଟିଗୋଚର ହୋଇନଥାଏ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସହରୀକରଣ ଦ୍ୱାରା ଯେଉଁ ଗାଳ୍ପିକ ଗଭୀର ଭାବରେ ପ୍ରଭାବିତ ସେ ହେଉଛନ୍ତି; କଥାକାର ସୁରେନ୍ଦ୍ର ମହାନ୍ତି । ସୁରେନ୍ଦ୍ର ତାଙ୍କ ଗଳ୍ପ ଜଗତରେ ବିଶ୍ୱଦୃଷ୍ଟି ପରିବେଷଣ କରିଛନ୍ତି । ଅନନ୍ତ ପ୍ରସାଦ ଯେତେବେଳେ ଭୁବନେଶ୍ୱର ରାଜଧାନୀରେ ପାରମ୍ପରିକ ମୂଲ୍ୟବୋଧର ସଂକଟକୁ ଚିତ୍ରିତ କରୁଛନ୍ତି; ସେହି ସମୟରେ "ରାଜଧାନୀ" ଗଳ୍ପରେ ଦିଲ୍ଲୀ ଓ ଓଃ କାଲ୍‌କାଟା ଏବଂ "ମହାନଗରୀର ରାତ୍ରୀ" ଗଳ୍ପରେ କଲିକତା ସହରର ଚିତ୍ର ଅଙ୍କନ କରିଛନ୍ତି । ସୁରେନ୍ଦ୍ର ତାଙ୍କ ଗଳ୍ପରେ ସର୍ବଦା ପ୍ରତିକ୍ରିୟାଶୀଳ ଏବଂ ଏଷ୍ଟାବ୍ଲିଶ୍‌ମେଣ୍ଟ ବିରୋଧୀ । ସ୍ୱାଧିନତା ପ୍ରାପ୍ତି ପରେ ପରେ ଏ ଗଳ୍ପ ଗୁଡ଼ିକ ରଚିତ ହୋଇଥିଲେହେଁ ତାଙ୍କ ଗଳ୍ପ ଗୁଡିକରେ ବେକାରୀ, ଦାରିଦ୍ର୍ୟ ଓ ହତାଶାର ଚିତ୍ର ପ୍ରାଞ୍ଜଳ । ଅଥଚ ଭାରତବର୍ଷରେ ପଞ୍ଚବାର୍ଷିକ ଯୋଜନା ଏବଂ ସାମ୍ୟବାଦୀ ଚିନ୍ତନ ମାଧ୍ୟମରେ ସାମାଜିକ ଭୂୟୋବିକାଶର ବିସ୍ତୃତ ସରକାରୀ ଯୋଜନା ତାଙ୍କ ଗଳ୍ପରେ ସ୍ଥାନ ପାଇନାହିଁ ।

ଓଡ଼ିଆ ଜନଜୀବନ ଓ ସହରୀକରଣ ଏବଂ ସୁରେନ୍ଦ୍ରଙ୍କ ଗଳ୍ପ ଚିନ୍ତନ ମଧ୍ୟରେ ଏଇଠି ବ୍ୟବଧାନ ସ୍ପଷ୍ଟ ହୋଇଉଠେ । ଗୋଟିଏ ସଂପୂର୍ଣ୍ଣ ନୂତନ ଢାଞ୍ଚାଗତ ପରିବର୍ତ୍ତନ ଆଣନ୍ତି ସୁରେନ୍ଦ୍ର ଓଡ଼ିଆ ଗଳ୍ପରେ । ଅଖିଳ ମୋହନଙ୍କ ଗଳ୍ପରେ ଏହି ପରିବର୍ତ୍ତନର ସମର୍ଥନ ଦେଖିବାକୁ ମିଳେ । ସହରୀକରଣର ସମସ୍ତ ନକାରାତ୍ମକ ଚିତ୍ର ସୁରେନ୍ଦ୍ର ଓ ଅଖିଳଙ୍କ ଗଳ୍ପରେ ଦେଖିବାକୁ ମିଳେ । ମହାନଗର ଜୀବନଯାପନ ଶୈଳୀ, ପୁଞ୍ଜିବାଦୀ ଶାସନ, ଗଣତନ୍ତ୍ର ଓ ସାମ୍ୟବାଦୀ ଚେତନାତଳେ ରହିଥିବା ବିଶ୍ୱାସଯାତକତା,ଦେହବାଦୀ ଜୀବନ ଏବଂ ଶ୍ରେଣୀ ସଙ୍ଘର୍ଷ ସଂପର୍କରେ ଯେଉଁ ଚିତ୍ର ସୁରେନ୍ଦ୍ରଙ୍କ ଗଳ୍ପରେ ଦେଖିବାକୁ ମିଳେ ; ସେହି ଚେତନାର ସଂକ୍ରମଣ ଓ ସାମାଜିକ ବାସ୍ତବତା

ଓଡ଼ିଶାର ଜନଜୀବନରେ ଅଭାବଥିବା ପରିଲକ୍ଷିତ ହୁଏ। ଏଣୁ ଓଡ଼ିଆ ଗଳ୍ପକୁ ମହାନଗରୀୟ ବାସ୍ତବତା ପ୍ରଦାନ ନିମିତ୍ତ ସୁରେନ୍ଦ୍ର ଓ ଅଖିଳ ଭାରତୀୟ ଓ ବିଶ୍ୱ ସହରକୁ ପୃଷ୍ଠଭୂମି ରୂପେ ଗ୍ରହଣ କରିଥିବା ସମୟରେ ୟୁରୋପୀୟ ଚିନ୍ତା ଓ ଚେତନାକୁ ଭାରତୀୟ ଯୁବକ ବା ଓଡ଼ିଶାର ଯୁବକ ମଧ୍ୟରେ ପ୍ରତିବିମ୍ବିତ କରାଇଛନ୍ତି ଯାହା ଅବିଶ୍ୱସନୀୟ ମନେହୁଏ। 'ରୁଟି ଓ ଚନ୍ଦ୍ର' ଗଳ୍ପର ବିନୋଦ, ଲଳିତା,'କୃଷ୍ଣଚୂଡ଼ାର' ସଦାନନ୍ଦ, ମହାନଗରୀର ରାତ୍ରୀର ମୁଁ, ଓଃ କାଲ୍‌କାଟାର ଗୁରୁ ଓ ଶୁଭେନ୍ଦୁ ଏବଂ 'ରାଜଧାନୀ' ଗଳ୍ପର ଶାନ୍ତା ମଧ୍ୟରେ କୌଣସି ଓଡ଼ିଆ ଯୁବକର ଅସ୍ତିତ୍ୱକୁ ଚିହ୍ନି ହୁଏନା। ସାମାଜିକ ବ୍ୟବସ୍ଥା ଓ ଶ୍ରେଣୀ ବୈଷମ୍ୟ ମଧ୍ୟରେ ଶିକ୍ଷିତ ଯୁବକମାନଙ୍କ ବିଡ଼ମ୍ବିତ ଭାଗ୍ୟ ସଂପର୍କରେ ସୁରେନ୍ଦ୍ର ମହାନ୍ତି "ହାୟ ମାର୍କସ, ତମର ଇତିହାସର ଅର୍ଥନୈତିକ ସୂତ୍ର ମଣିଷକୁ କରିଛି ଘୁଷୁରୀ ଜୀବନ ଯାହାର ଖାଲି 'ରୋଟିକା ସବାଲ'। ମଣିଷର ଆଖିରେ ବଞ୍ଚିବାର ଏକମାତ୍ର, ଲକ୍ଷ୍ୟ, ତମେ ଆଣି ଦେଇଚ ଖାଲି ପେଟଭରି ଗିଳିବା - ବା "ମୁଁ କେତେଦିନ ହେଲା ଲକ୍ଷ୍ୟ କରି ଦେଖୁଚି, ତମେ କିପରି ପାଳୟନବାଦୀ ହୋଇଯାଇଛ କମ୍ରେଡ୍। ଫ୍ରୟେଡ୍ ଏ ପଳାୟନବାଦକୁ କହନ୍ତି ମୃତ୍ୟୁର ପ୍ରବୃତ୍ତି (Death instinct) - ବୌଦ୍ଧ ଦର୍ଶନର 'ଅଭିଦାମ'। ବିରାଟ ଶୂନ୍ୟତା ଦେହରେ ଏଇ ସତ୍ତା ବିଲୋପରେ ପ୍ରବୃତ୍ତି ଗୋଟାଏ ମାନସିକ ଦୁର୍ବଳତା, ଗୋଟାଏ ବୁର୍ଜୋୟା ବିଳାସ, ଗୋଟାଏ ଆଧାତ୍ମିକ ଜଡ଼ତା। ଏପରିକି ଫ୍ରୋମ୍‌ଙ୍କ ଭାଷାରେ 'ସ୍ୱାଧୀନତାର ସନ୍ତ୍ରାସ'" (ରୁଟି ଓ ଚନ୍ଦ୍ର)। ସୁରେନ୍ଦ୍ର ସ୍ୱାଧୀନତାର ସନ୍ତ୍ରାସକୁ ତାଙ୍କ କଥା ସଂରଚନାର ମୂଳମନ୍ତ୍ର କରି ସ୍ୱାଧୀନତାପର ଭାରତର ବ୍ୟକ୍ତି ସ୍ୱାଧୀନତାର ବିପନ୍ନତାର ଗାଥା ଗାନ କରିଛନ୍ତି। ଏଣୁ ଓଃ କାଲକାଟା ଗଳ୍ପରେ ଶୁଭେନ୍ଦୁର ମୃତ୍ୟୁଚିତ୍ର ବର୍ଣ୍ଣନା କଲାବେଳେ ସହରୀକରଣ କିପରି ମେଧାବୀ ଛାତ୍ରଙ୍କୁ ମଧ୍ୟ ପ୍ରତାରିତ କରିଛି ତାହାର ଚିତ୍ର ପ୍ରତୀକାତ୍ମକ ଭାବେ ପ୍ରଦାନ କରି ଲେଖନ୍ତି "ଲାସ୍‌ର ପକେଟରୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ଗୋଟାଏ ରକ୍ତଭିଜା କାର୍ଡ ବାହାରକୁ ଉଙ୍କି ମାରୁଥିଲା.... ଶୁଭେନ୍ଦୁ ଦାସ - ଏମ୍.ଏ ଗଣିତ-ବୟସ ବାଇସ ! ଗୁରୁ-ଗ୍ୟାଙ୍ଗର ଗୋଟାଏ କ୍ଲାସ ଏନିମୀ।" (ଓଃ !କାଲକାଟା)। ସୁରେନ୍ଦ୍ର ବିପର୍ଯ୍ୟର ଚିତ୍ର ପ୍ରଦାନ କରୁଥିବା ସମୟରେ ଶିଳ୍ପାୟନ ଓ ସହରୀକରଣ ଭାରତୀୟ ସାମନ୍ତବାଦକୁ କିପରି ପୁଞ୍ଜିବାଦରେ ପରିବର୍ତ୍ତିତ କରୁଛି, ତାହାର ଚିତ୍ର ରୂପାୟନ କରିଛନ୍ତି ଆଉ ଆରପଟେ ବାହାରିଯାଉଛି ଅସୁମାରୀ ରୂପାଟଙ୍କା। ଚକ୍ ଚକ୍ ହୋଇ ଉଠୁଛି। ଆଶ୍ଚର୍ଯ୍ୟ ! ସେଇ ଟଙ୍କା ଗୁଡ଼ିକ ଗୋଟାଏ ସୁଡ଼ଙ୍ଗ ଦେଇ ଗଡ଼ି ଗଡ଼ି ଆସୁଛି ତାଙ୍କରି ଆଡ଼କୁ ଆଉ ଅଜାଡ଼ି ହୋଇ ପଡୁଛି ତାଙ୍କରି ପାଦତଳେ। ଟଙ୍କା-ଟଙ୍କା - ଆଉ ଟଙ୍କା। ଟଙ୍କାର ଗୋଟିଏ ଛୋଟ ପାହାଡ ତିଆରି ହୋଇଗଲାଣି ତାଙ୍କରି ସାମ୍ନାରେ। ତଥାପି ତାର ବିରାମ ନାହିଁ।"। ସୁରେନ୍ଦ୍ର ତାଙ୍କରି ଗଳ୍ପରେ ସାମାଜିକ ଅସଂହତି ଓ ବିପର୍ଯ୍ୟୟକୁ ଚିତ୍ର ପ୍ରଦାନ କରିଥିବା ସମୟରେ ଅଖିଳମୋହନ ରାଜତନ୍ତ୍ର ଓ ସାମନ୍ତବାଦୀ ବ୍ୟବସ୍ଥା କିପରି ପୁଞ୍ଜିବାଦୀ ବ୍ୟବସ୍ଥା ଆଡ଼କୁ ଅଗ୍ରସରହୋଇ ସାମ୍ୟବାଦୀ ଚେତନାର ପରିପନ୍ଥୀ ହୋଇଛି ; ତାହାକୁ ରୂପାୟିତ କରିଛନ୍ତି। ପରବର୍ତ୍ତୀ ସମୟରେ ମନୋଜ ଦାସ ଗଣତନ୍ତ୍ରକୁ ଅସ୍ତ୍ରକରି କିପରି ସାମାଜିକ ଅନ୍ୟାୟ ଓ ଶୋଷଣ କରାଯାଉଛି; ଏବଂ ସାମାଜିକ ଜୀବନରେ ଶଠମାନଙ୍କ ନିକଟରେ କିପରି କ୍ଷମତା ଓ ଧନ କେନ୍ଦ୍ରୀଭୂତ ହୋଇଯାଇଛି ତାହାର ଚିତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସମାଜରେ ସାମାଜିକ ପୁର୍ନଗଠନ ମାଧ୍ୟମରେ ସାମାଜିକ ନ୍ୟାୟ ପ୍ରଦାନ ଉଦ୍ୟମ ଅସଫଳ ହେବାରେ କ୍ଷମତାସୀନ ପୁଞ୍ଜିପତି ଗୋଷ୍ଠି କିପରି ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି; ଏହାର ବିସ୍ତୃତ ଚିତ୍ର ମନୋଜ ଦାସ ପ୍ରଦାନ କରିଛନ୍ତି। 'ଭାଇ' ଗଳ୍ପରେ ସେ ଲେଖିଛନ୍ତି ଦେଶବ୍ୟାପି ରାଜନୀତିଠୁ ସମ୍ଭ୍ରମତା ବିଚ୍ଛିନ୍ନ ହୋଇଗଲା। ଏକ ଦିଗରେ ରାଜନୀତି ହେଲା କ୍ଷମତାପ୍ରାପ୍ତିର ମାର୍ଗମାତ୍ର। ଅନ୍ୟ

ଦିଗରେ ଜନସାଧାରଣ ସେ ଅବସ୍ଥାକୁ ସଜାଡ଼ିବା ପରିବର୍ତ୍ତେ ସୁଯୋଗ ପାଇବାମାତ୍ରେ ରାଜନୀତି କଲାବାଲାଙ୍କୁ ଥଟ୍ଟା, ବିଦ୍ରୁପ, ଭିଡ଼ା ଓଟରା, କଲବଲ କରିବାର ଉଦ୍ଦାମ ଉଲ୍ଲାସ ଭିତରେ ଆପଣାର ଗଣତାନ୍ତ୍ରିକ କର୍ତ୍ତବ୍ୟ ସମାପନ କଲେ।

ପରବର୍ତ୍ତୀ ତିନି ଦଶନ୍ଧି ଧରି ଓଡ଼ିଆ ଗଳ୍ପରେ ଶ୍ରେଣୀ ସଂଘର୍ଷ, ଦାରିଦ୍ର୍ୟ, ବେକାରୀ, ଗଣତନ୍ତ୍ରର ଅବକ୍ଷୟ, ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା ସଂପର୍କରେ ବହୁ ଗଳ୍ପ ରଚନା କରାଯାଇ ସହରୀକରଣର ପ୍ରଭାବ ସଂପର୍କରେ ବିସ୍ତୃତ ଚିତ୍ର ପ୍ରଦାନ କରାଯାଇଛି। ସହରୀକରଣ ଦ୍ୱାରା ଶିକ୍ଷାର ପ୍ରସାର, ଗମନାଗମନର ବିକାଶ, ଶିକ୍ଷିତ ଯୁବଗୋଷ୍ଠିର ଆବିର୍ଭାବ ଏବଂ ଶିଳ୍ପାୟନ ଓ କାରିଗରୀ କୌଶଳର ପ୍ରସାର ଦ୍ୱାରା ଦୈନନ୍ଦିନ ଜୀବନର ସ୍ୱାଚ୍ଛନ୍ଦ ହୁଏତ ବୃଦ୍ଧି ପାଇଛି ମାତ୍ର ତାହା ଦାରିଦ୍ର୍ୟ ଦୂର କରିପାରିନାହିଁ। ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଦାରିଦ୍ର୍ୟର ଭୟଙ୍କର ଚିତ୍ର ଓଡ଼ିଆ ଗଳ୍ପକୁ ଅତି ମାର୍ମିକ ଓ ବାସ୍ତବବାଦୀ କରିପାରିଛି। ତରୁଣ କାନ୍ତି ମିଶ୍ରଙ୍କ "ରେବତୀ" ଠାରୁ ସଦାନନ୍ଦ ତ୍ରିପାଠୀଙ୍କ ସ୍ୱାଧୀନତା ସୁବର୍ଣ୍ଣ ଜୟନ୍ତୀ ଅଥବା ଗାୟତ୍ରୀ ସରାଫଙ୍କ ଇଟାଭାଟିର ଶିଳ୍ପୀ ସହର-ପୁଞ୍ଜିବାଦ ମଧୁଚନ୍ଦ୍ରିକାର ବିରଳ ଦୃଶ୍ୟ। ତରୁଣକାନ୍ତି 'ରେବତୀ'କୁ ୭୮ - ବି ସତୀନାଥ ଲେନ, କଲିକତାରେ ବାପା ସାମ୍ନାରେ ଛାତିର ଉଚ୍ଚତା ନେଇ ବିକ୍ରୟ ମୂଲ୍ୟ ସ୍ଥିରୀକୃତ ହେଉଥିବାର ଦୃଶ୍ୟ ବର୍ଣ୍ଣନା କରୁଥିବା ସମୟରେ, ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉଥିଲେହେଁ ସ୍ୱାଧୀନତା ସଂଗ୍ରାମୀ ପିତାକୁ ମୁଠାଏ ଖାଦ୍ୟ ଦେବାକୁ ପିତାପ୍ରାଣା କନ୍ୟା ଯୌନକର୍ମୀ ହୋଇ ଉପାର୍ଜନ କରିବାର ବର୍ଣ୍ଣନା ମଧ୍ୟରେ ସମାଜର ଅର୍ଥନୀତିକ ଢାଞ୍ଚ ଉପରେ ଏକ ବିରାଟ ପ୍ରଶ୍ନବାଚୀ ଛିଡା କରାଯାଇଛି। ଗାୟତ୍ରୀ ଆଉ ଗୋଟିଏ ପାଦ ଆଗେଇଯାଇ; ମାଟବି ବିକ୍ରୟ ହୋଇସାରିଥିବା ଏବଂ ମାଟିକୁ ଧରି ସ୍ୱପ୍ନ ଦେଖିବା ଅସମ୍ଭବ - ଏହାର ରୂପକଳ୍ପ ମଧ୍ୟରେ ଜଗତୀକରଣ ଓ ଉଦାର ଅର୍ଥନୀତି ପ୍ରେକ୍ଷାପଟରେ ସାଧରଣ ଗ୍ରାମୀଣ ସ୍ଥିତିକୁ ଉପସ୍ଥାପିତ କରିଛନ୍ତି। ସହରୀକରଣ ଶୋଷଣର ଏକ ମାଧ୍ୟମ, ଅସଜଡ଼ା ଆର୍ଥନୀତିକ ବ୍ୟବସ୍ଥାକୁ ଅଧିକ ବିଶୃଙ୍ଖଳିତ କରିବାର ଏକ ସାମାଜିକ ବ୍ୟବସ୍ଥା ଗାଳ୍ପିକମାନେ ସହରୀକରଣକୁ ଏହିପରି ଉପଲବ୍ଧ କରିଛନ୍ତି।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

କ) ଚରିତ୍ରର ମନୋଭୂମିରେ ଚିତ୍ର କେଉଁ ଗାଳ୍ପିକମାନେ ପ୍ରଦାନ କରିଛନ୍ତି ଓ କିପରି ?

ଖ) କିଶୋରୀ ଚରଣ କେଉଁ ବିଷୟକୁ ନେଇ ଅଧିକ ଗଳ୍ପ ରଚନା କରିଛନ୍ତି ?

ଗ) ମନସ୍ତାତ୍ତ୍ୱିକ ଗଳ୍ପ ରଚନାରେ କେଉଁ ଗାଳ୍ପିକ ଅଧିକ ସଫଳ ?

ଘ) ସ୍ଥିତିବାଦୀ ଗଳ୍ପ କହିଲେ କ'ଣ ବୁଝାଯାଏ ?

ଙ) ଆଧ୍ୟାତ୍ମିକ ଅନ୍ୱେଷା ନେଇ କେଉଁ କେଉଁ ଗାଳ୍ପିକ ଗଳ୍ପ ରଚନା କରିଛନ୍ତି ?

ଚ) କେଉଁ ଗଳ୍ପରେ ସହରର ଚିତ୍ର ବିଶଦ ଭାବରେ ରହିଛି ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

କ) ୧୯୫୧ ରୁ ୧୯୮୦ ମଧ୍ୟରେ ରଚିତ ହୋଇଥିବା ଗଳ୍ପର ଭାବାଦର୍ଶ ଦର୍ଶାଅ ।

ଖ) ଓଡ଼ିଆ ମନସ୍ତାତ୍ତ୍ୱିକ ଗଳ୍ପର ବୈଶିଷ୍ଟ୍ୟ ଆଲୋଚନା କର ।

ଗ) ଓଡ଼ିଆ ସ୍ଥିତିବାଦୀ ଗଳ୍ପର ସଫଳତା ଆକଳନ କର ।

ଘ) ପୁରାଣ, କିମ୍ବଦନ୍ତୀ ଓ ଆଧ୍ୟାତ୍ମିକ ଅନ୍ୱେଷା ନେଇ ରଚିତ ଗଳ୍ପ ଗୁଡିକର ଆଭିମୁଖ୍ୟ ଦର୍ଶାଅ ।

ଙ) ଓଡ଼ିଆ ଗଳ୍ପରେ ସହରର ଚିତ୍ର କିପରି ବର୍ଣ୍ଣନା କରାଯାଇଛି, ଆଲୋଚନା କର ।

## ୩.୬ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ, ଡକ୍ଟର ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ ।
- ଶହେବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ, ଡକ୍ଟର କବିତା ବାରିକ, ବିଦ୍ୟାପୁରୀ କଟକ ।
- ଉପନିବେଶବାଦ ଓ ଓଡ଼ିଆ ଗଳ୍ପ, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଏଥେନା ପବ୍ଲିଶର୍ସ, ଭୁବନେଶ୍ୱର ।

# ଚତୁର୍ଥ ଏକକ : ଓଡ଼ିଆ ଗଳ୍ପର ବିକାଶକ୍ରମ(୧୯୮୧ରୁ ସମକାଳ)

## ବିଷୟ ଗଠନ :


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୮୧ ରୁ ସମକାଳ)

୪.୪.୧ ପରିବର୍ତ୍ତିତ ସାମାଜିକ ପ୍ରେକ୍ଷାପଟରେ ଓଡ଼ିଆ ଗଳ୍ପ

୪.୪.୨ ଓଡ଼ିଆ ଗଳ୍ପରେ ଜନଜାତିର ଚିତ୍ର

୪.୪.୩ ପ୍ରୟୋଗବାଦୀ ଓଡ଼ିଆ ଗଳ୍ପ

୪.୪.୪ ଆର୍ଥିକ ଉଦାରୀକରଣ ଓ ଓଡ଼ିଆ ଗଳ୍ପ

୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୬ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ଗଳ୍ପ ସର୍ବଦା ସମୟର ଅହ୍ୱାନକୁ ଗ୍ରହଣ କରି ତାହାକୁ ସଫଳ ଭାବରେ ନିଜ ମଧ୍ୟରେ ସ୍ଥାନ ଦେଇଛି। ୧୯୮୦ ବେଳକୁ ଭାରତୀୟ ସମାଜ ତଥା ଓଡ଼ିଶାର ସାମାଜିକ ଜୀବନରେ ଆସିଛି ବ୍ୟାପକ ପରିବର୍ତ୍ତନ। ଉଚ୍ଚଶିକ୍ଷା, ଯୋଗାଯୋଗ, ବିଜ୍ଞାନ ଓ କାରିଗରୀ କୌଶଳର ବିକାଶ ଦ୍ୱାରା ନୂତନ ସମ୍ଭାବନା ସୃଷ୍ଟି ହୋଇଛି। ଉଚ୍ଚଶିକ୍ଷିତ ଯୁବବର୍ଗର ଅଭ୍ୟୁଦୟ ସାମାଜିକ ସଂସ୍କାର ଓ ସାମାଜିକ ପରିଚଳନକୁ ତୀବ୍ର କରିଛି। ନୂତନ ନୂତନ ସହରର ଅଭ୍ୟୁଦୟ ଘଟି ଗ୍ରାମୀଣ ଜୀବନର ବ୍ୟାପକ ସମ୍ଭାବନା ସୃଷ୍ଟି କରିଛି। ୧୯୯୦ରେ ଆର୍ଥିକ ଉଦାରୀକରଣ ନୀତି ଏହି ଓଡ଼ିଆ ଗଳ୍ପର ସ୍ଥାନ ପାଇଛି। ବିଦ୍ୟାର୍ଥୀଗଣ ଏ ସମ୍ପର୍କରେ ଏହି ଏକକରେ ଜ୍ଞାନ ଆହରଣ

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀଗଣ ନିମ୍ନ ବିଷୟରେ ଜାଣିପାରିବେ :

- ୧୯୮୦ ପରବର୍ତ୍ତୀ ଓଡ଼ିଶାର ସାମାଜିକ ଜୀବନରେ ଆସିଥିବା ପରିବର୍ତ୍ତନ ଓ ଗଳ୍ପରେ ତାହାର ଚିତ୍ର
- ସହରୀ ସଂସ୍କୃତି ଅଭ୍ୟୁଦୟ ଦ୍ୱାରା ଗ୍ରମୀଣ ଜୀବନରେ ଦେଖାଯାଇଥିବା ସାମାଜିକ ସଙ୍କଟ
- ଶିଳ୍ପାୟନ, ବିସ୍ଥାପନ ଓ ସାମାଜିକ ପୁର୍ନବିନ୍ୟାସର ଚିତ୍ର
- ଜନଜାତି ସମାଜରେ ଆସିଥିବା ବ୍ୟାପକ ପରିବର୍ତ୍ତନ
- ଆର୍ଥିକ ଉଦାରୀକରଣ ଓ ଜଗତୀକରଣ ଦ୍ୱାରା ପ୍ରଭାବିତ ସାମାଜିକ ଓ ସାଂସ୍କୃତିକ ଜୀବନ

## ୪.୩ ବିଷୟ ପ୍ରବେଶ

୧୯୮୦ ପରେ ପରେ ଓଡ଼ିଶାର ସାମାଜିକ ଜୀବନରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ନୂତନ ଉଚ୍ଚଶିକ୍ଷିତ ବର୍ଗର ଅଭ୍ୟୁଦୟ ଦ୍ୱାରା ସାମାଜିକ ଜୀବନରେ ଭୁୟୋବିକାଶ ସମ୍ଭବ ହୋଇଛି । ଯୋଗାଯୋଗ, ଗମନାଗମନ, ପ୍ରଯୁକ୍ତିବିଦ୍ୟା, ବିଜ୍ଞାନର ଅଭୂତପୂର୍ବ ବିକାଶ ସାମାଜିକ ଜୀବନକୁ ଚଳଚଞ୍ଚଳ ଓ ସମ୍ଭାବନାମୟ କରିଛି । ବହୁ ପରିମାଣରେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟବସାୟ କେନ୍ଦ୍ର ସୃଷ୍ଟି ହୋଇ ଏକ ନୂତନ ବୃତ୍ତିଜୀବୀ ଗୋଷ୍ଠି ତିଆରି କରିଛି । ଆର୍ଥିକ ଉଦାରୀକରଣ ଏବଂ ଜଗତୀକରଣ ଏହି ସମ୍ଭାବନାକୁ ଅଧିକ ବ୍ୟାପକ କରିଛି । ସାଂସ୍କୃତିକ ବିନିମୟ ସହ ସୌଖୀନ ଓ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ଆମଦାନୀ ଓ ରପ୍ତାନୀ ଭାରତୀୟ ସମାଜର ସ୍ଥିତାବସ୍ଥାକୁ ଦୂର କରିଛି । ବାଣିଜ୍ୟ, ବ୍ୟବସାୟ, କ୍ଷୁଦ୍ରଶିଳ୍ପ, ମନୋରଞ୍ଜନ ଏବଂ ଗଣମାଧ୍ୟମର ଦ୍ରୁତ ବିକାଶ ଯୁବବର୍ଗ ମଧ୍ୟରେ ଏକ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିଛି । ପ୍ରାକୃତିକ ସମ୍ପଦର ସୁବିନିଯୋଗ ନିମିତ୍ତ ସଚେତନତା ସୃଷ୍ଟି ହୋଇଛି । ସାମାଜିକ ସମସ୍ୟାର ସମାଧାନ ନିମିତ୍ତ ସଚେତନତା ଜାଗ୍ରତ ହୋଇଛି । ଏ ସମସ୍ତ ଚିତ୍ର ଓଡ଼ିଆ ଗଳ୍ପରେ ଅତି ସଫଳ ଭାବରେ ଚିତ୍ରିତ ହୋଇଛି । ଏଣୁ ଏହି ସମୟର ଓଡ଼ିଆ ଗଳ୍ପକୁ ନିମ୍ନ ଭାବରେ ବିଭକ୍ତ କରାଯାଇଛି : କ) ପରିବର୍ତ୍ତୀତ ସାମାଜିକ ପ୍ରେକ୍ଷାପଟ୍ଟରେ ଓଡ଼ିଆ ଗଳ୍ପ

ଖ) ଓଡ଼ିଆ ଗଳ୍ପରେ ଜନଜାତିର ଚିତ୍ର

ଗ) ପ୍ରୟୋଗବାଦୀ ଓଡ଼ିଆ ଗଳ୍ପ

ଘ) ଆର୍ଥିକ ଉଦାରୀକରଣ ଓ ଓଡ଼ିଆ ଗଳ୍ପ

## ୪.୪ ଓଡ଼ିଆ ଗଳ୍ପର ବିକାଶକ୍ରମ (୧୯୮୧ରୁ ସମକାଳ)

### ୪.୪.୧ ପରିବର୍ତ୍ତିତ ସାମାଜିକ ପ୍ରେକ୍ଷାପଟ୍ଟରେ ଓଡ଼ିଆ ଗଳ୍ପ

୧୯୮୦ ପରବର୍ତ୍ତୀ ଗଳ୍ପ ଲେଖକ ଓ ଲେଖିକା ମାନଙ୍କ ସବୁଠାରୁ ଆକର୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା-ନାରୀ ଚରିତ୍ର ମାନଙ୍କୁ ପ୍ରାଧାନ୍ୟ ଦେଇ ଗଳ୍ପ ଲେଖିବା । ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧିରେ ଓଡ଼ିଆ ନାରୀ ପରିବାର, ଧର୍ମ ଓ ସଂସ୍କାରର ରକ୍ଷଣଶୀଳତାରୁ ମୁକ୍ତ ହୋଇ ନିଜ ସୃଜନଶୀଳତାରେ ପୃଥିବୀକୁ କରିଛି ଅଧିକ ମହିମାବନ୍ତ । ସେ କେବଳ ଆର୍ଥନୀତିକ ସ୍ୱାବଲମ୍ବନଶୀଳ ହୋଇନାହିଁ, ପ୍ରଗତିବାଦୀ ଚେତନାରେ ପୁରୁଷକୁ ମଧ୍ୟ ପଛରେ ପକାଇ ଦେଇଛି । ଏହି ସମୟରେ ପୁରୁଷ ଚରିତ୍ର ଗୁଡିକ ଗଳ୍ପ ରାଜ୍ୟରେ ଅଧିକ ବସ୍ତୁବାଦୀ ହୋଇ ନିଜର ସୃଜନଶୀଳତା ନଷ୍ଟ କରିବା ସହ ଧନ, ପ୍ରତିଷ୍ଠା ଓ କ୍ଷମତା ଆଗରେ ନିଜର ନୈତିକତାକୁ ମଧ୍ୟ ବିକ୍ରୟ କରିଛନ୍ତି । ବେଳେବେଳେ ସେମାନେ ଅସହାୟ ହୋଇ ନାରୀକୁ ଏକ ରକ୍ଷାକବଚ ଅଥବା ଶିଡ଼ି ଚଢ଼ିବାର ପାହାଚ ଭାବରେ ବ୍ୟବହାର କରିଛନ୍ତି । ଅଥଚ ନାରୀ ଚରିତ୍ରମାନେ ସ୍ୱାମୀ ମାନଙ୍କ ପଙ୍ଗୁତ୍ୱ ବହନ କରିବା ନିମିତ୍ତ, ଅର୍ଥ ଉପାର୍ଜନ କରି ସ୍ୱାମୀଙ୍କୁ ପୋଷିବା ପାଇଁ ନିଜର ଜରାୟୁକୁ ମଧ୍ୟ ଭଡ଼ା ଦେଇ ପାରନ୍ତି । ପରିବାର ଭରଣ ପୋଷଣ ନିମିତ୍ତ ନାରୀ ଚରିତ୍ର ମାନେ ନିଜ ଦେହ ବିକ୍ରୟ କରିବାର ଅନେକ ଚିତ୍ର ଗଳ୍ପ ଗୁଡ଼ିକରେ ବର୍ଣ୍ଣିତ

ହୋଇଛି । ଆବେଗ ପ୍ରବଣତାରୁ ମୁକ୍ତ ହୋଇ ନାରୀ ଚରିତ୍ର ମାନେ ଯୁକ୍ତିଶୀଳ ଜୀବନ ଯାପନ କରିବାର ପଦ୍ଧତି ଏହି ସମୟର ଅନେକ ଗଳ୍ପରେ ଚିତ୍ରିତ ହୋଇଛି । ଏହି ବିଷୟ ନେଇ ଯେଉଁ ଉଲ୍ଲେଖଯୋଗ୍ୟ ଗଳ୍ପ ଗୁଡ଼ିକ ରଚିତ ହୋଇଛି ସେମାନଙ୍କ ମଧ୍ୟରେ ରହିଛି ତରୁଣକାନ୍ତି ମିଶ୍ରଙ୍କ 'ଅବରୋହ'(ଆକାଶ ସେତୁ), କମଳାକାନ୍ତ ମହାପାତ୍ରଙ୍କ 'ବେଶ୍ୟା - ଏକ ପ୍ରେମ କାହାଣୀ' (ଚୋର ଓ ଅନ୍ୟାନ୍ୟ ଗଳ୍ପ) ଯଶୋଧାରା ମିଶ୍ରଙ୍କ 'ରେଖାଚିତ୍ର' (ରେଖାଚିତ୍ର), ପ୍ରଦୋଷ ମିଶ୍ରଙ୍କ 'ଶୀତରାଣୀ' (ଶୀତରାଣୀ), ଜଗଦୀଶ ମହାନ୍ତିଙ୍କ 'ଦକ୍ଷିଣ ଦୁଆରୀ ଘର' (ଦକ୍ଷିଣ ଦୁଆରୀ ଘର), ରଜନୀକାନ୍ତ ମହାନ୍ତିଙ୍କ 'ସେଇ ଅନ୍ଧାରୀ କୋଣକୁ ଚାଲିଯା' (ଆ ସାକ୍ଷୀ ଦେ), ଶ୍ରୀନିବାସ ପଣ୍ଡାଙ୍କ 'ପିଲାସ ପେନୁ' (ମାତୁଥିବା ମଣିଷର ମାନଚିତ୍ର), ମନୋଜ କୁମାର ପଣ୍ଡାଙ୍କ 'ଇଗଲୁ ଭିତର ଦି ଦିନ' (ବର୍ଣ୍ଣ ବଗିଚା), ହେମନ୍ତ କୁମାର ମହାପାତ୍ରଙ୍କ 'ନରାଧମଙ୍କୁ ନେଇ ଏକ ବାଜେ ଗପ' (ଝଙ୍କାର-ଏପ୍ରିଲ-୨୦୦୦), ହୃଷୀକେଶ ପଣ୍ଡା (ଭା.ପ୍ର.ସେ)ଙ୍କ 'ଜିନିଆଫୁଲ' ବନ୍ଦକବାଟ ଓ ଭଙ୍ଗାପିପେଟରେ ସୂର୍ଯ୍ୟାଲୋକ' (ବାହାରେ ଛିଡାହୋଇଥିବା ଲୋକ), ସରୋଜିନୀ ସାହୁଙ୍କ 'ଜହ୍ଲାଦ' (ଚୌକାଠ), ବିଷ୍ଣୁ ସାହୁଙ୍କ 'ପ୍ରେମିକା'(ଚଂପାବଣ), ପ୍ରକାଶ କୁମାର ପରିଡାଙ୍କ 'ମା' (ମାତୃଭୂମି), ସଦାନନ୍ଦ ତ୍ରିପାଠୀଙ୍କ 'ସ୍ୱାଧୀନତା: ସୁବର୍ଣ୍ଣ ଜୟନ୍ତୀ' (ଅପ୍ରିୟ ମଣିଷ ଏବଂ ଅନ୍ୟାନ୍ୟ ଚରିତ୍ର), ପରେଶ ପଟ୍ଟନାୟକଙ୍କ 'ନିରୁଦ୍ଦିଷ୍ଟାନଦୀ' (ଛାୟାପୁରୁଷ), ଗୌରହରୀ ଦାସଙ୍କ 'ଉଧାର ମା' (ମାୟା) ଜୟନ୍ତୀ ରଥଙ୍କ 'ପରୀ ଆଙ୍ଗୁଠି' (ଝଙ୍କାର- ଜୁଲାଇ-୧୯୯୫), ସୁସ୍ମିତା ବାଗ୍‌ଚୀଙ୍କ 'ମାତୃ ଚରିତାମୃତ' (ଝଙ୍କାର-ଏପ୍ରିଲ୍-୧୯୯୮) ଓ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ 'ବାବୁଲ ଗଛର ଛାଇ' (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ) । ଏ ସମସ୍ତ ଗଳ୍ପ ଗୁଡିକରେ ପରିବର୍ଦ୍ଧିତ ସମାଜରେ ନାରୀରେ ସ୍ଥିତି, ଦୃଷ୍ଟିକୋଣ ଓ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ ପ୍ରତି ଯତ୍ନଶୀଳ ମନୋଭାବର ଚିତ୍ର ପ୍ରଦର୍ଶିତ ହୋଇଛି । ପ୍ରାୟ ପ୍ରତ୍ୟେକ ଲେଖକ ଲେଖିକା ବାସ୍ତବବାଦୀ ଦୃଷ୍ଟିକୋଣ ନେଇ ସଂଭ୍ରମତାର ସହ ନାରୀ ଚରିତ୍ର ଗୁଡିକର ରୂପାୟନ କରିଛନ୍ତି । ଏହି ଚିତ୍ର ରୂପାୟନ ପଶ୍ଚାତ୍‌ରେ ଭାରତୀୟ ନାରୀ ମାନଙ୍କ ଉଦାରତା, କଷ୍ଟ ସହିଷ୍ଣୁତା ଓ ଆତ୍ମତ୍ୟାଗର ମହନୀୟ ଆଦର୍ଶ କଥାକାରମାନଙ୍କୁ ଆଲୋଡ଼ିତ କରିଛି ।

ଆଲୋଚ୍ୟ ସମୟରେ କିଛି ଗାଳ୍ପିକ ତାଙ୍କର ପ୍ରାଥମିକ ପର୍ଯ୍ୟାୟରେ ଯୌନାବେଗ ଓ ରୋମାଣ୍ଟିକ୍ ଭାବପ୍ରବଣତା ନେଇ ଗଳ୍ପ ଲେଖିବା ଆରମ୍ଭ କରିଥିଲେ । ଗଳ୍ପର ରଚନା କୌଶଳରେ ନୂତନତା ସୃଷ୍ଟିକରି, ଭାଷା ଓ ଶବ୍ଦ ପ୍ରୟୋଗରେ ଚମକପ୍ରଦ ବ୍ୟଞ୍ଜନା ସୃଷ୍ଟିକରି କିଛି ଚମତ୍‌କାର ଗଳ୍ପ ଏମାନେ ଲେଖିଥିଲେ । ଯେଉଁମାନେ ଏପରି ଏକ ସ୍ରୋତ ନିର୍ମାଣ କରି ପାରିଥିଲେ ସେମାନେ ହେଲେ କମଳାକାନ୍ତ ମହାପାତ୍ର,ଅଶୋକ ଚନ୍ଦନ, ଜଗଦୀଶ ମହାନ୍ତି,ସତ୍ୟ ମିଶ୍ର,ସରୋଜିନୀ ସାହୁ,ଗିରି ଦଣ୍ଡସେନା ଓ ଶ୍ୟାମା ପ୍ରସାଦ ଚୌଧୁରୀ । ଏମାନେ ସମସ୍ତେ ୟୁରୋପୀୟ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ଦେହ ମଧ୍ୟରେ ବିଦେହର ସତ୍ତାକୁ ଉପଲବ୍ଧ କରିବା ନିମିତ୍ତ ଚେଷ୍ଟା କରିଥିଲେ ।

ନାରୀ ଲେଖିକାମାନଙ୍କ ଦ୍ୱାରା "ନାରୀ ସଂପର୍କରେ ରଚିତ ହୋଇଥିବା ଗଳ୍ପଗୁଡିକ ଏହି ପ୍ରସଙ୍ଗରେ ଏକ ସ୍ୱତନ୍ତ୍ର ଉଲ୍ଲେଖର ଅପେକ୍ଷା ରଖେ । ସମସାମୟିକ ଦାମ୍ପତ୍ୟ ଜୀବନରେ ରହିଥିବା ଫାଙ୍କ, ତାହାର ଗୋପନତଥ୍ୟ ଏବଂ ନାରୀ ମନର ଅନ୍ଧାରୀ ବାସ୍ତବତାକୁ ଅନ୍ତରଙ୍ଗ ଭାବରେ ଯେଉଁ କେତେଜଣ ନାରୀ ଲେଖିକା ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଯଶୋଧାରା, ସରୋଜିନୀ ଏବଂ ଜ୍ୟୋତ୍ସ୍ନା ରାଉତରାୟ ।

ବାମାବାଦୀ ଭାବଧାରା ଦ୍ୱାରା ଆଦୌ ପ୍ରଭାବିତ ନହୋଇ ନାରୀ ମନର ସଂଗୁପ୍ତ ଭାବନାକୁ "ଜହ୍ନରାତି" ଓ "ରେଖାଚିତ୍ର" ଗଳ୍ପ ସଂକଳନରେ ଯେପରି ଭାବରେ ଯଶୋଧାରା ପ୍ରକାଶିତ କରିଛନ୍ତି; ସେଥିରୁ ତାଙ୍କର ପ୍ରଗତିଶୀଳ ଚେତନାର ପରିଚୟ ମିଳିଥାଏ । ସରୋଜିନୀ ସାହୁ ମଧ୍ୟ ତାଙ୍କ 'ନିଜ ଗହୀରରେ ନିଜେ' ଓ 'ତରଳି ଯାଉଥିବା ଦୁର୍ଗ' ଗଳ୍ପ ସଂକଳନରେ ନାରୀର ବିରଳ ଅନୁଭବର ସାନ୍ଦ୍ର ଓ ଘନିଷ୍ଠ ଚିତ୍ର ପ୍ରଦାନ କରିଛନ୍ତି; ତାହା ପ୍ରାୟତଃ ଓଡ଼ିଆ ଗଳ୍ପରେ ପୂର୍ବରୁ ପଢିବାକୁ ମିଳିନଥିଲା । ନାରୀ ଲେଖିକାମାନେ ନାରୀ ମନର ବାସ୍ତବତାକୁ ଯେପରି ଭାବରେ ଚିତ୍ରିତ କଲେ; ତାହା ଓଡ଼ିଆ ଗଳ୍ପରେ ଏକ ନୂତନ ଅଭ୍ୟୁଦୟ ସୃଷ୍ଟିକଲା । ଯଦିଓ ପ୍ରାଥମିକ ପର୍ଯ୍ୟାୟରେ ଏହି ଗାଳ୍ପିକାମାନେ ବାମାବାଦୀ ଚେତନାଦ୍ୱାରା ଆକ୍ରାନ୍ତ ନହୋଇ ନାରୀ ହୃଦୟର ଅନୁଭବକୁ ଚିତ୍ରଣ କରିବାରେ ଯତ୍ନବାନ ଥିଲେ ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ଗଳ୍ପରେ ଏହା ଏକ ବାମାବାଦୀ ଆନ୍ଦୋଳନ ରୂପେ ମୁଣ୍ଡଟେକି ଉଠିଲା । ଏହି ଗଳ୍ପ ଗୁଡ଼ିକର କାହାଣୀକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପୁରୁଷ ପ୍ରାଧାନ୍ୟ ବସ୍ତୁବାଦୀ ସମାଜଦ୍ୱାରା ସମସାମୟିକ ନାରୀ ଚରିତ୍ରମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି । ଏଣୁ ଏହି ଚରିତ୍ରଗୁଡ଼ିକ ନିଜର ବ୍ୟକ୍ତିସତ୍ତା ଓ ତାହାର ପରିଚିତିକୁ ପ୍ରାଧାନ୍ୟ ଦେଇଛନ୍ତି । ଅର୍ଥନୀତିକ ସ୍ୱାବଲମ୍ବନଶୀଳତା ରହିଥିବାରୁ ପୁରୁଷର ଅଧୀନରେ ରହି ପାରିବାରିକ ବନ୍ଧନକୁ ଖୁବ୍ ଗୋଟାଏ ଗୁରୁତ୍ୱ ଦେଇନାହାନ୍ତି । ଏଣୁ ଜ୍ୟୋତ୍ସ୍ନା ରାଉତରାୟଙ୍କ "ଦ୍ରୌପଦୀ" ଗଳ୍ପର ନାୟିକା ସ୍ୱାମୀଙ୍କୁ ନିଃସଙ୍କୋଚରେ କହିଦିଏ ପ୍ରେମିକର ସନ୍ତାନକୁ ଗର୍ଭରେ ଧାରଣ କରିଥିବାର କାହାଣୀ । ସରୋଜିନୀଙ୍କ "ରେପ୍" ଗଳ୍ପର ନାୟିକା ସ୍ୱାମୀଙ୍କୁ କହିଦିଏ ନିଜ ଅବଚେତନର କାହାଣୀ । "ରେଖାଚିତ୍ର" ଗଳ୍ପରେ ନାୟିକା ସ୍ୱାମୀଙ୍କ ଅବହେଳାରୁ ମୁକ୍ତି ପାଇବା ନିମିତ୍ତ ଅନ୍ୟଏକ ଯୁବକକୁ ଡାକିନିଆଯାଏ ନିଜର ଷ୍ଟୁଡିଓ କୋଠରୀ ଭିତରକୁ । ଏହି ଗାଳ୍ପିକମାନେ ସଂସ୍କାରମୁକ୍ତ ହୋଇ ଅବଚେତନର ସଂଗୁପ୍ତ ଭାବନାକୁ ଯେପରି ସାହସିକତାର ସହ ପ୍ରକାଶ କଲେ ତାହା ପାଠକମାନଙ୍କ ହୃଦୟକୁ ଆଲୋଡ଼ିତ କରିବାରେ ସମର୍ଥ ହୋଇପାରିଲା । ଶ୍ଳୀଳ/ଅଶ୍ଳୀଳ ଭାବନାର ଉର୍ଦ୍ଧ୍ୱରେ ଥାଇ ଅବଚେତନ ମନ ମଧ୍ୟରେ ରହିଥିବା ସଂଗୁପ୍ତ ଭାବନାର କମନୀୟ ଓ କଳାତ୍ମକ ପରିପ୍ରକାଶ ଏହି ଗଳ୍ପ ଗୁଡ଼ିକୁ ପାଠକପ୍ରିୟ କରିପାରିଥିଲା । ମୁକ୍ତିକାମୀ ନାରୀର ବ୍ୟାକୁଳତା ଏହି ଗଳ୍ପ ଗୁଡ଼ିକରେ ମାର୍ମିକ ଭାବରେ ଉପସ୍ଥାପିତ ହୋଇଥିଲେହେଁ ଏହା କେବଳ ବାମାବାଦୀ ଅଥବା ଦେହବାଦୀ ଚେତନା ମଧ୍ୟରେ ସୀମାବଦ୍ଧ ନ ରହି, ନାରୀ ଜୀବନରେ ରହିଥିବା ସତ୍ୟର ସଂଧାନ ଦେବାରେ ସମର୍ଥ ହୋଇଥାଏ ।

ଏହି ସମୟର ଗଳ୍ପ ଗୁଡ଼ିକରେ ଭାରତୀୟ ସମାଜ ବ୍ୟବସ୍ଥାରୁ ଗ୍ରାମ୍ୟ ବ୍ୟବସ୍ଥା ବିଚ୍ୟୁତ ହୋଇ ଭାଙ୍ଗି ପଡ଼ିବା, ଗ୍ରାମର ଶିକ୍ଷିତ ଯୁବକମାନେ ସହରମୁଖୀ ହେବା, ନିଜର ପିତାମାତାଙ୍କୁ ନେଇ ସହରରେ ବସତି ସ୍ଥାପନ କରିବାର ଚିତ୍ର ଦେଖିବାକୁ ମିଳିଥାଏ । ରାଜନୀତି ଓ ଚାକିରୀ ଆକାଂକ୍ଷା ଭାରତୀୟ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ପକାଇଛି । ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକମାନେ ରାଜନୀତିକ ନେତାମାନଙ୍କର ହାତବାରିସୀ ହୋଇ ସାମାଜିକ ଜୀବନକୁ ବିପନ୍ନ କରିଦେଇଛନ୍ତି । ଶିକ୍ଷିତ ଯୁବକମାନେ ସହରରେ ଚାକିରୀ ପାଇସାରିବା ପରେ ସେମାନେ ଗାଁରୁ ସହରକୁ ପରିବାରଟିକୁ ନେଇଯିବାପାଇଁ ଶ୍ରେୟସ୍କର ମନେ କରୁଛନ୍ତି । ସହରର ସଭ୍ୟ ସମାଜ, ଉନ୍ନତ ଶିକ୍ଷା ବ୍ୟବସ୍ଥା ଓ ସାମାଜିକ ଜୀବନ ସେମାନଙ୍କୁ ସହରରେ ସ୍ଥାୟୀ ବାସିନ୍ଦା ହୋଇ ରହିବାର ଆଗ୍ରହ ସୃଷ୍ଟି କରାଇଛି । ଗ୍ରାମ ଗୁଡିକରେ ଶିକ୍ଷିତ ଓ ସଂଭ୍ରାନ୍ତ ଲୋକ ନରହିବାରୁ ଅସାମାଜିକ ଯୁବକ ମାନଙ୍କର ଏହା

ଖେଳଭୂମି ହୋଇଯାଇଛି । "ମୋଟ୍ ଉପରେ ଗାଁଆରେ କେବଳ ଚାଞ୍ଚଲ୍ୟ ଲାଗି ରହୁଥିଲା ଇଲେକ୍ସନ୍ ସମୟରେ, ଭିଡିଓ କ୍ୟାସେଟ୍ ଚାଲୁଥିଲା ଓ ଗଣେଶ, ଦୁର୍ଗା ତଥା ଲକ୍ଷ୍ମୀ ମେଢ଼ଗୁଡିକର ପ୍ରସେସନ୍ ସମୟରେ । ନଚେତ୍, ଯେତେବେଳେ ଲୁଙ୍ଗି ପିନ୍ଧା ଯୁବକମାନଙ୍କ ଦ୍ୱାରା ଅପେରା ରିହର୍ସାଲ୍ ଚାଲୁଥିଲା, ଝରକା କବାଟ-ଦରଜା ବିହୀନ ସ୍କୁଲ୍ ଘରଟିରେ । ଏସବୁ ବ୍ୟତୀତ କୌଣସି ଝିଅପିଲାକୁ କେନ୍ଦ୍ରକରି ଭୁଜାଲି ମରାମରି, ଠେଲାପେଲା ଓ ଜମିଜମା ସଂକ୍ରାନ୍ତିୟ ମକର୍ଦ୍ଦମା ଲାଗି ରହୁଥିଲା ବର୍ଷସାରା । ସବୁ କାଳକ୍ରମେ ଦେହସୁହା ହୋଇ ଯାଇଥିଲା ମୁରବି ଶ୍ରେଣୀୟ ଲୋକମାନଙ୍କର ।" (ସୂର୍ଯ୍ୟୋଦୟର ଶ୍ଳୋକ-ଅସୁସ୍ଥ ପୃଥିବୀ-ବିଷ୍ଣୁ ସାହୁ) । କେବଳ ଏତିକି ନୁହେଁ, ଗାଁ ମନ୍ଦିର ହୋଇଯାଇଥିଲା ଅସାମାଜିକ ଯୁବକମାନଙ୍କର ଗର୍ଭଗୃହ । ମଦ୍ୟପାନ ଓ ଅସାମାଜିକ କାର୍ଯ୍ୟ ନିମିତ୍ତ ଷଡ଼ଯନ୍ତ୍ର ସବୁ ରୂପ ପାଇବାରେ ଲାଗିଲା ମନ୍ଦିର ମଧ୍ୟରେ । ଏପରିକି ଦେବତାଙ୍କୁ ମଧ୍ୟ ମଦରେ ଗାଧୋଇ ଦେବାର ଦୃଶ୍ୟ ଦେଖିବାକୁ ମିଳିଲା ଗଳ୍ପରେ ।

"ଗୋଟିଏ ଉତ୍କଟ ଆଲକହଲ୍ ଗନ୍ଧରେ ଭରପୁର ଥିଲା ମନ୍ଦିରର ଆଭ୍ୟନ୍ତର । ମନ୍ଦିର ଚଟାଣରେ ଥିବା ନନାଙ୍କ ପିଢ଼ା ନିକଟାର ଫା ଗାଳି ପଡ଼ି ରହିଥିଲା ପାଞ୍ଚଟା ମଦ ବୋତଲ । ଠିପି ଗୁଡିକ ପଡ଼ି ରହିଥିଲା ଇତସ୍ତତଃ ଭାବରେ । ମନ୍ଦିରରେ ପବିତ୍ରତାକୁ ଧ୍ୱଂସ କରିଦେଇଥିବା ଆତଙ୍କବାଦୀ ପରି ଦିଶୁଥିଲେ ସେଗୁଡ଼ିକ । ଘୋରାଚନ୍ଦନ, ବେଲପତ୍ର, ଚୁଆ, ନବାତ, ପଣା, ଧୂପକାଠି, ଜଳୁଥିବା ଦ୍ୱୀପ ଓ କର୍ପୁର ଗନ୍ଧକୁ ଚପେଇ ଦେଇ, ସେଇ ମଦ ଗନ୍ଧ ଖେଳେଇ ହୋଇ ରହିଥିଲା ଚାରିଆଡେ ।" (ସୂର୍ଯ୍ୟୋଦୟର ଶ୍ଳୋକ) । ଏ ବର୍ଣ୍ଣନା ଗାଳ୍ପିକଙ୍କ କଳ୍ପନା ପ୍ରସୂତ ନୁହେଁ । ଅଧିକାଂଶ ଗାଳ୍ପିକଙ୍କ ଗଳ୍ପରେ ଏହି ଚେତନାର ସମାନ୍ତରାଳ ଉପଲବ୍ଧ କରିହୁଏ ।

ସମସାମୟିକ ଗ୍ରାମ୍ୟ ବ୍ୟବସ୍ଥା ମଧ୍ୟରେ ଗଢି ଉଠିଥିବା ନବ୍ୟ ଯୁବକଙ୍କର ଏହା ବାସ୍ତବଚିତ୍ର । ପରମ୍ପରାକୁ ଅସ୍ୱୀକାର କରିବା, ଶିକ୍ଷା, ନୈତିକତା ଓ ମୂଲ୍ୟବୋଧକୁ ଆଡ଼େଇ ଦେଇ ଅର୍ଥ ଉପାର୍ଜନ ଓ ସାମାଜିକ ପ୍ରତିଷ୍ଠାର ସରଳତମ ଉପାୟକୁ ଅଙ୍ଗୀକାର କରିନେବା ଏ ସମୟର ଯୁବ ପିଢ଼ୀର ଜୀବନ-ଆଦର୍ଶ । ଏଣୁ ୱାଡ଼ ମେମ୍ବର, ସରପଞ୍ଚ ଅଥବା ଏମ୍.ଏଲ୍.ଏ.ଟିଏ ହୋଇଯିବା ବଡ଼କଥା,ନେଚେତ ରାଜନୀତିକ ନେତାଙ୍କ ହାତବାରିସୀ । ଏହାଦ୍ୱାରା ଗ୍ରାମାଞ୍ଚଳରେ ନିଜର ପତିଆରା ବୃଦ୍ଧି ପାଇବା ସହିତ କ୍ଷମତାର ବିସ୍ତାର କରି ଅର୍ଥ ଉପାର୍ଜନର ପଥ ପ୍ରଶସ୍ତ ହୋଇଯାଇଥାଏ । ସମସାମୟିକ ଅଧିକାଂଶ ଗାଳ୍ପିକ ଓ ଗାଳ୍ପିକା ଏକାଧିକ ଗଳ୍ପ ଏହି କାନ୍‌ଭାସକୁ ନେଇ ଲେଖୁଛନ୍ତି । ସେହି ଗଳ୍ପ ଗୁଡ଼ିକ ମଧ୍ୟରେ ଗ୍ରାମର ଅବ୍ୟବସ୍ଥା ସମ୍ପର୍କରେ ଏକ ପ୍ରତିନିଧି ସ୍ଥାନୀୟ ଦୃଶ୍ୟର ବର୍ଣ୍ଣନା ରହିଛି ହେମନ୍ତ କୁମାର ମହାପାତ୍ରଙ୍କ 'ଅମରାବତୀର ମୋହଭଙ୍ଗ' ଗଳ୍ପରେ (ଭଙ୍ଗା ଦେଉଳ ଓ କଳା ସାପ) "ଏଣେ ଅମରାବତୀରେ ଅସମ୍ଭାଳ ଅବସ୍ଥା । ବିଷ ମଞ୍ଜିରୁ ଗଛ ହୋଇ ଫଳ ଧରିଲାଣି । ବିଷ ବୀଜ ବିକ୍ଷିପ୍ତ ହୋଇ ପଡ଼ିବ, ଗାଁରେ ଶାନ୍ତି ନାହିଁ । ଖୁନ୍ ଖରାବି ଚାଲିଛି । ଗୃହଦାହ ଜବର ଦଖଲ ଚାଲିଛି । ସବୁଦିନ କିଛିନା କିଛି ଗଣ୍ଡଗୋଳ । ଛୁରି ତରବାରିର ରାଜୁତି । ଘୃଣା ଅହଙ୍କାର ରାଜୁତି । ଅବିଶ୍ୱାସ ଅସୂୟାର ଜୟ ଜୟକାର । ମାନସିଂହ ସୋମନାଥଙ୍କ ଉପରେ ଭାରି ଖପ୍‌ପା । ପୁଅର ବିଷଦାନ୍ତ ଭାଙ୍ଗି ନାହିଁ । ପଟାଏ ନ ଦେଲେ ହେବ ନାହିଁ । ଭାଗ୍ୟକୁ ମୋତିରାମ ଆଜି ମନ୍ତ୍ରୀ । ଅପୂର୍ବ ସୁଯୋଗ । ଦି'ଚାରିଟା ପୁଲିସ୍ କେସ୍ ଠୁଙ୍କି ଦେଲେ ପୁଅର ଅଣ୍ଟା ଭାଙ୍ଗିଯିବ-ତ୍ରାହି ତ୍ରାହି ଡ଼ାକ ଛାଡିବ । ଏତେ ବହପ, ରୁଦ୍ର ପ୍ରତାପ ସାଙ୍ଗରେ ବାଦ । ମାନସିଂହ ପରିବାରର ଦାୟାଦ । ସାତ ପୁରୁଷର ଖାନ୍ଦାନି । ପରମ୍ପରା । ଆଉ ଏହି ସୋମନାଥ, କଣ ଗୋଟିଏ ଚାକିରି ପାଇଲା ବୋଲି ଏତେ ବଡ଼

ଲୋକ ହୋଇଗଲା ! ମୁଣ୍ଡରେ ବସିବ ! ଦଶ ପାଞ୍ଚଘର ଢୋଲିଆ, ମହୁରିଆ, କଣ୍ଡରା ବାଉରୀଙ୍କୁ ନେଇ ମାତିଛି। କ'ଣ ନା-ସବୁ ଲୋକ ସମାନ, ଜାତି ଭେଦ, ଛୁଆଁ-ଅଛୁଆଁ କିଛି ନାହିଁ। କି ଆଚମ୍ବିତ କଥା ? ଯାହାକୁ ଯାହା କରିଛି ଦଇବ ତହୁଁ ନିକି ସେ ଅନ୍ୟଥା ହୋଇବ। କାଲି ରାଜଧାନୀ ଯିବାକୁ ହେବ। ଏ ଛୋଟ ଲୋକ ମାନଙ୍କର ବହପ ଛଡାଇବାକୁ ହେବ। ମନ୍ତ୍ରୀଙ୍କୁ କହି କିଛି ଗୋଟାଏ ମୀମାଂସା କରିବାକୁ ହେବ। ତଳ ସାହିଆ ଭାରି ଉତ୍ପାତ ହେଲେଣି। ଥୋମଣି ମୋଡ଼ି ଭାଙ୍ଗଦେଲେ ମାଟି କାମୁଡ଼ି ପଡ଼ିବେ। କେତେକର କାମ ବା ଯେ ! ଆମ ସରକାର, ଆମେ ଭୋଟ ଦେଇ ମନ୍ତ୍ରୀ ବନେଇଛୁ।"

ଗୋଟିଏ ପଟେ ପ୍ରାଚୀନ ବୁନିଆଦୀର ଅହମିକା ଏବଂ ଅନ୍ୟପଟେ ନୂତନ ପିଢ଼ୀର ଶିକ୍ଷିତ ଯୁବ ମଧ୍ୟରେ ଚାଲିଥିବା ଅହଂ ଯୁଦ୍ଧ ଗ୍ରାମ୍ୟ ଜୀବନକୁ କୁରୁକ୍ଷେତ୍ର ପଡ଼ିଆରେ ପରିଣତ କରିଦେଇଛି। ଏଣୁ ଯେଉଁ କେତେଜଣ ଶିକ୍ଷିତ ପଦସ୍ଥ ଅଫିସର ଅବସର ପରେ ଗ୍ରାମରେ ରହିବାର ଯୋଜନା କରୁଥିଲେ ଓ ଗ୍ରାମ୍ୟ ପରିବେଶକୁ ସଂଶୋଧନ କରିବାର ପ୍ରୟାସ କରିଥିଲେ, ସେମାନେ ମଧ୍ୟ ପରାଜିତ ହୋଇ ସହରାଭିମୁଖୀ ହୋଇଯାଇଛନ୍ତି। ସେମାନେ ଉଲଲବ୍ଧି କରିଛନ୍ତି ଗ୍ରାମ୍ୟ ଜୀବନରେ ଆଉ ପୂର୍ବ ସୌହାର୍ଦ୍ଦ୍ୟ ନାହିଁ। ସହର ଅପେକ୍ଷା ଗ୍ରାମ ହୋଇଯାଇଛି ଅଧିକ ଅଶାନ୍ତ। ଏଣୁ ଆଜିର ଗାଳ୍ପିକ ଗ୍ରାମକୁ ଏକ ନିଷ୍ଟାଲଜିକ୍ ଆବେଗ ନେଇ ଦେଖେ। ଏ ଦୃଷ୍ଟିରୁ ଗୌରହରି ଦାସଙ୍କ ସଂପାଦନାରେ ପ୍ରକାଶିତ "ପିଲାଦିନ" ଗଳ୍ପ ସଂକଳନ ଉଲ୍ଲେଖଯୋଗ୍ୟ। ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଯୁବ-ଗାଳ୍ପିକ ମାନେ କଳ୍ପ-ଲୋକରେ ଦେଖୁଛନ୍ତି ଗ୍ରାମପୋଡିର ଦୃଶ୍ୟ। ପୌଗଣ୍ଡ ଓ କୈଶୋରରେ ଭେଟିଥିବା ଗାଁକୁ ସେମାନେ ଆଉ ପାଇନାହାନ୍ତି ଯୌବନରେ। "ପିଲାଦିନ"ର ପ୍ରତ୍ୟେକ ଗଳ୍ପରେ ରହିଛି କୋପତୀ ବହୁନାର ବିଦଗ୍ଧ ପରିବେଶ।

ବିଚ୍ଛିନ୍ନତା ସମସାମୟିକ ଗାଳ୍ପିକ ମାନଙ୍କର ଏକ ବିସ୍ତୃତ ଚାରଣଭୂମି। କେବଳ ସହର ଜୀବନରେ ସଭ୍ୟ ଓ ସମାଜରେ ବ୍ୟକ୍ତି ବିଚ୍ଛିନ୍ନତା ଗାଳ୍ପିକ ମାନେ ଉପଲବ୍ଧ କରିନାହାନ୍ତି, ଗ୍ରାମ୍ୟ ଜୀବନରେ, ଗାଉଁଲି ପରିବେଶରେ ଅଶିକ୍ଷିତ ଚରିତ୍ରମାନଙ୍କ ମଧ୍ୟରେ ମଧ୍ୟ ବିଚ୍ଛିନ୍ନତାର ତୀବ୍ର ଜ୍ୱାଳାକୁ ଗାଳ୍ପିକମାନେ ଉପଲବ୍ଧି କରିଛନ୍ତି। ଓଡ଼ିଆ ଗଳ୍ପକୁ ୧୯୭୦ ବେଳକୁ ଯଦିଓ ୟୁରୋପୀୟ ବିଚ୍ଛିନ୍ନତା ପ୍ରଭାବିତ କରିଥିଲା ଏବଂ ବେଶ୍ କିଛି ଗାଳ୍ପିକ ଏହି ବିଚ୍ଛିନ୍ନତାକୁ ନେଇ ଗଳ୍ପମାନ ରଚନା କରିଥିଲେ, ବିଂଶ ଶତାବ୍ଦୀର ଶେଷ ଓ ଏକବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ଭାରତୀୟ ସହର,ପାରିବାରିକ ଓ ଗ୍ରାମ୍ୟ ଜୀବନରେ ଗାଳ୍ପିକମାନେ ବିଚ୍ଛିନ୍ନତାର ବାସ୍ତବ ସ୍ୱରୂପକୁ ଆବିଷ୍କାର କରିଛନ୍ତି। ସାମାଜିକ ଜୀବନ ଓ ବ୍ୟକ୍ତି ଜୀବନରେ ଏହି ବିଚ୍ଛିନ୍ନତା ଉପଲବ୍ଧ। ଉଚ୍ଚ ଶିକ୍ଷିତ ଯୁବକଟିଏ ନିଜର ସମସ୍ତ ବୁଦ୍ଧିମତ୍ତା ଓ ଜ୍ଞାନ କୌଶଳକୁ ପ୍ରୟୋଗ କରି ସାରିବା ପରେ ଯେତେବେଳେ ଚାକିରୀଟିଏ ପାଇ ପାରେନାହିଁ ଅଥଚ ତାଠାରୁ ନ୍ୟୁନ ପିଲାମାନେ ସାମାଜିକ ପ୍ରତିଷ୍ଠା ପାଇପାରନ୍ତି,ସେତେବେଳେ ସେହି ଯୁବକଟି ନିଜର ଦୁଃଖ ପିତା, ମାତା, ଆତ୍ମୀୟ ସ୍ୱଜନଙ୍କ ଠାରୁ ଦୂରେଇ ରଖିବାକୁ ଯାଇ ବିଳମ୍ବିତ ରାତ୍ରୀରେ ଘରକୁ ଫେରେ ଆସ୍ତେ ଆସ୍ତେ। ସେ ତାର ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗଙ୍କ ଠାରୁ ବିଚ୍ଛିନ୍ନ ହୋଇ ଏକୁଟିଆ ନିଃସଙ୍ଗ ମଣିଷଟିଏ ହୋଇଯାଏ। ସାମାଜିକ ବିଚ୍ଛିନ୍ନତାର ଆଉ ଏକ ଦୁର୍ଲଭ ଚିତ୍ର ସଦାନନ୍ଦ ତ୍ରିପାଠୀଙ୍କ "ସ୍ୱାଧୀନତା: ସୁବର୍ଣ୍ଣ ଜୟନ୍ତୀ" (ଅପ୍ରିୟ ମଣିଷ ଏବଂ ଅନ୍ୟାନ୍ୟ ଚରିତ୍ର) ଗଳ୍ପରେ ଉପଲବ୍ଧ ହୋଇଥାଏ।

ସ୍ୱାଧୀନତା ସଂଗ୍ରାମରେ ଭାଗନେଇଥିବା ପତିତପାବନ ଶରଣ ସ୍ୱାଧୀନୋତ୍ତର ଭାରତର ସମାଜବ୍ୟବସ୍ଥା ସହ ଖାପ ଖୁଆଇ ଚଳି ନପାରି କିପରି ବିଚ୍ଛିନ୍ନ ହୋଇପଡ଼ିଛନ୍ତି ଏବଂ ନିଜ ପରିବାର ଚଳାଇବା ନିମିତ୍ତ ମଧ୍ୟ ଅସମର୍ଥ ହୋଇ ପଡ଼ିଛନ୍ତି, ତାହାର ଚିତ୍ର ଏ ଗଳ୍ପରେ ଉପସ୍ଥାପିତ ହୋଇଛି । ଏପରିକି ନିଜର ଏକମାତ୍ର କନ୍ୟା କମଳା ଅନୋନ୍ୟପାୟ ହୋଇ ପରିବାର ଚାଳନା ନିମିତ୍ତ ବେଶ୍ୟାବୃତ୍ତି କରିବାକୁ ବାଧ୍ୟ କରାଯାଉଛି । ଏହି ପାରିବାରିକ ବିପର୍ଯ୍ୟୟର ଏକମାତ୍ର କାରଣ ପତିତପାବନ ଥିଲେ ସଚ୍ଚୋଟ ଗାନ୍ଧିବାଦୀ । ଗାନ୍ଧିବାଦୀ ଦର୍ଶନ ଜୀବନଧାରଣ ପରବର୍ତ୍ତୀ ପର୍ଯ୍ୟାୟରେ କିପରି ଅଚଳ ହୋଇପଡ଼ିଛି ଏହାର ମାରାତ୍ମକ ଦୃଶ୍ୟ ଏ ଗଳ୍ପଟିରେ ରୂପାୟିତ ହୋଇଛି । କେବଳ ସଦାନନ୍ଦ କାହିଁକି, ସମସାମୟିକ ଅନେକ ଗାଳ୍ପିକ ଏହି ଦୃଷ୍ଟିଭଙ୍ଗୀ ନେଇ ଅନେକ ଗଳ୍ପ ରଚନା କରିଛନ୍ତି । ଏକବିଂଶ ଶତାବ୍ଦୀରେ ରାମରାଜ୍ୟର ସ୍ୱପ୍ନ ଦେଖୁଥିବା ମଧ୍ୟବିତ୍ତ ଭାରତୀୟ ମାନଙ୍କ ସ୍ୱପ୍ନଭଙ୍ଗର କାହାଣୀହିଁ ଏହି ସମୟର ଗଳ୍ପ କାହାଣୀରେ ପର୍ଯ୍ୟବେସିତ ହୋଇଛି ।

ବିଚ୍ଛିନ୍ନତାବୋଧ ନେଇ ନାରୀ ଲେଖିକାମାନେ ମଧ୍ୟ ହୃଦୟସ୍ପର୍ଶୀ ଗଳ୍ପ ଲେଖିଛନ୍ତି । ସ୍ୱାମୀର ଉଚ୍ଚାକାଂକ୍ଷା ସ୍ତ୍ରୀ ମାନଙ୍କୁ ଦାମ୍ପତ୍ୟ ଜୀବନରେ ବିଚ୍ଛିନ୍ନ ଜୀବନ ଯାପନ କରିବାକୁ କିପରି ବାଧ୍ୟ କରିଥାଏ, ତାହା ଚମତ୍କାର ଭାବରେ ଯଶୋଧାରା ମିଶ୍ରଙ୍କ ଗଳ୍ପ ଗୁଡ଼ିକରେ ପ୍ରକାଶିତ ହୋଇଛି । ବିଶେଷତଃ ତାଙ୍କ 'ରେଖାଚିତ୍ର' ଏହି ଚେତନାର ଏକ ପ୍ରତିନିଧି ସ୍ଥାନୀୟ ଗଳ୍ପ । ଗଳ୍ପର ନାୟିକା ସ୍ୱାମୀର ଉଚ୍ଚକାଂକ୍ଷାରେ ଅତିଷ୍ଠ ହୋଇ ଅନ୍ୟ ଏକ ଯୁବକ ସହ ଯୌନ ସମ୍ପର୍କ ପ୍ରତିଷ୍ଠା କରିବାର ମାର୍ମିକ କାହାଣୀ ଏ ଗଳ୍ପର ପ୍ରାଣବିନ୍ଦୁ । ସେହିପରି ଜ୍ୟୋସ୍ନା ରାଉତରାୟଙ୍କ 'ଦ୍ରୌପଦୀ' ଗଳ୍ପରେ ନାୟିକା ନିଜ ସ୍ୱାମୀଙ୍କୁ ନିଃସଙ୍କୋଚରେ କହିଦେଇଛି ଜଣେ କବି ବନ୍ଧୁଙ୍କ ସନ୍ତାନକୁ ନିଜ ଗର୍ଭରେ ସ୍ଥାନ ଦେଇଥିବାର କାହାଣୀ । ନାରୀମାନଙ୍କ ଦ୍ୱାରା ରଚିତ ହୋଇଥିବା ଏ ସମସ୍ତ ଗଳ୍ପ ଗୁଡ଼ିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ବସ୍ତୁବାଦୀ ସମାଜ ଦ୍ୱାରା ନାରୀ ଚରିତ୍ର ଗୁଡ଼ିକ ଅତିଷ୍ଠ ହୋଇ ପଡ଼ିଛନ୍ତି । ନିଜର ପ୍ରେମ, ନିଜର ଭଲ ପାଇବାକୁ ଏମାନେ ଏତେ ଗୁରୁତ୍ୱ ଦେଇଥାଆନ୍ତି ଯେ ଆବଶ୍ୟକ ପଡ଼ିଲେ ଏମାନେ ନିଃସଙ୍ଗ ଜୀବନ ଯାପନ କରିବାକୁ ଶ୍ରେୟସ୍କର ମଣିଥାନ୍ତି । ପାରିବାରିକ ବନ୍ଧନ ଅଥବା ଆର୍ଥିକ ସମସ୍ୟା ଆଉ ନଥିବାରୁ, ନାରୀ ଚରିତ୍ର ଗୁଡ଼ିକ ସ୍ୱାଧୀନତା ଓ ସ୍ୱାଧୀନ ଜୀବନଯାପନ ପ୍ରତି ଅଧିକ ଆକୃଷ୍ଟ ହେଉଥିବା, ଗଳ୍ପର କାହାଣୀ ଗୁଡିକରୁ ଜଣାପଡ଼ିଥାଏ । ନାରୀ ସ୍ୱାଧୀନତା ଓ ନାରୀର ନିଃସଙ୍ଗ ଜୀବନ ଏକବିଂଶ ଶତାବ୍ଦୀ ଓଡ଼ିଆ ଗଳ୍ପର ପ୍ରମୁଖ ଭାବଧର୍ମ ହୋଇଛି ।

ଗଳ୍ପକୁ ବହୁତଳ ବିସ୍ତାର କରି କାହାଣୀର ନାଟକୀୟ ମୋଡ଼ ପ୍ରୟୋଗରେ ଆଶାତୀତ ସଫଳତା ଲାଭକରି ପାଠକମାନଙ୍କୁ ଚମତ୍କୃତ କରିବାରେ ଏ ସମୟର ଗାଳ୍ପିକ ମାନେ କେବଳ ସଫଳ ଲାଭକରି ହୋଇ ପାରିନାହାନ୍ତି, ଗଳ୍ପ ସଂରଚନା କୌଶଳରେ ମଧ୍ୟ ଏମାନେ ବହୁବିଧ ପରୀକ୍ଷା ନିରୀକ୍ଷା କରି ସଫଳତା ଲାଭ କରି ପାରିଛନ୍ତି । ତରୁଣକାନ୍ତି ମିଶ୍ର କେବଳ ନିରୁତା କାହାଣୀଧର୍ମୀ ଗଳ୍ପ ଲେଖି ପାଠକ ହୃଦୟକୁ ବିଚଳିତ କରିପାରୁଛନ୍ତି । ପ୍ରଭାବଶାଳୀ କାହାଣୀ ଓ କାହାଣୀର ନାଟକୀୟ ମୋଡ ତାଙ୍କ ଗଳ୍ପକୁ ସର୍ବଦା ପାଠକପ୍ରିୟ କରାଇବାରେ ସମର୍ଥ ହୋଇ ପାରିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଶୈଳୀରେ ଅନେକ ଗାଳ୍ପିକ ଗଳ୍ପ ଲେଖିବାକୁ ଶ୍ରେୟସ୍କର ମଣୁଛନ୍ତି । ଯଦିଓ ଗାଳ୍ପିକ ମାନଙ୍କ ଗଳ୍ପ କଳାକୁ ଏକ ନିର୍ଦ୍ଦିଷ୍ଟ ବର୍ଗୀକରଣର ସୀମା ମଧ୍ୟରେ ବନ୍ଧାଯାଇ ପାରେନା, ତଥାପି

କାହାଣୀଧର୍ମୀ ଗଳ୍ପଲେଖି ଗଳ୍ପରେ ନାଟକୀୟ ମୋଡ଼ ପ୍ରଦାନକରି ପାଠକ ମାନଙ୍କୁ ଚମତ୍କୃତ କରିପାରୁଥିବା ଗାଳ୍ପିକମାନେ ହେଲେ ସତ୍ୟ ମିଶ୍ର, ରଜନୀକାନ୍ତ ମହାନ୍ତି, ହୃଷୀକେଶ ପଣ୍ଡା (ଭା.ବେ.ସେ.) ହେମନ୍ତ କୁମାର ମହାପାତ୍ର, ସୀତେଶ ତ୍ରିପାଠୀ, ରବି ପଣ୍ଡା, ସ୍ୱର୍ଣ୍ଣ ଦେବୀ, ଜୟନ୍ତୀ ରଥ, ଅଜୟ ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ସହଦେବ ସାହୁ, ପରେଶ କୁମାର ପଟ୍ଟନାୟକ, ସୁସ୍ମିତା ବାଗ୍‌ଚୀ, ଆଭାସ କୁମାର ବରାଳ, ଗୌରହରି ଦାସ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଅରବିନ୍ଦ ଦାସ, ଅରବିନ୍ଦ ରାୟ, ଭୀମ ପୃଷ୍ଟି, ପାରମିତା ଶତପଥୀ, କ୍ଷୀରୋଦ ଦାସ, ଦେବପ୍ରସାଦ ଦାସ ପ୍ରମୁଖ। ଏମାନେ ସମସ୍ତେ ଏକ ଉତ୍ତରାଧିକାର ସୂତ୍ରରେ ଓଡ଼ିଆ ଗଳ୍ପକୁ ଗ୍ରହଣ କରି କାହାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିବାରେ ନିଜକୁ ନିୟୋଜିତ କରିଥିବା ପରି ମନେହୁଏ। ସଂଗ୍ରାମଶୀଳ ମଣିଷର ଅର୍ନ୍ତବେଦନା ଓ ଅସହାୟତାର ବିଭିନ୍ନ ରୂପକଳ୍ପ ଏମାନଙ୍କ ଗଳ୍ପ ସାମ୍ରାଜ୍ୟ। ତେବେ କୌଣସି ପରୀକ୍ଷା ନିରୀକ୍ଷାକୁ ଆଧାରକରି ଗଳ୍ପର ପ୍ରାଣସତ୍ତାକୁ ନଷ୍ଟକରି ପାଠକୀୟ ସଂବେଦନାକୁ ହ୍ରାସ କରିବା ପରି ପଦକ୍ଷେପ ଏହି ଶ୍ରେଣୀୟ ଗାଳ୍ପିକମାନେ କରି ନାହାନ୍ତି। ଏମାନେ ଏକ ପରିପୂର୍ଣ୍ଣ ଗଳ୍ପ ମଧ୍ୟରେ କାହାଣୀଟିର ଚମକ୍‌ପ୍ରଦ ବିସ୍ତାର କରି ନିଜ ବକ୍ତବ୍ୟଟିକୁ ଅତି ପରୋକ୍ଷ ଭାବରେ ପାଠକ ନିକଟରେ ଛାଡି ଯାଇଥାନ୍ତି। ତେବେ ତାଙ୍କ ଗଳ୍ପକୁ କେବଳ ଆନନ୍ଦ ଦାନ ଅଥବା ଫଟୋଗ୍ରାଫିକ୍ ରିପ୍ରେଜେଣ୍ଟେସନ୍ ଭାବରେ ଗ୍ରହଣ କଲେମଧ୍ୟ ଭୂଲ ହେବ। ସମସାମୟିକ ସମାଜ ବ୍ୟବସ୍ଥା ଅଥବା ସମାଜବାଦୀ ବାସ୍ତବତା କାହାଣୀର ଆଧାରରେ ପାଠକ ମାନଙ୍କ ପାଖକୁ ପହଞ୍ଚିପାରିଥାଏ। ପାଠକ ନିଜସ୍ୱ ଅଭିଜ୍ଞତା, ଅନୁଭବ ଓ ଦୃଷ୍ଟିଭଙ୍ଗୀରେ ତାକୁ ଗ୍ରହଣ କରେ।

ଓଡ଼ିଆ ଗଳ୍ପରେ ଚରିତ୍ରମାନଙ୍କ ମନସ୍ତାତ୍ତ୍ୱିକ ବିଶ୍ଲେଷଣ ମାଧ୍ୟମରେ ଗଳ୍ପ ଲିଖନର ଶୈଳୀକୁ ଅତି ସଫଳ ଭାବରେ ଅଗ୍ରସର କରାଇ ପାରିଛନ୍ତି ଯଶୋଧାରା ମିଶ୍ର। ମନସ୍ତାତ୍ତ୍ୱିକ ବିଶ୍ଲେଷଣ ଓ ଚେତନା ପ୍ରବାହଧର୍ମୀ ଶୈଳୀରେ ପ୍ରଭାବଶାଳୀ ଗଳ୍ପ ଲେଖିପାରିଛନ୍ତି ସେ। ସମସାମୟିକ ମନୁଷ୍ୟ ଜୀବନର ଅସହାୟତାର କାରଣ ଓ ତାର ମାନସିକ ସ୍ଥିତି ଅତି ମାର୍ମିକ ଭାବରେ ଉପସ୍ଥାପିତ ହୋଇଛି ତାଙ୍କ ଗଳ୍ପରେ। ଓଡ଼ିଆ ଗଳ୍ପ ସାହିତ୍ୟର ଇତିହାସରେ ମନସ୍ତାତ୍ତ୍ୱିକ ଗଳ୍ପ ଗୁଡ଼ିକୁ ଶିଥିଳ ହୋଇପଡ଼ିବାର ଅନେକ ଦୃଷ୍ଟାନ୍ତ ରହିଛି। କ୍ଳାନ୍ତିକର ବର୍ଣ୍ଣନା ଗଳ୍ପ କାହାଣୀର ଗତିବେଗକୁ ନଷ୍ଟ କରି ଉତ୍କଣ୍ଠାହୀନ କରି ପକାଏ। ମାତ୍ର ଯଶୋଧାରା ଚରିତ୍ରର ମନସ୍ତାତ୍ତ୍ୱିକ ବିଶ୍ଲେଷଣ କରିବା ସହ କାହାଣୀର ଗତିବେଗକୁ ଅକ୍ଷୁର୍ଣ୍ଣ ରଖିବା ସହ ଗଳ୍ପକୁ ମଧ୍ୟ କରିପାରିଥାନ୍ତି ଉତ୍କଣ୍ଠାମୟ। ଏହାହିଁ ତାଙ୍କ ଶୈଳୀର ସଫଳତା। ଏହି ଶୈଳୀର ଆଧାରରେ ଯେଉଁମାନେ କିଛି କିଛି ଗଳ୍ପ ରଚନାକରି ସିଦ୍ଧି ହାସଲ କରିଛନ୍ତି ସେମାନେ ହେଲେ କମଳାକାନ୍ତ ମହାପାତ୍ର, ପ୍ରଦୋଷ ମିଶ୍ର, କବିତା ବାରିକ, ମନୋଜ ପୂଜାରୀ, ହିରଣ୍ମୟ ମିଶ୍ର ଓ ମୋନାଲିସା ମିଶ୍ର ପ୍ରମୁଖ। ପାରିବାରିକ, ସାମାଜିକ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ନିଜ ଅସ୍ମିତାକୁ ଖୋଜି ପାଇବା ନିମିତ୍ତ ଯେଉଁ ଅକପଟ ଆଗ୍ରହ, ଏହାର ଜୀବନ୍ତ ଚିତ୍ରହିଁ ଏହି ଧରଣର ଗଳ୍ପକୁ ପାଠକ ପ୍ରିୟ କରାଇବାରେ ରହିଛି।

ଏହି ସମୟରେ ଜନ୍ମ ନେଇଥିବା ଗାଳ୍ପିକ ମାନଙ୍କ ମଧ୍ୟରେ ଜଗଦୀଶ ମହାନ୍ତି ଥିଲେ ଅତ୍ୟନ୍ତ ପ୍ରତିଭାବାନ। ଅତିକମ୍ ବୟସରୁ ସେ ଗଳ୍ପ ରଚନା କରି କେବଳ ଚାଞ୍ଚଲ୍ୟ ସୃଷ୍ଟି କରିନଥିଲେ, ଓଡ଼ିଆ ଗଳ୍ପ ସଂରଚନା କୌଶଳକୁ ଏକ ନୂତନ ଦିଗନ୍ତ ପ୍ରଦାନ କଲେ। ଗଳ୍ପକୁ କାହାଣୀ ମଧ୍ୟରେ ବାନ୍ଧି ନଦେଇ ବର୍ଣ୍ଣନାତ୍ମକ ଶୈଳୀରେ ଗଳ୍ପର କାହାଣୀକୁ ଘନିଷ୍ଠ ଭାବରେ ସଂପୃକ୍ତ କଲେ ଜୀବନ ସହିତ। ତାଙ୍କର ଅଧିକାଂଶ ଗଳ୍ପରେ ବିଧିବଦ୍ଧ ଗଳ୍ପପ୍ଲଟ ନଥାଇ ଥିଲା କେବଳ ସଂଗ୍ରାମଶୀଳ ଚରିତ୍ରଟିର ଅନୁଭୂତିର ଉପସ୍ଥାପନା। ତାଙ୍କର ଗଳ୍ପରେ ନଥିଲା

ପରିଣତି, ନଥିଲା ନାଟକୀୟତା। ଥିଲା ଜୀବନର ବିସ୍ତୃତ ଚିତ୍ର। ଆକର୍ଷଣୀୟ ଓ ପ୍ରାଣବନ୍ତ। ଅଶୀ ଦଶନ୍ଧିର ଅନେକ ଗାଳ୍ପିକଙ୍କୁ ପ୍ରଭାବିତ କରିଥିଲା ତାଙ୍କର ଗଳ୍ପ ରଚନା ଶୈଳୀ।

## ୪.୪.୨ ଓଡ଼ିଆ ଗଳ୍ପରେ ଜନଜାତିର ଚିତ୍ର

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତୀୟ ସମାଜ ବ୍ୟବସ୍ଥାର ଢାଞ୍ଚାଗତ ପରିବର୍ତ୍ତନ ଆଦିବାସୀ ସଂସ୍କୃତିର ବ୍ୟାପକ ପରିବର୍ତ୍ତନ ଆଣିଥିଲା। ସ୍ୱାଧୀନତା ପୂର୍ବରୁ ଖ୍ରୀଷ୍ଟଧର୍ମର ପ୍ରସାର, ଦ୍ୱିତୀୟ ବିଶ୍ୱଯୁଦ୍ଧ, ରେଳ ଯୋଗାଯୋଗ ଓ ଖଣିଜ ଉତ୍ପାଦନ ଓଡ଼ିଶାରେ ବାସ କରୁଥିବା ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନରେ ପରିବର୍ତ୍ତନର ବୀଜ ବପନ କରିଥିଲା। ଭାରତୀୟ ସ୍ୱାଧୀନତା ଏହି ସାମାଜିକ ସାଂସ୍କୃତିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିଥିଲା। ଜନଜାତିଙ୍କ ପ୍ରତି ସାମ୍ବିଧାନିକ ବ୍ୟବସ୍ଥା ଓ ଯତ୍ନ ଏବଂ ଅନୁନ୍ନତ ସ୍ଥାନ ଓ ସମ୍ପ୍ରଦାୟ ପ୍ରତି ବିକାଶର ସ୍ୱତନ୍ତ୍ର ଯୋଜନା ଆଦିବାସୀ ସମାଜ-ସଂସ୍କୃତି ପରିବର୍ତ୍ତନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା। ତେବେ ଏହି ସାମାଜିକ ପରିଚଳନ ଓ ସାଂସ୍କୃତିକ ପରିବର୍ତ୍ତନ, ସଂପ୍ରଦାୟ ଓ ସ୍ଥଳଭେଦରେ ଭିନ୍ନ ଭିନ୍ନ। ଓଡ଼ିଶାରେ ବାସ କରୁଥିବା ୬୨ ପ୍ରକାର ଜନଜାତି ଏବଂ ସେମାନଙ୍କ ଅବସ୍ଥିତି ସାଂସ୍କୃତିକ ପରିବର୍ତ୍ତନର ରୂପରେଖ ଭିନ୍ନ ଭିନ୍ନ ଭାବରେ ପ୍ରକାଶିତ ହୋଇଥାଏ। ମାଲକାନ୍‌ଗିରି ଠାରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ବିସ୍ତୃତ ବିରାଟ ଅଂଚଳରେ ଏହି ସାଂସ୍କୃତିକ ପୁର୍ନବିନ୍ୟାସର ଚିତ୍ର ଅତି ଜଟିଳ। ଓଡ଼ିଶାର ପ୍ରମୁଖ କଥାଶିଳ୍ପୀମାନେ ଏମାନଙ୍କ ସାମାଜିକ ସ୍ଥିତି ଓ ସାଂସ୍କୃତିକ ପୁର୍ନବିନ୍ୟାସକୁ ଅତି ଅନ୍ତରଙ୍ଗ ଭାବେ ଅନୁଧ୍ୟାନ କରି ତାହାର ରୂପାୟନ ନିଜ ନିଜର ଗଳ୍ପରେ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରମୁଖ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଠାରୁ ଆରମ୍ଭ କରି ହୃଷିକେଶ ପଣ୍ଡାଙ୍କ ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କଥାକାର ଆଦିବାସୀ ସଂପ୍ରଦାୟ ସମ୍ପର୍କରେ ଗଳ୍ପ ରଚନା କରିଛନ୍ତି। ସେଥିମଧ୍ୟରୁ କିଛି ପ୍ରମୁଖ କଥାଶିଳ୍ପୀଙ୍କ ଦୃଷ୍ଟିକୋଣ ଏଠାରେ ଆଲୋଚନା କରାଯାଇଛି।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଶିଳ୍ପର ବିକାଶ ଓ ଖଣିଜ ଦ୍ରବ୍ୟ ଉତ୍ପାଦନ ଓ ପରିବହନକୁ ଆଦିବାସୀ ସାଂସ୍କୃତିକ ଜୀବନର ପୁର୍ନବିନ୍ୟାସର ପ୍ରାଥମିକ କାରଣ ଭାବରେ ଅଧିକାଂଶ କଥାଶିଳ୍ପୀ ଦର୍ଶାଇଛନ୍ତି। ଓଡ଼ିଶାରେ ଥିବା ବିପୁଳ ଖଣିଜ ପାହାଡ଼ ଗୁଡ଼ିକରେ ପ୍ରାୟ ଆଦିବାସୀ ସଂପ୍ରଦାୟ ବାସ କରନ୍ତି। ଯେଉଁ ପାହାଡ଼କୁ ସେମାନେ ଦେବତା ଭାବରେ ପୂଜା କରୁଥିଲେ ସେହି ପାହାଡ଼ର ପଥର ଖଣିଜ ଦ୍ରବ୍ୟ ଭାବରେ ଟ୍ରକ୍ ଏବଂ ଟ୍ରେନ୍ ବଗିରେ ରପ୍ତାନୀ ହେବା ଆଦିବାସୀ ସାଂସ୍କୃତିକ ଓ ଧାର୍ମିକ ଭାବନାକୁ ଆଘାତ କରିଛି। ହଜାର ହଜାର ବର୍ଷର ବିଶ୍ୱାସ ଓ ମୂଲ୍ୟବୋଧ ଧ୍ୱଂସ ପାଇଯାଇ ତା ସ୍ଥାନରେ ଏକ ନୂତନ ସଂସ୍କୃତି ଜନ୍ମ ନେଇଛି। ପ୍ରାୟତଃ ଆଦିବାସୀ ସମାଜ ୨ଭାଗରେ ବିଭକ୍ତ ହୋଇଯାଇଛି। ପ୍ରଥମ ଦଳଟି ଜନ୍ମମାଟି ସହ ଗଭୀର ଆବେଗଗତ ସମ୍ପର୍କ ଯୋଗୁଁ ଓ ପରିବର୍ତ୍ତନକୁ ମାନସିକ ସ୍ତରରେ ଗ୍ରହଣ କରିପାରିବାର ସାମର୍ଥ୍ୟ ନଥିବାରୁ ସେମାନେ ଅଧିକ ଗଭୀର ଜଙ୍ଗଲକୁ ଚାଲିଯାଇ ନୂତନ ବାସସ୍ଥଳୀ ନିର୍ମାଣ କରିଛନ୍ତି। ଏମାନେ ମୁଖ୍ୟତଃ ବୟସ୍କ ଆଦିବାସୀ। ଦ୍ୱିତୀୟ ଗୋଷ୍ଠିରେ ଥିବା ଆଦିବାସୀ ଯୁବକ ଓ ଯୁବତୀମାନେ ଏହି ପରିବର୍ତ୍ତିତ ପରିସ୍ଥିତିକୁ ଅତି ସାଦରରେ ଗ୍ରହଣ କରିଛନ୍ତି। ଏହା ପଶ୍ଚାଦରେ ପ୍ରାୟତଃ ୨ଟି ପ୍ରମୁଖ କାରଣ ରହିଛି। ପ୍ରଥମଟି ଆର୍ଥିକ ଲାଭ ଏବଂ ଅନ୍ୟଟି ସଭ୍ୟ ସଂସ୍କୃତି ପ୍ରତି ଆକର୍ଷଣ। ଆଦିବାସୀ ଯୁବକ ମାନେ କୁଲୀ ଓ ଯୁବତୀମାନେ ରେଜା ଭାବରେ ଖଣି, ଶିଳ୍ପସଂସ୍ଥା ଏବଂ

ପରିବହନ କମ୍ପାନୀରେ କାମ କରି ସହରୀ ସଂସ୍କୃତିକୁ ଗ୍ରହଣ କରିନେଇଛନ୍ତି । ତେବେ ଅଧିକାଂଶ କଥାକାର ଏହାର ନକରାତ୍ମକ ଦିଗକୁ ପ୍ରାଧାନ୍ୟ ଦେଇଛନ୍ତି । ଶିଳ୍ପର ବିକାଶ, ଖଣିଜ ଦ୍ରବ୍ୟ ରପ୍ତାନୀ ଏବଂ ସହରୀକରଣ ଆଦିବାସୀ ସମାଜ ଓ ସଂସ୍କୃତିର ଗୁଣାତ୍ମକ ବିକାଶରେ ସହାୟକ ହୋଇନାହିଁ । ମଦ୍ୟପାନ, ଋଣବୋଝ, ବହୁନାରୀ ସଂପର୍କ, ଦୁରାରୋଗ,ଯୌନବ୍ୟାଧି ଆଦିବାସୀ ଯୁବକ ମାନଙ୍କ ଆର୍ଥିକ ସ୍ୱଚ୍ଛଳତାକୁ ଅଧିକ ଦେବାଳିଆ ସ୍ତରକୁ ନେଇଯାଏ । ସେହିପରି ଯୁବତୀମାନେ ଅର୍ଥ ଲୋଭରେ ଦେହ ବ୍ୟବସାୟ କରି ବିଭିନ୍ନ ଯୌନରୋଗ ସଂକ୍ରମଣର ପରିବାହାକ ହୋଇଥାଆନ୍ତି । ବହୁପୁରୁଷ ସଂସର୍ଗ ଅନେକ ସମୟରେ ନରହତ୍ୟାର କାରଣ ମଧ୍ୟ ହୋଇଥାଏ ।

ଓଡ଼ିଆ କଥା ସାହିତ୍ୟରେ ଗୋପୀନାଥ ମହାନ୍ତିଙ୍କ ପରେ ଯେଉଁ କଥାକାର ସର୍ବାଧିକ ଗଳ୍ପ ଓ ଉପନ୍ୟାସ ଆଦିବାସୀ ମାନଙ୍କ ଉପରେ ରଚନା କରିଛନ୍ତି; ସେ ହେଉଛନ୍ତି ଡକ୍ଟର ହୃଷୀକେଶ ପଣ୍ଡା । ତାଙ୍କ ଗଳ୍ପ ଗୁଡ଼ିକରେ ସରକାରୀ ଯୋଜନାର ବିଫଳତା, ସାହୁକାର ଓ ଶିଳ୍ପ ଉଦ୍ୟୋଗୀମାନଙ୍କର ଦୌରାତ୍ମ୍ୟ, ସମସ୍ୟା ସମାଧାନରେ ସରକାରୀ କର୍ମଚାରୀ / ଅଧିକାରୀଙ୍କ ଉଦାସୀନତା ଏବଂ ଆଦିବାସୀମାନଙ୍କ ନିଜସ୍ୱ ସଂସ୍କୃତି ଓ ବିଚାରଧାରାରେ ବହୁଳ ଚିତ୍ର ଦେଖିବାକୁ ମିଳିଥାଏ । ଅନ୍ୟ ପକ୍ଷରେ କହିବାକୁ ଗଲେ ସରକାରୀ ରିପୋର୍ଟ ଏବଂ ହୃଷୀକେଶଙ୍କ ଗଳ୍ପ ପ୍ରାୟତଃ ସମାନ୍ତରାଳ ଭାବରେ ଗତି କରିଥାନ୍ତି । ଜଣେ ଦାୟିତ୍ୱବାନ ସଚ୍ଚୋଟ ଶିଳ୍ପୀ ଭାବରେ ହୃଷୀକେଶ ରଚନା କରିଥିବା ରାଜପୁତ୍ର, ବାଘ, ସାହବଦେବତା, ଛଞ୍ଚାଣ, କୋରସ, ଛତିଶତମ ସାଧାରଣତନ୍ତ୍ର ଦିବସରେ ଜାତି ଉଦ୍ଦେଶ୍ୟରେ ଧାନଫୁଲ ପରଜା ପ୍ରଦତ୍ତ ଅଭିଭାଷଣର ମର୍ମାନୁବାଦ, ଅନାହାର କମିଶନଙ୍କ ଏକ ରିପୋର୍ଟ ଆଦି ଗଳ୍ପ ଗୁଡ଼ିକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

ସୁରେନ୍ଦ୍ର ମହାନ୍ତିଙ୍କ 'ଖାନ୍ଦାନୀ', ଓ 'ସଭ୍ୟତାର ଗ୍ରାସ', ଗୋପୀନାଥ ମହାନ୍ତିଙ୍କ 'ପିମ୍ପୁଡ଼ି' ପ୍ରାଣବନ୍ଧୁ କରଙ୍କ 'ହିରୋ', ସାତକଡ଼ି ହୋତାଙ୍କ 'କିରିବୁରୁର କନ୍ୟା', ଉମା ଶଙ୍କର ପଣ୍ଡାଙ୍କ 'ଦାରିଙ୍ଗବାଡିର ଫୁଲମତି', ବାମାଚରଣ ମିତ୍ରଙ୍କ 'ଅପରାଧୀ', ରାମଚନ୍ଦ୍ର ବେହେରାଙ୍କ 'ଶିକାର', ହୃଷିକେଶ ପଣ୍ଡାଙ୍କ 'ସାହାବ ଦେବତା', 'ରାଜପୁତ୍ର', 'ଛଞ୍ଚାଣ', 'କୋରସ', ଛତିଶତମ ସାଧାରଣତନ୍ତ୍ର ଦିବସରେ ଜାତି ଉଦ୍ଦେଶ୍ୟରେ ଧାନଫୁଲ ପରଜା ପ୍ରଦତ୍ତ ଅଭିଭାଷଣର ମର୍ମାନୁବାଦ, ଅନାହାର କମିଶନଙ୍କ ଏକ ରିପୋର୍ଟ ସଦାନନ୍ଦ ତ୍ରିପାଠୀଙ୍କ 'ଯେଝାବାଟରେ ଯିଏ', ଭୀମ ପୃଷ୍ଟିଙ୍କ 'ଟାକୁଆ','ଲୋକଜୀବନ', ପାର୍ଟିର ପାର୍ଟି, ରଂଜନ ପ୍ରଧାନଙ୍କ 'ଡୁମା', ଲକ୍ଷ୍ମୀପୁଙ୍ଗୁଣି : ଏଥରର କଭର ଷ୍ଟୋରୀ ଆଦି ଗଳ୍ପରେ ଶିଳ୍ପାୟନ ଓ ସହରୀକରଣ କିପରି ଜନଜାତିଙ୍କ ସାମାଜିକ ଜୀବନକୁ ବିପନ୍ନ କରିଦେଇଛି ଏହାର ବିଶଦ ବ୍ୟାଖ୍ୟାନ ଏହି ଗଳ୍ପ ଗୁଡ଼ିକରେ ଦେଖିବାକୁ ମିଳେ । ଭୀମ ପୃଷ୍ଟି ତାଙ୍କର 'ଲୋକଜୀବନ' ଗଳ୍ପରେ ଏ ସମ୍ପର୍କରେ ଲେଖନ୍ତି ହିଣ୍ଡଲ କମ୍ପାନୀ ଆସୁଛି । ବାଫ୍‌ଲିମାଳି ପାହାଡ଼ ଖୋଳୁଛି । ଦେଖିଲାବେଳକୁ ବାଫଲିମାଳ ନାହିଁ । ଷ୍ଟେରଲାଇଟ୍ କମ୍ପାନୀ ଆସୁଛି ନିୟମଗିରି ପାହାଡ,. ପାହାଡ଼ କନ୍ଦିରେ ଲୋକବସତିର ଚିହ୍ନବର୍ଣ୍ଣ ନାହିଁ । ଲାର୍ସେନ ଏଣ୍ଡ ଟ୍ରାବୋ କମ୍ପାନୀ ଆସୁଛି-ସଜିମାଳି, କୁଟୁମାଳି ଉଭାନ । ଆସୁଛି ଆମେରିକାନ ଆଲ୍‌କନ୍, ଏଠିକାର ବିର୍ଲା, ହିଣ୍ଡଲ । ଗୋଟେ ନୁହେଁ ଅନେକ ପ୍ରକାର କମ୍ପାନୀ । ସେମାନେ ସେମାନଙ୍କ ସାଇନ୍‌ବୋର୍ଡ ପୋତି ସାରାଟା ସାରା ଏରିଆ ନିଜ ଭିତରେ ବାଣ୍ଟି ନେଉଛନ୍ତି । ପିଚୁ ରାସ୍ତା ତିଆରି ଚାଲିଛି । ଗଳି ପଡୁଛି ଶାଳ ପିଆଶାଳ ମହୁଲ ଜଂଗଲ । ମାଇନ୍ସ ଏରିଆ ରାସ୍ତା ଉପେର ଗଡ଼ିଯାଉଛି ଦେଶୀ ବିଦେଶୀ ଗାଡ଼ି । ଭାରି ଟ୍ରକରେ ବୁହା ହେଇ ଆସୁଛି ପ୍ଲାଣ୍ଟ ପାଇଁ ବଡ଼ ବଡ଼ ମେସିନ୍,ବୁଲ୍‌ଡୋଜର, କ୍ରେନ୍‌ରେ

ଦିନରାତି କାମ ଚାଲିଛି । ଦେଖେ ଆଖି ପିଛୁଳାକେ ସିଂଗାରାମ,ବାଲିମୋତି,ଶୃଙ୍ଗାର ଗାଁ ତିନିଟା ହଜିଯାଉଛି । ସେଠି ତିଆରି ଚାଲିଛି ମାଇନ୍ସ କଲୋନୀ । ଅଫିସର ପାଇଁ ଅଲଗା ବଙ୍ଗଳା । ତଳିଆ କର୍ମଚାରୀ ପାଇଁ ଟୁ ଆର୍ କ୍ୱାଟର୍ସ, ଆପର୍ଟମେଣ୍ଟସ୍, ଲେବର୍ କଲୋନୀ । ଦେଖୁଥାଏ, ପାଞ୍ଚାଳୀ, ବାରିଗାଁ, ଲେଟିପୁଟ ଗାଁ ତିନିଟା ପାଣି ତଳେ ଧୀରେ ଧୀରେ ବୁଡି ଯାଉଛି । ଉପରେ ଡ୍ୟାମ୍ ତିଆରି ଚାଲିଛି । ଆଦିତ୍ୟ ବିର୍ଲ୍ଲା ସେଠୁ ତା ପ୍ଲାଣ୍ଟକୁ ବିଜୁଳି ନେଉଛି । ମାଇନ୍ସ ଏରିଆରୁ ପ୍ଲାଣ୍ଟ ସାଇଡ୍ ଯାଏ ତିଆରି ଚାଲିଛି ରେଳ ଲାଇନ୍, ଠିଆ ହେଉଛି ରେଳ ଷ୍ଟେସନ । ହରିପୁର ଗାଁ ହଜିଯାଇଛି, ସେଠି ହେଲିପ୍ୟାଡ୍ ଛୋଟବଡ଼ ଏୟାର୍ ବସ୍‌ରୁ ଓହ୍ଲାଉଛନ୍ତି କେତେ ରଙ୍ଗ, କେତେ ଭାଷାର ଲୋକ । ତିଆରି ଚାଲିଛି ପାର୍କ । ହାଇଟେକ୍ ମେଡ଼ିକାଲ, ଗଲଫ କୋର୍ସ, ଟେନିସ୍ ଗ୍ରାଉଣ୍ଡ, ନାଇଟ୍ କ୍ଲବରୁ ଶୁଭୁଛି ମ୍ୟୁଜିକ୍, ଡାନ୍ସ ଆଉ ଚିୟର୍ସର ଆସର ।

ତା’ ଭିତରେ ଏ ଗାଁ ଲୋକମାନେ ଗଲେ କୁଆଡେ ? ଦେଖୁଥାଏ ଅଧାରୁ ଅଧିକ ଲୋକ କେବେଠୁ ଏଠୁ ଚାଲିଗଲେଣି । କିଏ ଫୁଟ୍‌ପାଥ୍‌ରେ ଦରମଲା ହୋଇ ବଞ୍ଚିଲା, କିଏ ରେଡ୍ ଲାଇଟ୍ ଏରିଆରେ ଭୋଗ ଲାଗିଲା । ଆଉ ଯେଉଁମାନେ ଏମାନେ ରହିଗଲେ, ଦେଖୁଥାଏ କେଉଁ ଧାଙ୍ଗଡ଼ା ଏଠି ମାଳି ହୋଇ, ପିଅନ ହୋଇ, ରହିଯାଇଛି । କେଉଁ ଧାଙ୍ଗଡ଼ି ଅଫିସର ଘରେ ଚାକରାଣୀ ହୋଇ ପିଲା ସମ୍ଭାଳୁଛି, ଅଇଁଠାବାସନ ମାଜୁଛି, ମାର୍ବଲ ଚଟାଣ ପୋଛୁଛି । ଏଠି ଅଟକି ରହିଥିବା ମାଇପୀ, ବୁଢ଼ା, ହଡ଼ାମାନେ ସହରର ରାସ୍ତାଘାଟ, ପାଇଖାନା, ଡ୍ରେନ୍ ସଫେଇରେ ଲାଗିଛନ୍ତି । ମାଇନ୍ସ, ପ୍ଲାଣ୍ଟରେ ଲେବର୍ ହୋଇ ଧାଙ୍ଗଡ଼ା ଯେପରି ଖଟୁନଥାଏ, ମେସିନ୍ ସେମାନଙ୍କୁ  ଖଟାଉଛି । ଲେବର କଲୋନୀରେ ଧିରେ ଧିରେ ବ୍ୟାପିଯାଉଛି ଫ୍ଲୁରୋସିସ୍ ରୋଗ । ପୋକମାଛି ପରି ମରୁଛନ୍ତି ରହିଯାଇଥିବା ଗାଁ ଲୋକେ ।” ଏହା କେବଳ ଭୀମ ପୃଷ୍ଟିଙ୍କ ଅବଧାରଣା ନୁହେଁ ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରାଳୟ ମଧ୍ୟ ତାଙ୍କରି ବାର୍ଷିକ ରିପୋର୍ଟରେ ଆଦିବାସୀ କଲ୍ୟାଣ କର୍ଯ୍ୟକ୍ରମର ବିଫଳତାକୁ ସ୍ୱୀକାର କରିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଶିଳ୍ପାୟନ କେବଳ ବିସ୍ଥାପନ ସୃଷ୍ଟି କରୁନାହିଁ, ଏକ ପ୍ରାଚୀନ ପରମ୍ପରା, ସଂସ୍କୃତି ସର୍ବୋପରି ଏକ ଜାତିର ପରିଚିତି ଓ ଅସ୍ମିତାକୁ ମଧ୍ୟ ନଷ୍ଟ କରିଦେଉଛି ।

ତେବେ ସଦାନନ୍ଦ ତ୍ରିପାଠୀ ତାଙ୍କ ଗଳ୍ପରେ ଶିଳ୍ପାୟନ କିପରି ନୂତନ ସଂସ୍ଥାପନ ପ୍ରତିଷ୍ଠାକରି ନୂତନ ପରିଚୟ ପ୍ରଦାନ କରିବାରେ ସମର୍ଥ, ସେ ରାଉରକେଲା ଶିଳ୍ପ ସହର ପୃଷ୍ଠଭୂମିରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ଆଦିବାସୀ ସଂପ୍ରଦାୟକୁ ନେଇ ‘ଯେଝାବାଟରେ ଯିଏ’ ଗଳ୍ପଟି ରଚିତ ହୋଇଛି । “ଯେଝା ବାଟରେ ଯିଏ” ଗଳ୍ପରେ ରାଉରକେଲା ସହରରେ ଆଦିବାସୀ ଇଞ୍ଜିନିୟରଙ୍କ ପତ୍ନୀ ଓ ପିତା ପ୍ରସଙ୍ଗ ଉପସ୍ଥାପନରେ ଦୁଇଟି ବିରୋଧାଭାସ,ସହରୀ ଓ ଗ୍ରାମୀଣ ସଂସ୍କୃତିର ସଂଘର୍ଷ ପ୍ରସଙ୍ଗକୁ ସେ ଉପସ୍ଥାପନ କରିଛନ୍ତି । ତେବେ ସଂସ୍ଥାପନ ଅଥବା ବିସ୍ଥାପନ; ଯେଉଁ ପ୍ରସଙ୍ଗରେ ଗଳ୍ପ ରଚନା କରାଯାଇପାରେ ମଧ୍ୟ ବକ୍ତବ୍ୟ ଏକ,ଶିଳ୍ପାୟନ ଅଥବା ସହରୀକରଣ ପରଂପରା ଓ ସଂସ୍କୃତିକୁ ନଷ୍ଟ କରି ନୂତନ ସଂସ୍କୃତି ନିର୍ମାଣ କରିବାରେ ସମର୍ଥ ହୋଇପାରିଛି ।

ସାଂସ୍କୃତିକ ପୃଷ୍ଠଭୂମିରେ ଜନଜାତି ତାହାର ପରିବର୍ତ୍ତିତ ସଂସ୍କୃତି ନିର୍ମାଣରେ ସଚେଷ୍ଟ ହୋଇଛି । ପରିବର୍ତ୍ତିତ ସାମାଜିକ ଓ ଓଡ଼ିଆ ଗଳ୍ପରେ ଜନଜାତି ସମ୍ପର୍କରେ ଏହି ଉଜ୍ଜ୍ୱଳ ତଥ୍ୟଟି ପ୍ରକାଶିତ ହୋଇଥାଏ ।

## ୪.୪.୩ ପ୍ରୟୋଗବାଦୀ ଓଡ଼ିଆ ଗଳ୍ପ

ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ବେଳକୁ ଓଡ଼ିଆ ଗଳ୍ପରେ ବିଭିନ୍ନ ପ୍ରୟୋଗବାଦୀ ଶୈଳୀ ଦେଖିବାକୁ ମିଳିଲା। ଉତ୍ତର-ଆଧୁନିକ ଶୈଳୀ ଏହା ମଧ୍ୟରୁ ଅନ୍ୟତମ। ନାରାୟଣ ପଣ୍ଡା, ମନୋଜ କୁମାର ପଣ୍ଡା, ଜ୍ୟୋତି ନନ୍ଦ ଏବଂ ହୃଷୀକେଶ ପଣ୍ଡା (ଭା.ପ୍ର.ସେ) ଯେଉଁ ଶୈଳୀ ଆଧାରିତ ଗଳ୍ପ ସଂଗଠନ ପ୍ରକ୍ରିୟା ଆବିଷ୍କାର କରିଛନ୍ତି; ତାହା ଉତ୍ତର-ଆଧୁନିକ ଚେତନା ସହ ସାମଞ୍ଜସ୍ୟ ରକ୍ଷା କରିଥିଲେ ହେଁ ବାସ୍ତବରେ ତାହା ଉତ୍ତର-ଆଧୁନିକ ଚେତନାର ପ୍ରଭାବ ଅପେକ୍ଷା ଗାଳ୍ପିକମାନଙ୍କ ନିଜସ୍ୱ ଅବବୋଧରୁ ପରିପ୍ରକାଶ ମାତ୍ର। ଆଧୁନିକ ଜୀବନର ବହୁତଳ ବାସ୍ତବତା,ବିଭଙ୍ଗ ବ୍ୟକ୍ତିସତ୍ତାର ପ୍ରାସଙ୍ଗିକତା ଓ ଅନ୍ୱେଷଣ ମାଧ୍ୟମରେ ଏମାନେ ଯେଉଁ ବୃହତ୍ତର ସତ୍ୟରେ ଉପନୀତ ହୋଇଛନ୍ତି, ସେଠାରେ ଗଳ୍ପର ଫର୍ମ ଅପେକ୍ଷା ଥିମ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଫର୍ମକୁ ଗୁରୁତ୍ୱ ପ୍ରଦାନ କରି ଏକ ସୁନ୍ଦର ଛାଞ୍ଚରେ ଗଳ୍ପଟିଏ ଗଠନ କଲେ ତାହା ପାଠକକୁ ଆନନ୍ଦ ପ୍ରଦାନ କରିବ, ମାତ୍ର ସତ୍ୟ ଓ ବାସ୍ତବତାର ବହୁତଳ ବିସ୍ତାରକୁ ପାଠକ ନିକଟରେ ଉପସ୍ଥାପିତ କରିପାରିବ ନାହିଁ।

ଏହି ଆଧୁନିକ ଦର୍ଶନ ସଂପର୍କରେ ହରପ୍ରସାଦ ତାଙ୍କ "ଆଧୁନିକତାର ସମକାଳ" ଗ୍ରନ୍ଥରେ ଲେଖିଛନ୍ତି "ସାହିତ୍ୟରେ ଲେଖକୀୟ ସତ୍ତା ଓ ପାଠକୀୟ ସତ୍ତାଠାରୁ ବୃହତ୍ତର ହେବ। ଗୋଟିଏ ସାହିତ୍ୟିକ ରଚନାରେ ପାଠକ ଉଦ୍ଦେଶ୍ୟରେ ପାଠକ ଉଦ୍ଦେଶ୍ୟରେ ଅର୍ପିତ ଗୋଟିଏ ସ୍ୱତନ୍ତ୍ର ଅଂଶ ଥାଇପାରେ, ଏଭଳି ମଧ୍ୟ ହୋଇପାରେ ଯେ ଲେଖକୀୟ ସତ୍ତା ଓ ପାଠକୀୟ ସତ୍ତା ଗୋଟିଏ ବିନ୍ଦୁରେ ମିଶିଯାଇ ପାରନ୍ତି; କିନ୍ତୁ କେବଳ ପାଠକର ଅବବୋଧ ନିକଟରେ ପହଞ୍ଚିବା ପାଇଁ ସାହିତ୍ୟ ରଚନା ନହେଉ,ଏହାଥିଲା ଆଧୁନିକବାଦୀମାନଙ୍କର ଦୃଷ୍ଟିକୋଣ। ଆଧୁନିକ କାଳରେ ବହୁ ଭାରାକ୍ରାନ୍ତ ଜଟିଳ ରଚନାର ଉତ୍ସ ବୋଧ ଥିଲା ଏଇଠି। ଏହା ଫଳରେ ରଚନାର "ପାଠ"ଟି ତାର ଉଦ୍ଦେଶ୍ୟ ବା ଆବେଦନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଲା।" ବାସ୍ତବରେ ଫର୍ମ ମଧ୍ୟରେ ଏ ପାଠଟିକୁ ଏହି ଗଳ୍ପିକମାନେ ହଜାଇଦେବା ପାଇଁ ଚାହିଁ ନଥିଲେ। ଏଣୁ ପାରଂପରିକ କାହାଣୀର ବିନ୍ୟାସରୁ ଗଳ୍ପକୁ ମୁକ୍ତିଦେଇ ଚରିତ୍ର, ଘଟଣା ଓ ସମସ୍ୟାକୁ ପାଠକ ନିକଟରେ ଉପସ୍ଥାପିତ କରାଇଥାନ୍ତି ମାତ୍ର। ପାଠକ ନିଜର ଅନୁଭବ ଦେଇ ଗଳ୍ପକୁ ବୁଝିବାରେ ସମର୍ଥ ହୋଇଥାଏ। ହୃଷୀକେଶ ପଣ୍ଡା ଏହି ଶୈଳୀରେ ଅଗ୍ରଗଣ୍ୟ। ପ୍ରତିନାୟକ ଓ ପ୍ରତିମୂଲ୍ୟବୋଧର କଥା ନବ-ଉପନିବେଶବାଦ ପରିପ୍ରେକ୍ଷୀରେ ସେ ଉପସ୍ଥାପିତ କରିଥାନ୍ତି। ନାୟକମାନଙ୍କ ମଧ୍ୟରେ ଗାଳ୍ପିକମାନେ ଭରିଦେଇଥିବା 'ହିରୋଇକ୍' ଗୁଣଟିକୁ ପ୍ରଥମେ ହୃଷୀକେଶ ଗଳ୍ପ-ନାୟକ ମଧ୍ୟରୁ କାଢ଼ିଦେଇ ବାସ୍ତବ ଜୀବନରେ ଘଟୁଥିବା ବିଫଳତାର ସହ ତାକୁ ମୁହାଁମୁହିଁ କରାଇଲେ। କାବ୍ୟିକ ନ୍ୟାୟ ବଦଳରେ ବାସ୍ତବ ଜୀବନକୟର କରୁଣ ପରିଣତିକୁ ସେ ଇଙ୍ଗିତାତ୍ମକ ଶୈଳୀରେ ଗଳ୍ପରେ ଅଭିମନ୍ତ୍ରିତ କଲେ। ସବୁଠୁ ଆକର୍ଷଣୀୟ ପ୍ରସଙ୍ଗ ହେଲା ଗଳ୍ପରେ ଘଟୁଥିବା ଘଟଣାଗୁଡ଼ିକ ଯୁକ୍ତିସଂଗତ ହେବା ବାଞ୍ଛନୀୟ; ଏହି ପରଂପରାରୁ ସେ ଗଳ୍ପର କଥନକତାକୁ ମୁକ୍ତ କଲେ।

ସଭ୍ୟତାର କ୍ରୀତଦାସ ହୋଇ ଅର୍ଥହୀନ ଜୀବନଯାପନ କରୁଥିବା ମନୁଷ୍ୟମାନଙ୍କ ଅସାରତା ସଂପର୍କରେ ମନୋଜ, ଜ୍ୟୋତି ଏବଂ ନାରାୟଣ ପଣ୍ଡା ଯେଉଁ ଗଳ୍ପ ସବୁ ରଚନା କରିଛନ୍ତି; ତାହା ସମସାମୟିକ ଓଡ଼ିଆ ଗଳ୍ପର ଏକ ନୂତନ ଦିଗନ୍ତକୁ ଇଙ୍ଗିତ କରେ। ନାରାୟଣ ପଣ୍ଡାଙ୍କ "ମହାତୀର୍ଥ ଯାତ୍ରୀ" ଗଳ୍ପ ସଂକଳନଟି ଏହି ଦୃଷ୍ଟିରୁ

ଅନେକ ଗୁରୁତ୍ୱପୂର୍ଣ୍ଣ। ପାରମ୍ପରିକ ଗଳ୍ପଶୈଳୀ ପରିତ୍ୟାଗ କରି ଜୀବନର ସଂଶୟ ସଂପର୍କରେ ଯେଉଁ ମାର୍ମିକ ତଥ୍ୟ ଉପସ୍ଥାପନ କରାଯାଇଛି; ତାହା ଏକ ସ୍ୱତନ୍ତ୍ର ଉଲ୍ଲେଖର ସମ୍ମାନ ରଖେ। ମନୋଜ ପଣ୍ଡା ଜୀବନର ଅର୍ଥହୀନତା ଓ ଅସଙ୍ଗତିର କଥା ଗଳ୍ପର ଥିମ୍ ଭାବରେ ଗ୍ରହଣ କରିଥିବା ସମୟରେ ପ୍ରଚଳିତ ଶବ୍ଦ ଓ ତାର ପ୍ରତିପାଦିତ ଅର୍ଥ ଉପରେ ମଧ ଆସ୍ଥା ହରାଇଥାନ୍ତି। ଗୋଟିଏ ଜୀବନର ପରିଧି ମଧ୍ୟରେ ଘଟିଯାଉଥିବା ଅସଂଖ୍ୟ ଘଟଣା ଓ ତାର ମହାତ୍ମ୍ୟ ସାଧାରଣ ଶବ୍ଦମାନେ ଯେ ଦେବାପାଇଁ ଅସମର୍ଥ ; ତାହାକୁ ଭିତ୍ତିକରି ମନୋଜ ଗଳ୍ପ ଲେଖିଛନ୍ତି। ଜ୍ୟୋତି ମଧ ପାରମ୍ପରିକ କାହାଣୀରୁ ଗଳ୍ପକୁ ମୁକ୍ତକରି ବାହ୍ୟ ପୃଥିବୀ ସହ ବ୍ୟକ୍ତି ଚରିତ୍ରଟିର ସଂପୃକ୍ତିକୁ ଏକ ଉଭଟଶୈଳୀରେ ଉପସ୍ଥାପନ କରନ୍ତି। ସର୍ବଦା ଦ୍ୱୈତ ଜୀବନ (ବାହ୍ୟ ଓ ଆନ୍ତଃ)ଯାପନ କରୁଥିବା ଚରିତ୍ରଟି ଅବଚେତନ ଜୀବନକୁ ଗୁରୁତ୍ୱ ଦେଇଥିବାରୁ ସାମାଜିକ ସଂପର୍କ ଓ କ୍ରିୟାକଳାପ ଯେପରି ଉଭଟ ହୋଇଯାଏ ; ତାହା ହିଁ ଚିତ୍ରିତ୍ର କରିବାକୁ ଚାହାନ୍ତି ଜ୍ୟୋତି। ସମସାମୟିକ ଜୀବନଯାପନ ଶୈଳୀ ଓ ସାମାଜିକ ସଂପର୍କରେ ରହିଥିବା ଅବିଶ୍ୱସ୍ତତା ପ୍ରତି ଗଳ୍ପ ଚରିତ୍ରଟି ବିମୁଖ ହୋଇ କଳ୍ପଲୋକରେ ଖୋଜୁଥିବା ପୂର୍ଣ୍ଣଙ୍ଗ ସଫଳ ପୃଥିବୀଟିର ସଂଧାନରେ ଥାଏ ସେ ନିମଜ୍ଜିତ।

ସମସାମୟିକ ଗାଳ୍ପିକମାନଙ୍କ ମୁଖ୍ୟ ଧ୍ୟେୟ ଆଧୁନିକ କ୍ଷଣଭଙ୍ଗୁର ସଂପର୍କର ଆୟତନକୁ ବିସ୍ତୃତି ପ୍ରଦାନ କରିବା। ବ୍ୟକ୍ତି ନିଃସଙ୍ଗତାର ଉପାଦାନଗୁଡିକୁ ଖୋଜି ସେହି ଅଂଧକାର ଦିଗଟିକୁ ଆଲୋକିତ କରିବା। ବିଭଙ୍ଗବ୍ୟକ୍ତି ସତ୍ତା, ସାମାଜିକ ବିଚ୍ଛିନ୍ନତା, ଯୌନମୁକ୍ତି, ରୋମାଣ୍ଟିକ୍ ପ୍ରବଣତା ଓ ଅତୀତ୍ ଆମୁଖତାର ରୂପାୟନ ହୋଇଛି ଆଜିର ଗାଳ୍ପିକମାନଙ୍କ ପ୍ରମୁଖ ବିଷୟ। ଏକ ପରିବର୍ତ୍ତିତ ସାମାଜିକ, ଆର୍ଥନୀତିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ଚରିତ୍ରମାନଙ୍କ ଅନ୍ତଃଚେତନାର ପ୍ରତିଲିପି ହିଁ ସମସାମୟିକ ଓଡ଼ିଆ ଗଳ୍ପର ମୁଖ୍ୟସ୍ୱର। ନବ-ଉପନିବେଶବାଦର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ବ୍ୟକ୍ତି ସତ୍ତାଟି ଯେଉଁ ପ୍ରମୁଖ ପ୍ରତିବଂଧକର ଦ୍ୱାର ଦେଇ ମୁକ୍ତିର ସ୍ୱପ୍ନ ଦେଖେ ତାହାକୁ ଗାଳ୍ପିକମାନେ ବିଭିନ୍ନ ପ୍ରୟୋଗାତ୍ମକ ଶୈଳୀରେ ରୂପାୟିତ କରିବାକୁ ଚେଷ୍ଟା କରିଛନ୍ତି। ଅଦୃଶ୍ୟ ସମାଜିକ ଶୃଙ୍ଖଳ ମଧ୍ୟରୁ ମୁକ୍ତି ପାଇବାର ସଂଗ୍ରାମରେ ପୁରୁଷ ଅପେକ୍ଷା ନାରୀ ଅଗ୍ରଭାଗରେ ରହିଥିବାରୁ ସମସାମୟିକ ଓଡ଼ିଆ ଗଳ୍ପରେ ବାମାବାଦୀ ଗଳ୍ପ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ମୁକ୍ତିକାମୀ ନାରୀଟିକୁ ପାରିବାରିକ ଓ ଯୌନବନ୍ଧନରୁ ମୁକ୍ତିଦେବା ନିମିତ୍ତ ଗାଳ୍ପିକମାନେ ଯେଉଁ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି ଏବଂ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି, ତାହା ଓଡ଼ିଆ ଗଳ୍ପ ଭଣ୍ଡାରକୁ ଗତିଶୀଳ କରାଇଛି। ପୂର୍ବରୁ ଯେଉଁ Taboo ମଧ ଦେଇ ଗଳ୍ପ ରଚନା କରାଯାଉଥିଲା ; ତାହା ଏବର ଗଳ୍ପ ଲେଖକ/ଲେଖିକାମାନେ ମାନିବାକୁ ବାଧ୍ୟ ହୋଇନାହାନ୍ତି। ଏଣୁ ଯୌନାବେଗର ଅବିକଳ ରୂପାୟନ ଅପେକ୍ଷା ଏହାର କଳାତ୍ମକ ସୌନ୍ଦର୍ଯ୍ୟ ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଚେତନାଧର୍ମୀ ଗଳ୍ପଗୁଡିକ ମଧ୍ୟରେ କାବ୍ୟିକ ବାକ୍ ବିନ୍ୟାସ ଓ ରୋମାଣ୍ଟିକ୍ ଭାବପ୍ରବଣତାର ପ୍ରୟୋଗ କରାଯାଇ ଦେହବାଦ ମଧ୍ୟରୁ ଗଳ୍ପଟିକୁ ମୁକ୍ତ କରାଯାଇଛି। ଏହା ସହ ସମାଜିକ, ସାଂସ୍କୃତିକ ଓ ମାନବୀୟ ମୂଲ୍ୟବୋଧର ଅବକ୍ଷୟକୁ ଗଳ୍ପର ପୃଷ୍ଠଭୂମି ଭାବରେ ଗ୍ରହଣ କରାଯାଇ ଗଳ୍ପର କାନ୍ଭାସକୁ ପ୍ରସାରିତ କରାଯାଇଛି। ରାମଚନ୍ଦ୍ର ବେହେରାଙ୍କ "ଅବଶିଷ୍ଟ ଆୟୁଷ", ତରୁଣକାନ୍ତ ମିଶ୍ରଙ୍କ "ଆକାଶ ସେତୁ", ଯଶୋଧାରାଙ୍କ "ରେଖାଚିତ୍ର", କମଳାକାନ୍ତ ମହାପାତ୍ରଙ୍କ "ଚୋର ଓ ଅନ୍ୟାନ୍ୟ ଗଳ୍ପ", ହୃଷୀକେଶ ପଣ୍ଡାଙ୍କ (ଭା.ପ୍ର.ସେ) ବୟସ୍କଙ୍କ ପାଇଁ ଶିଶୁକାହାଣୀ ମନୋଜ ପଣ୍ଡାଙ୍କ "ହାଡ଼ ବଗିଚା", ସଦାନନ୍ଦ

ତ୍ରିପାଠୀଙ୍କ "ନିଜ ନିଜ ନିୟମ", ବିଷ୍ଣୁ ସାହୁଙ୍କ"ଅସୁସ୍ଥ ପୃଥିବୀ", ପ୍ରଶାନ୍ତ ମହାନ୍ତିଙ୍କ"ଅମୃତ ଲଗ୍ନ", ସୁରେନ୍ଦ୍ର ମିଶ୍ରଙ୍କ "ପଞ୍ଜୁରୀ ଓ ଅନ୍ୟାନ୍ୟ ଗଳ୍ପ", ଗୌରହରି ଦାସଙ୍କ "ମାୟା", ଜୟନ୍ତୀ ରଥଙ୍କ "ଅସତ୍ୟ ବଳୟ", ସୁସ୍ମିତା ବାଗ୍‌ଚୀଙ୍କ"ଭିନ୍ନକୂଳ ଅନ୍ୟଢେଉ", ଦେବବ୍ରତ ମଦନରାୟଙ୍କ "ଜଳପରୀ", କ୍ଷୀରୋଦ ଦାସଙ୍କ "ମୂକ ରାଜଜେମା", ଦୀପ୍ତିରଂଜନ ପଟ୍ଟନାୟକଙ୍କ "ଶେଷ ଦଧୀଚି ମଲାପରେ", ରଶ୍ମି ରାଉଳଙ୍କ "ଅନନ୍ୟ ଉଚ୍ଚାରଣ" ଆଦି ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପ ଗୁଡ଼ିକରେ କେବଳ ଏହି ଚେତନା ସଫଳ ଭାବରେ ପ୍ରକାଶିତ ହୋଇନାହିଁ; ଏହି ସଂକଳନ ଗୁଡିକୁ ଓଡ଼ିଆ ଗଳ୍ପର ନବୀନତମ ଚେତନାର ଗଳ୍ପଗ୍ରନ୍ଥ ଭାବରେ ସମ୍ମାନ ଦିଆଯାଇପାରେ।

ସାଂପ୍ରତିକ ଓଡ଼ିଆ ଗଳ୍ପ ଗଠନ କୌଶଳର ଆକର୍ଷଣୀୟ ଦିଗଟି ହେଉଛି; ଗଳ୍ପକୁ କାହାଣୀର ବଂଧନରୁ ମୁକ୍ତ କରିବା। ଗଳ୍ପ ଲେଖକ / ଲେଖିକାମାନେ ବାସ୍ତବତାର ବହୁତଳ ବିସ୍ତାରକୁ ଆବିଷ୍କାର କରିବା ନିମିତ୍ତ କାହାଣୀର କ୍ରମବିନ୍ୟାସ ଓ ଗତିଶୀଳତାକୁ ଗୁରୁତ୍ୱ ଦେଉନାହାନ୍ତି। ସମାଜିକ ସଂକଟ ଓ ବ୍ୟକ୍ତି ସଂକଟକୁ ରୂପାୟନ କରିବାର ଯେଉଁ ଗମ୍ଭୀର ଦାୟିତ୍ୱ ସେ ବହନ କରୁଛି ; ତାକୁ ବିଶ୍ୱସ୍ତତାର ସହ ପାଠକ ନିକଟକୁ ପହଞ୍ଚାଇଲା ବେଳକୁ ତାହା ହୁଏତ ଏକ ଆକର୍ଷଣୀୟ କାହାଣୀ ହୋଇ ରହିପାରୁନାହିଁ। ଗଳ୍ପଟି ଭାବାତ୍ମକ ଅଥବା ସମସ୍ୟାମୂଳକ ହୋଇଯାଇଥିବାରୁ ତାହାର କଳାତ୍ମକ ପରିପାଟୀ ଗୌଣ ହୋଇଯାଇଥାଏ। ଏଣୁ ଗଳ୍ପ ଗୁଡିକ ପ୍ରାୟତଃ ଅଣପାରଂପରିକ ଓ ବୌଦ୍ଧିକ ହୋଇଯାଇଥାଏ। ତେବେ ଏହା ମଧ ଲକ୍ଷଣୀୟ ବିଷୟରେ ଯେଉଁମାନେ କାହାଣୀଧର୍ମୀ ଗଳ୍ପ ଲେଖିଛନ୍ତି ଅଥବା କାବ୍ୟିକ ବାକ୍ ବିନ୍ୟାସରେ ପାଠକକୁ ଆକର୍ଷିତ କରିବାକୁ ଚେଷ୍ଟା କରିଛନ୍ତି; ସେମାନେ ସେହି ଚାତୁରୀରେ ସଫଳ ହୋଇ ପାଠକଙ୍କୁ ପ୍ରଭାବିତ କରିପାରିନାହାନ୍ତି। ଗଳ୍ପକୁ ଜୀବନର ସମତାଳରେ ଗତିଶୀଳ କରାଇ ଜୀବନର ଘନିଷ୍ଠ ଓ ଅନ୍ତରଙ୍ଗ ଦୃଶ୍ୟ ଉପସ୍ଥାପନରେ ଯେଉଁମାନେ ଯତ୍ନବାନ ହୋଇଛନ୍ତି; ସେହିମାନଙ୍କ ଗଳ୍ପ ହିଁ ପାଠକକୁ ପ୍ରଭାବିତ କରିଛି। ଏହି ସାଧନାରେ ଯୁବ ଗାଳ୍ପିକମାନେ ପ୍ରବୀଣ ମାନଙ୍କ ଅପେକ୍ଷା ଅଧିକ ସଫଳତା ସେମାନେ ବହୁ ବିଚିତ୍ର ଭାବରେ ଭେଟିଛନ୍ତି ଅଥବା ବିଚିତ୍ର ଜୀବନକୁ ଭେଟିବାକୁ ଚେଷ୍ଟା କରିଛନ୍ତି। ଏଣୁ ଗଳ୍ପର ଭାଷା, ଶବ୍ଦ ପ୍ରୟୋଗ, ଗଠନ କୌଶଳ, ଚରିତ୍ର ଚୟନରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ଏଇ ସମୟରେ ଶଗଡ଼ଗୁଳାରୁ ମୁକୁଳି ଆସିଛି ଓଡ଼ିଆ ଗଳ୍ପ। ଗାଳ୍ପିକମାନେ ବେଶ୍ୟା, ଚୋର,କିନ୍ନର ଆଦି ଅଣନାୟକ ଓ ପ୍ରତିନାୟକ ମାନଙ୍କୁ ଗଳ୍ପରେ ପ୍ରମୁଖ ସ୍ଥାନ ଦେଇଛନ୍ତି। ନୈତିକତା ଅପେକ୍ଷା ବାସ୍ତବତା ହୋଇଛି ଏମାନଙ୍କ ଧ୍ୟେୟ।

ଏହି ନୂତନ ପ୍ରଜାତିର ଗାଳ୍ପିକ ଓ ଗାଳ୍ପିକାମାନଙ୍କ ମଧ୍ୟରେ ଅଛନ୍ତି ପାରମିତା ଶତପଥୀ, କ୍ଷୀରୋଦ ଦାସ, ଭୀମ ପୃଷ୍ଟି, ଅନୀଲ କୁମାର ଦାସ, ମାୟାଧର ସାହୁ, ହିରଣ୍ମୟୀ ମିଶ୍ର, ଅନିଲ କୁମାର ପାଢ଼ୀ, ରବି ପଣ୍ଡା, କିଶୋର ଆକାଶ, ମମତାମୟୀ, ଚକ୍ରଧର, ଅରବିନ୍ଦ ଧଳ, କନକଲତା ହାତୀ, ସଂଜୟ କୁମାର ବାଗ, ମନୋଜ ପୂଜାରୀ, ଅଜୟ ସ୍ୱାଇଁ, ସିତେଶ୍ ତ୍ରିପାଠୀ, ପ୍ରଶାନ୍ତ ମହାନ୍ତି, କାଶୀନାଥ ନନ୍ଦୀ, ଦେବପ୍ରସାଦ ଦାଶ, ପବିତ୍ର ପାଣିଗ୍ରାହୀ, କଇଳାଶ ପଟ୍ଟନାୟକ। ଏମାନେ ସମସ୍ତେ ବୟସ ଅପେକ୍ଷା ଅନୁଭବରେ ପାକଳ। ଗଭୀର ଅନ୍ତର୍ଦୃଷ୍ଟି ମାଧ୍ୟମରେ ନିଜ ଅନୁଭୂତିରୁ ସଂଗ୍ରହ କରିପାରନ୍ତି ମନୁଷ୍ୟ ଓ ତା'ର ଭବିତବ୍ୟ ମଧ୍ୟରେ ଚାଲିଥିବା ଛକାପଞ୍ଝା ଖେଳର ସାରାଂଶ। ପ୍ରଭାବଶାଳୀ କାହାଣୀ ଓ ଶ୍ଳେଷଭରା ଦୃଷ୍ଟିକୋଣ ମଧ୍ୟରେ ସେମାନେ ଆଙ୍କିଥାନ୍ତି ସ୍ଥିତିବାଦୀ ମଣିଷର ରୂପରାଗ। ଏଣୁ ବେଳେବେଳେ ବିଶ୍ୱାସ କରିହୁଏନା, ଏତେ କମ୍ ବୟସରେ ମଧ୍ୟ କେମିତି ଉତ୍କୀର୍ଣ୍ଣ ହୁଏ ଅଭିଜ୍ଞ

ଶିଳ୍ପୀର କାରୁକାର୍ଯ୍ୟ। ପାରମିତାଙ୍କ 'ବିରଳ ରୂପକ',କ୍ଷୀରୋଦଙ୍କ 'ନିରବତାର ଭାଷା',ମନୋଜ ପୂଜାରୀଙ୍କ 'ଛାୟାପଥ' ହିରଣ୍ମୟୀଙ୍କ 'ପ୍ରଥମା', ଶ୍ରୀ ପ୍ରସାଦଙ୍କ 'ନିର୍ବାଣର ଆରପାଖେ', ପ୍ରଭୃତି ଗଳ୍ପ ସଂକଳନରେ ଏହି ଲେଖକମାନଙ୍କ ଅନନ୍ୟ ସ୍ୱାକ୍ଷର ଅଙ୍କିତ ହୋଇ ରହିଯାଇଛି। ପୂର୍ବମାନସ ପ୍ରସ୍ତୁତ ଭାରତୀୟ ଦୃଷ୍ଟିକୋଣରୁ ପରିହାର କରି ଏମାନେ ସମସ୍ତେ ବାସ୍ତବତାର ଚମତ୍କାରୀ ରୂପକୁ ନିଜ ନିଜ ଗଳ୍ପରେ ଉପସ୍ଥାପିତ କରିବାକୁ ଅଙ୍ଗୀକାରବଦ୍ଧ। ଏମାନଙ୍କ ଗଳ୍ପ ଜୀବନ ଓ ସମାଜର ବାହ୍ୟବାସ୍ତବତା ଅପେକ୍ଷା ଅନ୍ତରୀଣରୂପ ପ୍ରଦାନ କରିବାରେ ବେଶ୍ ସମର୍ଥ। ଜୀବନର ବୃହତ୍ତର ରୂପକୁ ସ୍ନିଗ୍ଧ ଦୃଷ୍ଟିକୋଣ ନେଇ ଏକ ସଚ୍ଚୋଟ ଶିଳ୍ପୀ ଭାବରେ ରୂପାୟନ କରିବାରେ ରହିଛି ଏମାନଙ୍କର ଗଭୀର ବିଶ୍ୱାସ। ଏଣୁ ଏହି ଗାଳ୍ପିକ ଓ ଗାଳ୍ପିକା ମାନେ ଓଡ଼ିଆ କ୍ଷୁଦ୍ରଗଳ୍ପକୁ ନୂତନ ଦିଗନ୍ତରେ ଯେ ପହଞ୍ଚାଇ ପାରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।

## ୪.୪.୪ ଆର୍ଥିକ ଉଦାରୀକରଣ ଓ ଓଡ଼ିଆ ଗଳ୍ପ

୧୯୯୦ ମସିହାରେ ଆର୍ଥିକ ଉଦାରୀକରଣ ଭାରତୀୟ ଢାଞ୍ଚାଗତ ପରିବର୍ତ୍ତନ କେବଳ ଆଣିନାହିଁ, ସଂସ୍କୃତିର ମଧ୍ୟ ଆଣିଛି ବିରାଟ ପରିବର୍ତ୍ତନ। ଜଗତୀକରଣ, ଆର୍ଥିକ ଉଦାରନୀତି, ଶିଳ୍ପାୟନ, ବିସ୍ଥାପନ, ଡିଜିଟାଲ ଭାରତ, ଗ୍ଲୋବାଲ ଭିଲେଜ୍, ଟେକ୍ନୋଲୋଜି ଓ ସୂଚନାବିଦ୍ୟାର ବିସ୍ଫୋରଣ, ଗ୍ରାମୀଣ ସମାଜର ଭୂୟୋବିକାଶ ଏବଂ ଯୁବସମାଜର ଆର୍ନ୍ତଜାତିକ ପରିଚଳନ ଏକବିଂଶ ଶତାବ୍ଦୀର ପ୍ରଥମ ଦେଢ ଦଶନ୍ଧିର ଭୂମି ଭାବରେ ସର୍ଜନ ଜଗତ ଆଗରେ ଛିଡା ହୋଇଛି। ଦାଦନ, ବିସ୍ଥାପନ, ବେକାର ଓଡ଼ିଆ ସର୍ଜନ ଜଗତରେ ପ୍ରବେଶ କରିଛି। ତେବେ ଏହି ଶତାବ୍ଦୀର ଭୂମିଟି ହେଉଛି ଗ୍ଲୋବାଲ ଭିଲେଜ୍। ଧନୀ, ଦରିଦ୍ର, ଅଶିକ୍ଷିତ, ଚାକିରିଜୀବୀ, ବେକାର ସମସ୍ତେ ଗୋଟିଏ ସୂତାରେ ବନ୍ଧା। ବାଣିଜ୍ୟିକ ଶୃଙ୍ଖଳ ପରି ମାନବୀୟ ଶୃଙ୍ଖଳଟିଏ ସୃଷ୍ଟି କରିପାରିଛି ଏହି ଏକବିଂଶ ଶତାବ୍ଦୀ : । ଏଣୁ ପ୍ରତିକ୍ରିୟା ମଧ୍ୟ ଶୃଙ୍ଖଳ ଦେଇ ସମସ୍ତ ବିଶ୍ୱକୁ ବଡ଼ କରିଥାଏ।

ଗ୍ଲୋବାଲ୍ ଭିଲେଜର ପ୍ରଥମ କ୍ଷତିକାରକ ଦିଗଟି ହେଲା ଆଞ୍ଚଳିକତାର ସ୍ୱରୂପ ବିନିଷ୍ଟ। ଗୋଟିଏ ଦେଶ ବା ଜାତିର ଭାଷା ଓ ସାଂସ୍କୃତିକ ପରଂପରା ଜଗତୀକରଣ ହେଲା ବେଳକୁ ନିଜସ୍ୱ ସ୍ୱାତନ୍ତ୍ର ଓ ବୈଶିଷ୍ଟ୍ୟକୁ ଯଥାସମ୍ଭବ ବଞ୍ଚାଇ ରଖିବାକୁ ଚେଷ୍ଟା କରିଥାଏ। ନୂତନ ସାଂସ୍କୃତିକ ସାମ୍ରାଜ୍ୟବାଦ ଓ ବାଣିଜ୍ୟିକ ସମ୍ରାଜ୍ୟବାଦ ମଧ୍ୟରେ ଭାଷା, ସଂସ୍କୃତି, ସାହିତ୍ୟ, ଦର୍ଶନ, ଚିତ୍ରକଳା, ସଂଗୀତ ଆଦି ସର୍ଜନାତ୍ମକ ଉପବିଭାଗ ଗୁଡ଼ିକ ଦ୍ରବ୍ୟଗୁଣର ମୂଲ୍ୟାୟନ ହୋଇଥାନ୍ତି। ଗ୍ରହଣଯୋଗ୍ୟତା ଓ ବିକ୍ରିଯୋଗ୍ୟତାର ମାପଦଣ୍ଡରେ ଗୋଟିଏ ଜାତିର ଭାଷା, ସଂସ୍କୃତି ଓ ସାହିତ୍ୟକୁ ବିଶ୍ୱଦରବାରରେ ମପା ଯାଇଥାଏ। ସାମାଜିକ ମୂଲ୍ୟବୋଧ ବିପଣୀରେ ବିକ୍ରିଯୋଗ୍ୟ ଚାହିଦାମାଧ୍ୟମରେ ମୂଲ୍ୟଯୁକ୍ତ ହୋଇଥାଏ। ଏପରିକି ସାମାଜିକ ସଂପର୍କ ମଧ୍ୟ। ପିତା ମାତାଙ୍କ ଆୟ, କ୍ରୟ ଓ ବ୍ୟୟ କରିବାର ସାମର୍ଥ୍ୟ ସେମାନଙ୍କ ସମାଜିକ ପ୍ରତିଷ୍ଠା ଓ ସମ୍ମାନର ମାପଦଣ୍ଡ ଭାବରେ ନିୟାମକ ହୋଇଥାଏ। ଏପରିକି ଏହା ସନ୍ତାନମାନଙ୍କ ଶିକ୍ଷା, ସମାଜିକ ଯୋଗ୍ୟତା ନିର୍ମାଣରେ ମଧ୍ୟ ବିଧେୟକ ହୋଇଥାଏ। ଆନ୍ତର୍ଜାତିକ ବଜାରରେ ଜଣେ ଯୁବକର ପ୍ରତିଭାକୁ ବିକ୍ରିଯୋଗ୍ୟ କରିବାକୁ ହେଲେ ଏକ ବୃହତ୍ ପୁଞ୍ଜିର ରହିଥାଏ ଆବଶ୍ୟକତା। ପୁଞ୍ଜି ସହ ନିଲାମ କରାଯାଏ ମାନବିକତା ଓ ନୈତିକତା। ତେଣୁ ଆଜିର ଲେଖକମାନେ ଇମୋରାଲ ନାୟକର ମୋରାଲଟି ନେଇ ଗଳ୍ପ ଲେଖନ୍ତି। ପାରମିତା 'ଚିକେନ୍ ସ୍ୱିଟ୍ କର୍ଣ୍ଣସୁପ୍,ପ୍ରନ୍ ପେପର୍ ସଲ୍ଟ୍' ଖୁଆଇ ନକ୍ଷତ୍ରର ହୀରାର କାନଫୁଲର ମୋହରେ ମଲ୍ଲିକାଯେ ଦେହଜୀବି ହେଇଯିବାର ବର୍ଣ୍ଣନା କଲାବେଳେ ବ୍ୟକ୍ତି ମଧ୍ୟରେ ଲୁଚି

ରହିଥିବା ପ୍ରତିଷ୍ଠା ଓ ଅସ୍ମିତାର କାହାଣୀକୁ ଧୀର ଭାବରେ ଉପସ୍ଥାପିତ କରିଥାନ୍ତି । (ଛିନ୍ନ ମଲ୍ଲିକା) ପାରମିତା ସ୍ନାତକୋତ୍ତର କରୁଥିବା ଏକବିଂଶ ଶତାବ୍ଦୀର ପ୍ରତିଭାଦୀପ୍ତ ଯୁବତୀରେ ଦୃଶ୍ୟ ବ୍ୟାଖ୍ୟାନ କରୁଥିବା ସମୟରେ ସ୍ୱପ୍ନଭରା ଶିଶୁଟିଏ କିପରି ଦାଦନ ହାଟରେ ନିର୍ଯ୍ୟାତନା ସହ୍ୟ କରୁଥାଏ ତାହାର ଗହୀର ବ୍ୟାଖ୍ୟାନ କରି ଗାୟତ୍ରୀ କହନ୍ତି :

"କଣ କରୁଛ ଏଠି ? କାହିଁ ପାଇଁ ଆସିଛୁ ? ମାଟି ଚୋରି କରୁଛୁ ?

ନା ମାଲିକ୍ । ଚୋରି କରିନି । ଧରିଥିଲି ମୁଠେ....

କାହିଁ ଧରିବୁ ? ଇଏ କଣ ତୋ ବୋପାର ମାଟି ? ତୋ ରାଜ୍ୟର ମାଟି ?

: ମୋ ବାପା, ମୋ ରାଜ୍ୟକୁ କିଛି କହନା, ମାଟିର ମୋର ସଉକି ସେଥିରେ ମୁଁ ମୂର୍ତ୍ତିଗଢ଼େ.....

: ସଉକି କଣରେ ? ତୁ ଦାଦନ ପିଲା କାମ କର । ତୋ ବାପର ପଇସା ଶୁଝିବୁ ଆଗ - ବେଶୀ ସଉକି ଖାଉଛି ? ଛଡ଼େଇଦେବି ସଉକି ତୋର - ହା .......ହା .... ଦାଦନ ପିଲା ଆଉ ସଉକି ?

: ତୁମର ସଉକି ତୁମର ଇଟା । ମୋ ସଉକି ଏଇ ମାଟି । ମୁଠେ ଖାଲି ଧରିଥିଲି - ନେଇନିତ !

: ଚୁପ୍ ଶଳା କାମଚୋର : ଏଗାଲରେ ଠାଏ । ସେ ଗାଲରେ ଠାଏ । ବାବୁ ଆଖିରୁ ଲୁହ.... ନିତିଦିନିଆ କଥା (ଇଟା ଭାଟିର ଶିଳ୍ପୀ)

ଏହି ଗଳ୍ପରେ ଆର୍ଥନୀତିକ ସାମ୍ରାଜ୍ୟବାଦ ଓ ସାଂସ୍କୃତିକ ସାମ୍ରାଜ୍ୟବାଦର ସଂଘାତ ଏହି ଗଳ୍ପଟି ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି । ମାଟି ଇଟାକୁ ରୂପାନ୍ତିରିତ ହୋଇଯିବା ପଶ୍ଚାଦରେ ରହିଥିବା ରୂପକଟି ବାଣିଜ୍ୟିକ ସଭ୍ୟତାର ପ୍ରାଧାନ୍ୟ ଓ ମାଟିକୁ ଛୁଇଁ ସ୍ୱପ୍ନ ଦେଖିବାର ଅଭିଳାଷ ଗ୍ରାମ୍ୟ ଜୀବନର ପରମ୍ପରାର କଥା ବ୍ୟାଖ୍ୟାନ କରିଥାଏ । ଇଟା ଭାଟିର ମାଲିକ କିପରି ମାଟିର ମାଲିକ ହୋଇଯାଉଛି; ଜୀବୀକା ଓ ସ୍ୱପ୍ନ ମଧ୍ୟ କିପରି ସେ ଲୁଣ୍ଠନ କରିନେଇଛି ତାହାର ଉପପାଦ୍ୟ ଏ ଗଳ୍ପ । କ୍ଷେତ୍ରବାସୀ ଏହି ଆର୍ଥନୀତିକ ସାମ୍ରାଜ୍ୟବାଦର କରାଳ ରୂପ ବର୍ଣ୍ଣନା କରନ୍ତି ତାଙ୍କ ଚର୍ଚ୍ଚିତ ଓ ପୁରସ୍କୃତ ଗଳ୍ପ ସଂକଳନ "ଦାଦନରେ" । "ଧନ ମଣିର ବହି ବସ୍ତାନିରେ ବସା ବାନ୍ଧିଥିଲା ଦାରିଦ୍ର୍ୟ, ଦୁଃଖ ଯାତନା । ମ୍ୟାଟ୍ରିକ୍ ପାଶ୍ କଲାପରେ ତା' ଜୀବନର ମୋଡ଼ ବଦଳିଯାଇଥିଲା । ଗାଁରୁ ଶହ ଶହ ବେକାର, ଅର୍ଦ୍ଧ ବେକାର, ପ୍ରଚ୍ଛନ୍ନ ବେକାର, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ,ଅଶିକ୍ଷିତମାନଙ୍କ ଲମ୍ବା ଲାଇନ୍ ଲମ୍ବି ଯାଇଥିଲା ସଦୂର ଗୁଜୁରାଟ, ହରିଆନା, ଉତ୍ତର ପ୍ରଦେଶ, ରାଜସ୍ଥାନ ତଥା କାଠମାଣ୍ଡୁକ । ରୋଟି ସହ ଦିଆଯାଇଥିବା ଚାମଚେ ଲେଖାଁଏ ଦହି କେହି ଚାଖି ପାରୁନଥିଲେ । ଦହି ଉପରେ ଫିମ୍ପି ଲାଗି କଳା ଆସ୍ତରଣ ପଡ଼ିଯାଇ ଗନ୍ଧଉଥିଲା । ଘିଅ ଖାଇ ଗୋରସରେ ମୁହଁ ପୋଛୁଥିବା ଦେଶରେ ପଥର ପାଲଟି ଯାଉଥିଲେ ଶୁଷ୍କାଞ୍ଚଳରେ ସ୍ୱପ୍ନଭୁକ୍ ଶ୍ରମଜୀବୀମାନେ ।" ନବ ଉପନିବେଶବାଦ କିପରି ଏକ ଗରିମାମୟ ଐଶ୍ୱର୍ଯ୍ୟକୁ କ୍ରୟ କରିନେଇ ସାଂସ୍କୃତିକ ସାମ୍ରାଜ୍ୟବାଦ ପ୍ରତିଷ୍ଠା କରେ ତାହାର ଚିତ୍ର ପ୍ରଦାନ କରନ୍ତି କ୍ଷେତ୍ରବାସୀ ନାୟକଙ୍କ ସେତିକିବେଳେ ମମତା ଶିଳ୍ପାୟନକୁ ଯନ୍ତ୍ର ରାକ୍ଷସ ଭାବରେ ଉପସ୍ଥାପିତ କରନ୍ତି 'ଭୋକର ରଙ୍ଗ ସାଦା' ଗଳ୍ପରେ ଫୁଲବାଣୀର ଲାଖୋ ପୂର୍ତ୍ତୀ ତୁମୁଡିବନ୍ଧ ଦଙ୍ଗାରେ କିପରି ଗେଣ୍ଡାଝୋଳବି ଖାଇପାରେନା ଏବଂ ଅତର ଫ୍ୟାକ୍ଟ୍ରି କିପରି ଯନ୍ତ୍ର ରାକ୍ଷସ ହୋଇ ଆଜୀବନ ଗୋଡ଼ାଇଥାଏ, ତାହାର ଚିତ୍ର ପ୍ରଦାନ କରନ୍ତି ମମତାମୟୀ ଚୌଧୁରୀ ।

ଏହି ସମସ୍ତ ଗଳ୍ପରେ ଗ୍ଲୋବାଲ୍ ଭିଲେଜ୍‌ର କନ୍‌ସେପ୍ଟ ମଧ୍ୟରେ ନିରୁତା ଗ୍ରାମ ଗୁଡିକ କିପରି ନଷ୍ଟ ହୋଇଯାଇଛି, ତାହା କଳାହାଣ୍ଡିରୁ, ଫୁଲବାଣୀ ଓ ବଲାଙ୍ଗିର ପର୍ଯ୍ୟନ୍ତ ଦେଖାଇ ଦିଆଯାଇଛି । ତୃତୀୟ ବିଶ୍ୱର ପ୍ରଗତୀକାମୀ ସମାଜକୁ ଏକ ବୃହତ୍ ବଜାର ଭାବରେ ବ୍ୟବହାର କରି ପ୍ରଥମ ବିଶ୍ୱର ପୁଞ୍ଜିବାଦୀ ମଣିଷ ମାଧ୍ୟମରେ କିପରି ସବୁକିଛି କ୍ରୟ କରିବାର କେବଳ ସାମର୍ଥ୍ୟ ରଖନ୍ତି ନାହିଁ ; ତୃତୀୟ ବିଶ୍ୱବାସୀ କିପରି ବିକ୍ରୟ ହେବା ନିମିତ୍ତ ସଦା ପ୍ରସ୍ତୁତ ତାହାର ଚିତ୍ର ପ୍ରଦାନ କରନ୍ତି ଅନୀଲ କୁମାର ପାଢୀ ତାଙ୍କ "ହାଟ" ଗଳ୍ପରେ । ରୂପକ ଓ ଶ୍ଳେଷ ପୂର୍ଣ୍ଣ ଏହି ଗଳ୍ପଟିରେ ଭାରତବର୍ଷର ଐତିହ୍ୟକୁ ଏକ ଦୁର୍ମୂଲ୍ୟ ସଂପଦ ଭାବରେ ଉପସ୍ଥାପିତ କରି ଏହାର ଦାରିଦ୍ର୍ୟ ଓ ବ୍ୟବସ୍ଥାକୁ ଆମେରୀକୀୟ ପରିବ୍ରାଜକ ଆଣ୍ଡରସନ୍ କିପରି କିଣି ନେବାକୁ ପ୍ରସ୍ତୁତ, ତାହାର ଚିତ୍ର ପ୍ରଦାନ କରିଛନ୍ତି ଅନୀଲ । "ସି ମି ମୋର ଆର୍ଟ - ହିଡେନ୍ ଟ୍ରେଜର - ଆଇ ଉଇଲ ପରଚେଜ୍ ଏଭ୍ରିଥିଙ୍ଗ୍" ମଞ୍ଚକୁ ଲାଗି ବସିଥିବା କୁନି ନଙ୍ଗଳା ପିଲାଟି ଅକସ୍ମାତ କାନ୍ଦି ଉଠି ତା'ମାକୁ କୁଣ୍ଢେଇ ପକାଇଲା ଓ ଅନାଦର ଗ୍ରେଟ୍ ଫାଇଣ୍ଡିଂ - ହଣ୍ଡ୍ରେଡ୍ ଡଲାର୍ସ ।

ମଞ୍ଚ ମୁଖରିତ କୋଳାହଳରେ । ଆନନ୍ଦରେ । କାହାର ଲୁହ, କାହାର କାନ୍ଦ, କାହାର ଦୁର୍ବଳ ହସ, କାହାର ଦୈନ୍ୟ - ଆଣ୍ଡରସନ୍ ସବୁ କିଣି ପାରିବେ । ପ୍ରତ୍ୟେକେ ପ୍ରତ୍ୟେକେଙ୍କର ମାଲ୍ ବେପାର କରିବା ପାଇଁ ଆଣ୍ଡରସନ୍‌ଙ୍କ ପାଖରେ ତତ୍ପର ହୋଇ ରହୁଥିଲେ । ସେମାନେ ଯେମିତି କହୁଥିଲେ, ଏଇ ହସ ଖଣ୍ଡିକ ଅରିଜିନାଲ ଆଜ୍ଞା, ସେଠି ଭେଜାଲ ମିଶିଛି । ଏଇ ଲୁହ ଟୋପାଏ ଆପଣ ଚାଖିକି କୁହନ୍ତୁ, ସ୍ୱାଦ କେମିତି । ଏଠି ଦୈନ୍ୟ ପୁରା ନାଚୁଥିଲା - ସେଠି ସିଏ ଧେନ୍ୟର ପୋଷାକ ପିନ୍ଧିଛି । ଏଇଠି ଆଜ୍ଞା,ଏଇଠି - ଏଇଠି ସବୁ ଅରିଜିନାଲ୍‌ଏ ବ୍ରାଣ୍ଡେଡ୍,ନାଚୁରାଲ । ରତିକାନ୍ତ ମଦନିଶାରେ ବି ମ୍ରିୟମାଣ ହୋଇ ପଡୁଥିଲା । ବିରକ୍ତ ହୋଇ ଉଠୁଥିଲା ନିଜ ଉପରେ ନିଜେ । ତାକୁ ଲାଗୁଥିଲା,ଯେମିତି କେହି ଜଣେ ତୁନି ତୁନି କାନ୍ଦୁଛି । ସମ୍ଭବତଃ ମନ୍ଦିର ପାଖରେ । ଆଣ୍ଡରସନ୍‌ଙ୍କ ଅଟ୍ଟହାସ୍ୟ ସେ ଚାପା କ୍ରନ୍ଦନ ଧ୍ୱନିକୁ ଏକାବେଳେ ସମାପ୍ତ କରିପାରୁନଥିଲା । ରତିକାନ୍ତ କାନରେ ହାତ ଦେଲା । ଠିକ୍ ସେହି ସମୟରେ କେହି ଜଣେ ତା' କାନ ପାଖରେ କହିଲା ରତିଆ ଦା ଚାଲିଗଲା ।

ପ୍ରବଳ ବିରକ୍ତିରେ ରତିକାନ୍ତ କହି ଉଠିଲା, ପ୍ୟାକ୍ ହିମ୍ ଅପ ଫର୍ ଆଣ୍ଡର୍‌ସନ୍ । ଥାଉଜେଣ୍ଡ ଡଲାରସ ।

ପ୍ରଗଳଭ ଆଣ୍ଡରସନ ଅନବରତ କହିଚାଲିଥିଲେ, ଆଇ ଆମ୍ ରେଡି ଟୁ ପରଚେଜ୍ ଏଭ୍ରିଥିଙ୍ଗ୍ - ପରଚେଜ ଦି ହୋଲ ଅଫ ଇଣ୍ଡିଆ - ହଣ୍ଡ୍ରେଡ୍ କୋରସ୍ ...ହାଃ...ହାଃ ।"

ଏକବିଂଶ ଶତାବ୍ଦୀର କଥାସାହିତ୍ୟର ପ୍ରମୁଖ ଲକ୍ଷଣଟି ଫିକ୍‌ସନ୍ ନନ୍‌ଫିକ୍‌ସନ୍ ହେବା । ଏବେ ଏହି ରଚନା ପଦ୍ଧତିକୁ ଟ୍ରାନ୍ସ ରିଏଲିଜିମ୍ ନାମରେ ନାମିତ କରାଯାଇଛି । ଓଡ଼ିଆ ଗଳ୍ପରେବି ଏହି ଗୁଣ ବିଶେଷ ଭାବରେ ଦେଖିବାକୁ ମିଳୁଛି । ଲେଖକ ମଧ୍ୟରେ ଥିବା ଅଭିଭାବକତ୍ୱ ଆଉ ଦୃଷ୍ଟିଗୋଚର ହେଉନାହିଁ । ଐତିହ୍ୟବୋଧ ଏବଂ ନୀତିବାଦିତାରୁ କଥାକାର କେବଳ ମୁକୁଳିନାହିଁ ; ବାସ୍ତବତାର ସତ୍ୟନିଷ୍ଠ ଉପସ୍ଥାପନାକୁ ମଧ୍ୟ ସେ ପ୍ରାଧାନ୍ୟ ପ୍ରଦାନ କରୁଛି । କାହାଣୀ (ଫିକ୍‌ସନ୍)ର ପ୍ରଲେପ ଦେଇ ବାସ୍ତବତାର ରୂପାୟନକୁ ପ୍ରତିହତ ନକରି ଲୌକିକ ଓ କଥିତ ଭାଷାର ବ୍ୟବହାର ମାଧ୍ୟମରେ ଭାଷାଗତ ବାସ୍ତବତା ଦ୍ୱାରା ଏକ ସର୍ବଜନୀନ ଓ ସର୍ବକାଳୀନ ସତ୍ୟ ଆଡ଼କୁ ଗଳ୍ପଟିକୁ ଅଗ୍ରସର କରାଉଛି । ସମକାଳୀନ ଓଡ଼ିଆ ଗଳ୍ପର ଏହା ଏକ ପ୍ରମୁଖ ଲକ୍ଷଣ ।

## ୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

କ) ନାରୀ ଲେଖିକାମାନଙ୍କ ଦ୍ୱାରା ଓଡ଼ିଆ ଗଳ୍ପରେ କେଉଁ ନୂତନ ବିଷୟ ପ୍ରବେଶ କଲା ?

ଖ) ଗାଁ ଗୁଡିକ କାହିଁକି ଭାଙ୍ଗିଯାଉଛି ?

ଗ) କେଉଁ କେଉଁ ଗାଳ୍ପିକ ଜନଜାତିକୁ ନେଇ ଗଳ୍ପ ରଚନା କରିଛନ୍ତି ?

ଘ) ଭୀମ ପୃଷ୍ଟି ତାଙ୍କ "ଲୋକଜୀବନ" ଗଳ୍ପରେ କେଉଁ ସମସ୍ୟା ଉତ୍‌ଥାପନ କରିଛନ୍ତି ?

ଙ) "ଇଟା ଭାଟିର ଶିଳ୍ପୀ" ଗଳ୍ପର ଲେଖିକାଙ୍କ ନାଁ ଲେଖ।

ଚ) ହାଟ ଗଳ୍ପରେ କଣ ବିକ୍ରୟ କରାଯାଇଛି ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

କ) ସାମାଜିକ ପରିବର୍ତ୍ତନର ଚିତ୍ର ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ କିପରି ଭାବରେ ଚିତ୍ରିତ ହୋଇଛି ଆଲୋଚନା କର।

ଖ) ଓଡ଼ିଆ ପ୍ରୟୋଗବାଦୀ ଗଳ୍ପର ସ୍ୱରୂପ ନିର୍ଣ୍ଣୟ କର।

ଗ) ଜନଜାତିର କେଉଁ ସମସ୍ୟା ଓଡ଼ିଆ ଗଳ୍ପରେ ଅଧିକ ପରିମାଣରେ ଚିତ୍ରିତ ହୋଇଛି ଓ କିପରି ଭାବେ ଚିତ୍ରିତ ହୋଇଛି, ଆଲୋଚନା କର।

ଘ) ଆର୍ଥିକ ଉଦାରୀକରଣ ଓଡ଼ିଆ ଗଳ୍ପକୁ କିପରି ପ୍ରଭାବିତ କରିଛି, ଆଲୋଚନା କର।

## ୪.୬ ସହାୟକ ଗ୍ରନ୍ଥସୂଚୀ


- ସାହିତ୍ୟ କୋଷ (ଓଡ଼ିଆ ଗଳ୍ପ), ସଂପାଦନା - ଦାଶରଥି ଦାସ, ଆମ ଓଡ଼ିଆ, ଭୁବନେଶ୍ୱର।
- ଏକବିଂଶ ଶତାବ୍ଦୀରେ ଓଡ଼ିଆ ଗଳ୍ପ : ପ୍ରତିଶ୍ରୁତି ଓ ସମ୍ଭାବନା, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଭୁବନେଶ୍ୱର।
- ଉପନିବେଶବାଦ ଓ ଓଡ଼ିଆ ଗଳ୍ପ, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଏଥନା ପବ୍ଲିର୍ଶସ, ଭୁବନେଶ୍ୱର।


❑❑❑



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University, Sambalpur**

www.osou.ac.in
e-mail: info@osou.ac.in